# ଧରିତ୍ରୀ
DHARITRI

ଧରିତ୍ରୀ 51 Years

ଭୁବନେଶ୍ୱର, ସୋମବାର, ନଭେମ୍ବର ୧୦/୨୦୨୫ (୧୨ ପୃଷ୍ଠା) | Bhubaneswar, Monday, November 10/2025 | Page 12 | ₹ 7.00

୫୧ଶ ଭାଗ ୩୪୪ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 344 | ମୂଲ୍ୟ ₹୭/-




**ପ୍ରମୋଦ ଭଗତଙ୍କୁ ସ୍ୱର୍ଣ୍ଣିମ ସଫଳତା**

ଜାପାନର ଟୋକିଓରେ ଅନୁଷ୍ଠିତ ହୁଲିକ୍ ଦାଇହାତସୁ ଜାପାନ ପାରା ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟରେ ଓଡ଼ିଶାର ପ୍ରମୋଦ ଭଗତ ୩ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି।

୧୨

୦୨

**‘ମୁଁ ପୁରୁଷଙ୍କୁ ଈର୍ଷା କରେ’: ଟ୍ୱିଙ୍କଲ ଖାନ୍ନା**

ବଲିଉଡ ଅଭିନେତ୍ରୀରୁ ଲେଖିକା ପାଲଟିଥିବା ଟ୍ୱିଙ୍କଲ ଖାନ୍ନା ‘ମେନୋପଜ’ ଉପରେ ଲେଖିଲା ବେଳେ ପୁରୁଷମାନଙ୍କୁ ଈର୍ଷା କରୁଥିବା ମଜାଳିଆ ଢଙ୍ଗରେ କହିଛନ୍ତି।





ଐତିହାସିକ କଟକ ବାଲିଯାତ୍ରା ପଡ଼ିଆରେ ରବିବାର ଅପରାହ୍ନରେ ଦେଖାଯାଇଥିବା ଗହଳି। (ଫଟୋ: ରାଜକିଶୋର ମହାନ୍ତି)

# ସରିଲା ପ୍ରଚାର, ଏବେ ଗାଁ ନେତା ଭରସା

■ ନିର୍ବାଚନମଣ୍ଡଳୀ ଛାଡ଼ିଲେ ବାହାର ନେତା, ମନ୍ତ୍ରୀ, ବିଧାୟକ
■ ଅନ୍ଧାରି ବିଜେ ଉପରେ ନଜର ରଖିବ ଜିଲା ପ୍ରଶାସନ
■ ଅସନ୍ତୁଷ୍ଟଙ୍କ କାର୍ଯ୍ୟକଳାପକୁ ନେଇ ଭାଳେଣି

ନୂଆପଡ଼ା,୯।୧୧(ସୁନିତ୍ ମିଶ୍ର)

ନୂଆପଡ଼ା ଉପନିର୍ବାଚନ ଲାଗି ଚାଲିଥିବା ପ୍ରଚାର ରବିବାର ସନ୍ଧ୍ୟା ୬ଟାରେ ଶେଷ ହୋଇଛି। ମଙ୍ଗଳବାର ସକାଳେ ମତଦାନ ଆରମ୍ଭ ହେବାକୁ ଥିବାରୁ ରାଜ୍ୟ ନିର୍ବାଚନ ଅଧିକାରୀଙ୍କ ପକ୍ଷରୁ ଲଗାଯାଇଥିବା କଟକଣା ମୁତାବକ ସବୁ ଦଳ ସେମାନଙ୍କ ପ୍ରଚାର ବନ୍ଦ କରିଛନ୍ତି। ଏହି ଆସନକୁ ନିଜ ଦଖଲରେ ନେବା ଲାଗି ରାଜ୍ୟର ୩ ପ୍ରମୁଖ ଦଳ ଭାଜପା,ବିଜେଡି ଓ କଂଗ୍ରେସର ମାଲମାଲ ନେତାକର୍ମୀ ୧ ମାସ ଧରି ପକାଇଥିବା ଡେରା ଶେଷରେ ଉଠାଇଛନ୍ତି। ଏଣିକି ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଯାଇଥିବା ନେତାମାନେ ଆଉ ନିଜ ଦଳର ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରିବେ ☞ପୃଷ୍ଠା–୪

## ବିଜେଡି, କଂଗ୍ରେସ ନେତାଙ୍କ ଘରେ ଆଇଟି ଚଢ଼ାଉ

ନୂଆପଡ଼ା,୯।୧୧(ମକାରୁ ବେମାଲ)





ମନୋଜ ମିଶ୍ର, ଅଙ୍କିତ ସିଂଘାଇ

ନୂଆପଡ଼ା ଉପନିର୍ବାଚନକୁ ଅବାଧ ଓ ନିରପେକ୍ଷ ଭାବରେ ପରିଚାଳନା କରିବା ପାଇଁ ଜିଲା ପ୍ରଶାସନ ଓ ପୋଲିସ ପ୍ରଶାସନ ପକ୍ଷରୁ ଯାଞ୍ଚ ପ୍ରକ୍ରିୟାକୁ କଡାକଡ଼ି କରାଯାଇଛି। ରବିବାର ବିଜେଡି ନେତା ମନୋଜ ମିଶ୍ର ଓ କଂଗ୍ରେସ ନେତା ଅଙ୍କିତ ସିଂଘାଇଙ୍କ ଘର ଉପରେ ଆୟକର (ଆଇଟି) ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଛି। କୋମନାର ପୂର୍ବତନ ବ୍ଲକ ଅଧ୍ୟକ୍ଷ, ବିଜେଡି ପୂର୍ବତନ ଜିଲା ସଭାପତି ☞ପୃଷ୍ଠା–୪

# ଦିନକ ପରେ ୧୨୨ ଆସନରେ ଭୋଟ

**ବିହାର ପ୍ରଚାର ଶେଷ**

ପାଟନା/ନୂଆଦିଲ୍ଲୀ,୯।୧୧

ବିହାର ବିଧାନସଭା ନିର୍ବାଚନର ଦ୍ୱିତୀୟ ପର୍ଯ୍ୟାୟ ପ୍ରଚାର ରବିବାର ସନ୍ଧ୍ୟା ୬ଟାରେ ଥମିଯାଇଛି। ନଭେମ୍ବର ୬ରେ ଅନୁଷ୍ଠିତ ପ୍ରଥମ ପର୍ଯ୍ୟାୟ ନିର୍ବାଚନବେଳେ ୧୨୧ ଆସନରେ ରେକର୍ଡ ୬୫.୦୮% ମତଦାନ ହୋଇଥିଲା, ଯାହାକି ରାଜ୍ୟର ନିର୍ବାଚନୀ ଇତିହାସରେ ସର୍ବାଧିକ। ଏଭଳି ସ୍ଥିତିରେ ପୋଲିସ ପ୍ରଶାସନ ଓ ନିର୍ବାଚନ କମିଶନଙ୍କ କଡ଼ା ବ୍ୟବସ୍ଥା ମଧ୍ୟରେ ଆସନ୍ତା ମଙ୍ଗଳବାର ୧୨୨ ଆସନରେ ଭୋଟ ଗ୍ରହଣ କରାଯିବ। ହାତରେ କମ୍ ସମୟ ଥିବାରୁ ଉଭୟ ଶାସକ ଓ ବିରୋଧୀ ପକ୍ଷର ସବୁ ଦଳ ସୁଫଳ ଆଶାରେ ଶେଷ ଗୋଟି ଚଳାଇବାରେ ଲାଗିଛନ୍ତି। ୧୪ରେ ନିର୍ବାଚନ ଫଳାଫଳ ପ୍ରକାଶ ପାଇବ। ବିହାର ବିଧାନସଭାକୁ ପୁନଃ ଦଖଲ ପାଇଁ ଶାସକ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ) ପକ୍ଷରୁ ସର୍ବାଧିକ ପ୍ରଚାର କରାଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଏବଂ ଅନ୍ୟ କେନ୍ଦ୍ରୀୟ ମନ୍ତ୍ରୀମାନଙ୍କ ସହ ଏନ୍‌ଡିଏ ଶାସିତ ମୁଖ୍ୟମନ୍ତ୍ରୀ ଓ ଉପମୁଖ୍ୟମନ୍ତ୍ରୀମାନେ ପ୍ରଚାର ମଇଦାନକୁ ଓହ୍ଲାଇଥିଲେ। ବିଶେଷକରି ମୋଦି ଓ ଶାହାଙ୍କ ମାରାଥନ୍ ପ୍ରଚାର ବିହାରୀ ଭୋଟରଙ୍କୁ ଅଧିକ ଆକର୍ଷିତ କରିଥିବା ପରିଲକ୍ଷିତ ହୋଇଛି। ସେହିପରି ମୁଖ୍ୟମନ୍ତ୍ରୀ ନୀତିଶ କୁମାର ନିଜ ଗାଦି ରକ୍ଷା ପାଇଁ ସଂଯୁକ୍ତ ଜନତା ଦଳ (ଜେଡିୟୁ) ପ୍ରାର୍ଥୀଙ୍କ ପାଇଁ ଧୂଆଁଧାର ପ୍ରଚାର କରିଥିଲେ। ଏନ୍‌ଡିଏର ଅନ୍ୟ ୨ ସହଯୋଗୀ ଏଲ୍‌ଜେପି ରାମବିଳାଶର ମୁଖ୍ୟ ଚିରାଗ ପାଶ୍ୱାନ ଏବଂ ହିନ୍ଦୁସ୍ତାନୀ ଆୱାମ ପାର୍ଟି (ଧର୍ମନିରପେକ୍ଷ)ର ଜିତନ୍‌ରାମ ମାଞ୍ଝି ମୋଦିଙ୍କ ଲୋକପ୍ରିୟତା ସାଙ୍ଗକୁ ବିହାରରେ ବିକାଶକୁ ପ୍ରସଙ୍ଗ କରି ବୈତରଣୀ ପାର ହେବାକୁ ଉଦ୍ୟମ କରିଛନ୍ତି। ଏଭଳି ସ୍ଥିତିରେ ☞ପୃଷ୍ଠା–୪

**ଆଜିର ସମ୍ପାଦକୀୟ**

ଆଗ ଆମେରିକା

# ରାଜ୍ୟ ବାହାରେ ଅସୁରକ୍ଷିତ ଓଡ଼ିଆ ଯୁବତୀ

**ରାଜ୍ୟ ବାହାରେ ଓଡ଼ିଶାର ଯୁବତୀ ଏବଂ ମହିଳାମାନେ ଏବେ ଅସୁରକ୍ଷିତ ହୋଇପଡ଼ିଛନ୍ତି। କେଉଁଠି ଗଣବଳାତ୍କାର ତ ଆଉ କେଉଁଠି ହତ୍ୟାର ଶିକାର ହେଉଛନ୍ତି। ପଶ୍ଚିମବଙ୍ଗରେ ଗତ ମାସରେ ଜଣେ ଓଡ଼ିଆ ଡାକ୍ତରୀ ଛାତ୍ରୀଙ୍କୁ ଗଣବଳାତ୍କାର ଘଟଣା ମନରୁ ଲିଭି ନ ଥିବାବେଳେ ନିକଟରେ ଉତ୍ତରାଖଣ୍ଡରେ ରାୟଗଡ଼ାର ଜଣେ ଓଡ଼ିଆ ଯୁବତୀଙ୍କୁ ଗଣବଳାତ୍କାର ପରେ ହତ୍ୟା କରାଯାଇଛି। ଏପରି କି ଗତ ମାସରେ ହାଇଦ୍ରାବାଦରେ ଜଣେ ଓଡ଼ିଆ ମହିଳାଙ୍କୁ ବଳାତ୍କାର ପରେ ହତ୍ୟା କରାଯାଇଥିଲା। ମାସକ ମଧ୍ୟରେ ୩ଟି ବର୍ବରତା ପରେ ମହିଳା ଓ ଯୁବତୀଙ୍କ ସୁରକ୍ଷାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବିଶେଷକରି ଝିଅପିଲାଙ୍କୁ ବାହାରକୁ ଛାଡ଼ିବାକୁ ମା’ବାପାମାନେ ଏବେ ସଙ୍କୋଚ କଲେଣି। ବାହାର ରାଜ୍ୟରେ ଯୁବତୀ ଏବଂ ମହିଳାଙ୍କ କିଛି ହେଲେ, ସେଠାରେ ପୋଲିସ ପୀଡ଼ିତାଙ୍କୁ ସୁରକ୍ଷା ଦେବାକୁ ଯେଉଁଭଳି ସହଯୋଗ କରିବା କଥା ତାହା ନ କରି ଅଭିଯୁକ୍ତମାନଙ୍କୁ ଖସାଇ ଦେବାକୁ ଉଦ୍ୟମ କରୁଛି, ଯାହା ପଶ୍ଚିମବଙ୍ଗ ଘଟଣାରେ ଦେଖିବାକୁ ମିଳିଥିଲା ବୋଲି ପୀଡ଼ିତାଙ୍କ ବାପା ଅଭିଯୋଗ ଆଣିଥିଲେ।**

ଭୁବନେଶ୍ୱର,୯।୧୧(ତ୍ରିନାଥ ମହାନ୍ତି)

■ ମାସକରେ ୩ଜଣ ବଳାତ୍କାର ସହ ହତ୍ୟାର ଶିକାର
■ ନ୍ୟାୟ ପାଇବାରେ ସହଯୋଗ କରୁନି ବାହାର ପୋଲିସ

ରାୟଗଡ଼ା ଜିଲାର ଜଣେ ୨୩ ବର୍ଷୀୟା ଯୁବତୀଙ୍କୁ ଗତ ୫ତାରିଖରେ ଉତ୍ତରାଖଣ୍ଡ ଲାଲ୍‌ପୁରରେ ଗଣବଳାତ୍କାର ପରେ ହତ୍ୟା କରାଯାଇଛି। ଯୁବତୀଙ୍କୁ ତଣ୍ଟିଚିପି ହତ୍ୟା କରିବା ପରେ ବାଇକ୍‌ରେ ନେଇ ଦେହରେ ପଥର ବାନ୍ଧି ନଦୀକୁ ଫିଙ୍ଗି ଦେଇଥିଲେ ଅଭିଯୁକ୍ତ। ୬ମାସ ହେଲା ଉକ୍ତ ଯୁବତୀଜଣଙ୍କ ଉତ୍ତରାଖଣ୍ଡ ଲାଲ୍‌ପୁରରେ ଏକ ଘରଭଡ଼ା ନେଇ ରହିବା ସହ ସେଠାକାର ଏକ କମ୍ପାନୀରେ ଇଣ୍ଟର୍ନଶିପ୍ କରୁଥିଲେ। ଯୁବତୀଙ୍କୁ ଘର ମାଲିକଙ୍କ ପୁଅ ଏବଂ ତାଙ୍କ ସାଙ୍ଗମାନେ ଗଣବଳାତ୍କାର କରି ହତ୍ୟା କରିଥିଲେ। ସେହିପରି ଗତ ଅକ୍ଟୋବର ୧୭ରେ ହାଇଦ୍ରାବାଦରେ ଜଣେ ଓଡ଼ିଆ ମହିଳାଙ୍କୁ ବଳାତ୍କାର ପରେ ହତ୍ୟା କରାଯାଇଥିଲା। ମହିଳା ଜଣଙ୍କ ଘର ଭରତପୁର ଥାନା ଅଞ୍ଚଳରେ ହୋଇଥିବାବେଳେ ପରିବାର ଋଣ ଶୁଝିବା ପାଇଁ ସ୍ୱାମୀ ଏବଂ ଛୋଟ ଛୁଆକୁ ଧରି ହାଇଦ୍ରାବାଦ ଯାଇଥିଲେ। ସେଠାରେ କମ୍ପାନୀରେ ରହି ଶ୍ରମିକଙ୍କ ☞ପୃଷ୍ଠା–୪






# ବଢ଼ୁଛି ଶୀତ, ୧୫ ଡିଗ୍ରୀ ତଳେ ୮ ସହର

ଭୁବନେଶ୍ୱର,୯।୧୧(ବନ୍ଦନା ସେଠୀ)

ରାଜ୍ୟକୁ ବିଳମ୍ବରେ ଶୀତ ଆସିଥିଲେ ମଧ୍ୟ ଧୀରେ ଧୀରେ ବଢ଼ିବାରେ ଲାଗିଛି। ଗତ ୨୪ ଘଣ୍ଟାରେ ରାଜ୍ୟର ୮ ସହରର ତାପମାତ୍ରା ୧୫ ଡିଗ୍ରୀ ତଳେ ରହିଥିଲା। ଦାରିଙ୍ଗବାଡିଠାରେ ସର୍ବନିମ୍ନ ତାପମାତ୍ରା ୧୧ ଡିଗ୍ରୀ ଛୁଇଁଥିବାବେଳେ ଝାରସୁଗୁଡା ୧୧.୭ ଡିଗ୍ରୀ, ଫୁଲବାଣୀ ୧୨ଡିଗ୍ରୀ, ରାଉରକେଲା ୧୩.୨ଡିଗ୍ରୀ, ଭଦ୍ରକ ୧୪ଡିଗ୍ରୀ ଏବଂ କୋରାପୁଟ, କେନ୍ଦୁଝରଗଡ଼ ଓ ଅନୁଗୋଳରେ ୧୪.୬ ଡିଗ୍ରୀ ରେକର୍ଡ କରାଯାଇଛି। ସେହିପରି ଆଗାମୀ ୨୪ ଘଣ୍ଟା ପାଇଁ ଭୁବନେଶ୍ୱର ଓ ଏହାର ଆଖପାଖ ଅଞ୍ଚଳରେ ଆକାଶ ମେଘୁଆ ରହିବା ନେଇ ଆଞ୍ଚଳିକ ପାଣିପାଗ ବିଭାଗ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଏଥିସହ ରାଜଧାନୀରେ ସର୍ବାଧିକ ତାପମାତ୍ରା ୩୨ ଡିଗ୍ରୀ ☞ପୃଷ୍ଠା–୪

# ଆମେରିକାରେ ଓଡ଼ିଆ ପୋଷ୍ୟକନ୍ୟାଙ୍କୁ ନିର୍ଯାତନା

**ଓଡ଼ିଶା ଫେରାଇ ଆଣିବାକୁ ଆକୁଳ ନିବେଦନ**

ଭୁବନେଶ୍ୱର,୯।୧୧(ସତ୍ୟଜିତ ରାଉତ)

■ ୮ବର୍ଷ ତଳେ ସାଙ୍ଗରେ ନେଇଯାଇଥିଲେ ଆମେରିକା ଦମ୍ପତି
■ ସାଙ୍ଗଙ୍କୁ ଭିଡିଓ ପଠାଇ ମୁଖ୍ୟମନ୍ତ୍ରୀ, ଓଡ଼ିଶାବାସୀଙ୍କୁ ଅନୁରୋଧ କଲେ

ଛୋଟବେଳେ ଟ୍ରେନ୍‌ରେ ମା’ ଓ ବାପାଙ୍କଠାରୁ ଅଲଗା ହୋଇଯାଇଥିଲେ। ଭୁବନେଶ୍ୱରର ଏକ ଅନାଥ ଆଶ୍ରମରେ ରହୁଥିବାବେଳେ ଆମେରିକାର ଜଣେ ମହିଳା ତାଙ୍କୁ ପୋଷ୍ୟକନ୍ୟା ଭାବେ ଗ୍ରହଣ କରି ସାଙ୍ଗରେ ନେଇଯାଇଥିଲେ। ଆମେରିକୀୟ ମା’, ବାପାଙ୍କୁ ପାଇ ନୂଆ ଜୀବନ ଜିଇବାକୁ ସ୍ୱପ୍ନ ଦେଖି ବଡ଼ ହୋଇଥିବା ଏହି ଯୁବତୀଙ୍କ ଆଖିରେ ଏବେ ଲୁହ। ସେ ହେଲେ ପୂଜା ନାୟକ ଓରଫ ସେଜଲ ଜୋହନ (୨୧)। ଆମେରିକାରେ ପୋଷ୍ୟକନ୍ୟା ଭାବେ ରହୁଥିବା ପୂଜା ଓଡ଼ିଶା ଫେରି ଆସିବାକୁ ଆକୁଳ ନିବେଦନ କରିଛନ୍ତି। ବାଲେଶ୍ୱରରେ ରହୁଥିବା ସାଙ୍ଗ ଅମର ଦାସଙ୍କୁ ଭିଡିଓ ପଠାଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ରବିବାର ଏହି ଘଟଣା ପଦାକୁ ଆସିଛି।

ଅମର କହିଛନ୍ତି, ପୂଜା ନହରକଣ୍ଟାସ୍ଥିତ ପଲ୍ଲୀ ଉନ୍ନୟନ ସେବା ସମିତି କନ୍ୟା ଆଶ୍ରମରେ ରହି ପଢୁଥିବାବେଳେ ତାଙ୍କ ସହ ପରିଚିତ ହୋଇଥିଲା। ପୂଜା ଟ୍ରେନରେ ହଜିଯିବା ପରେ ☞ପୃଷ୍ଠା–୪



### ଆସାମରୁ ୬୦୦ ପରିବାର ଉଚ୍ଛେଦ

ଆସାମ ସରକାର ଡାହିକାଟା ରିଜର୍ଭ ଫରେଷ୍ଟ ମଧ୍ୟରେ ୧,୧୪୦ ବିଘା (୩୭୬ ଏକରରୁ ଊର୍ଦ୍ଧ୍ୱ) ଜଙ୍ଗଲ ଜମିକୁ ଜବରଦଖଲ ମୁକ୍ତ କରିବା ପାଇଁ ଗୋଲପରା ଜିଲାରେ ରବିବାର ପୁନର୍ବାର ଉଚ୍ଛେଦ ଅଭିଯାନ ଆରମ୍ଭ କରିଛନ୍ତି। ଫଳରେ ୬୦୦ ପରିବାର ପ୍ରଭାବିତ ହୋଇଛନ୍ତି। ସେମାନେ ମୁଖ୍ୟତଃ ବଙ୍ଗଳାଭାଷୀ ମୁସଲମାନ ବୋଲି ଜଣାପଡ଼ିଛି।

## ଦିଲ୍ଲୀରେ ଆଜି




ଦିଲ୍ଲୀରେ ବାୟୁ ପ୍ରଦୂଷଣ ବଢ଼ିବାରେ ଲାଗିଥିବାବେଳେ ପ୍ରତିକାର ଦିଗରେ ଉଦାସୀନ ରହୁଥିବା ପ୍ରଶାସନ ବିରୋଧରେ ଇଣ୍ଡିଆ ଗେଟ୍ ନିକଟରେ ଲୋକେ ବିକ୍ଷୋଭ କରୁଛନ୍ତି। (ଫଟୋ– ଚମନ ଗୌତମ)

# ବାୟୁ ପ୍ରଦୂଷଣରେ ଦିଲ୍ଲୀବାସୀ ଅତିଷ୍ଠ

## କାର୍ଯ୍ୟାନୁଷ୍ଠାନ ଦାବିରେ ରାଲି

ନୂଆଦିଲ୍ଲୀ,୯।୧୧

ଦିଲ୍ଲୀ ବାୟୁ ପ୍ରଦୂଷଣ କ୍ରମଶଃ ଉତ୍କଟ ହୋଇ ଶନିବାର ବାୟୁ ଗୁଣବତ୍ତା ସୂଚକାଙ୍କ (ଏକ୍ୟୁଆଇ) ୪୦୦ ଅତିକ୍ରମ କରିଥିଲା। ଦିଲ୍ଲୀ ରେଡ୍ ଜୋନ୍‌ରେ ପ୍ରବେଶ କରିଥିବାବେଳେ ପ୍ରଦୂଷଣ ରୋକିବା ଦିଗରେ ତୁରନ୍ତ ପଦକ୍ଷେପ ଗ୍ରହଣ କରାଯିବା ଦାବିରେ ରବିବାର ଜନସାଧାରଣ ବିକ୍ଷୋଭ ଶୋଭାଯାତ୍ରାରେ ଇଣ୍ଡିଆ ଗେଟ୍ ପର୍ଯ୍ୟନ୍ତ ଯାଇଥିଲେ। ଆକ୍ଟିଭିଷ୍ଟ ଏବଂ ବିକ୍ଷୋଭକାରୀଙ୍କ ସହ ବିରୋଧୀ ଆମ୍ ଆଦ୍‌ମୀ ପାର୍ଟି ଓ କଂଗ୍ରେସ ନେତାମାନେ ସାମିଲ ହୋଇଥିଲେ। ଜାତୀୟ ରାଜଧାନୀରେ ବାୟୁ ପ୍ରଦୂଷଣ ରୋକିବା ଦିଗରେ ସରକାର ପ୍ରଭାବଶାଳୀ ନୀତି ପ୍ରଣୟନ କରିବାକୁ ସେମାନେ ଦାବି କରିଛନ୍ତି।

ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶନାମା ଅନୁଯାୟୀ କେବଳ ଯନ୍ତର ମନ୍ତରରେ ବିକ୍ଷୋଭ ଲାଗି ଅନୁମତି ଦିଆଯାଇଥିବାରୁ ଇଣ୍ଡିଆ ଗେଟ୍ ନିକଟରେ ରାଲି କରୁଥିବା ଅନେକ ବିକ୍ଷୋଭକାରୀଙ୍କୁ ପୋଲିସ ଅଟକ ରଖିଥିଲା। ଗାଇଡ୍‌ଲାଇନ୍‌କୁ ସମସ୍ତେ ମାନିବା ଆବଶ୍ୟକ ବୋଲି ବରିଷ୍ଠ ପୋଲିସ ଅଧିକାରୀ ଦେବେଶ କୁମାର ମହଲା କହିଛନ୍ତି। ପୋଲିସ ଚଢ଼ାଉ ପୂର୍ବରୁ ଇଣ୍ଡିଆ ଗେଟ୍‌ଠାରେ ୩୦ ମିନିଟ୍ ଧରି ବିକ୍ଷୋଭ ହୋଇଥିଲା। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶନାମା ସମ୍ପର୍କରେ ବରିଷ୍ଠ ଆଇନଜୀବୀ ପ୍ରଶାନ୍ତ ଭୂଷଣ କହିଛନ୍ତି, ଶାନ୍ତିପୂର୍ଣ୍ଣ ବିକ୍ଷୋଭ କରିବା ପ୍ରତ୍ୟେକ ନାଗରିକଙ୍କ ମୌଳିକ ଅଧିକାର। ଏକାଧିକ ଘଟଣାରେ ସୁପ୍ରିମକୋର୍ଟ ଏହାକୁ କାଏମ ରଖିଛନ୍ତି। ଶାନ୍ତିପୂର୍ଣ୍ଣ ବିକ୍ଷୋଭ ଚାଲିଥିବାବେଳେ ଏହା ଉପରେ କାର୍ଯ୍ୟାନୁଷ୍ଠାନ ପାଇଁ ପୋଲିସକୁ ସରକାର ନିର୍ଦ୍ଦେଶ ଦେବା ଦୁର୍ଭାଗ୍ୟଜନକ ବୋଲି ସେ କହିଛନ୍ତି।

## ୟୁଏସ୍, ଜର୍ଜିଆରେ ଭାରତର ୨ ଗ୍ୟାଙ୍ଗଷ୍ଟର ଗିରଫ

ନୂଆଦିଲ୍ଲୀ,୯।୧୧

ଭାରତର ୨ ଜଣ ମୋଷ୍ଟୱାଣ୍ଟେଡ୍ ଗ୍ୟାଙ୍ଗ୍‌ଷ୍ଟରଙ୍କୁ ଆମେରିକା ଏବଂ ଜର୍ଜିଆରେ ଗିରଫ କରାଯାଇଛି। ସେମାନେ ହେଲେ ଭେଙ୍କଟେଶ ଗର୍ଗ ଏବଂ ଭାନୁ ରାଣା। ହରିୟାଣା ପୋଲିସ ସମେତ ଅନ୍ୟ ଭାରତୀୟ ସୁରକ୍ଷା ସଂସ୍ଥାର ଅଧିକାରୀମାନେ ଗର୍ଗଙ୍କୁ ଜର୍ଜିଆରୁ ଏବଂ ରାଣାଙ୍କୁ ଆମେରିକାରୁ ଗିରଫ କରିଛନ୍ତି। ରାଣା ଦୁର୍ଦ୍ଧର୍ଷ ଲରେନ୍ସ ବିଷ୍ଣୋଇ ଗ୍ୟାଙ୍ଗ୍ ସହ ସମ୍ପୃକ୍ତ। ଉଭୟ ଗ୍ୟାଙ୍ଗ୍‌ଷ୍ଟରଙ୍କୁ ଖୁବ୍‌ଶୀଘ୍ର ଭାରତ ଅଣାଯିବ। ଭାରତରୁ ୧୨ରୁ ଊର୍ଦ୍ଧ୍ୱ ଗ୍ୟାଙ୍ଗ୍‌ଷ୍ଟର ବିଦେଶରେ ରହି ଅପରାଧ ସିଣ୍ଡିକେଟ୍ ଚଳାଇଛନ୍ତି। ଗୁରୁଗ୍ରାମରେ ବିଏସ୍‌ପି ନେତାଙ୍କୁ ହତ୍ୟା ମାମଲାରେ ଗର୍ଗ ସମ୍ପୃକ୍ତ। ଏହି ଘଟଣା ପରେ ସେ ଦେଶ ଛାଡ଼ି ପଳାଇଥିଲେ। ଭାରତରେ ତାଙ୍କ ନାଁରେ ୧୦ରୁ ଊର୍ଦ୍ଧ୍ୱ ଅପରାଧ ମାମଲା ରହିଛି। ସେ ହରିୟାଣା, ରାଜସ୍ଥାନ, ଦିଲ୍ଲୀ ଓ ଅନ୍ୟ ଉତ୍ତର ଭରତୀୟ ରାଜ୍ୟରୁ ଯୁବକମାନଙ୍କୁ ଅପରାଧ ସିଣ୍ଡିକେଟ୍‌ରେ ନିଯୁକ୍ତି ଦେଉଥିଲେ।

# ବିହାର ଭୋଟ: ମହିଳା ନେବେ ନିର୍ଣ୍ଣାୟକ ଭୂମିକା

ପାଟନା/ନୂଆଦିଲ୍ଲୀ, ୯।୧୧(ପି.ଟି./ଏଜେନ୍ସି)

ବିହାର ବିଧାନସଭାର ଅନ୍ତିମ ପର୍ଯ୍ୟାୟ ନିର୍ବାଚନ ପ୍ରଚାର ଶେଷ ହୋଇଯାଇଛି। ହାତରେ ମାତ୍ର ୨ ଦିନ ଥିବାରୁ ସବୁ ଦଳ ଭୋଟରଙ୍କୁ ନିଜ ସପକ୍ଷକୁ ଟାଣିବା ପାଇଁ କୌଣସି ସୁଯୋଗ ହାତଛଡ଼ା କରୁନାହାନ୍ତି। ମୁଖ୍ୟମନ୍ତ୍ରୀ ନୀତିଶ କୁମାର ବିଶେଷକରି ମହିଳା ଭୋଟରଙ୍କୁ ନିଜ ସପକ୍ଷକୁ ଟାଣି ସଫଳତା ଦୋହରାଇବା ପାଇଁ ଅଣ୍ଟା ଭିଡ଼ିଛନ୍ତି। ନଗଦ ଅର୍ଥରାଶି ପ୍ରଦାନ, ଶିକ୍ଷା ଓ ଅନ୍ୟ ସୁବିଧା ସମେତ ମଦ ବନ୍ଦ ଉପରେ ନୀତିଶ ଗୁରୁତ୍ୱ ଦେଉଥିବାବେଳେ ବିରୋଧୀ ପକ୍ଷ ଶେଷ ମୁହୂର୍ତ୍ତରେ ମଧ୍ୟ ମହିଳା ମତଦାତାଙ୍କ ଉପରେ ଧ୍ୟାନ କେନ୍ଦ୍ରିତ କରିଛନ୍ତି। ମହିଳା ଭୋଟରଙ୍କ ମତଦାନ ପ୍ରଥମ ପର୍ଯ୍ୟାୟ ତୁଳନାରେ ଦ୍ୱିତୀୟ ପର୍ଯ୍ୟାୟରେ ଅଧିକ ରହିବା ଅନୁମାନ କରାଯାଉଛି।



ବିହାରରେ ରାଜନୈତିକ ପରିବର୍ତ୍ତନର ପବନ ପ୍ରବାହିତ ହୋଇଛି ନା ନାହିଁ, ମଙ୍ଗଳବାର ୧୨୨ ଆସନରେ ହେବାକୁ ଥିବା ମତଦାନରୁ ତାହା ଏକପ୍ରକାର ଠଉରାଇ ହେବ। ଦ୍ୱିତୀୟ ପର୍ଯ୍ୟାୟ ମତଦାନ ହାର ମହିଳା ଭୋଟରଙ୍କ ଉପରେ ନିର୍ଭର କରେ ବୋଲି କୁହାଯାଉଛି। ବିହାରରେ ମୋଟ ୭.୪୩ କୋଟି ପଞ୍ଜୀକୃତ ଭୋଟର ଥିବାବେଳେ ସେମାନଙ୍କ ମଧ୍ୟରୁ ୩.୫ କୋଟି ଅର୍ଥାତ୍ ୪୭% ହେଉଛନ୍ତି ମହିଳା। ଗତ କିଛି ନିର୍ବାଚନରେ ଏମାନେ ବଡ଼ ଭୂମିକା ନେଇଆସିଛନ୍ତି। ୨୦୧୦ ପରଠାରୁ ପୁରୁଷଙ୍କ ତୁଳନାରେ ମହିଳାଙ୍କ ମତଦାନ ହାର ଅଧିକ ରହିଆସିଛି। ନଭେମ୍ବର ୬ରେ ରେକର୍ଡ ୬୫.୮% ମତଦାନ ପଛରେ ମଧ୍ୟ ମହିଳାଙ୍କ ଯୋଗଦାନ ରହିଥିବା ରାଜନୈତିକ ବିଶ୍ଳେଷକ ଡ. ରବି କେ. ସିହ୍ନା କହିଛନ୍ତି। ମାସେ ଧରି ଚାଲିଥିବା ପ୍ରଚାର ବେଳେ ମୁଖ୍ୟମନ୍ତ୍ରୀ ନୀତିଶ କୁମାର ମହିଳାଙ୍କ ପାଇଁ କରାଯାଇଥିବା କଲ୍ୟାଣକାରୀ ଯୋଜନାଗୁଡ଼ିକ ଉପରେ ଫୋକସ୍ କରିଥିଲେ। ତାଙ୍କ ସରକାର ନିକଟରେ ମୁଖ୍ୟମନ୍ତ୍ରୀ ମହିଳା ରୋଜଗାର ଯୋଜନା ଅଧୀନରେ ୨ କୋଟିରୁ ଅଧିକ ମହିଳାଙ୍କୁ ୧୦,୦୦୦ ଟଙ୍କା ଲେଖାଏ ପ୍ରତ୍ୟକ୍ଷ ନଗଦ ସହାୟତା ଘୋଷଣା କରିଛନ୍ତି। ଏହାଦ୍ୱାରା ମହିଳାମାନେ ଆର୍ଥିକ ସ୍ୱାବଲମ୍ବୀ ହେବା ସହ ପରିବାରରେ ସ୍ଥିରତା ଆଣିପାରିବେ ବୋଲି ନୀତିଶ ସରକାର ଆଶା କରିଛନ୍ତି। ଶାସକ ମେଣ୍ଟ ଆର୍‌ଜେଡିର ପୂର୍ବ ଶାସନ ଅମଳରେ ଚାଲିଥିବା 'ଜଙ୍ଗଲରାଜ' ପ୍ରସଙ୍ଗ ଉଠାଇ ବିରୋଧୀ ମହାମେଣ୍ଟକୁ ଟାର୍ଗେଟ କରୁଛି। ତେବେ ଏହାର ମୁକାବିଲା ପାଇଁ ବିରୋଧୀ ଦଳ ନେତା ତଥା ମହାମେଣ୍ଟର ମୁଖ୍ୟମନ୍ତ୍ରୀ ଚେହେରା ତେଜସ୍ୱୀ ଯାଦବ ଜୀବିକା ଦିଦିଙ୍କ ଦରମା ବୃଦ୍ଧି, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି) ସଦସ୍ୟଙ୍କ ଉନ୍ନତି ଏବଂ ମହିଳାଙ୍କ ପାଇଁ ଅନ୍ୟ କେତେକ ଯୋଜନାର ପ୍ରତିଶ୍ରୁତି ଦେଇଛନ୍ତି। ସରକାରୀ ତଥ୍ୟ ଅନୁସାରେ ମଙ୍ଗଳବାର ଭୋଟ ଦେବାକୁ ଥିବା ୩.୭ କୋଟି ମତଦାତାଙ୍କ ମଧ୍ୟରୁ ୧.୭୪ କୋଟି ମହିଳା। ଏହି ଭୋଟରମାନେ ୧୨୨ ନିର୍ବାଚନମଣ୍ଡଳୀରେ ୧୩୬ ମହିଳା ପ୍ରାର୍ଥୀଙ୍କ ସମେତ ମୋଟ ୧,୩୦୨ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଣ୍ଣୟ କରିବେ। ଦ୍ୱିତୀୟ ପର୍ଯ୍ୟାୟରେ ଭାଜପା ୫୩ ଆସନରେ ଲଢୁଥିବାବେଳେ ଜେଡିୟୁ ୪୪, ଏଲ୍‌ଜେପି (ଆର୍‌ଭି) ୧୫, ଆର୍‌ଏଲ୍‌ଏମ୍ ୪, ଏଚ୍‌ଏମ୍ ୬ ଆସନରେ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ସେହିପରି ମହାମେଣ୍ଟର ଆର୍‌ଜେଡି ୭୨, କଂଗ୍ରେସ ୩୭, ଭିଆଇପି ୧୦ ଓ ଅନ୍ୟ ୫ ଆସନରେ ଲଢୁଛନ୍ତି।

### ବିହାରରେ ଅନୁପ୍ରବେଶକାରୀଙ୍କ କରିଡର ଗଢ଼ିବାକୁ ଚାହୁଁଛନ୍ତି ବିରୋଧୀ: ଶାହା



ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ରବିବାର ଇଣ୍ଡିଆ ବ୍ଲକ୍‌କୁ ଟାର୍ଗେଟ କରି କହିଛନ୍ତି, ଏମାନେ ବିହାରକୁ ଅନୁପ୍ରବେଶକାରୀଙ୍କ କରିଡର ରୂପେ ଗଢ଼ିବାକୁ ଉଦ୍ୟମ ଚଳାଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏଠାରେ ଇଣ୍ଡଷ୍ଟ୍ରିଆଲ୍ କରିଡର କରିବାକୁ ଚାହୁଁଥିବାବେଳେ ବିରୋଧୀ ଅନୁପ୍ରବେଶକାରୀଙ୍କ କରିଡର ନିର୍ମାଣ ଯୋଜନା କରୁଛନ୍ତି। ନିକଟରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଓ ଲାଲୁଙ୍କ ପୁଅ ତେଜସ୍ୱୀ ଭୋଟର ଅଧିକାର ଯାତ୍ରା କରିଥିଲେ। ଏହାର ଉଦ୍ଦେଶ୍ୟ ଥିଲା ଅନୁପ୍ରବେଶକାରୀଙ୍କୁ ବିହାରରେ ସୁରକ୍ଷା ଦେବା।

### ତେଜସ୍ୱୀଙ୍କୁ ୩୬, ଜିତିଲେ ରିଟର୍ନ ଗିଫ୍ଟ ପ୍ରତିଶ୍ରୁତି



ଇଣ୍ଡିଆ ବ୍ଲକ୍ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଜେଜସ୍ୱୀ ଯାଦବ ରବିବାର ୩୬ ବର୍ଷରେ ପଦାର୍ପଣ କରିଛନ୍ତି। ଏହି ଅବସରରେ ତାଙ୍କ ନିକଟକୁ ଶୁଭେଚ୍ଛାର ସୁଅ ଛୁଟିବାରେ ଲାଗିଛି। କଂଗ୍ରେସ ନେତା ରାହୁଲ ଗାନ୍ଧୀ ତେଜସ୍ୱୀଙ୍କୁ ଶୁଭେଚ୍ଛା ଜଣାଇ କହିଛନ୍ତି, ଆମେ ପରିବର୍ତ୍ତନ ଆଣିବା। ବିହାରବାସୀଙ୍କ ପାଇଁ ନିଯୁକ୍ତି, ସମାନତା ଓ ପ୍ରଗତି ଆଣିବା ବୋଲି ରାହୁଲ 'X' ରେ ଉଲ୍ଲେଖ କରିଛନ୍ତି। ତେଜସ୍ୱୀ କାରାକଟ୍ ସଭାରେ କହିଛନ୍ତି, ବିହାର ଭୋଟର ତାଙ୍କୁ ଜନ୍ମଦିନରେ ଆଶୀର୍ବାଦ କରନ୍ତୁ। ନଭେମ୍ବର ୧୪ ଫଳାଫଳ ତାଙ୍କୁ ସରକାର ଗଠନ ପାଇଁ ସୁଯୋଗ ଦେଲେ ସେ ରିଟର୍ନ ଗିଫ୍ଟ ଦେବେ।

### ୨ୟ ପର୍ଯ୍ୟାୟ ଭୋଟ ପୂର୍ବରୁ ମୋତେ ହତ୍ୟା କରିବେ: ତେଜ ପ୍ରତାପ



ଜନଶକ୍ତି ଜନତା ପାର୍ଟି ମୁଖ୍ୟ ତେଜ ପ୍ରତାପ ଯାଦବ ତାଙ୍କୁ ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ପୂର୍ବରୁ ହତ୍ୟା କରାଯାଇପାରେ ବୋଲି ରବିବାର ଆଶଙ୍କା ବ୍ୟକ୍ତ କରିଛନ୍ତି। ତେଜ ପ୍ରତାପ କହିଛନ୍ତି, ତାଙ୍କ ଜୀବନ ପ୍ରତି ବିପଦ ରହିଥିବାରୁ ସୁରକ୍ଷା ବଢ଼ାଯାଇଛି। ଲୋକେ ତାଙ୍କୁ ହତ୍ୟା କରିବେ। ଅନେକ ଶତ୍ରୁ ରହିଛନ୍ତି। ତେବେ ତେଜସ୍ୱୀଙ୍କ ଜନ୍ମଦିନ ପାଇଁ ତାଙ୍କୁ ସେ ଶୁଭେଚ୍ଛା ଜଣାଇବା ସହ ଆଶୀର୍ବାଦ ଦେଇଛନ୍ତି।

## ପାକିସ୍ତାନରେ ୨୭ତମ ସମ୍ବିଧାନ ସଂଶୋଧନକୁ ବିରୋଧ

### ଦେଶବ୍ୟାପୀ ବିରୋଧୀଙ୍କ ଆନ୍ଦୋଳନ

ଇସ୍‌ଲାମାବାଦ,୯।୧୧(ପି.ଟି.)

ପାକିସ୍ତାନ ସେନାମୁଖ୍ୟ ଜେନେରାଲ ଅସିମ୍ ମୁନିରଙ୍କୁ ଅଧିକ କ୍ଷମତା ଦେବା ଲାଗି ଦେଶର ପାର୍ଲାମେଣ୍ଟ ପ୍ରସ୍ତାବିତ ୨୭ତମ ସମ୍ବିଧାନ ସଂଶୋଧନ ବିଲ୍ ଗୃହୀତ କରାଇବାକୁ ଯାଉଥିବାବେଳେ ସରକାରଙ୍କ ଏଭଳି ପଦକ୍ଷେପକୁ ବିପକ୍ଷ ଦଳଗୁଡ଼ିକ ତୀବ୍ର ନିନ୍ଦା କରିଛନ୍ତି। ଏଭଳି ପଦକ୍ଷେପ ସମ୍ବିଧାନର ମୂଳଦୁଆକୁ ଦୋହଲାଇଦେବ ବୋଲି ସେମାନେ କହିବା ସହ ରବିବାରଠାରୁ ଦେଶବ୍ୟାପୀ ଆନ୍ଦୋଳନ ଆରମ୍ଭ କରିଛନ୍ତି। ପ୍ରସ୍ତାବିତ ସଂଶୋଧନ ଅନୁଯାୟୀ ଜଏଣ୍ଟ ଚିଫ୍‌ସ ଅଫ୍ ଷ୍ଟାଫ୍ କମିଟି ଅଧ୍ୟକ୍ଷ ପଦବୀ ହଟାଇ ଦିଆଯିବ। ଏଥିସହିତ ଚିଫ୍ ଅଫ୍ ଡିଫେନ୍ସ ଫୋର୍ସେସ ପଦବୀ ସୃଷ୍ଟି ହେବାକୁ ଯାଉଛି। ଏହା ବ୍ୟତୀତ ହାଇକୋର୍ଟ ବିଚାରପତିମାନଙ୍କ ନିଯୁକ୍ତି ପ୍ରକ୍ରିୟାରେ ସଂଶୋଧନ ସହ ଏକ ସଂଘୀୟ ସାମ୍ବିଧାନିକ ଅଦାଲତ ପ୍ରତିଷ୍ଠା କରାଯିବ। ସୁପ୍ରିମକୋର୍ଟଙ୍କ କ୍ଷମତା ସଙ୍କୁଚିତ କରିବା ଏହାର ଲକ୍ଷ୍ୟ। ରାଷ୍ଟ୍ରପତିଙ୍କୁ ସାରା ଜୀବନ ପାଇଁ ଆପରାଧିକ ମାମଲାରୁ ଦୂରେଇ ରଖାଯିବ। ଶନିବାର ପାକ୍ ସିନେଟରେ ବିଲ୍ ଆଗତ ହୋଇଥିବାବେଳେ ସୋମବାର ଏହା ଉପରେ ଭୋଟ ନିଆଯିବ।

## ଉତ୍ତରାଖଣ୍ଡରେ ୮,୨୬୦ କୋଟିର ପ୍ରକଳ୍ପ ଉଦ୍‌ଘାଟନ କଲେ ମୋଦି

ଡେରାଡୁନ୍,୯।୧୧

ଉତ୍ତରାଖଣ୍ଡର ରୌପ୍ୟ ଜୟନ୍ତୀ ପାଳନ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର ଡେରାଡୁନ୍‌ରେ ଏକ କାର୍ଯ୍ୟକ୍ରମରେ ଯୋଗଦେଇ ୮,୨୬୦ କୋଟି ଟଙ୍କା ମୂଲ୍ୟର ବିଭିନ୍ନ ବିକାଶମୂଳକ ପ୍ରକଳ୍ପଗୁଡ଼ିକର ଉଦ୍‌ଘାଟନ ଓ ଶିଳାନ୍ୟାସ କରିଛନ୍ତି। ଉତ୍ତରାଖଣ୍ଡ 'ବିଶ୍ୱର ଆଧ୍ୟାତ୍ମିକ ରାଜଧାନୀ' ହେବାର ସାମର୍ଥ୍ୟ ରଖିଥିବା ପ୍ରଧାନମନ୍ତ୍ରୀ କହିଛନ୍ତି। ଉତ୍ତରାଖଣ୍ଡରେ ଜନସାଂଖ୍ୟିକୀୟ ପରିବର୍ତ୍ତନ, ସମାନ ନାଗରିକ ସଂହିତା (ୟୁସିସି) ଲାଗୁ କରିବା ଏବଂ ବେଆଇନ ଧର୍ମାନ୍ତରୀକରଣକୁ ରୋକିବାରେ ରାଜ୍ୟ ସରକାରଙ୍କ ପଦକ୍ଷେପକୁ ପ୍ରଧାନମନ୍ତ୍ରୀ ଉଚ୍ଚ ପ୍ରଶଂସା କରିବା ସହ ଅନ୍ୟ ରାଜ୍ୟଗୁଡ଼ିକ ସେଗୁଡ଼ିକୁ ଅନୁକରଣ କରିବାକୁ ପ୍ରସ୍ତାବ ଦେଇଛନ୍ତି। ପୁଷ୍କର ସିଂ ଧାମି ସରକାର ରାଜ୍ୟରେ ୟୁସିସି ଲାଗୁ କରି ଅନ୍ୟ ରାଜ୍ୟଗୁଡ଼ିକ ପାଇଁ ଦୃଷ୍ଟାନ୍ତ ପାଲଟିଛନ୍ତି। ଏଥିସହିତ ଧର୍ମାନ୍ତରୀକରଣ ବିରୋଧୀ ଆଇନ, ଦଙ୍ଗା ନିୟନ୍ତ୍ରଣ ଆଇନ ଆଦି ଜାତୀୟ ସ୍ୱାର୍ଥ ସହ ଜଡ଼ିତ ବଳିଷ୍ଠ ନୀତି ଗ୍ରହଣ କରିଥିବା ମୋଦି କହିଛନ୍ତି।

## ଜାପାନ ଉପକୂଳରେ ଭୂକମ୍ପ

ଟୋକିଓ,୯।୧୧

ଜାପାନର ଉତ୍ତର ଉପକୂଳରେ ରବିବାର ସନ୍ଧ୍ୟାରେ ଶକ୍ତିଶାଳୀ ଭୂକମ୍ପ ଅନୁଭୂତ ହୋଇଛି। ୬.୯ ତୀବ୍ରତାର ଏହି ଭୂକମ୍ପ ପ୍ରଭାବରେ ଅନେକ ଅଞ୍ଚଳ ଦୋହଲି ଯାଇଥିଲା। ପାଣିପାଗ ବିଭାଗ ପକ୍ଷରୁ ସୁନାମି ସତର୍କ ସୂଚନା ଜାରି ହୋଇଥିବାବେଳେ ୩ ଘଣ୍ଟା ପରେ ଏହାକୁ ପ୍ରତ୍ୟାହାର କରିନିଆଯାଇଛି। ପାଣିପାଗ ବିଭାଗ ସୂଚନା ଅନୁଯାୟୀ ସ୍ଥାନୀୟ ସମୟ ସନ୍ଧ୍ୟା ୫ଟା ୩ ମିନିଟ୍ ସମୟରେ ଇୱାତେ ଉପକୂଳରେ ଭୂକମ୍ପ ଅନୁଭୂତ ହୋଇଥିବାବେଳେ ଏହାର କେନ୍ଦ୍ରସ୍ଥଳ ୧୬ କିଲୋମିଟର ଗଭୀରରେ ରହିଛି। ଭୂକମ୍ପରେ କେହି ମୃତାହତ ହୋଇଥିବା ଖବର ମିଳିନାହିଁ। ସେହିପରି ଉକ୍ତ ଅଞ୍ଚଳରେ ରହିଥିବା ୨ଟି ଆଣବିକ ବିଦ୍ୟୁତ୍ ପ୍ଲାଣ୍ଟରେ ମଧ୍ୟ କୌଣସି ଅସ୍ୱାଭାବିକତା ଦେଖାଦେଇନାହିଁ। ଉତ୍ତର ଉପକୂଳରେ ୧ରୁ ୩ ମିଟର ଉଚ୍ଚରେ ସୁନାମି ଆସିବା ନେଇ ସତର୍କ ସୂଚନା ଜାରି କରାଯାଇଥିଲା। ଲୋକଙ୍କୁ ଉପକୂଳଠାରୁ ଦୂରେଇ ରହିବାକୁ ପରାମର୍ଶ ଦିଆଯାଇଥିଲା। ସତର୍କ ସୂଚନା ପ୍ରତ୍ୟାହାର କରାଯାଇଥିଲେ ମଧ୍ୟ ଆଗାମୀ ସପ୍ତାହେ ପର୍ଯ୍ୟନ୍ତ ଉକ୍ତ ଅଞ୍ଚଳରେ ଅଧିକ ଶକ୍ତିଶାଳୀ ଭୂକମ୍ପ ଆଶଙ୍କା ଥିବା ପାଣିପାଗ ବିଭାଗ କହିଛି।

## ଆଣ୍ଡାମାନ ନିକୋବରରେ ଭୂକମ୍ପ

### ତୀବ୍ରତା ୫.୪

ପୋର୍ଟ ବ୍ଲେୟାର, ୯।୧୧

ଆଣ୍ଡାମାନ ନିକୋବର ଦ୍ୱୀପପୁଞ୍ଜରେ ରବିବାର ଦିନ ୧୨ଟା ୬ ମିନିଟ୍ ସମୟରେ ଭୂକମ୍ପ ଅନୁଭୂତ ହୋଇଛି। ଏହାର ତୀବ୍ରତା ୫.୪ ଏବଂ କେନ୍ଦ୍ରସ୍ଥଳ ଆଣ୍ଡାମାନ ସାଗର ନିକଟରେ ୯୦ କିଲୋମିଟର ଗଭୀରରେ ବୋଲି ନ୍ୟାଶନାଲ ସେଣ୍ଟର ଫର୍ ସିସ୍ମୋଲୋଜି ପକ୍ଷରୁ କୁହାଯାଇଛି। ଅନ୍ୟପକ୍ଷରେ ଭୂକମ୍ପର ତୀବ୍ରତା ୬.୦୭ ବୋଲି ଜର୍ମାନ ରିସର୍ଚ୍ଚ ସେଣ୍ଟର ଫର୍ ଜିଓସାଇନ୍ସ ପକ୍ଷରୁ ଆକଳନ କରାଯାଇଛି। ଏଥିରେ ଧନଜୀବନ ହାନିର କୌଣସି ଖବର ମିଳିନାହିଁ। ମାୟାବୁନ୍ଦର, ରଙ୍ଗାତ ଏବଂ ଉତ୍ତର ଓ ମଧ୍ୟ ଆଣ୍ଡାମାନ୍‌ର ଆଖପାଖ ଅଞ୍ଚଳରେ କମ୍ପନ ଅନୁଭୂତ ହୋଇଥିଲା। ସତର୍କତା ପଦକ୍ଷେପ ସ୍ୱରୂପ ମତ୍ସ୍ୟଜୀବୀ ଓ ପର୍ଯ୍ୟଟକମାନଙ୍କୁ ସମୁଦ୍ର ମଧ୍ୟକୁ ନ ଯିବା ଲାଗି ପରାମର୍ଶ ଦିଆଯାଇଛି।

## ଗୁଜରାଟରୁ ୩ ଆଇଏସ୍ ଆତଙ୍କବାଦୀ ଗିରଫ

ଅହମଦାବାଦ,୯।୧୧

ଗୁଜରାଟର ଆତଙ୍କବାଦ ନିରୋଧୀ ସ୍କ୍ୱାଡ୍ (ଏଟିଏସ୍) ରବିବାର ଅହମଦାବାଦରୁ ୩ ଜଣ ଆଇଏସ୍ ଆତଙ୍କବାଦୀଙ୍କୁ ଗିରଫ କରିଛି। ସେମାନେ ଦେଶର ବିଭିନ୍ନ ସ୍ଥାନରେ ଆତଙ୍କବାଦୀ ଆକ୍ରମଣ କରିବାକୁ ଷଡ଼ଯନ୍ତ୍ର ଚଳାଇଥିଲେ ବୋଲି ଜଣାପଡ଼ିଛି। ସେମାନଙ୍କ ଉପରେ ଗୁଜରାଟ ଏଟିଏସ୍ ବର୍ଷେ ହେଲା ନଜର ରଖିଥିଲା। ଆତଙ୍କବାଦୀମାନେ ଅସ୍ତ୍ର ଯୋଗାଣ ପାଇଁ ଗୁଜରାଟ ଆସିଥିବାବେଳେ ଏଟିଏସ୍ ସେମାନଙ୍କୁ ଗିରଫ କରିଛି। ସେମାନେ ଦୁଇଟି ଭିନ୍ନ ମଡ୍ୟୁଲ୍‌ର। କେଉଁ ଅଞ୍ଚଳ ସେମାନଙ୍କ ଟାର୍ଗେଟରେ ଥିଲା, ତାହା ଜାଣିବା ପାଇଁ ତଦନ୍ତ ଜାରି ରହିଛି।

## 'ମୁଁ ପୁରୁଷମାନଙ୍କୁ ଈର୍ଷା କରେ' : ଟ୍ୱିଙ୍କଲ



ଟ୍ୱିଙ୍କଲ ଖାନ୍ନା

**ମୁମ୍ବାଇ:** ବଲିଉଡ ଅଭିନେତ୍ରୀରୁ ଲେଖିକା ପାଲଟିଥିବା ଟ୍ୱିଙ୍କଲ ଖାନ୍ନା ତାଙ୍କର ସ୍ପଷ୍ଟବାଦିତା ପାଇଁ ସର୍ବଦା ଚର୍ଚ୍ଚାରେ ରୁହନ୍ତି। ନିକଟରେ ସେ ତାଙ୍କ ସାପ୍ତାହିକ କଲମରେ 'ମେନୋପଜ' ବିଷୟରେ ଏଭଳି କିଛି ଲେଖିଛନ୍ତି, ଯାହା ପ୍ରତ୍ୟେକ ମହିଳାଙ୍କୁ ଚିନ୍ତା କରିବାକୁ ବାଧ୍ୟ କରିଛି। ଟ୍ୱିଙ୍କଲ ମେନୋପଜକୁ ଏକ ଭିନ୍ନ ଢଙ୍ଗରେ ବର୍ଣ୍ଣନା କରି କହିଛନ୍ତି, 'ମେନୋପଜ ହେଉଛି ସେହିପରି, ଯେପରି କୌଣସି ଚୋର ଆପଣଙ୍କ ଘରେ ପଶି କେବଳ ଜିନିଷ ଚୋରି କରେ ନାହିଁ, ବରଂ ଘରର ସମସ୍ତ ଆସବାବପତ୍ରକୁ ମଧ୍ୟ ନିଜ ଇଚ୍ଛାରେ ବଦଳାଇ ଦିଏ।' ଏହା ମହିଳାଙ୍କ ଜୀବନର ଏପରି ଏକ ପର୍ଯ୍ୟାୟ ଯାହା କେବଳ ଶରୀର ନୁହେଁ, ଚିନ୍ତାଧାରା ଏବଂ ବ୍ୟବହାରକୁ ମଧ୍ୟ ପ୍ରଭାବିତ କରେ।

ସେ ମଜାଳିଆ ଢଙ୍ଗରେ ପୁରୁଷମାନଙ୍କୁ ଈର୍ଷା କରୁଥିବା ଲେଖିଛନ୍ତି। ଟ୍ୱିଙ୍କଲ କହିଛନ୍ତି, 'ପୁରୁଷମାନଙ୍କ ହରମୋନ ସହିତ କେବେ ଏପରି ହୁଏ ନାହିଁ, କିନ୍ତୁ ଆମ ମହିଳାମାନଙ୍କ ହରମୋନରେ ଏମିତି ଓଲଟପାଲଟ ଲାଗି ରହେ'।

## ଆର୍‌ଏସ୍‌ଏସ୍ ରାଷ୍ଟ୍ରନୀତିକୁ ସମର୍ଥନ କରେ: ଭାଗବତ

ନୂଆଦିଲ୍ଲୀ,୯।୧୧

ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ୍) କୌଣସି ବ୍ୟକ୍ତିବିଶେଷ କିମ୍ବା ରାଜନୈତିକ ଦଳକୁ ନୁହେଁ, ବରଂ ନୀତିକୁ ସମର୍ଥନ କରେ ବୋଲି ଏହାର ମୁଖ୍ୟ ମୋହନ ଭାଗବତ କହିଛନ୍ତି। ସଂଘ ନିର୍ବାଚନୀ ରାଜନୀତିରେ ଅଂଶଗ୍ରହଣ କରେନାହିଁ। ସମାଜକୁ ଏକାଠି କରିବା ଏହାର କାର୍ଯ୍ୟ। ସଂଘ ଅଯୋଧ୍ୟାରେ ରାମମନ୍ଦିର ଚାହୁଁଥିଲା। ଏହାର ନିର୍ମାଣ ପାଇଁ ଯେଉଁମାନେ ଛିଡ଼ାହେଲେ, ଆମ ସ୍ୱୟଂସେବକମାନେ ସେମାନଙ୍କୁ ଭୋଟ ଦେଲେ। ଭାଜପା ଏହି ସୁବିଧା ହାସଲ କଲା। ରାମମନ୍ଦିର ନିର୍ମାଣ ଦାବିକୁ କଂଗ୍ରେସ ସମର୍ଥନ କରିଥିଲେ, ଆର୍‌ଏସ୍‌ଏସ୍ କର୍ମୀମାନେ ଉକ୍ତ ଦଳକୁ ସମର୍ଥନ ଦେଇଥାନ୍ତେ ବୋଲି ଭାଗବତ କହିଛନ୍ତି।



ମୋହନ ଭାଗବତ

କୌଣସି ଦଳ ସହ ଆମର ସ୍ୱତନ୍ତ୍ର ଆତ୍ମୀୟତା ନାହିଁ। ଆମେ ରାଜନୀତିକୁ ନୁହେଁ, ରାଷ୍ଟ୍ରନୀତିକୁ ସମର୍ଥନ କରୁ। ଦେଶକୁ ଏକ ନିର୍ଦ୍ଦିଷ୍ଟ ଦିଶାରେ ନେଇଯିବା ଲାଗି ଆମେ ଚାହୁଁ ଏବଂ ଯେଉଁମାନେ ସେହି ଦିଗରେ କାର୍ଯ୍ୟ କରନ୍ତି, ଆମେ ସେମାନଙ୍କୁ ସମର୍ଥନ ଜଣାଉ ବୋଲି ଭାଗବତ ବେଙ୍ଗାଲୁରୁରେ ଆର୍‌ଏସ୍‌ଏସ୍‌ର ଶତବାର୍ଷିକୀ ଅବସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କହିଛନ୍ତି।

ଆର୍‌ଏସ୍‌ଏସ୍‌ରେ ଭାଗନେବାକୁ ମୁସଲମାନଙ୍କୁ ଅନୁମତି ମିଳେ କି ବୋଲି ପ୍ରଶ୍ନ ହେବାରୁ ଭାଗବତ କହିଥିଲେ, ମୁସଲମାନ, ଖ୍ରୀଷ୍ଟିଆନଙ୍କ ସମେତ ବିଭିନ୍ନ ବର୍ଗର ଲୋକ ସଂଘକୁ ଆସିପାରିବେ। ଭିନ୍ନତାକୁ ସେମାନେ ଦୂରେଇ ରଖିବାକୁ ହେବ। ଯେତେବେଳେ ଆପଣମାନେ ସଂଘକୁ ଆସୁଛନ୍ତି, ସେତେବେଳେ ଭାରତ ମାତାର ପୁତ୍ର ଭାବେ ଆସୁଛନ୍ତି। ମୁସଲମାନ, ଖ୍ରୀଷ୍ଟିଆନ୍ ଶାଖାକୁ ଆସୁଥିବାବେଳେ ଆମେ ସେମାନଙ୍କୁ ଗଣି ନ ଥାଉ କି ସେମାନେ କିଏ ବୋଲି ପଚାରି ନ ଥାଉ। ସଂଘ ୧୯୨୫ରେ ସ୍ଥାପନ ହୋଇଥିଲା। ବ୍ରିଟିଶ ସରକାର ଅଧୀନରେ ଏହା ପଞ୍ଜୀକୃତ ହେବା ଆପଣମାନେ ଆଶା କରୁଛନ୍ତି କି ବୋଲି ଭାଗବତ ପ୍ରଶ୍ନ କରିଛନ୍ତି।

## କଟକରେ ବିପଦସଙ୍କୁଳ କୋଠା


ବାଦାମବାଡ଼ି ନିକଟସ୍ଥ ସେସୁ କଲୋନୀ କ୍ୱାର୍ଟର୍ସ।



ନୟାସଡ଼କସ୍ଥିତ ଏକ କୋଠା।



ଚୌଧୁରୀ ବଜାର ନିକଟସ୍ଥ କଟକ ମହାନଗର ନିଗମର କାର୍ଯ୍ୟାଳୟ। (ଫଟୋ: ରାଜକିଶୋର ମହାନ୍ତି)

# ୨୪ ଘଣ୍ଟାରେ ତଦନ୍ତ ରିପୋର୍ଟ ଦିଅ: ଜିଲାପାଳ

### ଆପାର୍ଟମେଣ୍ଟ ବାଲକୋନି ଭୁଶୁଡ଼ି ୩ ମୃତ୍ୟୁ ଘଟଣା

### ବାଲିଯାତ୍ରା ପରେ ହେବ ଅସୁରକ୍ଷିତ କୋଠା ଯାଞ୍ଚ, ଉଚ୍ଛେଦ

କଟକ,୯।୧୧(କାର୍ତ୍ତିକ ସାହୁ)

ବକ୍ସିବଜାର ଅଞ୍ଚଳର ମଣିସାହୁ ଛକଠାରେ ଏକ ୫ ମହଲା ଆପାର୍ଟମେଣ୍ଟର ବାଲକୋନି ଭୁଶୁଡ଼ି ଗୋଟିଏ ପରିବାରର ୩ଜଣଙ୍କ ମୃତ୍ୟୁ ଘଟଣାରେ ୨୪ ଘଣ୍ଟାରେ ତଦନ୍ତ ରିପୋର୍ଟ ପ୍ରଦାନ ପାଇଁ ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ବାଲିଯାତ୍ରା ପରେ ଅସୁରକ୍ଷିତ କୋଠା ଯାଞ୍ଚ କରାଯାଇ ତୁରନ୍ତ ଉଚ୍ଛେଦ କରାଯିବ ବୋଲି ଜିଲାପାଳ କହିଛନ୍ତି। ଅପରପକ୍ଷେ ପ୍ରତ୍ୟେକ ମୃତକଙ୍କ ସମ୍ପର୍କୀୟଙ୍କୁ ୪ ଲକ୍ଷ ଟଙ୍କା ଲେଖାଏଁ କ୍ଷତିପୂରଣ ଦେବାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଘୋଷଣା କରିଛନ୍ତି।

ସୂଚନା ଅନୁଯାୟୀ, ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ କଟକ ମହାନଗର ନିଗମର ଅତିରିକ୍ତ ଆୟୁକ୍ତଙ୍କ ଅଧ୍ୟକ୍ଷତାରେ ଏକ ତଦନ୍ତ କମିଟି ଗଠନ କରାଯାଇଛି। କମିଟିରେ ପୂର୍ତ୍ତ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ, ମହାନଗର ନିଗମର ନଗର ଯନ୍ତ୍ରୀ, କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କ ସହକାରୀ ସହର ଯୋଜନାକାରୀ ସଦସ୍ୟ ଭାବେ ରହିଛନ୍ତି। ଏହି ଦୁର୍ଘଟଣା ଘଟିଥିବା କୋଠାର ନିର୍ମାଣ ବୈଧତା ତଥା ଆବଶ୍ୟକ ଅନୁମତି ହାସଲ ବିଷୟରେ ତଦନ୍ତ କରାଯିବ। ଏହି କୋଠା ନିର୍ମାଣର ମୂଳ ଅନୁମତି କଟକ ଉନ୍ନୟନ କର୍ତ୍ତୃପକ୍ଷ ଦେଇଥିବାରୁ ଆବଶ୍ୟକ ଦସ୍ତାବିଜ କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କ କାର୍ଯ୍ୟାଳୟରୁ ହାସଲ କରାଯାଇ ଯାଞ୍ଚ କରାଯିବ। ତଦନ୍ତ କମିଟି ସଂପୃକ୍ତ କୋଠାର ନିର୍ମାଣଜନିତ ଦୃଢ଼ତା ଏବଂ ସ୍ଥାୟିତ୍ୱକୁ ପରୀକ୍ଷା ନିରୀକ୍ଷା କରିବ। ଏହି ଅଟ୍ଟାଳିକା ନିର୍ମାଣ ନିମନ୍ତେ କ୍ଷମତାସମ୍ପନ୍ନ କର୍ତ୍ତୃପକ୍ଷଙ୍କ ଠାରୁ ଅନୁମତି ହାସଲ କରାଯାଇଛି କି ନାହିଁ ଏବଂ ଅନୁମୋଦିତ ଯୋଜନା ତଥା ନିର୍ମାଣ ନିୟମାବଳୀ ଅନୁଯାୟୀ କରାଯାଇଛି କି ନାହିଁ, ତାହା ମଧ୍ୟ କମିଟି ଯାଞ୍ଚ କରିବ। ଏଥିରେ କୌଣସି ପ୍ରକାର ଅବହେଳା ବା ବିଚ୍ୟୁତି ପରିଲକ୍ଷିତ ହେଲେ ସମ୍ପୃକ୍ତ ବ୍ୟକ୍ତି ବା ଅଧିକାରୀଙ୍କୁ ଆଇନ ଅନୁଯାୟୀ ଦଣ୍ଡ ବିଧାନ କରାଯିବ। ତଦନ୍ତର ସାରାଂଶ ଓ ସୁପାରିସ ସହ ଏକ ସମ୍ପୂର୍ଣ୍ଣ ରିପୋର୍ଟ କଟକ ମହାନଗର ନିଗମ ଆୟୁକ୍ତ ଏବଂ କଟକ ଉନ୍ନୟନ କର୍ତ୍ତୃପକ୍ଷ ଉପାଧ୍ୟକ୍ଷଙ୍କ ମାଧ୍ୟମରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଦାଖଲ କରିବାକୁ ଜିଲାପାଳ ଶିନ୍ଦେ ନିର୍ଦ୍ଦେଶ ଦେଇଛନ୍ତି।

## ଭଙ୍ଗାଯାଇନି ୨୨୧ ବିପଦସଙ୍କୁଳ କୋଠା

### ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ପ୍ରଶାସନର ଅଣଦେଖା

କଟକ,୯।୧୧(କାର୍ତ୍ତିକ ସାହୁ)

କଟକ ସହରରେ ବିପଦସଙ୍କୁଳ ଅବସ୍ଥାରେ ଥିବା ୨୨୧ଟି କୋଠାକୁ ଭାଙ୍ଗିବା ପାଇଁ ହାଇକୋର୍ଟ ଗତ ସେପ୍ଟେମ୍ବରରେ ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ଅଦ୍ୟାବଧି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ବାଦାମବାଡ଼ି ସେସୁ କଲୋନୀ, ସିଏମ୍‌ସିର କେତେକ ବିଲ୍‌ଡିଂ, ଚୌଧୁରୀବଜାର, ବାଲୁବଜାର, ନୟାସଡ଼କ, ନୂଆବଜାର, କଲେଜ ଛକ, ମଣିସାହୁ ଛକ, ମଙ୍ଗଳାବାଗ, ରାଣୀହାଟ, ପିଠାପୁର, ତିନିକୋଣିଆ ବଗିଚା ଆଦି ଅଞ୍ଚଳରେ ଅନେକ ଅସୁରକ୍ଷିତ କୋଠା ରହିଛି। କେତେକ ବିପଦସଙ୍କୁଳ କୋଠାରେ ଲୋକେ ବସବାସ କରୁଛନ୍ତି। ତେବେ କେତେବେଳେ ଯେ ଏସବୁ କୋଠା ଭୁଶୁଡ଼ିପଡ଼ିବ ତାହାକୁ ନେଇ ସ୍ଥାନୀୟ ଲୋକେ ଆତଙ୍କିତ ଅବସ୍ଥାରେ ରହୁଛନ୍ତି। ଶନିବାର ବକ୍ସିବଜାର ଅଞ୍ଚଳର ମଣିସାହୁ ଛକଠାରେ ଏକ ୫ମହଲା ଆପାର୍ଟମେଣ୍ଟର ବାଲକୋନି ଭୁଶୁଡ଼ି ଗୋଟିଏ ପରିବାରର ୩ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଏହି ଆପାର୍ଟମେଣ୍ଟର ଅନ୍ୟ କେତେକ କୋଠାରେ ଲୋକେ ବାସ କରୁଛନ୍ତି। ପ୍ରଶାସନ ଏ ନେଇ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ବୋଲି ସାଧାରଣରେ ସ୍ୱର ଉଠିଛି।

# ସୁନାବେଡ଼ାରେ ବାଘ ବୁଲୁଥିବା ଭିଡିଓ ଭାଇରାଲ

### ୪ ଟ୍ରେସ୍ କ୍ୟାମେରା ଲଗାଇଲା ବନ ବିଭାଗ

ସୁନାବେଡ଼ା,୯।୧୧
(କୃତ୍ତିବାସ ପ୍ରଧାନ)


ଭାଇରାଲ ଭିଡିଓର ଦୃଶ୍ୟ।

କୋରାପୁଟ ଜିଲା ପୁରୁଣା ସୁନାବେଡ଼ାସ୍ଥିତ ଜନସ୍ୱାସ୍ଥ୍ୟ ବିଭାଗର ପମ୍ପ୍ ହାଉସ୍ ଅଞ୍ଚଳରେ ବାଘ ବୁଲୁଥିବା ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେଉଛି। ଏହାକୁ ନେଇ ବନ ବିଭାଗ ଟିମ୍ ତଦନ୍ତ ସହ ସ୍ଥିତିକୁ ଅନୁଧ୍ୟାନ କରୁଥିବା ଦେଖିବାକୁ ମିଳିଛି। ଭିଡିଓ ଭାଇରାଲ ପରେ ସେମିଳିଗୁଡ଼ା ବନ ବିଭାଗର ଏକ ସ୍ୱତନ୍ତ୍ର ଟିମ୍ ବାଘର ଗତିବିଧି ଉପରେ ନଜର ରଖିବାକୁ ୪ଟି ଟ୍ରେସ କ୍ୟାମେରା ଲଗାଯାଇଛି। ପ୍ରକୃତରେ ବାଘ ନା ଅନ୍ୟ କିଛି ବନ୍ୟଜନ୍ତୁ ସ୍ପଷ୍ଟ ହୋଇ ନ ଥିବାରୁ ଏହାର ଗତିବିଧି ଉପରେ ବିଭାଗ ନଜର ରଖିଛି। ଏହି ଅଞ୍ଚଳର ଆଖପାଖ ଗାଁ ଓ ବସ୍ତିରେ ବିଭାଗର କର୍ମଚାରୀ ଲୋକମାନଙ୍କୁ ସଚେତନ କରିବା ସହ କେହି କିଛି ଦେଖିଲେ ବିଭାଗକୁ ଖବର ଦେବାକୁ କହିଛନ୍ତି। ୩ ଦିନ ଧରି ଏହି ଅଞ୍ଚଳ ଉପରେ ବନ ବିଭାଗ ଟିମ୍ ନଜର ରଖିଛି। ଶନିବାର ରାତିରେ କୋରାପୁଟ ବନଖଣ୍ଡ ଅଧିକାରୀ କେ.ଭି. ଭାସ୍କର ରାଓ, ଏସିଏଫ ଜଗନ୍ନାଥ ପ୍ରସାଦ ବିଶୋୟୀ, କୋରାପୁଟ ବନାଞ୍ଚଳ ଅଧିକାରୀ ଏସ୍.କେ. ପାହାଡ଼ସିଂ, ସେମିଳିଗୁଡ଼ା ବନାଞ୍ଚଳ ଅଧିକାରୀ ସୁଶାନ୍ତ କୁମାର ଦଳେଇ, ବନପାଳ ନିରଞ୍ଜନ ଶତପଥୀ ଓ ଅନ୍ୟ ବନ କର୍ମଚାରୀ ଅଞ୍ଚଳର ଅନୁଧ୍ୟାନ କରିଥିବା ଜଣାପଡ଼ିଛି। ପ୍ରକାଶ ଯେ, ଗୁରୁବାର ରାତିରେ ପମ୍ପ୍ ହାଉସ୍‌ରେ ଥିବା ଜଗୁଆଳି ବାହାରେ ପଇଁତରା ମାରୁଥିବା ବେଳେ ବାଘ ଭଳି ଏକ ବନ୍ୟଜନ୍ତୁ ବୁଲୁଥିବା ଦେଖି ଭିଡିଓ ଉତ୍ତୋଳନ କରିଥିଲେ। ଏ ସମ୍ପର୍କରେ ସେମିଳିଗୁଡ଼ା ବନାଞ୍ଚଳ ଅଧିକାରୀ ସୁଶାନ୍ତ କୁମାର ଦଳେଇଙ୍କୁ ଯୋଗାଯୋଗ କରିବାରୁ, ବିଭାଗ ପକ୍ଷରୁ ଉକ୍ତ ଅଞ୍ଚଳ ଉପରେ ନଜର ରଖାଯାଇଛି। ବନ୍ୟଜନ୍ତୁର ଗତିବିଧି ଜାଣିବାକୁ ଟ୍ରେସ କ୍ୟାମେରା ଲଗାଯାଇଛି। ବାଘ କି ଆଉ କୌଣସି ବନ୍ୟଜନ୍ତୁ ତାହା ଜାଣିବାକୁ ୩ ଦିନ ହେବ ଅନୁଧ୍ୟାନ କରାଯାଉଥିବା ସେ କହିଛନ୍ତି।

# ଦିବ୍ୟାଙ୍ଗଙ୍କ ସୁରକ୍ଷାକୁ ଗୁରୁତ୍ୱ ଦେଉନାହାନ୍ତି ଅଧିକାରୀ

### ଆନ୍ତରିକତା ସହ ଆଇନର ଅନୁପାଳନ ଲାଗି ନିର୍ଦ୍ଦେଶ

ଭୁବନେଶ୍ୱର,୯।୧୧
(ରବିନାରାୟଣ ଜେନା)

ରାଜ୍ୟରେ ଦିବ୍ୟାଙ୍ଗଙ୍କ ସୁରକ୍ଷା ପ୍ରତି ଅନେକ ବିଭାଗ ଆନ୍ତରିକତା ଦେଖାଉ ନାହାନ୍ତି। ଫଳରେ ସେମାନେ ଚାକିରିଠାରୁ ଆରମ୍ଭ କରି ଜମି ଖଣ୍ଡିଏ ପାଇବା କିମ୍ବା ସରକାରୀ ଯୋଜନାରେ ସାମିଲ ହୋଇପାରୁ ନାହାନ୍ତି। ଦିବ୍ୟାଙ୍ଗମାନେ ସମାଜର ମୁଖ୍ୟସ୍ରୋତଠାରୁ ପଛରେ ପଡ଼ି ଯାଉଛନ୍ତି। ଏହିଭଳି ଅଭିଯୋଗର ଦସ୍ତାବିଜ୍ ସରକାରଙ୍କ ନିକଟରେ ପହଞ୍ଚିବା ପରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ପ୍ରତ୍ୟେକ ବିଭାଗ ଯେପରି ଆଇନର ଅନୁପାଳନପୂର୍ବକ ସେମାନଙ୍କ ଅଧିକାର ଓ ସୁରକ୍ଷାକୁ ଦୃଷ୍ଟିଦେବେ ସେ ନେଇ ବିଭାଗ ପକ୍ଷରୁ ସମସ୍ତ ବିଭାଗ ସଚିବଙ୍କୁ ପତ୍ର ଲେଖି ଅବଗତ କରାଯାଇଛି।

ଏ ସଂକ୍ରାନ୍ତରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ନିର୍ଦ୍ଦେଶକ ପାରୁଲ ପଟୱାରୀ ସରକାରଙ୍କ ନିର୍ଦ୍ଦେଶକ୍ରମେ ନଭେମ୍ବର ୩ରେ ସମସ୍ତ ବିଭାଗ ସଚିବଙ୍କୁ ପତ୍ର ଲେଖିଛନ୍ତି, ଏଥିରେ ସେ ଉଲ୍ଲେଖ କରିଛନ୍ତି ଯେ, ଦିବ୍ୟାଙ୍ଗଙ୍କ ଅଧିକାର ପାଇଁ ସେକ୍ସନ-୩୭ର ଅନୁପାଳନ ହେବା ନିହାତି ଆବଶ୍ୟକ। ସେ କହିଛନ୍ତି, ପ୍ରତ୍ୟେକ ଚାଷଜମି ଆବଣ୍ଟନ ବେଳେ ଏହି ବର୍ଗଙ୍କ ପାଇଁ ୫ପ୍ରତିଶତ ପ୍ରଦାନ କରାଯିବା ଦରକାର। ଏହାସହିତ ସରକାରଙ୍କ ସମସ୍ତ ବିକାଶମୂଳକ ଯୋଜନାରେ ସେମାନେ ଯେପରି ସାମିଲ ହୋଇପାରିବେ ସେଥିପ୍ରତି ବିଭାଗୀୟ ଅଧିକାରୀ ଦୃଷ୍ଟିଦେବାର ଆବଶ୍ୟକତା ରହିଛି। ବିଶେଷ କରି ମହିଳା ବର୍ଗଙ୍କୁ ପ୍ରାଥମିକତା ଭିତ୍ତିରେ ସାମିଲ କରାଯିବା ଦରକାର।

ଏଥିସହ ଗରିବ ଦୂରୀକରଣ ଲାଗି ସରକାରଙ୍କ ପକ୍ଷରୁ ଯେତେସବୁ ଯୋଜନା ହାତକୁ ନିଆଯାଇଛି ସେଥିରେ ମଧ୍ୟ ଅତି କମ୍‌ରେ ୫ପ୍ରତିଶତ ଏହି ବର୍ଗଙ୍କୁ ସାମିଲ କରାଯିବାର ଆବଶ୍ୟକତା ରହିଛି। ଏହାସହିତ ବିଭିନ୍ନ ବର୍ଗଙ୍କୁ ଘରବାଡ଼ି, ଦୋକାନ କିମ୍ବା ଅନ୍ୟାନ୍ୟ ଉଦ୍ୟୋଗ ପାଇଁ ଜମି ଆବଣ୍ଟନ ବେଳେ ଦିବ୍ୟାଙ୍ଗ ବର୍ଗଙ୍କୁ ରିହାତି ଦରରେ ଜମି ଯୋଗାଇବାକୁ ହେବ ବୋଲି ପଟୱାରୀ ଚିଠିରେ ଉଲ୍ଲେଖ କରିଛନ୍ତି।

ସେ ପୁନଶ୍ଚ ଦର୍ଶାଇଛନ୍ତି, ସରକାରଙ୍କ ଲକ୍ଷ୍ୟ ହେଉଛି ଦିବ୍ୟାଙ୍ଗମାନଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବା। ଏଥିପାଇଁ ସରକାରୀ ନିୟମର ଅନୁପାଳନ ଠିକଣା ଭାବେ କରାଯିବାର ଆବଶ୍ୟକତା ରହିଛି। ବିଭାଗୀୟ ଅଧିକାରୀମାନେ ଆନ୍ତରିକତାର ସହିତ ସେକ୍ସନ-୩୭କୁ ଅନୁପାଳନ କରିବା ସହ ଦିବ୍ୟାଙ୍ଗଙ୍କୁ ତାଙ୍କ ଅଧିକାର ପ୍ରଦାନ କରନ୍ତୁ ବୋଲି ନିର୍ଦ୍ଦେଶକ ପତ୍ରରେ ଦର୍ଶାଇଛନ୍ତି।

# ଜଳପଥରେ ଗୁଆ ଚାଲାଣ

### ୬୦୨ ବସ୍ତା ଗୁଆ ସହ ୪ କଣ୍ଟେନର, ୨ ଟ୍ରଲର ଜବତ



ମେରାଇନ୍ ଥାନା ପକ୍ଷରୁ ଜବତ ଟ୍ରଲର ଓ କଣ୍ଟେନର।

ବାଲେଶ୍ୱର,୯।୧୧(ବାଞ୍ଛାନିଧି ଦେ)

ଜଳପଥରେ ଗୁଆ ଚାଲାଣ ବେଳେ ଧରାପଡ଼ିଛି। ବାଲେଶ୍ୱର ଜିଲା ବାହାବଳପୁର ମେରାଇନ୍ ଥାନା ଓ ବସ୍ତା ଥାନା ଅଞ୍ଚଳରୁ ୪ଟି କଣ୍ଟେନର ଓ ୨ଟି ଟ୍ରଲର୍ ଜବତ ହୋଇଛି। ୪ କଣ୍ଟେନର ଡ୍ରାଇଭରଙ୍କୁ ଅଟକ ରଖାଯାଇ ପୋଲିସ ତଦନ୍ତ ଜାରି ରଖିଛି।

ସୂଚନାଯୋଗ୍ୟ, ଶନିବାର ରାତିରେ ବାହାବଳପୁର ମତ୍ସ୍ୟ ଅବତରଣ କେନ୍ଦ୍ରଠାରୁ କିଛି ଦୂରରେ ଏହି ଟ୍ରଲର୍ ୨ଟି ଅଟକି ରହିଥିବା ଦେଖିବାକୁ ମିଳିଥିଲା। ସେଥିରେ ଆସିଥିବା ସାମଗ୍ରୀକୁ ୪ଟି କଣ୍ଟେନର ଜରିଆରେ ଚାଲାଣ ବ୍ୟବସ୍ଥା କରାଯାଉଥିଲା। ସ୍ଥାନୀୟ ଲୋକେ ଏହା ଦେଖି ପୋଲିସକୁ ଖବର ଦେଇଥିଲେ। ମେରାଇନ୍ ଥାନା ପୋଲିସ ସ୍ଥାନୀୟ ଶିବ ମନ୍ଦିର ନିକଟରୁ ଗୋଟିଏ କଣ୍ଟେନରରେ ଥିବା ୨୮୮ବସ୍ତା ଗୁଆ ଜବତ କରିଥିଲା। ଏନେଇ ମାମଲା (ନଂ.୩୫/୨୫) ରୁଜୁ ପରେ ତଦନ୍ତ ଜାରି ରହିଛି। ସେହିପରି ବସ୍ତା ଥାନା ପୋଲିସ ଛାନୁଆ-ସୁଲପଟା ରାସ୍ତାରେ ୩ଟି କଣ୍ଟେନରକୁ ଅଟକାଇଥିଲା। ସେଥିମଧ୍ୟରୁ ୨ଟି କଣ୍ଟେନରରେ ଥିବା ୩୧୪ ବସ୍ତା ଗୁଆ ଜବତ ହୋଇଥିବା ବେଳେ ଅନ୍ୟଟି ଫାଙ୍କା ଥିଲା। ଏ ସମ୍ପର୍କରେ ବସ୍ତା ଥାନାରେ ମାମଲା (ନଂ. ୪୬୬/୨୫) ରୁଜୁ ହୋଇଛି।

ମେରାଇନ ଥାନା ଆଇଆଇସି ରଶ୍ମିରେଖା ମହାଲିକଙ୍କ ସୂଚନା ମୁତାବକ, କଣ୍ଟେନରଗୁଡ଼ିକରେ ଗୁଆ ବସ୍ତା ଥିଲା। ଟ୍ରଲର୍‌ଗୁଡ଼ିକରେ ଏହି ଗୁଆ ଆସିଥିବା ଅନୁମାନ କରାଯାଉଛି। ସମ୍ପୂର୍ଣ୍ଣ ଯାଞ୍ଚ ପରେ ସତ୍ୟାସତ୍ୟ ଜଣାପଡ଼ିବ। ଟ୍ରଲର୍‌ଗୁଡ଼ିକ ପଶ୍ଚିମବଙ୍ଗର ବୋଲି ପୋଲିସ ସୂଚନା ଦେଇଛି।

## ଗାଡ଼ି ଧକ୍କାରେ ମା' ପୁଅ ମୃତ

ସମ୍ବଲପୁର,୯।୧୧
(ପ୍ରମୋଦ ବହିଦାର)

ରାଞ୍ଚି-ବିଜୟୱାଡା ଜାତୀୟ ରାଜପଥର ସମ୍ବଲପୁର ଜିଲା ରେଢ଼ାଖୋଲ ଥାନା ଆଦର୍ଶବିଦ୍ୟାଳୟ ଛକରେ ରବିବାର ସନ୍ଧ୍ୟାରେ ଏକ ସଡ଼କ ଦୁର୍ଘଟଣାରେ ବାଇକରେ ଥିବା ମା' ପୁଅଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଚାରମାଳ ଥାନା ଅନ୍ତର୍ଗତ ବଡ଼ମାଳ ପଞ୍ଚାୟତ ପିପିଲିକାନୀ ଗ୍ରାମର ମଞ୍ଜୁ ମାଝୀ(୬୦) ଓ ତାଙ୍କ ପୁଅ ମନୋଜ ମାଝୀ(୩୦)। ସେମାନେ ନାକଟିଦେଉଳରୁ ରେଢ଼ାଖୋଲ ଆସୁଥିବା ବେଳେ ସନ୍ଧ୍ୟା ପ୍ରାୟ ୬ଟା୩୦ରେ ବିପରୀତ ଦିଗରୁ ଆସୁଥିବା ଏକ ଗାଡ଼ି ସେମାନଙ୍କ ବାଇକ୍‌କୁ ଧକ୍କା ଦେଇଥିଲା। ଏଥିରେ ସେମାନେ ଛିଟିକି ପଡ଼ିଥିବାବେଳେ ଦୁର୍ଘଟଣା ଘଟାଇଥିବା ଗାଡ଼ିକୁ ନେଇ ଡ୍ରାଇଭର ଫେରାର ହୋଇଯାଇଥିଲେ। ଖବର ପାଇ ରେଢ଼ାଖୋଲ ଥାନା ପୋଲିସ ପହଞ୍ଚି ଉଭୟଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ସ୍ଥାନୀୟ ଡାକ୍ତରଖାନା ନେଇଥିଲେ। ସେଠାରେ ଡାକ୍ତର ମଞ୍ଜୁ ଓ ମନୋଜଙ୍କୁ ମୃତ ଘୋଷଣା କରିଥିଲେ। ସୋମବାର ଉଭୟଙ୍କ ଶବ ବ୍ୟବଚ୍ଛେଦ କରାଯିବ।



# ଆଜି କ'ଣ କେଉଁଠି

**ଭୁବନେଶ୍ୱର**
- ଲାଇବ୍ରେରୀ ମୁଭମେଣ୍ଟ ଓଡ଼ିଶା ପକ୍ଷରୁ ଧାରଣା, ସ୍ଥାନ: ଓଏଭିଏସ୍ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ଣ ୧୦ଟା।
- ରବି ରାୟ ଜନ୍ମ ଶତବାର୍ଷିକ ରାଜ୍ୟ ସମିତି ପକ୍ଷରୁ ଖବରଦାତା ସମ୍ମିଳନୀ, ସମୟ: ଲୋହିଆ ଏକାଡ଼େମୀ, ସମୟ: ପୂର୍ବାହ୍ଣ ୧୦ଟା ୩୦।
- ଫିଲ୍ମ ହେରିଟେଜ୍ ଫାଉଣ୍ଡେଶନ୍ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ପ୍ରେସ କ୍ଲବ୍, ସମୟ: ପୂର୍ବାହ୍ଣ ୧୦ଟା ୩୦।
- ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପକ୍ଷରୁ ବାର୍ଷିକ କ୍ରିଡ଼ା ଉତ୍ସବ କାର୍ଯ୍ୟକ୍ରମ, ସ୍ଥାନ: ୭ମ ବଟାଲିୟନ୍ ସ୍ପୋର୍ଟ ଗ୍ରାଉଣ୍ଡ, ଜୟଦେବ ବିହାର, ପ୍ଲଟ୍ ନଂ– ୧୫/୫, ସମୟ: ପୂର୍ବାହ୍ଣ ୧୧ଟା।
- ସୃଜନୀ ଅନୁଷ୍ଠାନ ଆନୁକୂଲ୍ୟରେ ନାରାୟଣ ଶିଶୁ ନାଟ୍ୟ ମହୋତ୍ସବ–୨୦୨୫, ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ସନ୍ଧ୍ୟା ୫ଟା ୩୦।
- ଦିବ୍ୟଦିଗନ୍ତ ସାମାଜିକ ଅନୁଷ୍ଠାନ ପକ୍ଷରୁ ଔଷଧୀୟ ଚାରା ପ୍ରଦର୍ଶନ, ସ୍ଥାନ: ସୂଚନା ଭବନ, ସମୟ: ସନ୍ଧ୍ୟା ୬ଟା।

**କଟକ**
- ଜିଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି, ସ୍ଥାନ: ଡମପଡ଼ା ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ଣ ୧୦ଟା।

**ପୁରୀ**
- ସଂସଦ ଖେଳ ମହୋତ୍ସବର ଉଦ୍‌ଘାଟନୀ ଉତ୍ସବ, ସ୍ଥାନ: ପୁରୀ ଜିଲା ସ୍କୁଲ୍, ସମୟ: ପୂର୍ବାହ୍ଣ ୧୧ଟା।
- ରାଷ୍ଟ୍ରୀୟ ସନାତନ ଅଧିବେଶନ, ସ୍ଥାନ: ପୌରସଦନ, କଚେରୀ ରୋଡ୍, ସମୟ: ପୂର୍ବାହ୍ଣ ୧୧ଟା।
- ସଂକଳ୍ପ ଫାଉଣ୍ଡେଶନ ଟ୍ରଷ୍ଟ ପକ୍ଷରୁ ମାଣ୍ଡିଆ ଦିବସ ପାଳନ, ସ୍ଥାନ: ଆଶ୍ରମ ପରିସର, ଖଡ଼ିପଦା, ସମୟ ଅପରାହ୍ଣ ୩ଟା ୩୦।
- ପାଞ୍ଚ ତୀର୍ଥ ପରିକ୍ରମା ଭଜନ ସନ୍ଧ୍ୟା, ସ୍ଥାନ: ସିଦ୍ଧମହାବୀର ମନ୍ଦିର ସମ୍ମୁଖ, ସମୟ: ସନ୍ଧ୍ୟା ୬ଟା।

**ବାଲେଶ୍ୱର**
- ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ଜନ୍ମଦିନ ଉପଲକ୍ଷେ ବିଶାଳ ରକ୍ତଦାନ ଶିବିର, ସ୍ଥାନ: ଡାକବଙ୍ଗଳା ପରିସର, ନୀଳଗିରି, ଔପଦା ଡିଗ୍ରୀ କଲେଜ, ଔପଦା, ମନୀଷା ଜିଏନ୍ଏମ୍ କଲେଜ, ଖନ୍ତାପଡ଼ା, ସମୟ: ପୂର୍ବାହ୍ଣ ୯ଟା।
- ଆଣ୍ଟି ରାଗିଂ ସମ୍ପର୍କିତ କର୍ମଶାଳା, ସ୍ଥାନ: ନୀଳମଣି ମହାବିଦ୍ୟାଳୟ, ରୂପସା, ବାଲେଶ୍ୱର, ସମୟ: ପୂର୍ବାହ୍ଣ ୧୦ଟା।
- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ବ୍ଲକ କାର୍ଯ୍ୟାଳୟ, ରେମୁଣା, ସମୟ: ପୂର୍ବାହ୍ଣ ୧୦ଟା।
- ଜାତୀୟ ସାମ୍ବାଦିକ ଦିବସ ଉପଲକ୍ଷେ ଯୁକ୍ତ୨ ଓ ଯୁକ୍ତ ୩ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବକ୍ତୃତା ପ୍ରତିଯୋଗିତା, ଶୀର୍ଷକ 'ମୁଁ ବି ହେବି ସାମ୍ବାଦିକ', ସ୍ଥାନ: ଆର୍‌ଆଇଏଚ୍‌ଏସ୍ ମହାବିଦ୍ୟାଳୟ, ଭୋଗରାଇ, ସମୟ: ପୂର୍ବାହ୍ଣ ୧୧ଟା।

**ଭଦ୍ରକ**
- ମିଳିତ ଜନଶୁଣାଣି ଶିବିର, ସ୍ଥାନ: ବ୍ଲକ ସଭାଗୃହ, ଚାନ୍ଦବାଲି, ସମୟ: ପୂର୍ବାହ୍ଣ ୧୦ଟା।

**କେନ୍ଦୁଝର**
- ସାଧାରଣ ଅଭିଯୋଗ ଶୁଣାଣି, ସ୍ଥାନ: ଚମ୍ପୁଆ ବ୍ଲକ୍, ସମୟ: ପୂର୍ବାହ୍ଣ ୧୦ଟା ୩୦।
- ସ୍ୱପ୍ନେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଭଜନ ଓ ସତ୍‌ସଙ୍ଗ, ସ୍ଥାନ: ଶାଳନିଆଁ, ହାଟଡ଼ିହୀ, ସମୟ: ସନ୍ଧ୍ୟା ୫ଟା।

**ମୟୂରଭଞ୍ଜ**
- ପଦଯାତ୍ରା, ସ୍ଥାନ: ବିର୍ସା ମୁଣ୍ଡା ପାର୍କ, ରାଇରଙ୍ଗପୁର, ସମୟ: ସକାଳ ୭ଟା।
- ମିଳିତ ଜନଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ରାଇରଙ୍ଗପୁର, ସମୟ: ପୂର୍ବାହ୍ଣ ୧୦ଟା।
- ସଂଗୀତା କ୍ରିଏଟିଭ୍ ପ୍ରତିଯୋଗିତା,ସ୍ଥାନ:ଚିତ୍ରଡ଼ା ଜବାହର ସରକାରୀ ଉଚ୍ଚ ବିଦ୍ୟାଳୟ, ମୋରଡ଼ା,ସମୟ:ପୂର୍ବାହ୍ଣ ୧୧ଟା।

**ଗଞ୍ଜାମ**
- ହିଞ୍ଜିଳିକାଟୁ ବିଜେଡି ପକ୍ଷରୁ ସାଧାରଣ ସଭା, ସ୍ଥାନ: ବସଷ୍ଟାଣ୍ଡ ହିଞ୍ଜିଳିକାଟୁ, ସମୟ: ପୂର୍ବାହ୍ଣ ୧୧ଟା।

**କନ୍ଧମାଳ**
- ଜିଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି, ସ୍ଥାନ: ଦାରିଙ୍ଗବାଡ଼ି ବ୍ଲକ୍ ସଭାଗୃହ, ସମୟ: ପୂର୍ବାହ୍ଣ ୧୦ଟା।

**ଢେଙ୍କାନାଳ**
- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ଭୁବନ ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ଣ ୧୦ଟା।
- ସୋମନାଥ ଜ୍ୟୋତିର୍ଲିଙ୍ଗ ଦର୍ଶନ ଓ ରୁଦ୍ରାଭିଷେକ, ସ୍ଥାନ: ଢେଙ୍କାନାଳ ରାଜବାଟୀ, ସମୟ: ସନ୍ଧ୍ୟା ୫ଟା।

**ଜଗତ୍‌ସିଂହପୁର**
- ପାରାଦୀପ ଆଦର୍ଶଥାନା ପକ୍ଷରୁ ଛାତ୍ରୀଛାତ୍ରଙ୍କୁ ନେଇ ସାଇବର ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ପାରାଦୀପ କଲେଜ, ସମୟ: ପୂର୍ବାହ୍ଣ ୧୦ଟା।
- କଳିଙ୍ଗ ବାଲିଯାତ୍ରା ମହୋତ୍ସବ ୨୦୨୫ର ଉଦ୍‌ଯାପନୀ ସଭା, ସ୍ଥାନ: ବାଲିଯାତ୍ରା ମଞ୍ଚ, ବତୀଘର ପାଖ ବେଳାଭୂମି, ପାରାଦୀପ, ସମୟ: ସନ୍ଧ୍ୟା ୬ଟା।

**କେନ୍ଦ୍ରାପଡ଼ା**
- ରାଷ୍ଟ୍ରୀୟ ଏକତା ପଦଯାତ୍ରା, ସ୍ଥାନ: କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ, ତିନିମୁହାଣୀ, କେନ୍ଦ୍ରାପଡ଼ା ସହର, ସମୟ: ସକାଳ ୮ଟା।
- ଜିଲାସ୍ତରୀୟ ପ୍ରଶାସନିକ ଜନଶୁଣାଣି ଶିବିର, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ, ରାଜକନିକା, ସମୟ: ପୂର୍ବାହ୍ଣ ୧୦ଟା।
- ଖବରଦାତା କରୁଣାକର କରଙ୍କ ସ୍ମୃତି ସଭା, ସ୍ଥାନ: ଦୁମୁକାହାଟ, ଡେରାବିଶ, ସମୟ: ପୂର୍ବାହ୍ଣ ୧୦ଟା।
- ଦିଶା ବୈଠକ, ସ୍ଥାନ: ଡିଆରଡିଏ ସଭାଗୃହ, କେନ୍ଦ୍ରାପଡ଼ା ସହର, ସମୟ: ଅପରାହ୍ଣ ୨ଟା।

**ଯାଜପୁର**
- ଜିଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ମିଳିତ ଅଭିଯୋଗ ଶୁଣାଣି, ସ୍ଥାନ: ଧର୍ମଶାଳା ବ୍ଲକ୍ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ଣ ୧୦ଟା।
- ପଞ୍ଚାୟତସ୍ତରୀୟ ମିଳିତ ଜନଶୁଣାଣି ଶିବିର, ସ୍ଥାନ: ବରୀ ବ୍ଲକ୍ ଅଧୀନ ବାଲିବିଲ ରାଜୀବ ଗାନ୍ଧୀ ସେବାକେନ୍ଦ୍ର ପରିସର, ସମୟ: ପୂର୍ବାହ୍ଣ ୧୦ଟା।

**ନୟାଗଡ଼**
- ସାଇବର ଠକେଇ ଉପରେ ସଚେତନତା, ସ୍ଥାନ:ନୟାଗଡ ବ୍ଲକ ଇଟାମାଟି ଇନ୍‌ଡୋର ଷ୍ଟାଡିୟମ, ସମୟ: ପୂର୍ବାହ୍ଣ ୧୦ଟା।

**ରାୟଗଡ଼ା**
- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ପଦ୍ମପୁର ପଞ୍ଚାୟତ ସମିତି କାର୍ଯ୍ୟାଳୟ, ସମୟ: ପୂର୍ବାହ୍ଣ ୧୦ଟା।

**ନବରଙ୍ଗପୁର**
- ଜିଲାପାଳ, ଏସ୍‌ପିଙ୍କ ଯୁଗ୍ମ ଜନଶୁଣାଣି, ସ୍ଥାନ: ନନ୍ଦାହାଣ୍ଡି ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ଣ ୧୧ଟା।
- ବାଲ୍ୟବିବାହ ନିରାକରଣ ଦିଗରେ ସ୍ୱତନ୍ତ୍ର ଅଭିଯାନ, ସ୍ଥାନ: ନନ୍ଦାହାଣ୍ଡି ବ୍ଲକ ସିନ୍ଧିଗୁଡ଼ା ପଞ୍ଚାୟତର ଦଳେଇଗୁଡ଼ା ଗ୍ରାମ, ସମୟ: ଅପରାହ୍ଣ ୨ଟା।
- ମୁଖ୍ୟମନ୍ତ୍ରୀ ମକା ମିଶନ ସମୀକ୍ଷା ବୈଠକ, ସ୍ଥାନ: ଆଶୋକ ମେହେଟ୍ଟା ସମ୍ମିଳନୀ କକ୍ଷ, ସମୟ ଅପରାହ୍ଣ ୪ଟା।

**କୋରାପୁଟ**
- ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା, ସ୍ଥାନ: ଉଚ୍ଚ ବିଦ୍ୟାଳୟ ପଡ଼ିଆ, ନନ୍ଦପୁର, ସମୟ: ସକାଳ ୮ଟା ୪୦।
- ଜିଲାସ୍ତରୀୟ ମିଳିତ ଜନଶୁଣାଣି ଶିବିର ଓ କ୍ଷେତ୍ର ପରିଦର୍ଶନ, ସ୍ଥାନ: ପଞ୍ଚାୟତ ସମିତି ବୈଠକ ଗୃହ, କୁନ୍ଦୁରା, ସମୟ: ପୂର୍ବାହ୍ଣ ୧୦ଟା।
- ବ୍ଲକ୍‌ସ୍ତରୀୟ ପରବ ପ୍ରସ୍ତୁତି ବୈଠକ, ସ୍ଥାନ: ବ୍ଲକ୍ କାର୍ଯ୍ୟାଳୟ ପରିସର ସଭାଗୃହ, ପଟ୍ଟାଙ୍ଗି, ସମୟ: ପୂର୍ବାହ୍ଣ ୧୧ଟା।

**ମାଲକାନଗିରି**
- ବ୍ଲକ୍‌ସ୍ତରୀୟ ମତ୍ସ୍ୟ ଓ ପ୍ରାଣି ସମ୍ପଦ ମେଳା, ସ୍ଥାନ: ପଡ଼ିଆ ବ୍ଲକ ସଦର ମହକୁମା କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ଣ ୧୦ଟା।

**ସମ୍ବଲପୁର**
- ଜିଲା ପ୍ରଶାସନର ମିଳିତ ଜନ ଶୁଣାଣୀ କାର୍ଯ୍ୟକ୍ରମ, ସ୍ଥାନ: ବାମରା ବ୍ଲକ, ସମୟ: ପୂର୍ବାହ୍ଣ ୧୦ଟା।
- ଶ୍ରୀଅନ୍ନ ଅଭିଯାନରେ କୃଷକ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଯୁଯୋମୁରା ନିକଟସ୍ଥ ବୁରୁବେର୍ଣ୍ଣ ଗ୍ରାମ, ସମୟ: ପୂର୍ବାହ୍ଣ ୧୦ଟା।

**ରାଉରକେଲା**
- ଆଦର୍ଶ ଯୁବ ପରିଷଦ ପକ୍ଷରୁ ଶିଶୁ ମହୋତ୍ସବର ଉଦ୍‌ଯାପନୀ ସମାରୋହ ପାଳନ, ସ୍ଥାନ: ସେକ୍ଟର–୭, ସମୟ: ସକାଳ ୮ଟା।
- ଅଲ୍ ଇଣ୍ଡିଆ ଗାର୍ଡ କାଉନସିଲ୍ ପକ୍ଷରୁ ପ୍ରସ୍ତୁତି ବୈଠକ, ସ୍ଥାନ: ରାଉରକେଲା ଷ୍ଟେଶନ ଗାର୍ଡ଼ ରୁମ୍, ସମୟ: ସକାଳ ୯ଟା।
- ସମ୍ବିଧାନ ମହୋତ୍ସବ, ସ୍ଥାନ: ସେକ୍ଟର–୧୭ ଛକ, ସମୟ: ପୂର୍ବାହ୍ଣ ୧୦ଟା।

**ସୁନ୍ଦରଗଡ଼**
- ଜିଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣୀ ଶିବିର, ସ୍ଥାନ: ଲେଫ୍ରିପଡା ବ୍ଲକ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ଣ ୧୦ଟା ୩୦।

**ବରଗଡ଼**
- ଧାନବିକ୍ରି ପଞ୍ଜୀକରଣରୁ ବଞ୍ଚିତ ଚାଷୀଙ୍କ ବିକ୍ଷୋଭ,ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ, ବରଗଡ଼,ସମୟ: ପୂର୍ବାହ୍ଣ ୧୦ଟା ୩୦।
- ଜିଲା ଧାନ ସଂଗ୍ରହ କମିଟି ବୈଠକ, ସ୍ଥାନ:ସମ୍ମିଳନୀ କକ୍ଷ, ଜିଲାପାଳଙ୍କ କାର୍ଯ୍ୟାଳୟ, ବରଗଡ଼, ସମୟ: ପୂର୍ବାହ୍ଣ ୧୧ଟା
- ଜନ ନାୟକ ସ୍ୱର୍ଗତ ଦଣ୍ଡପନ୍ତ ଠେଙ୍ଗଡିଙ୍କ ଜୟନ୍ତୀ ସମାରୋହ, ସ୍ଥାନ: ଜିଲା ବରିଷ୍ଠ ନାଗରିକ ସଂଘ, ବରଗଡ଼, ସମୟ: ସନ୍ଧ୍ୟା ୫ଟା।

**କଳାହାଣ୍ଡି**
- ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ:ଲାଞ୍ଜିଗଡ଼ ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ସମୟ:ପୂର୍ବାହ୍ଣ ୧୦ଟା।
- ମହାବୀର ମହୋତ୍ସବର ତୃତୀୟ ସନ୍ଧ୍ୟା, ସ୍ଥାନ:ଭବାନୀପାଟଣା ମହାବୀର ସାଂସ୍କୃତିକ ଅନୁଷ୍ଠାନ, ସମୟ:ଅପରାହ୍ଣ ୪ଟା।

**ବୌଦ୍ଧ**
- ବଜରଙ୍ଗ ଦଳ ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: ବୌଦ୍ଧ ବ୍ଲଡ ବ୍ୟାଙ୍କ, ସମୟ: ସକାଳ ୯ଟା।
- ଜିଲାପାଳଙ୍କ ଯୁଗ୍ମ ଜନଶୁଣାଣି ଶିବିର, ସ୍ଥାନ: ହରଭଙ୍ଗା ପଞ୍ଚାୟତ ସମିତି କାର୍ଯ୍ୟାଳୟ, ଚାରିଛକ, ସମୟ: ପୂର୍ବାହ୍ଣ ୧୦ଟା।

**ଦେବଗଡ଼**
- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି, ସ୍ଥାନ: ତିଲେଇବଣୀ ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ଣ ୧୦ଟା।

**ସୁବର୍ଣ୍ଣପୁର**
- ସୋନପୁର ବ୍ଲକ ମଲ୍ଲିକମୁଣ୍ଡାରେ ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ପଞ୍ଚାୟତ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ଣ ୧୦ଟା।
- ଜିଲାପାଳ ଓ ଏସ୍‌ପିଙ୍କ ମିଳିତ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ଡୁଙ୍ଗୁରିପାଲି ବ୍ଲକ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ଣ ୧୦ଟା ୩୦।

**ନୂଆପଡ଼ା**
- ମନ୍ଦିର ପ୍ରତିଷ୍ଠା ଉପଲକ୍ଷେ ଷୋହଳ ପ୍ରହର ଅଖଣ୍ଡ ନାମଯଜ୍ଞ ପୂର୍ଣ୍ଣାହୂତି ଓ ମନ୍ଦିର ପ୍ରବେଶ, ସ୍ଥାନ: ଖଡିଆଳ ବ୍ଲକ ଚଚରାଭଟା ଗାଁ, ସମୟ: ସକାଳ ୯ଟା ୧୦।

**ଝାରସୁଗୁଡ଼ା**
- ଜିଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ, ସ୍ଥାନ :ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ, ବନ୍ଧବାହାଳ ଗ୍ରାମପଞ୍ଚାୟତ, ଲଖନପୁର,ସମୟ: ପୂର୍ବାହ୍ଣ ୧୦ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ପରିସ୍ଥିତିବଶତଃ ଶାରୀରିକ ଅସୁସ୍ଥତା ମଧ୍ୟରେ କାମ କରିବାକୁ ବାଧ୍ୟ ହେବେ। ପରିବାର, ଯାନବାହନ, ପରିବହନ ଏବଂ ବାଣିଜ୍ୟ ତଥା ଶିଳ୍ପ କ୍ଷେତ୍ରରେ ଶିଥିଳତା ଦେଖାଦେବ। ବିଗତ ଦିନର ସମସ୍ୟା ସମାଧାନ ସକାଶେ ବିଭିନ୍ନ ଚିନ୍ତା ମନକୁ ଆନ୍ଦୋଳିତ କରିବ। ଖଳ ଲୋକଙ୍କ କଥାକୁ ସତ ମଣି ଦ୍ୱିଜା ନକ୍ଷତ୍ର ଘର ଲୋକଙ୍କୁ ଭୁଲ୍ ବୁଝିପାରନ୍ତି।

**ବୃଷ** ଆଜିର ଯାତ୍ରା ସମୟରେ ଅପରିଚିତ ବ୍ୟକ୍ତିଙ୍କଠାରୁ ଦୂରେଇ ରହିବା ଭଲ। ଅନ୍ୟମନସ୍କ ହେତୁକ କୌଣସି ଭୁଲ୍ କାମ କରି ଅନୁତପ୍ତ ହୋଇପାରନ୍ତି। ହାତକୁ ନେଇଥିବା ଅସମ୍ପୂର୍ଣ୍ଣ କାମକୁ ଆତ୍ମୀୟଙ୍କ ସହାୟତାରେ ସମ୍ପୂର୍ଣ୍ଣ କରିବେ। କୃତ୍ତିକା ନକ୍ଷତ୍ର ସକାଶେ ବ୍ୟବସାୟ ଓ ବାଣିଜ୍ୟ କ୍ଷେତ୍ର ମନ୍ଦ ହେବନି ତଥାପି ରୋଜଗାରଠାରୁ ଖର୍ଚ୍ଚ ବଳିଯିବ।

**ମିଥୁନ** କୌଣସି କ୍ଷେତ୍ରରେ ତରବରିଆ ପଦକ୍ଷେପ ନେଲେ ଅସୁବିଧାରେ ପଡିବେ। ଦୀର୍ଘଦିନର ଆଶା ଫଳବତୀ ହେବାରେ ପୁନର୍ବସୁ ନକ୍ଷତ୍ରର କୌଣସି ଅସୁବିଧା ରହିବ ନାହିଁ। କିନ୍ତୁ ବିବାଦୀୟ ପରିସ୍ଥିତି କିମ୍ବା ମାଲିମକଦ୍ଦମାରେ ସଫଳତା ପାଇବେ ନାହିଁ। ଉଚ୍ଚ ପଦାଧିକାରୀଙ୍କ ନିକଟରେ ନିଜର ମନର ଭାବକୁ ପ୍ରକାଶ କରିବାରେ ପଛେଇ ଯିବେ।

**କର୍କଟ** ପରୋକ୍ଷ ଶତ୍ରୁତା କାରଣରୁ କାର୍ଯ୍ୟ ସାଧନରେ ନିଜ ଲୋକମାନଙ୍କ ତରଫରୁ ସହଯୋଗ ପାଇବେନି। ଯାନବାହନ, ବ୍ୟବସାୟ ଓ ବାଣିଜ୍ୟରୁ ଲାଭବାନ ହେବେ। ନିର୍ମାଣାଧୀନ ଗୃହ, ରାସ୍ତାକାମ, ହଠାତ୍ କିଛିଦିନ ସକାଶେ ଅଟକି ରହି ଯାଇପାରେ। ଲେଖାପଢ଼ା, ଆଲୋଚନା, ଚୁକ୍ତିପତ୍ର କ୍ଷେତ୍ରରେ ସୁଫଳ ପାଇବେ।

**ସିଂହ** ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଘଟିବା କାରଣରୁ ମନ ଏକ ପ୍ରକାର ହାଲୁକା ହୋଇଯିବ। ଉତ୍ତରାଫାଲଗୁନୀ ନକ୍ଷତ୍ର ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ବିଶେଷ ଉନ୍ନତି କରିବେ। କୌଣସି ଗୃହ, ଜମିଜମା ସମ୍ବନ୍ଧୀୟ ବିଷୟରେ ଯୋଗାଯୋଗ କଲେ ଅବଶ୍ୟ ଉପକୃତ ହେବେ। ଧାର କରଜ କରି ଆବଶ୍ୟକତା ପୂରଣ କରିବା ପାଇଁ ମନସ୍ଥ କରିପାରନ୍ତି।

**କନ୍ୟା** ବିଭିନ୍ନ ପ୍ରକାର କାମରେ ଅନୁପ୍ରବେଶ କରି ମନକୁ ଭାରାକ୍ରାନ୍ତ କରିପାରନ୍ତି। କର୍ମ କ୍ଷେତ୍ରରେ ଏକ ସାଧାରଣ ଘଟଣାରେ ଉଚ୍ଚବାଚ ଓ ବିତର୍କ ଘଟିପାରେ। ଖର୍ଚ୍ଚଭାର ଯୋଗୁ ଚିନ୍ତାପ୍ରକଟ କରିବେ କିନ୍ତୁ କୌଣସି ଉପାୟ ପାଇବେ ନାହିଁ। ଉତ୍ତରାଫାଲଗୁନୀ ନକ୍ଷତ୍ର ପଡ଼ୋଶୀଙ୍କ ସହ ସୁସମ୍ପର୍କ ରକ୍ଷା କରିବାରେ ସମର୍ଥ ହେବେ।

**ତୁଳା** ଆଶା କରୁଥିବା ଦିଗରୁ ଅର୍ଥ ପାଇବେ କିନ୍ତୁ ଏଥିପାଇଁ କଷ୍ଟ ସ୍ୱୀକାର କରିବାକୁ ପଡ଼ିବ। ବନ୍ଧୁମାନଙ୍କ ଆଚରଣରେ ଅସନ୍ତୁଷ୍ଟ ରହିପାରନ୍ତି। ପରିବାରର ଆବଶ୍ୟକତା ପୂରଣ କରିବା ସକାଶେ ପର ପାଖରେ ମୁଣ୍ଡ ନୁଆଁଇବାକୁ ବାଧ୍ୟ ହେବାକୁ ପଡିପାରେ। ବିଶାଖା ନକ୍ଷତ୍ର ସାଂସ୍କୃତିକ କାର୍ଯ୍ୟରେ ନିଜକୁ ନିୟୋଜିତ କରିପାରନ୍ତି।

**ବିଛା** କୌଣସି କାର୍ଯ୍ୟସାଧନ କ୍ଷେତ୍ରରେ ଟେନ୍ସନ ଲାଗି ରହିବାରୁ ମାନସିକ ସ୍ଥିତି ଠିକ୍ ରହିବ ନାହିଁ। କାରବାର ବୃଦ୍ଧି ହେତୁ ଆର୍ଥିକ ସ୍ୱଚ୍ଛଳତା ଫେରିଆସିବ। ଅନୁରାଧା ନକ୍ଷତ୍ର ଆଧ୍ୟାତ୍ମିକ ଭାବଧାରାରେ ଉଦ୍‌ବୁଦ୍ଧ ହେବାରେ ଗୁରୁଜନଙ୍କ ପୃଷ୍ଠପୋଷକତା ରହିବ। ସଭାସମିତିରେ ଆଲୋଚନା ପରିପ୍ରେକ୍ଷୀରେ ସ୍ୱାମୀଙ୍କ ସହ ଏକମତ ହେବାକୁ ବାଧ୍ୟ ହେବେ।

**ଧନୁ** ଆପଣଙ୍କର ପରାମର୍ଶ ବନ୍ଧୁଙ୍କ ମନକୁ ବେଶ୍ ପାଇବ। ପ୍ରକାଶନ, ଏଜେନ୍ସି, ଗଣମାଧ୍ୟମ, ବେତାର, ଆଇନ ଅଦାଲତ କ୍ଷେତ୍ରରେ ଶୁଭଫଳ ପାଇପାରନ୍ତି। ଉପରିସ୍ଥଙ୍କ ନିର୍ଦ୍ଦେଶରେ ହଠାତ୍ ଯାତ୍ରା କରିବାକୁ ପଡ଼ିପାରେ। ମୂଳା ନକ୍ଷତ୍ର ପ୍ରତିଯୋଗିତାରେ ସଫଳତା ହାସଲ କରିବା ସହ ବିବାଦୀୟ ଘଟଣାରେ ବିଜୟୀ ହେବେ।

**ମକର** କର୍ମକ୍ଷେତ୍ରରେ ଲୋକସମ୍ପର୍କ ବୃଦ୍ଧି ସକାଶେ ନୂତନ ଉପାୟ ଖୋଜିବାରେ ସମର୍ଥ ହେବେ। ଧନିଷ୍ଠା ନକ୍ଷତ୍ର ପ୍ରତୀକ୍ଷା କରିଥିବା ଖବର ପାଇ ଖୁସି ହେବେ। ପାରିବାରିକ ସମସ୍ୟା ଭିତରେ ପିଲାଙ୍କ ବିଷୟ, ଛୋଟଜାତିର ବ୍ୟକ୍ତିଙ୍କ ସହ କଳହ, ହଜି ଯାଇଥିବା ଜିନିଷ ପାଇଁ ବ୍ୟସ୍ତତା ବଢ଼ିଯିବ। ଅଫିସରେ ଟେନ୍ସନରେ ରହିପାରନ୍ତି।

**କୁମ୍ଭ** ଆଜିର ଆନୁଷ୍ଠାନିକ କାମରେ ସମ୍ମାନନୀୟ ବ୍ୟକ୍ତି ସହାୟତା କରିବେ। ସାହିତ୍ୟ, ସାମ୍ବାଦିକତା ଓ ରଚନାତ୍ମକ କାମରେ ଉଚ୍ଚ ପ୍ରଶଂସା ପାଇବେ। କଥା କଟାକଟି କାରଣରୁ ପରିବାରରେ ଅଶାନ୍ତି ସୃଷ୍ଟି ହେବାର ସମ୍ଭାବନାକୁ ଏଡି ହେବ ନାହିଁ। ପୂର୍ବଭାଦ୍ରପଦ ନକ୍ଷତ୍ର ଆର୍ଥିକ ସ୍ଥିତି ସେତେଟା ଭଲ ନ ଥିଲେ ମଧ୍ୟ କୌଣସି କାମ ଅଟକିବ ନାହିଁ।

**ମୀନ** ସମସ୍ୟା ସମାଧାନ ସକାଶେ ବନ୍ଧୁଙ୍କ ସହ ଅଧିକାଂଶ ସମୟ ଆଲୋଚନା କରିପାରନ୍ତି। ଉତ୍ତରଭାଦ୍ରପଦ ନକ୍ଷତ୍ର ପଡ଼ୋଶୀଙ୍କ ସହାୟତାରେ ଖୋଜୁଥିବା ଜିନିଷଟି ପାଇ ଖୁସି ହୋଇଯିବେ। ବ୍ୟବସାୟ ଏବଂ ବାଣିଜ୍ୟ କ୍ଷେତ୍ରରେ ସମସ୍ୟା ମଧ୍ୟ ଦୂର ହୋଇଯିବ। ବନ୍ଧୁମିଳନରୁ ଆନନ୍ଦିତ ହେବେ ଓ ଆନୁଷ୍ଠାନିକ କାମରେ ବ୍ୟସ୍ତ ରହିବେ।

ଆଜି ନଭେମ୍ବର ୧୦ ତାରିଖ, ବିଶ୍ୱ ବିଜ୍ଞାନ ଦିବସ, ମାର୍ଗଶିର କୃଷ୍ଣ ଷଷ୍ଠୀ ସୋମବାର, ଶ୍ରୀକ୍ଷେତ୍ର ପଞ୍ଚକୋଶୀ ପରିକ୍ରମା, ଶଙ୍ଖକ୍ଷେତ୍ର ମହିମାଶ୍ରବଣ ଓ ପୂଜନ, ସିଦ୍ଧ ମହାବୀରଙ୍କ ନାଗାବେଶ। ରାଶିନକ୍ଷତ୍ର–ପୁନର୍ବସୁ/ମିଥୁନ, ଦିବା ଘ.୦୧.୦୪ ଗତେ କର୍କଟ, ଷଷ୍ଠୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୫.୫୬ ଗତେ ଘ.୦୭.୧୯ ମଧ୍ୟେ, ୦୮.୫୪ ଗତେ ଘ.୧୧.୦୮ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୦୮.୪୬ ଗତେ ଘ. ୧୦.୦୬ ମଧ୍ୟେ ରାହୁ କାଳ।

ପ୍ରଥମ ପୃଷ୍ଠାରୁ...

## ସରିଲା ପ୍ରଚାର...

ନାହିଁ। ଏହାକୁ ନେଇ ସ୍ଥାନୀୟ ମହଲରେ ଚାଲିଥିବା ଚର୍ଚ୍ଚା ମୁତାବକ, ରବିବାର ରାତିରୁ ମଙ୍ଗଳବାର ଭୋଟ ପ୍ରକ୍ରିୟା ଆରମ୍ଭ ଯାଏ ଦେଖିବାକୁ ମିଳିବ ଅସଲି ଖେଳ। କାରଣ ଏବେ ପ୍ରାୟ ଦେଢ଼ ଦିନ ସ୍ଥାନୀୟ ଅଞ୍ଚଳର ପଞ୍ଚାୟତସ୍ତରୀୟ ନେତାମାନେ ହିଁ ଯାହା କିଛି ସେମାନଙ୍କ ଦଳର ପ୍ରାର୍ଥୀଙ୍କ ସପକ୍ଷରେ ଭୋଟ ଆସିବା ଲାଗି କାମ କରିବେ। ସ୍ଥାନୀୟ ମହଲରେ ଏବେ ଅନ୍ଧାରି ବିଜେ ବିଷୟକୁ ନେଇ ପ୍ରଚାର ଜୋର ଧରିବାରେ ଲାଗିଛି। ଏସବୁ ଭିତରେ ଅସାଧୁ କାରବାର ରୋକିବା ପାଇଁ ରାଜ୍ୟ ନିର୍ବାଚନ ଅଧିକାରୀ ଓ ଜିଲା ପ୍ରଶାସନ ପକ୍ଷରୁ କଡ଼ାକଡ଼ି ବ୍ୟବସ୍ଥା କରାଯାଇଛି।

ଦିନେକାଳେ ନୂଆପଡ଼ା ଯାଇ ନ ଥିବା ଏବଂ ସ୍ଥାନୀୟ ଅଞ୍ଚଳରେ ବୁଲି ଲୋକଙ୍କ ଦୁଃଖ ସୁଖ ବୁଝି ନ ଥିବା ରାଜ୍ୟର ଅନେକ ନେତା ଉପନିର୍ବାଚନ ପରିସ୍ଥିତି ସୃଷ୍ଟି ହେବାରୁ ନିଜ ଦଳ ପାଇଁ ପ୍ରଚାର କରିବାକୁ ନୂଆପଡ଼ା ଆସିଥିଲେ। ୨୦୨୪ ନିର୍ବାଚନ ପରେ ରାଜ୍ୟ ରାଜନୀତିରେ ଦୃଶ୍ୟପଟ ବଦଳି ଥିବାରୁ ନିଜ ଦଳକୁ ଲୋକଙ୍କ ନଜରରେ ଆଗକୁ ନେବା ପାଇଁ ବହୁ ନେତା ନୂଆପଡ଼ା ଭୋଟରଙ୍କ ସହ ପ୍ରାୟ ମାସେ ବ୍ୟାପୀ ସେମାନଙ୍କ ସୁଖଦୁଃଖରେ ସାମିଲ ହୋଇଥିଲେ। ସେହି ନେତାମାନଙ୍କୁ ମିଳିଥିବା ଦାୟିତ୍ୱର ସମୟ ସରିଯିବା ପରେ ସେମାନେ ନିଜ କର୍ତ୍ତବ୍ୟ କେତେ ଭଲ ଭାବେ ତୁଲାଇ ପାରିଛନ୍ତି ସେକଥା ଆସନ୍ତା ୧୪ ତାରିଖ ଉପନିର୍ବାଚନ ଫଳ ବାହାରିବା ପରେ ସ୍ପଷ୍ଟ ହୋଇଯିବ। ଅନେକ ନେତା ଏବେ ନୂଆପଡ଼ା ଛାଡ଼ିବା ପରେ ଏହାର ପାଖାପାଖି ଜିଲାର ହେଡକ୍ୱାର୍ଟର୍ସରେ ଡେରା ପକାଇବା ସହ ମନିଟରିଂ କରି ଭୋଟର ଯେପରି ଏପାଖ ସେପାଖ ନ ହୁଅନ୍ତି ସେଥିପାଇଁ କାର୍ଯ୍ୟକ୍ରମ ଆରମ୍ଭ କରି ଦେଇଛନ୍ତି। ତ୍ରିମୁଖୀ ପ୍ରତିଦ୍ୱନ୍ଦ୍ୱିତା ନେଇ ଚର୍ଚ୍ଚା ହେଉଥିବାବେଳେ ଭାଜପା,ବିଜେଡି ଓ କଂଗ୍ରେସ ନିଜର ପଞ୍ଚାୟତସ୍ତରର ନେତାମାନଙ୍କୁ ବାକି ସମୟ ଭଲ ଭାବେ ନିଜ ଅଞ୍ଚଳକୁ ଜଗିରଖିବା ପାଇଁ ବୁଝାଇ ଚାଲିଛନ୍ତି। ଏହି ଉପନିର୍ବାଚନରେ ରାଜ୍ୟର ୩ପ୍ରମୁଖ ଦଳ ସେମାନଙ୍କ ପ୍ରାର୍ଥୀ ଜିତିବା ସପକ୍ଷରେ ଯୁକ୍ତି ବାଢୁଛନ୍ତି। ପୂର୍ବରୁ ମଧ୍ୟ ପ୍ରକାଶ ପାଇଥିବା ଅନେକ ଚର୍ଚ୍ଚା ମୁତାବକ ପ୍ରଥମ ଥର ଶାସନ କ୍ଷମତାକୁ ଆସିଥିବା ଭାଜପା ପାଇଁ ଏହି ଉପନିର୍ବାଚନ ଏକପ୍ରକାର ଅଗ୍ନିପରୀକ୍ଷା ସଦୃଶ। କାରଣ ଏହି ଉପନିର୍ବାଚନରେ ବିଜୟୀ ହେଲେ ହିଁ ସରକାର ବିପକ୍ଷରେ ଜନମତ ନ ଥିବା ଏବଂ ବିଶ୍ୱାସ ବଢ଼ିଥିବା କଥା ଭାଜପା ରାଜ୍ୟବାସୀଙ୍କ ଆଗରେ ରଖିପାରିବ। ସେହିପରି ୨୪ ବର୍ଷ ପରେ ଶାସନରୁ ଯାଇଥିବା ବିଜେଡି ଯଦି ବିଜୟୀ ହୁଏ, ତେବେ ସରକାରଙ୍କ ଉପରେ ଲୋକଙ୍କ ଆସ୍ଥା ତୁଟିଗଲାଣି ବୋଲି କହି ସେମାନେ ନିଜ ପୁରୁଣା ସ୍ଥିତିକୁ ଫେରିବାର ବାର୍ତ୍ତା ଦେବା ନେଇ ଏକ ବାଟ ଫିଟାଇ ପାରିବେ। ସମାନ ଭାବେ କଂଗ୍ରେସ ଯଦି ଉତ୍ତମ ପ୍ରଦର୍ଶନ କରିବାରେ ସଫଳ ହେଲା,ତେବେ ଦୀର୍ଘ ଦିନ ଧରି ପ୍ରତ୍ୟାଖ୍ୟାତ ହୋଇଥିବା ଏହି ଦଳ ପାଇଁ ଲୋକଙ୍କ ମନରେ ପରିବର୍ତ୍ତନ ହୋଇଛି ବୋଲି ଏକ ବାର୍ତ୍ତା ଯାଇପାରେ। ତେବେ ଗଲା ୨୫ ଦିନ ଧରି ଖବର ସଂଗ୍ରହ କରିବା ମଧ୍ୟରେ ଉପରୋକ୍ତ ବିଭିନ୍ନ ଦଳର ନେତାମାନଙ୍କ ସହ ଅନେକ ସମୟରେ ଆଲୋଚନା କରିବା ଭିତରେ ମିଳିଥିବା ଅନୁଭୂତି ଅନୁଯାୟୀ, ପଛୁଆ ଜିଲା ଭାବେ ପରିଚିତ ନୂଆପଡ଼ାର ଭୋଟରଙ୍କ ମାନସିକତା ଉପନିର୍ବାଚନ ଭୋଟିଂକୁ ନେଇ କିପରି ରହିଛି ତାହା କେହି ହେଲେ ଠିକ୍ ଭାବେ ଆକଳନ କରିପାରୁ ନାହାନ୍ତି। ତେବେ ବର୍ତ୍ତମାନ ସମୟରେ ସବୁ ଦଳର ସ୍ଥାନୀୟ ନେତାଙ୍କ କାର୍ଯ୍ୟକଳାପ ଓ ଜିଲା ପ୍ରଶାସନର କଟକଣା ଉପରେ ବିଶେଷ ଦୃଷ୍ଟି ରହିବ।

ଅନ୍ୟପଟେ ବିଜେଡି ଓ ଭାଜପାରୁ ଟିକେଟ ପାଇ ନ ଥିବା ଅନେକ ସ୍ଥାନୀୟ ନେତା ସେମାନଙ୍କ ଦଳର ନେତୃମଣ୍ଡଳୀମାନଙ୍କର ଉପସ୍ଥିତି କାରଣରୁ କିଛି ଏପାଖ ସେପାଖ କରିବାର ସୁଯୋଗ ପାଇପାରି ନ ଥିଲେ। ହେଲେ ଏବେ ଯେତେବେଳେ ବାହାରୁ ଆସିଥିବା ନେତାମାନେ ଚାଲିଗଲେଣି, ସେହି ସମୟରେ ଟିକେଟ ଆଶାୟୀ ଥିବା ସମସ୍ତ ଅସନ୍ତୁଷ୍ଟ ନେତା ସେମାନଙ୍କ କର୍ମୀମାନଙ୍କ ଜରିଆରେ ନିଜ ଅସନ୍ତୋଷ ଜାହିର କରିବାର ସୁଯୋଗକୁ କିପରି ବ୍ୟବହାର କରୁଛନ୍ତି ତାକୁ ନେଇ ସବୁ ଦଳ ଭିତରେ ଏକ ପ୍ରକାର ଭାଳେଣି ପଡ଼ିଥିବା ଶୁଣିବାକୁ ମିଳୁଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅଳପ ଦୁହିଁଲେ ଗୋସେଇଁ ରୁଷେ,
ବହୁତ ଦୁହିଁଲେ ବାଛୁରୀ ରୁଷେ,
ପର ଗାଇଦୁହାଁ ମୋତେ ନ ଆସେ।**

ଗାଇ ଦୁହାଁଳି ବ୍ୟକ୍ତି ଗାଈଠାରୁ ଅଳ୍ପ କ୍ଷୀର ଦୁହିଁଲେ ଗାଈର ମାଲିକ ତା' ଉପରେ ଅସନ୍ତୁଷ୍ଟ ହୋଇଥାଏ। ସେମିତି ଗାଈଠାରୁ ବେଶି କରି କ୍ଷୀର ଦୁହିଁଲେ ବାଛୁରୀଟି ଖାଇବାକୁ ପାଇ ନ ଥାଏ। ଏ ପରିସ୍ଥିତିରେ ଗାଇ ଦୁହିଁଥିବା ବ୍ୟକ୍ତିଟି ଅତ୍ୟନ୍ତ ଧର୍ମ ସଙ୍କଟରେ ପଡ଼ିଯାଇଥାଏ। ପରୋକ୍ଷରେ ଦୁଇ ପକ୍ଷର ଲୋକଙ୍କ ମନକୁ ନେଇ ଚଳିବା ଆଦୌ ସହଜ ହେଉ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଅତି ନିର୍ଲଜ ଗୀତ ଗାଏ,
ଅତି ପୋଡ଼ାମୁହାଁ ନାଚି ଯାଏ।**

ଲୋକମାନଙ୍କର ବିଶ୍ୱାସ, ବେସରମ ଲୋକହିଁ ନାଚ ତାମସାରେ ମାତିଥାଏ। ପରୋକ୍ଷରେ ଯେଉଁମାନଙ୍କ ମୁହଁରେ ଲାଜସରମ ବୋଲି କିଛି ନ ଥାଏ ସେମାନଙ୍କୁ କହି କିଛି ଲାଭ ମିଳି ନ ଥାଏ। ଅଳାଜୁକ ଭାବେ ସେମାନେ ଯାହା ନାହିଁ ତାହା କରିବସୁଥିବା ଅର୍ଥରେ ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ



ରବିବାର ଅପରାହ୍ଣ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ବିଜେଡି, କଂଗ୍ରେସ...

ଓ ବର୍ତ୍ତମାନ ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ମନୋଜ ମିଶ୍ରଙ୍କ କୋମନାସ୍ଥିତ ବାସଭବନରେ ପୂର୍ବାହ୍ଣ ୧୦ଟାରେ ଆୟକର ବିଭାଗ ଅଧିକାରୀମାନେ ଚଢାଉ କରିଥିଲେ। ସେହିପରି ଯୁବ କଂଗ୍ରେସ ରାଜ୍ୟ ସାଧାରଣ ସମ୍ପାଦକ ତଥା ବ୍ୟବସାୟୀ ଅଙ୍କିତ ସିଂଘାଇଙ୍କ ଖରିଆରରୋଡ଼ସ୍ଥିତ ବାସଭବନରେ ଅପରାହ୍ଣ ପ୍ରାୟ ୩ଟାରେ ଆୟକର ବିଭାଗ ଅଧିକାରୀମାନେ ଚଢାଉ କରିଥିଲେ। ଉଭୟଙ୍କ ଘର ଉପରେ କାହିଁକି ଚଢାଉ କରାଗଲା ଓ କ'ଣ ସବୁ ଜବତ କରାଯାଇଛି, ତାହା ଅସ୍ପଷ୍ଟ ରହିଛି।

## ବଢୁଛି ଶୀତ...

ଓ ସର୍ବନିମ୍ନ ୧୭ଡିଗ୍ରୀ ରହିବ ବୋଲି ଆକଳନ କରାଯାଇଛି। ଅପରପକ୍ଷେ ଉତ୍ତର ଆଭ୍ୟନ୍ତରୀଣ ଓଡ଼ିଶାର ଜିଲାଗୁଡିକର କିଛି ସ୍ଥାନରେ ସର୍ବନିମ୍ନ ତାପମାତ୍ରା ପ୍ରାୟ ୪ ଡିଗ୍ରୀ ହ୍ରାସ ପାଇଛି। ସେହିପରି ଆଭ୍ୟନ୍ତରୀଣ ଓଡ଼ିଶା ଏବଂ ଉତ୍ତର ଉପକୂଳ ଓଡ଼ିଶାର ଜିଲାଗୁଡିକର କିଛି ସ୍ଥାନରେ ପ୍ରାୟ ୨ରୁ ୩ ଡିଗ୍ରୀ ତାପମାତ୍ରା ହ୍ରାସ ପାଇଛି। ଅପରପକ୍ଷେ ଆଗାମୀ ୨ରୁ ୩ ଦିନ ମଧ୍ୟରେ ସାଧାରଣ ତାପମାତ୍ରା ଆହୁରି ୨ରୁ ୩ ଡିଗ୍ରୀ ସେଲସିୟସ କମିବାର ସମ୍ଭାବନା ରହିଛି। ତେବେ ୧୫ତାରିଖ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ଜିଲାରେ ପାଗ ଶୁଖିଲା ରହିବ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

## ରାଜ୍ୟ ବାହାରେ...

ଛୋଟ ପିଲାଙ୍କୁ ମହିଳା ପାଠ ପଢ଼ାଉଥିଲେ। ହେଲେ ସ୍ୱାମୀ ପାସ୍‌ପୋର୍ଟ କରିବା ପାଇଁ ଭୁବନେଶ୍ୱର ଆସିଥିବା ବେଳେ ମହିଳାଙ୍କୁ ବଳାତ୍କାର ପରେ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଥିଲା। ସେହିପରି ଗତ ଅକ୍ଟୋବର ୧୦ ତାରିଖରେ ପଶ୍ଚିମବଙ୍ଗ ଦୁର୍ଗାପୁରରେ ବାଲେଶ୍ୱରର ଜଳେଶ୍ୱର ଅଞ୍ଚଳର ଜଣେ ଓଡ଼ିଆ ଛାତ୍ରୀଙ୍କୁ ଗଣବଳାତ୍କାର କରାଯାଇଥିଲା। ସ୍ଥାନୀୟ ମେଡିକାଲ କଲେଜରେ ସେ ପାଠ ପଢୁଥିଲେ। ଛାତ୍ରୀ ଜଣଙ୍କ ପୁରୁଷ ବନ୍ଧୁଙ୍କ ସହ କଲେଜ ବାହାରକୁ ରାତିରେ ଗୁପଚୁପ୍ ଖାଇବାକୁ ଯାଇଥିବା ବେଳେ କେତେଜଣ ଯୁବକ ଆସି ତାଙ୍କୁ ଟେକିନେଇ ଗଣବଳାତ୍କାର କରିଥିଲେ। ପୋଲିସ ତଦନ୍ତ ପରେ ଉକ୍ତ ଘଟଣାରେ ପୁରୁଷ ବନ୍ଧୁଙ୍କ ହାତ ଥିବା ଜଣାପଡ଼ିଥିଲା। ସେହିପରି ଗତ ବର୍ଷ ଜୁଲାଇରେ ବେଙ୍ଗାଲୁରୁରେ ଜଣେ ଓଡ଼ିଆ ଛାତ୍ରୀଙ୍କୁ ସ୍କୁଲରେ ବଳାତ୍କାର କରାଯାଇଥିଲା, ଯାହାକୁ ନେଇ ଭୁବନେଶ୍ୱରର ବିଭିନ୍ନ ସ୍ଥାନରେ ବିକ୍ଷୋଭ କରାଯାଇଥିଲା। ଗତ ବର୍ଷ ଦିଲ୍ଲୀରେ ମଧ୍ୟ ଜଣେ ଓଡ଼ିଆ ଯୁବତୀ ଗଣବଳାତ୍କାରର ଶିକାର ହୋଇଥିଲେ। ସେ ପରିବାର ଲୋକଙ୍କ ଉପରେ କୌଣସି କାରଣରୁ ରାଗିକି ଦିଲ୍ଲୀ ପଳାଇଯାଇଥିଲେ। ସେଠାରେ ଷ୍ଟେଶନରେ ରହିଥିବାବେଳେ ଜଣେ ଅଟୋ ଡ୍ରାଇଭର ଏବଂ ଅନ୍ୟମାନେ ତାଙ୍କୁ ଗଣବଳାତ୍କାର କରିଥିଲେ। ଗତବର୍ଷ ହାଇଦ୍ରାବାଦରେ ଏକ ପ୍ରେମୀଯୁଗଳଙ୍କୁ ମାଡ଼ ମାରିବା ସହ ପ୍ରେମିକାଙ୍କୁ ବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଥିଲା। ଏହିଭଳି ଓଡ଼ିଶାରୁ ଏକାଧିକ ଯୁବତୀ ବାହାର ରାଜ୍ୟକୁ ଯାଇ ନିର୍ଯାତନାର ଶିକାର ହେଉଥିବାବେଳେ ସେମାନଙ୍କ ସୁରକ୍ଷା ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଭରତପୁରରେ ରହୁଥିବା ମୋନାଲିସା ସାହୁ କହିଛନ୍ତି, ତାଙ୍କ ଝିଅ ଦିଲ୍ଲୀରେ ରହି ପାଠ ପଢୁଛି। ହେଲେ ଗତ କିଛିବର୍ଷ ହେବ ରାଜ୍ୟ ବାହାରେ ଯେଉଁଭଳି ମହିଳା ଓ ଛାତ୍ରୀମାନେ ଯୌନ ନିର୍ଯାତନାର ଶିକାର ହେଉଛନ୍ତି, ସେକଥା ଶୁଣିଲେ ଝିଅର ସୁରକ୍ଷା ନେଇ ଆମେ ସବୁବେଳେ ଚିନ୍ତାରେ ରହୁଛୁ। ଝିଅ ସହ ଗୋଟିଏ ଦିନ କଥା ନ ହେଲେ କିଛି ଅଘଟଣ ନ ହେଉ ବୋଲି ଭଗବାନଙ୍କୁ ଡାକୁଛୁ।

## ପ୍ରଭାବୀ ହେଉନି ଆନ୍ତଃରାଜ୍ୟ ଆଇପିଏସ୍ ସମ୍ମିଳନୀ

ଗତ ଦୁଇ ବର୍ଷରେ ବାହାର ରାଜ୍ୟରେ ୩୦ରୁ ଅଧିକ ମହିଳା ନିର୍ଯାତନାର ଶିକାର ହୋଇଛନ୍ତି। ପ୍ରତିବର୍ଷ ମହିଳାଙ୍କ ସୁରକ୍ଷା ପାଇଁ ଆନ୍ତଃରାଜ୍ୟ ଆଇପିଏସ୍ ସମ୍ମିଳନୀ କରାଯାଉଛି। ଏହି ସମ୍ମିଳନୀରେ ମହିଳାମାନେ କିଭଳି ଅନ୍ୟ ରାଜ୍ୟରେ ସୁରକ୍ଷା ପାଇବେ ସେନେଇ ଆଲୋଚନା କରାଯାଉଛି। ଆହୁରି ମଧ୍ୟ ରାଜ୍ୟ ରାଜ୍ୟ ଭିତରେ ସମନ୍ୱୟ ରଖି କାମ କରିବାକୁ କୁହାଯାଉଛି। କୌଣସି ରାଜ୍ୟରେ ଅନ୍ୟ ରାଜ୍ୟର ମହିଳାମାନେ ଅପରାଧର ଶିକାର ହେଲେ ତୁରନ୍ତ ସେଠାର ପୋଲିସକୁ ଜଣାଇବା ସହ ତଦନ୍ତ କରି ତ୍ୱରିତ ନ୍ୟାୟ ଦେବାକୁ କୁହାଯାଉଛି। କିନ୍ତୁ ବାସ୍ତବରେ ତାହା ସଫଳ ହେଉ ନ ଥିବା କିଛି ଦିନର ଘଟଣାକୁ ଦେଖିଲେ ଜଣାପଡୁଛି। ତେବେ ଏନେଇ କ୍ରାଇମବ୍ରାଞ୍ଚ ଡିଜି ବିନୟତୋଷ ମିଶ୍ର କହିଛନ୍ତି, ବାହାର ରାଜ୍ୟରେ ଓଡ଼ିଶାର କୌଣସି ମହିଳା ନିର୍ଯାତନାର ଶିକାର ହେଲେ ଆମେ ତୁରନ୍ତ ଉକ୍ତ ରାଜ୍ୟର ପୋଲିସ ଡିଜିଙ୍କ ସହ ଯୋଗାଯୋଗ କରୁଛୁ। ଆହୁରି ମଧ୍ୟ ପୀଡ଼ିତାଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିବା ସହ ଅଭିଯୁକ୍ତଙ୍କୁ ଗିରଫ ପାଇଁ କହୁଛୁ। ରାଜ୍ୟ ବାହାରେ ମହିଳାଙ୍କ ଉପରେ ଘଟୁଥିବା ଘଟଣା ଉପରେ ନଜର ରଖୁଛୁ ବୋଲି ମିଶ୍ର କହିଛନ୍ତି।

## ଦିନକ ପରେ ୧୨୨...

ବିରୋଧୀ ଇଣ୍ଡିଆ ବ୍ଲକ୍ ନୀତିଶଙ୍କଠାରୁ କ୍ଷମତା ଛଡ଼ାଇ ଆଣିବା ପାଇଁ ରଣନୀତି ପ୍ରୟୋଗ କରିଛି। ଗତ ନିର୍ବାଚନରେ ସବୁଠୁ ବଡ଼ ଦଳ ଭାବେ ଉଭା ହେବା ସତ୍ତ୍ୱେ ରାଷ୍ଟ୍ରୀୟ ଜନତା ଦଳ(ଆର୍‌ଜେଡି) ସରକାର ଗଢ଼ିବାକୁ ସୁଯୋଗ ପାଇ ନ ଥିବାରୁ ବିରୋଧୀ ଦଳ ନେତା ତେଜସ୍ୱୀ ଯାଦବ ଏଥର କୌଣସି ସୁଯୋଗ ହାତଛଡ଼ା କରିବାକୁ ଚାହିଁନାହାନ୍ତି। କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ବିଳମ୍ବିତ ନିର୍ବାଚନ ପ୍ରଚାର ତାଙ୍କ ଦଳକୁ ସୁଫଳ ଦେଇ ନ ପାରେ ବୋଲି କୁହାଯାଉଛି। ନିର୍ବାଚନ ରଣନୀତିକାରରୁ ରାଜନେତା ପାଲଟିଥିବା ପ୍ରଶାନ୍ତ କିଶୋର ନିଜେ ଲଢୁ ନ ଥିଲେ ବି ତାଙ୍କ ଜନ ସୁରାଜ ପାର୍ଟିର ପ୍ରାର୍ଥୀମାନଙ୍କ ପାଇଁ ଯଥାସାଧ୍ୟ ପ୍ରଚାର କରିଛନ୍ତି। ତାଙ୍କ ଦଳକୁ ବିଶେଷ ସଫଳତା ମିଳିବ ନାହିଁ, କିନ୍ତୁ ଭୋଟ ବିଭାଜନରେ ସେ ନିର୍ଣ୍ଣାୟକ ହୋଇପାରନ୍ତି ବୋଲି ରାଜନୈତିକ ପଣ୍ଡିତମାନେ ମତ ଦେଇଛନ୍ତି। ଏଥର ନିର୍ବାଚନରେ ପ୍ରଥମ ଥର ପାଇଁ ପରିବାରକୁ ବାଦ୍ ଦେଇ ଭାଗ୍ୟ ପରୀକ୍ଷା କରୁଛନ୍ତି ଆର୍‌ଜେଡି ମୁଖ୍ୟ ଲାଲୁ ଯାଦବଙ୍କ ବଡ଼ପୁଅ ତେଜସ୍ୱୀ ଯାଦବ। ତେବେ ତାଙ୍କ ପ୍ରଭାବ ଗୋଟିଏରୁ ୮ଟି ଆସନରେ ସୀମିତ ରହିପାରେ ବୋଲି ଅନୁମାନ କରାଯାଉଛି। ଗତ ନିର୍ବାଚନରେ ୫ ଆସନରେ ବିଜୟୀ ହୋଇଥିବା ହାଇଦ୍ରାବାଦ୍ ଏମ୍‌ପି ଅସାଦୁଦ୍ଦିନ ଓୱାଇସିଙ୍କ ଦଳ ଏଆଇଏମ୍‌ଆଇଏମ୍ ପୂର୍ବ ସଫଳତା ଦୋହରାଇ ନ ପାରେ ବୋଲି ଆକଳନ କରାଯାଉଛି।

ନିର୍ବାଚନ କମିଶନଙ୍କ ପକ୍ଷରୁ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ ପରେ ପ୍ରଥମ ଥର ନିର୍ବାଚନ ହେଉଥିବାରୁ ଏହାର ଫଳାଫଳ କେଉଁ ଆଡ଼କୁ ଯିବ ତାହା ଆସନ୍ତା ୧୪ରେ ସ୍ପଷ୍ଟ ହୋଇଯିବ। କିନ୍ତୁ ବର୍ତ୍ତମାନ ସବୁ ଦଳ ନିଜ ନିଜ ସପକ୍ଷରେ ସଫଳତା ଆସିବା ନେଇ ଦାବି କରୁଛନ୍ତି। ରବିବାର ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଏନ୍‌ଡିଏ ଏବଂ ମହାମେଣ୍ଟର ନେତାମାନେ ବିଭିନ୍ନ ନିର୍ବାଚନମଣ୍ଡଳୀରେ ରାଲି, ରୋଡ୍ ଶୋ' ଆଦି କରି ଭୋଟ ପୂର୍ବରୁ ଶେଷଥର ପାଇଁ ବଳ କଷିଛନ୍ତି। କେନ୍ଦ୍ରମନ୍ତ୍ରୀ ଶାହା, ରାଜନାଥ, ଶିବରାଜ ସିଂ ଚୌହାନ ଅନେକ ସ୍ଥାନରେ ସଭା କରିଥିବାବେଳେ ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଆରାରିଆର ସିକ୍ଟିରେ ଭାଜପାର ପ୍ରଚାର କରିଛନ୍ତି। କଂଗ୍ରେସ ପକ୍ଷରୁ ରାହୁଲ କିଷନଗଞ୍ଜ ଓ ପୂର୍ଣ୍ଣିଆରେ ମହାମେଣ୍ଟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରିଛନ୍ତି। ଜେଡିୟୁ ମୁଖ୍ୟ ନୀତିଶ ତାଙ୍କ ସରକାରଙ୍କ ଜନକଲ୍ୟାଣକାରୀ ଯୋଜନାଗୁଡ଼ିକୁ ଦେଖାଇ ମହିଳା ଭୋଟରଙ୍କୁ ପୁଣି ଟାଣିବାକୁ ଉଦ୍ୟମ କରିଛନ୍ତି।

## ଆମେରିକାରେ ଓଡ଼ିଆ...

ଚାଇଲ୍ଡଲାଇନ୍ ଦ୍ୱାରା ଉଦ୍ଧାର ହୋଇ ଅନାଥ ଆଶ୍ରମକୁ ଆସିଥିବା ଜାଣିବାକୁ ପାଇଥିଲେ। ତେବେ ୨୦୧୮ରେ ପୂଜାଙ୍କୁ ଏକ ଦମ୍ପତି ପୋଷ୍ୟକନ୍ୟା ଭାବେ ଗ୍ରହଣ କରି ନେଇଯାଇଥିଲେ। ଆମେରିକାକୁ ଯିବା ପରେ ତାଙ୍କ ନାମ ପୂଜାରୁ ସେଜଲ ଜୋହନ ହୋଇଥିଲା। ତେବେ ୨୦୨୩ରେ ସୋସିଆଲ୍ ମିଡିଆ ଜରିଆରେ ପୂଜାଙ୍କ ସହ ଅମରଙ୍କର ପୁଣି ଯୋଗାଯୋଗ ହୋଇଥିଲା। ପୂଜା ସେଠାରେ ଖୁସିରେ ନ ଥିବା ତାଙ୍କୁ କହିଥିଲେ। ପରେ ପାଳିତ ମା' ତାଙ୍କଠାରୁ ମୋବାଇଲ ଓ ସିମ୍ ନେଇଯାଇଥିଲେ ବୋଲି ଅମର କହିଛନ୍ତି। ପୂଜା ଏକ ଭିଡିଓ ଶେୟାର କରିଥିବା ବେଳେ ସେଥିରେ ସେ କାନ୍ଦି କାନ୍ଦି କୋହଭରା କଣ୍ଠରେ ଅତ୍ୟାଚାରର କାହାଣୀ କହିବା ସହ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ପୂଜା କହିଛନ୍ତି, ଛୋଟବେଳେ ମୁଁ ଓଡ଼ିଶାରେ ଥିଲି। ଭୁବନେଶ୍ୱରର ଏକ ହଷ୍ଟେଲରେ ପଢୁଥିଲି। ଏବେ ପାଳିତା ମା' ମତେ ବହୁ କଷ୍ଟ ଦେବା ସହ ଅତ୍ୟାଚାର କରୁଛନ୍ତି। ଘର କାମ ସବୁ କରାଉଛନ୍ତି। ମୁଁ ଆମେରିକାରେ ଏବେ ଖୁସିରେ ନାହିଁ। ମୁଁ ହିନ୍ଦୁ ହୋଇଥିବା ବେଳେ ପାଳିତ ମା' ଖ୍ରୀଷ୍ଟିଆନ କରିଦେବାକୁ ବାଧ୍ୟ କରୁଛନ୍ତି। ଖାଇବାକୁ ମଧ୍ୟ ଦେଉନାହାନ୍ତି। ଏପରିକି ଦୁଇଥର ହତ୍ୟା ଉଦ୍ୟମ ମଧ୍ୟ କରାଯାଇଛି। ମୁଁ ସ୍କୁଲ ଛୁଟି ଦିନରେ ୧୦ ଲକ୍ଷ ଟଙ୍କା ରୋଜଗାର କରିଥିବାବେଳେ ଏହି ଟଙ୍କାକୁ ମୋଠାରୁ ନେଇଯାଇଛନ୍ତି। ଧର୍ମ ପରିବର୍ତ୍ତନ ନ କଲେ ସେମାନେ ଜୀବନରୁ ମାରିଦେବାକୁ ଚେତାବନୀ ଦେଇଛନ୍ତି। ଓଡ଼ିଶାବାସୀ ମୋତେ ସାହାଯ୍ୟ କରନ୍ତୁ ଏବଂ ସୁରକ୍ଷିତ ଭାବେ ଓଡ଼ିଶାକୁ ନେଇଯାଆନ୍ତୁ ବୋଲି ପୂଜା ଅନୁରୋଧ କରିଛନ୍ତି। ତେବେ ପୂଜାଙ୍କ ପାସ୍‌ପୋର୍ଟରେ ଭୁବନେଶ୍ୱର କୋଳଥିଆ ଠିକଣା ରହିଥିବା ବେଳେ ଏହାର ଅବଧି ୨୦୧୮ ମାର୍ଚ୍ଚ ୯ରୁ ୨୦୨୩ ମାର୍ଚ୍ଚ ୮ ପର୍ଯ୍ୟନ୍ତ ରହିଛି। ସେହିପରି ଭିଜା ଅବଧି ମଧ୍ୟ ୨୦୨୩ ମେ' ୮ରେ ଶେଷ ହୋଇଛି। ଏ ସଂକ୍ରାନ୍ତରେ ଶିଶୁ ସୁରକ୍ଷା ଅଧିକାରୀ କର୍ମୀ ବେଣୁଧର ସେନାପତି କହିଛନ୍ତି, ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟ ଅଧୀନରେ ଥିବା ସେଣ୍ଟ୍ରାଲ ଆଡପ୍‌ଶନ ରିସୋର୍ସ ଅଥୋରିଟି (କାରା)ରେ ପଞ୍ଜୀକୃତ କରାଯାଇ ନିୟମ ଅନୁଯାୟୀ ଶିଶୁମାନଙ୍କୁ ପୋଷ୍ୟ ଭାବେ ଗ୍ରହଣ କରାଯାଇଥାଏ। ଆମେରିକାରେ ଥିବା ପୂଜାଙ୍କୁ କାରା ନିୟମ ଅନୁଯାୟୀ ଭୁବନେଶ୍ୱରରୁ ନିଆଯାଇଥିବ। କୋଳଥିଆସ୍ଥିତ ଆଡପ୍‌ଶନ ଏଜେନ୍ସି 'ସୁଭଦ୍ରା ମହତାବ ସେବା ସଦନ' ଦ୍ୱାରା ଏହି ପ୍ରକ୍ରିୟା କରାଯାଇଛି। ଏହି ଦିଗରେ ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ (ଓଏସ୍‌ସିପିସିଆର୍) ଏବଂ ଓଡ଼ିଶା ସରକାର ଚାହିଁଲେ ସମ୍ପୃକ୍ତା ଯୁବତୀଙ୍କୁ ଓଡ଼ିଶା ଫେରାଇ ଅଣାଯାଇପାରିବ। ଏପରିକି ନିର୍ଯାତନା ଦେଉଥିବା ଦମ୍ପତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ମଧ୍ୟ ହୋଇପାରିବ। ଏନେଇ ସେ ପିଟିଶନ୍ ଫାଇଲ କରିବେ ବୋଲି ବେଣୁଧର କହିଛନ୍ତି। ଓଏସ୍‌ସିପିସିଆର୍ ଅଧ୍ୟକ୍ଷା ବବିତା ପାତ୍ର କହିଛନ୍ତି, ଏହି ଘଟଣା ବିଷୟରେ କମିଶନଙ୍କ ପକ୍ଷରୁ ଯାଞ୍ଚ କରାଯାଇ ପଦକ୍ଷେପ ନିଆଯିବ। ଯୁବତୀ ଜଣକ ସାବାଳିକା ହୋଇଥିବାରୁ ମହିଳା କମିଶନ ମଧ୍ୟ ଏ ଦିଗରେ ପଦକ୍ଷେପ ନେଇପାରିବେ। ଏହି ଦିଗରେ ଆମ ସରକାର ଗୁରୁତ୍ୱ ଦେବେ ବୋଲି ଅଧ୍ୟକ୍ଷା ପାତ୍ର କହିଛନ୍ତି।


ପୂଜା ନାୟକ ଓରଫ ସେଜଲ ଜୋହନ।

**ମର୍ଣ୍ଣିଂ ୱାକ୍ ବେଳେ ବୃଦ୍ଧଙ୍କୁ ଧକ୍କା ଦେଲା ବାଇକ୍, ୨ ମୃତ**

**କବିସୂର୍ଯ୍ୟନଗର,(କୃପାସିନ୍ଧୁ ସ୍ୱାଇଁ):** ଗଞ୍ଜାମ ଜିଲା କବିସୂର୍ଯ୍ୟନଗର ଥାନା ଖଜାପଲ୍ଲୀ ଗ୍ରାମ ନିକଟରେ ଏକ ବାଇକ୍ ଦୁର୍ଘଟଣାରେ ୨ ଜଣଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ବାଇକ୍ ଚାଳକ ରାଣୀପଡ଼ା ଗ୍ରାମର ମିଟୁ ପରିଡ଼ା(୩୭) ଓ ମଠସରସିଂ ଶାଳବଣ ଗ୍ରାମର କାଶୀନାଥ ସେଠୀ(୭୦)। ମିଟୁ ଶନିବାର ରାତିରେ କୋଦଳା ଥାନା ଉପ୍ତାଳି ଗ୍ରାମରେ ଚାଲିଥିବା ମହାଭାରତ ନାଟକରେ ଦୁଃଶାସନ ଭୂମିକାରେ ଅଭିନୟ କରି ଭୋର ସମୟରେ ବାଇକ ଯୋଗେ ରାଣୀପଡ଼ା ଗ୍ରାମକୁ ଫେରୁଥିଲେ। ଖଜାପଲ୍ଲୀ ଗ୍ରାମ ନିକଟରେ ସେ ଭାରସାମ୍ୟ ହରାଇ ମର୍ଣ୍ଣିଂ ୱାକ୍ କରୁଥିବା କାଶୀନାଥଙ୍କୁ ଧକ୍କା ଦେଇଥିଲେ। ଫଳରେ ମିଟୁ ଓ କାଶୀନାଥ ଉଭୟେ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ।

# ଜବତ ହେଲାଣି ୩ କୋଟିରୁ ଊର୍ଦ୍ଧ୍ୱ ଟଙ୍କା, ସାମଗ୍ରୀ

**ନୂଆପଡ଼ା ଉପନିର୍ବାଚନ**

ଭୁବନେଶ୍ୱର,୯।୧୧ (ରବିନାରାୟଣ ଜେନା)

ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ)ଙ୍କ ନିର୍ଦ୍ଦେଶକ୍ରମେ ନୂଆପଡ଼ା ଉପନିର୍ବାଚନ ପାଇଁ ରବିବାର ପ୍ରଚାର କାର୍ଯ୍ୟକ୍ରମ ଶେଷ ହୋଇଛି। ମଙ୍ଗଳବାର ନୂଆପଡ଼ାରେ ମତଦାନ ହେବାକୁ ରହିଥିବାବେଳେ ଏବେଠାରୁ ଛକାପଞ୍ଝା ରାଜନୀତି ଆରମ୍ଭ ହୋଇଛି। ଭୋଟରଙ୍କୁ ପ୍ରଲୋଭିତ କରିବା ପାଇଁ ପ୍ରମୁଖ ଦଳଗୁଡ଼ିକ ଅନ୍ଧାରିବିଜେ ପାଇଁ ପ୍ରକ୍ରିୟା ଆରମ୍ଭ କରିଥିବାବେଳେ ସିଇଓ ଆର୍. ସନ୍ଥ ଗୋପାଳନଙ୍କ ନିର୍ଦ୍ଦେଶକ୍ରମେ ବିଭିନ୍ନ ସଂସ୍ଥା ପକ୍ଷରୁ ଚଢ଼ାଉକୁ ଜୋରଦାର କରାଯାଇଛି। ଏହି ସମୟରେ ୧.୦୫କୋଟି ନଗଦ ଟଙ୍କା ସହିତ ଅନ୍ୟାନ୍ୟ ମାଦକଦ୍ରବ୍ୟକୁ ମିଶାଇ ୩କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ସାମଗ୍ରୀ ଜବତ ହୋଇଛି।

ଗୋପାଳନଙ୍କ ସୂଚନା ଅନୁଯାୟୀ, ପୋଲିସ, ଅବକାରୀ, ଆୟକର, ଏସ୍ଏସ୍‌ଟି ପକ୍ଷରୁ ନୂଆପଡ଼ାର ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇଥିଲା। ଏହି ଚଢ଼ାଉ ବେଳେ ରବିବାର ଅପରାହ୍ନ ସୁଦ୍ଧା ନଗଦ ୧କୋଟି ୫ଲକ୍ଷ ୩୭ହଜାର ୧୪୦ଟଙ୍କା ଜବତ କରାଯିବା ସହିତ ୧କୋଟି ୧୩ଲକ୍ଷ ୫୪ହଜାର ୪୧ଟଙ୍କାର ମଦ ଜବତ ହୋଇଛି। ଏହାବାଦ୍ ୪୪୬.୨୬୨କେଜି ଗଞ୍ଜେଇ ଓ ଅନ୍ୟାନ୍ୟ ନିଶାଦ୍ରବ୍ୟ ମଧ୍ୟ ଜବତ ହୋଇଛି; ଯାହାର ମୂଲ୍ୟ ୫୦ଲକ୍ଷ ୩୧ହଜାର ୧୨୦ଟଙ୍କା ହେବ। ସେହିପରି ୧୯ଲକ୍ଷ ୧୨ହଜାର ୭୪୫ଟଙ୍କାର ଅନ୍ୟାନ୍ୟ ସାମଗ୍ରୀ ମଧ୍ୟ ଜବତ ହୋଇଛି। ଏହି ସମୟ ମଧ୍ୟରେ ତିନୋଟି ପର୍ଯ୍ୟାୟରେ ନୂଆପଡ଼ା ଉପନିର୍ବାଚନ ପ୍ରାର୍ଥୀଙ୍କ ବ୍ୟାଙ୍କ ଖାତା ମଧ୍ୟ ଯାଞ୍ଚ କରାଯାଇଛି।

ସିଇଓଙ୍କ ସୂଚନା ଅନୁଯାୟୀ, ଏଥର ପ୍ରତ୍ୟେକ ବୁଥରେ ମତଦାତାଙ୍କ ଲାଗି ଅନେକ ପ୍ରକାର ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ କରାଯାଇଛି। ଭିନ୍ନକ୍ଷମଙ୍କୁ ସହାୟତା ଲାଗି ୨ଜଣ ସ୍ୱେଚ୍ଛାସେବୀଙ୍କୁ ନିୟୋଜିତ କରାଯିବା ସହିତ ଦୃଷ୍ଟିହୀନଙ୍କ ଲାଗି ବ୍ରେଲ୍ ବାଲଟପେପର ବ୍ୟବସ୍ଥା କରାଯାଇଛି। ଏହାସହିତ ମୋବାଇଲର ଯେପରି ଅପବ୍ୟବହାର ନ ହେବ ତାକୁ ଦୃଷ୍ଟିରେ ରଖି ସ୍ୱତନ୍ତ୍ର ବାକ୍ସ ରଖାଯାଇଛି। ସମ୍ବେଦନଶୀଳ ୫୭ଟି ବୁଥ୍ ପାଇଁ ପୋଲିସ ସୁରକ୍ଷା ବଳ ସହିତ ଭିଡିଓ କ୍ୟାମେରାର ମଧ୍ୟ ବ୍ୟବସ୍ଥା କରାଯାଇଛି।

ସିଇଓ କହିଛନ୍ତି, ଜନପ୍ରତିନିଧିତ୍ୱ ଆଇନ-୧୯୫୧ର ଧାରା ୧୨୬ ଅନୁଯାୟୀ, ମତଦାନ ଶେଷ ହେବାର ୪୮ ଘଣ୍ଟା ପୂର୍ବରୁ କୌଣସି ସାଧାରଣ ସଭା କିମ୍ବା ଶୋଭାଯାତ୍ରା ଆୟୋଜନ ହୋଇପାରିବ ନାହିଁ। ଭୋଟରମାନଙ୍କୁ ପ୍ରଭାବିତ କରିବା ପାଇଁ ଉଦ୍ଦିଷ୍ଟ କୌଣସି ନିର୍ବାଚନ ସମ୍ବନ୍ଧୀୟ ବିଷୟବସ୍ତୁ କିମ୍ବା ଦୃଶ୍ୟର ପ୍ରସାରଣ କରାଯାଇପାରିବ ନାହିଁ।

# ଛତିଶଗଡ଼ ଅପରାଧୀଙ୍କୁ ଆମଦାନି କରିଛି ଭାଜପା: ବିଜେଡି

ଭୁବନେଶ୍ୱର,୯।୧୧(ରବିନାରାୟଣ ଜେନା)

ନୂଆପଡ଼ା ଉପନିର୍ବାଚନରେ ଭାଜପା କେବଳ ସରକାରୀ କଳର ଦୁରୁପଯୋଗ କରୁଛି ତାହା ନୁହେଁ, ବରଂ ଛତିଶଗଡ଼ରୁ ଅପରାଧୀଙ୍କୁ ଆଣି ନିର୍ବାଚନ ପରିଚାଳନା କରୁଛି ବୋଲି ବିଜେଡି ଅଭିଯୋଗ କରିଛି। ରବିବାର ଶଙ୍ଖଭବନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ବିଜେଡି ମୁଖପାତ୍ର ଲେନିନ୍ ମହାନ୍ତି କହିଛନ୍ତି, ନୂଆପଡ଼ାର ପ୍ରତ୍ୟେକ ପଞ୍ଚାୟତରେ ଛତିଶଗଡ଼ ଗୁଣ୍ଡା ଓ ଅପରାଧୀ ଭରିଗଲେଣି। ଭୋଟରଙ୍କୁ ଡରାଇବା, ବିନା ୱାରେଣ୍ଟରେ ବିଜେଡି ନେତାଙ୍କ ଘରେ ରେଡ୍ କରିବା, ଲୋକଙ୍କୁ ଟଙ୍କା ଓ ମଦ ବାଣ୍ଟିବା ଭଳି କାମ କରିବାକୁ ଭାଜପା ପଛାଉନାହିଁ।

**ନୂଆପଡ଼ାରେ ଠିକଣା ସମୟରେ ପହଞ୍ଚିନି ଇଭିଏମ୍, ସିଇଓଙ୍କୁ ଫେରାଦ**



ସିଇଓଙ୍କୁ ସ୍ମାରକପତ୍ର ପ୍ରଦାନ କରୁଛି ବିଜେଡି ପ୍ରତିନିଧି ଦଳ।

ଏହି ପରିପ୍ରେକ୍ଷୀରେ ବିଜେଡି ବିଧାୟିକା ପ୍ରମିଳା ମଲ୍ଲିକଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ) ଆର. ସନ୍ଥ ଗୋପାଳନଙ୍କୁ ଭେଟି ଭାଜପା ବିରୋଧରେ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ପ୍ରମିଳା ଅଭିଯୋଗ କରିଛନ୍ତି, ଛତିଶଗଡ଼ର ଅପରାଧୀମାନେ ନୂଆପଡ଼ାରେ ଭୋଟରଙ୍କୁ ଭୟଭୀତ କରିବାପାଇଁ ଆସିଛନ୍ତି। ସ୍ୱଚ୍ଛ ଓ ନିରପେକ୍ଷ ନିର୍ବାଚନ ପାଇଁ ସେମାନଙ୍କୁ ତୁରନ୍ତ ଜିଲାରୁ ବାହାର କରାଯାଉ। ଏହି ଅବସରରେ ବିଜେଡି ଆଉ ଏକ ସଙ୍ଗିନ ଅଭିଯୋଗ କରିଛି, ନିର୍ବାଚନ ସମୟ ପାଖେଇ ଆସିଥିଲେ ସୁଦ୍ଧା ଏପର୍ଯ୍ୟନ୍ତ ଇଭିଏମ୍ ନିର୍ଦ୍ଧାରିତ ସ୍ଥାନରେ ପହଞ୍ଚି ନାହିଁ। ସେହିପରି ନିର୍ବାଚନ ପରିଚାଳନାରେ ନିୟୋଜିତ ସରକାରୀ ଅଧିକାରୀ ପକ୍ଷପାତିତା କରୁଛନ୍ତି। ବିଜେଡି ପ୍ରାର୍ଥୀଙ୍କ ପୋଷ୍ଟର, ବ୍ୟାନର, ହୋର୍ଡିଂ ସବୁ ବାହାର କରାଯାଉଥିବାବେଳେ ଭାଜପା ପ୍ରାର୍ଥୀଙ୍କ ପୋଷ୍ଟର, ବ୍ୟାନର ଆଦି ସରକାରୀ ସମ୍ପତ୍ତି ଉପରେ ଲାଗିଥିଲେ ସୁଦ୍ଧା ତାକୁ ବାହାର କରାଯାଉ ନାହିଁ। ଜନମତକୁ ବିଭ୍ରାନ୍ତ କରିବା ସହ ଆଦର୍ଶ ଆଚରଣବିଧିର ଏହା ଖୋଲା ଉଲ୍ଲଂଘନ ବୋଲି ପ୍ରମିଳା କହିଛନ୍ତି। ଏହି ପ୍ରତିନିଧି ଦଳରେ ବିଜେଡିର ରାଜ୍ୟ ସଭା ସଦସ୍ୟ ସୁଲତା ଦେଓ ପ୍ରମୁଖ ସାମିଲ ଥିଲେ।

# ନୂଆପଡ଼ା ଉପନିର୍ବାଚନ: ୧୦୧ ଗୁରୁତ୍ୱପୂର୍ଣ୍ଣ ବୁଥ୍

ନୂଆପଡ଼ା, ୯।୧୧(ମକାରୁ ବେମାଲ)

ନୂଆପଡ଼ା ବିଧାନସଭା ଉପନିର୍ବାଚନ ଲାଗି ମଙ୍ଗଳବାର ସକାଳେ ମତଦାନ ଆରମ୍ଭ ହେବ। ଏହି ନିର୍ବାଚନମଣ୍ଡଳୀରେ ମୋଟ ୩୫୮ଟି ବୁଥ ରହିଥିବାବେଳେ ସେଥିମଧ୍ୟରୁ ୧୦୧ ଗୁରୁତ୍ୱପୂର୍ଣ୍ଣ ବୁଥ୍। ଏହି ୧୦୧ ବୁଥ୍ ମଧ୍ୟରୁ ୪୭ ମାଓବାଦୀ ପ୍ରଭାବିତ ଅଞ୍ଚଳରେ, ୫୪ଟି ଆଇନଶୃଙ୍ଖଳା ପ୍ରଭାବିତ ଅଞ୍ଚଳରେ ରହିଛି। ମାଓବାଦୀ ପ୍ରଭାବିତ ଅଞ୍ଚଳରେ ଥିବା ବୁଥ୍ ମଧ୍ୟରୁ ୮ଟି ଦୁର୍ଗମ ପାହାଡ଼ ଅଞ୍ଚଳରେ ରହିଛି। ସେଗୁଡ଼ିକ ହେଲା, ୩୨୦ ସୋସେଙ୍ଗ, ୩୨୧ ସୋସେଙ୍ଗ-୨, ୩୨୨ ଦେଓସିଲ, ୩୨୪ ସୁନାବେଡ଼ା-୧, ୩୨୫ ସୁନାବେଡ଼ା-୧(କ), ୩୨୬ ଜାମଗାଁ, ୩୨୭ ଗତିବେଡା ଓ ୩୨୮ ଗତିବେଡା-୨। ଏହିସବୁ ଭୋଟ କେନ୍ଦ୍ରକୁ ପୋଲିଂ ପାର୍ଟି ହେଲିକପ୍ଟର ଯୋଗେ ଯାଇ ଭୋଟ ଗ୍ରହଣ କରିବେ। ୮ଟି ବୁଥ ପାଇଁ ୪୮ ଜଣ ପୋଲିଂପାର୍ଟି ଯିବେ। ସେଠାରେ ସକାଳ ୭ଟାରୁ ମତଦାନ ଆରମ୍ଭ ହୋଇ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଚାଲିବ। ଅନ୍ୟ ସାଧାରଣ ଭୋଟ ଗ୍ରହଣ କେନ୍ଦ୍ରଗୁଡ଼ିକରେ ଅପରାହ୍ନ ୫ଟା ପର୍ଯ୍ୟନ୍ତ ଭୋଟଗ୍ରହଣ ଚାଲିବ।

# ୧୩ରେ ମୁଖ୍ୟମନ୍ତ୍ରୀଙ୍କ ବାଲେଶ୍ୱର ଗସ୍ତ

## ନୀଳଗିରିରୁ ଆରମ୍ଭ ହେବ ଏକତା ପଦଯାତ୍ରା

ବାଲେଶ୍ୱର,୯।୧୧(ବାଞ୍ଛାନିଧି ଦେ)

ଲୌହମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲ୍‌ଙ୍କ ୧୫୦ତମ ଜୟନ୍ତୀ ଅବସରରେ ଦେଶବ୍ୟାପୀ ଏକତା ପଦଯାତ୍ରା କାର୍ଯ୍ୟକ୍ରମ ଆୟୋଜିତ ହେଉଛି। ଭାରତ ସରକାରଙ୍କ ନିର୍ଦ୍ଦେଶ ମୁତାବକ ପ୍ରତ୍ୟେକ ସଂସଦୀୟ କ୍ଷେତ୍ରର ୩ଟି ସ୍ଥାନରେ ଏହି ପଦଯାତ୍ରା ଆୟୋଜନ କରାଯାଉଛି। ସେହିକ୍ରମରେ ରାଜ୍ୟର ପ୍ରଥମ ପଦଯାତ୍ରା ବାଲେଶ୍ୱର ଜିଲା ନୀଳଗିରିରୁ ଆରମ୍ଭ ହେବ। ୧୩ ତାରିଖରେ ଆରମ୍ଭ ହେବାକୁଥିବା ଏହିପଦଯାତ୍ରାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦ୍‌ଘାଟନ କରିବେ ବୋଲି ରବିବାର ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଆୟୋଜିତ ଖବରଦାତା ସମ୍ମିଳନୀରେ ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ କହିଛନ୍ତି।

ମୁଖ୍ୟମନ୍ତ୍ରୀ ନୀଳଗିରିରେ ପହଞ୍ଚି ବିଶାଳ ଜନସଭାକୁ ସମ୍ବୋଧିତ କରିବା ସହ ପଦଯାତ୍ରାକୁ ଉଦ୍‌ଘାଟନ କରିବେ। ଏହି ପଦଯାତ୍ରା ନୀଳଗିରିରୁ ବାହାରି ମିତ୍ରପୁରରେ ଶେଷ ହେବ। ପଦଯାତ୍ରା ସମୟରେ ସର୍ଦ୍ଦାର ପଟେଲଙ୍କ ଜୀବନୀ ଓ ଜାତୀୟ ଏକତା ସମ୍ବନ୍ଧିତ ପ୍ରଜ୍ଞାପନ ମେଢ଼ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ହେବ ବୋଲି ଏମ୍‌ପି କହିଥିଲେ। ଏହି ପଦଯାତ୍ରାରେ ଛାତ୍ରୀଛାତ୍ର, ଯୁବତୀଯୁବକ, ମହିଳା ଓ ପୁରୁଷ ସାମିଲ ହେବେ। ସେହିପରି ଦ୍ୱିତୀୟ ପର୍ଯ୍ୟାୟ ଆସନ୍ତା ୧୮ ତାରିଖରେ ଭୋଗରାଇ ବ୍ଲକ୍ ଏବଂ ତୃତୀୟ ପର୍ଯ୍ୟାୟ ୨୧ ତାରିଖରେ ବାଲେଶ୍ୱର ସଦର ମହକୁମାରେ ଅନୁରୂପ କାର୍ଯ୍ୟକ୍ରମ ଆୟୋଜନ ହେବ। ବିଭିନ୍ନ ପ୍ରତିଯୋଗିତାର ବିଜେତା ଛାତ୍ରୀଛାତ୍ରଙ୍କୁ ସମ୍ମାନିତ କରାଯିବ ବୋଲି ଏମ୍‌ପି ଷଡ଼ଙ୍ଗୀ କହିଥିଲେ। ଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ, ଏସ୍‌ପି ପ୍ରତ୍ୟୁଷ ଦିବାକର ପ୍ରମୁଖ ଏହି ଖବରଦାତା ସମ୍ମିଳନୀରେ ଉପସ୍ଥିତ ଥିଲେ।

# ଛୋଟଙ୍କୁ ଧରି ବଡ଼ଙ୍କୁ ଖସାଇ ଦିଆଯାଇଛି: କଂଗ୍ରେସ

ଭୁବନେଶ୍ୱର,୯।୧୧ (ରବିନାରାୟଣ ଜେନା)

ଶ୍ରୀମନ୍ଦିର ରଥଯାତ୍ରା ସମୟରେ ଦଳାଚକଟାରେ ୩ ଭକ୍ତଙ୍କ ପ୍ରାଣହାନି ଓ ଶତାଧିକ ଆହତ ଅଘଟଣ ଉପରେ ଅନୁସନ୍ଧାନ କମିଟିର ରିପୋର୍ଟକୁ ନେଇ କଂଗ୍ରେସ ଆପତ୍ତି ଉଠାଇଛି। ରବିବାର କଂଗ୍ରେସଭବନରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ପୂର୍ବତନ ମନ୍ତ୍ରୀ ଦେବାଶିଷ ନାୟକ ଓ ମୁଖପାତ୍ର ଲଲାଟେନ୍ଦୁ ଦାସ ସରକାରଙ୍କୁ ଟାର୍ଗେଟ କରିଛନ୍ତି।

ନାୟକ କହିଛନ୍ତି, ଏତେବଡ଼ ଅଘଟଣ ଘଟିଥିଲେ ହେଁ ସରକାର ଜାଣିଶୁଣି ବଡ଼ବଡ଼ିଆଙ୍କୁ ଖସାଇବା ପାଇଁ ହାତଗଣତି କେତେଜଣ ଛୋଟ ଅଧିକାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେଇଛନ୍ତି। ସେହିପରି ରଥଯାତ୍ରାକୁ ସୁଚାରୁରୂପେ ସମ୍ପାଦନ କରିବା ପାଇଁ ୨୭୫ ଗୋଟି ସିସିଟିଭି ଲଗାଇବାକୁ ପ୍ରଶାସନ ନିଷ୍ପତ୍ତି ନେଇଥିବାବେଳେ ପ୍ରକୃତପକ୍ଷେ ୧୬୦/୧୬୫ ଗୋଟି ଲାଗିଥିଲା। ଏତେସବୁ ଦାୟିତ୍ୱହୀନତା ପାଇଁ ଯେଉଁମାନେ ଦାୟୀ ତାଙ୍କ ବିରୋଧରେ କାହିଁକି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ।

ଏହି ଅବସରରେ ମୁଖପାତ୍ର ଦାସ କହିଛନ୍ତି, ରଥଯାତ୍ରା ପୂର୍ବରୁ ମୁଖ୍ୟମନ୍ତ୍ରୀ ବାହୁସ୍ଫୋଟ ମାରି କହିଥିଲେ, ଏଥର ରଥଯାତ୍ରା ତ୍ରୁଟିମୁକ୍ତ ହେବ, ଭକ୍ତ ଦିବ୍ୟ ଅନୁଭୂତି ନେଇ ଫେରିବେ। କିନ୍ତୁ ୩ ଜଣ ଶବ ଓ ୫୦୦ ଆହତ ହୋଇ ଫେରିଲେ। ପ୍ରତିବର୍ଷ ପ୍ରତ୍ୟେକ ରଥ ପାଇଁ ଜଣେ ଉଚ୍ଚ ପଦସ୍ଥ ଅଫିସର ନିଯୁକ୍ତ ହୁଅନ୍ତି ଏବଂ ମହାପ୍ରଭୁଙ୍କ ରଥ ପାଇଁ ଏଥର ପୁରୀ ଜିଲାପାଳ ଖୋଦ୍ ନିଯୁକ୍ତ ଥିଲେ। ହେଲେ ରିପୋର୍ଟରେ ତାଙ୍କୁ କ୍ଲିନ୍ ଚିଟ୍ ଦିଆଯାଇଛି। ସେଦିନ ମୁଖ୍ୟ ପ୍ରଶାସକ କେତେବେଳେ ରାତିରେ ଘରକୁ ଫେରିଥିଲେ ତାହା ମଧ୍ୟ ଯାଞ୍ଚ ହେବା କଥା। ଜିଲା ପ୍ରଶାସନ ଓ ଶ୍ରୀମନ୍ଦିର ପ୍ରଶାସନର ସମନ୍ୱୟ ଅଭାବ ଏବଂ ମୁଖ୍ୟମନ୍ତ୍ରୀଙ୍କ ରଥଯାତ୍ରା ଅନଭିଜ୍ଞତା ଅଘଟଣ ଘଟିବାର ମୁଖ୍ୟ କାରଣ। କଂଗ୍ରେସ ଏହାର ଘୋର ନିନ୍ଦା କରିବା ସହିତ ବିଚାର ବିଭାଗୀୟ ତଦନ୍ତ ଲାଗି ଦାସ ଦାବି କରିଛନ୍ତି। ଏହି ସମ୍ମିଳନୀରେ ମୁଖପାତ୍ର ଜୟଶ୍ରୀ ପାତ୍ର ଯୋଗଦେଇଥିଲେ।

# ନିର୍ବାଚନ ପରିଚାଳନା ଅଧିକାରୀଙ୍କୁ ସଂଶୋଧିତ ପାରିଶ୍ରମିକ

ଭୁବନେଶ୍ୱର,୯।୧୧ (ରବିନାରାୟଣ ଜେନା)

ଭାରତ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶକ୍ରମେ ନିର୍ବାଚନ କାର୍ଯ୍ୟରେ ନିୟୋଜିତ ସିଭିଲ କର୍ମଚାରୀ ଓ ପୋଲିସ କର୍ମଚାରୀଙ୍କ ପାଇଁ ରାଜ୍ୟ ଗୃହ ବିଭାଗ ପକ୍ଷରୁ ସଂଶୋଧିତ ପାରିଶ୍ରମିକ ଓ ରିଫ୍ରେଶମେଣ୍ଟ ଜାରି କରାଯାଇଛି।

ଗୃହ ବିଭାଗର ଅର୍ଥପରାମର୍ଶଦାତା ସଞ୍ଜୟ ଲୁଗୁନ ଏ ସଂକ୍ରାନ୍ତରେ ଅକ୍ଟୋବର ୨୯ରେ ରାଜ୍ୟ ମହାଲେଖାକାରଙ୍କୁ ଅବଗତ କରାଇଛନ୍ତି। ସେ ଦର୍ଶାଇଛନ୍ତି, ଭାରତ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶ ଅନୁଯାୟୀ ସିଭିଲ କର୍ମଚାରୀ ଓ ପୋଲିସ କର୍ମଚାରୀଙ୍କ ଦୈନିକ ପାରିଶ୍ରମିକ ହାରରେ ସଂଶୋଧନ ଅଣାଯାଇଛି। ସଂଶୋଧିତ ପାରିଶ୍ରମିକ ଅନୁସାରେ, ଜୋନାଲ ମାଜିଷ୍ଟ୍ରେଟ (ସେକ୍ଟର ଅଫିସର ବ୍ୟତୀତ)ଙ୍କୁ ଦୈନିକ ୧,୫୦୦ ଟଙ୍କା ମିଳିବାକୁ ଥିବାବେଳେ ପ୍ରିଜାଇଡିଂ ଅଫିସର ବା କାଉଣ୍ଟିଂ ସୁପରଭାଇଜରଙ୍କୁ ୫୦୦ ଟଙ୍କା ଲେଖାଏ ମିଳିବ। ସେହିପରି ପୋଲିଂ ଅଫିସରଙ୍କୁ ଦିନକୁ ୪୦୦ ଟଙ୍କା କିମ୍ବା ୧,୬୦୦ ଟଙ୍କା (ଏକକାଳୀନ) ମିଳିବାକୁ ଦର୍ଶାଯାଇଥିବାବେଳେ କାଉଣ୍ଟିଂ ଆସିଷ୍ଟାଣ୍ଟଙ୍କୁ ୪୫୦ ଟଙ୍କା ଏବଂ ଅନ୍ୟାନ୍ୟ ଅଧିକାରୀଙ୍କ ଲାଗି ସଂଶୋଧିତ ପାରିଶ୍ରମିକ ପ୍ରଦାନ କରାଯିବ ବୋଲି ଉଲ୍ଲେଖ କରାଯାଇଛି। ସେହିପରି ପୋଲିସ କର୍ମୀଙ୍କ ପାଇଁ ସଂଶୋଧିତ ପାରିଶ୍ରମିକ ଅନୁସାରେ, ଏସ୍ଆଇ ଓ ତଦୂର୍ଦ୍ଧ୍ୱ ଅଫିସରଙ୍କୁ ୫୦୦ ଟଙ୍କା (ପ୍ରତିଦିନ) କିମ୍ବା ୨,୦୦୦ ଟଙ୍କା (ଏକକାଳୀନ), ଏଏସ୍ଆଇ, ହବିଲଦାର, କନଷ୍ଟେବଲଙ୍କ ପାଇଁ ୪୦୦ ଟଙ୍କା (ପ୍ରତିଦିନ) କିମ୍ବା ୧,୬୦୦ ଟଙ୍କା (ଏକକାଳୀନ)। ଫରେଷ୍ଟ ଗାର୍ଡଙ୍କ ପାଇଁ ୪୦୦ ଟଙ୍କା କିମ୍ବା ୧,୬୦୦ ଟଙ୍କା (ଏକକାଳୀନ)ଏବଂ ଅନ୍ୟାନ୍ୟ ସୁରକ୍ଷା କର୍ମୀଙ୍କ ପାଇଁ ସଂଶୋଧିତ ପାରିଶ୍ରମିକ ଦିଆଯିବା ନେଇ ଦର୍ଶାଯାଇଛି। ଏହା ସହିତ ପୋଲିଂ ଷ୍ଟେଶନ/କାଉଣ୍ଟିଂ ସେଣ୍ଟରରେ ନିୟୋଜିତ ସମସ୍ତ ପୋଲିଂ କର୍ମୀ, ସୁରକ୍ଷା କର୍ମୀ, ମୋବାଇଲ ପାର୍ଟି, ହୋମ୍ ଗାର୍ଡ, ଫରେଷ୍ଟ ଗାର୍ଡ, ଗ୍ରାମ ରକ୍ଷକ ଦଳ, ଏନ୍‌ସିସି କ୍ୟାଡେଟ୍ ଓ ପୂର୍ବତନ ସୈନିକ ସ୍ୱେଚ୍ଛାସେବୀଙ୍କୁ ଭୋଟ ଦିନ ଓ ଗଣନା ଦିନ ପ୍ୟାକ୍ ଲଞ୍ଚ ଓ ରିଫ୍ରେଶମେଣ୍ଟ ପାଇଁ ୫୦୦ ଟଙ୍କା ପ୍ରଦାନ କରାଯାଇପାରିବ।

# ଧରାକୋଟ ରାଜା ସାହେବା ସୁଲକ୍ଷଣା ଗୀତାଞ୍ଜଳିଙ୍କ ବିବାହ ସମ୍ପନ୍ନ

ଧରାକୋଟ,୯।୧୧ (ବିଷ୍ଣୁ କେଶରୀ ଆଚାର୍ଯ୍ୟ)

ଗଞ୍ଜାମ ଜିଲା ଧରାକୋଟ ଗଡ଼ର ରାଜା ସାହେବା ସୁଲକ୍ଷଣା ଗୀତାଞ୍ଜଳି ଶୁକ୍ରବାର ବିବାହ ବନ୍ଧନରେ ଆବଦ୍ଧ ହୋଇଛନ୍ତି। ଭୁବନେଶ୍ୱରସ୍ଥିତ ଏକାମ୍ର କ୍ଷେତ୍ର ଅଞ୍ଚଳର ପ୍ରତିଷ୍ଠିତ ବ୍ୟବସାୟୀ ଶ୍ରୀମୟ ମହାପାତ୍ରଙ୍କ ସହ ତାଙ୍କର ବିବାହ ରାଜକୀୟ ଢଙ୍ଗରେ ଭୁବନେଶ୍ୱର ଆଙ୍ଗନ ରିସର୍ଟରେ ସମ୍ପନ୍ନ ହୋଇଛି। ଏହି ବିବାହ ଉତ୍ସବରେ ରାଜସ୍ଥାନ, ଉତ୍ତର ପ୍ରଦେଶ, ମଧ୍ୟପ୍ରଦେଶ, ଛତିଶଗଡ଼, ଦିଲ୍ଲୀ ସହ ବିଭିନ୍ନ ରାଜ୍ୟ ଏବଂ ଓଡ଼ିଶାର ଗଡମଧୁପୁର, କଳାହାଣ୍ଡି, ସୁନ୍ଦରଗଡ, ଢେଙ୍କାନାଳ, ଜୁନାଗଡ, ଟିକିଟି, ପାରିକୁଦ, ପାଲୁର ସହ ବିଭିନ୍ନ ଗଡ଼ଜାତ ଅଞ୍ଚଳର ରାଜପରିବାର ସଦସ୍ୟମାନେ ଯୋଗଦେଇଥିଲେ। ଛତିଶଗଡ଼ର ବିଳାସପୁର ରାଜା ତଥା ସୁଲକ୍ଷଣା ଗୀତାଞ୍ଜଳିଙ୍କ ପିଉସା ପୁଷ୍ପେନ୍ଦ୍ର ପ୍ରତାପ ଚୌହାନ ଏବଂ ପିଉସୀ ସାଇ ଦର୍ଶନା ଦେବୀ କନ୍ୟାଦାନ କରିଥିଲେ। ରାଜମାତା ତଥା ଧରାକୋଟ ରାଣୀ ସାହେବା ନନ୍ଦିନୀ ଦେବୀଙ୍କ ଉପସ୍ଥିତିରେ ବିବାହର ସମସ୍ତ ନୀତିକାନ୍ତି ଓ ରାଜକାର୍ଯ୍ୟ ସମ୍ପନ୍ନ ହୋଇଥିଲା।



ରାଜା ସାହେବା ସୁଲକ୍ଷଣା ଗୀତାଞ୍ଜଳି ଓ ଶ୍ରୀମୟ ମହାପାତ୍ର।

ଏହି ବିବାହ କାର୍ଯ୍ୟରେ ରାଜ୍ୟର ବହୁ ରାଜନେତା, ଧରାକୋଟ ଅଞ୍ଚଳର ଜନସାଧାରଣ ସାମିଲ ହୋଇଥିଲେ। ସୁଲକ୍ଷଣା ଗୀତାଞ୍ଜଳିଙ୍କ ରାଜନୀତି କ୍ଷେତ୍ରରେ ମଧ୍ୟ ପ୍ରବେଶ ରହିଛି। ସୁଲକ୍ଷଣା ଗୀତାଞ୍ଜଳିଙ୍କ ବାପା ସ୍ୱର୍ଗତ ରାଜା କିଶୋର ଚନ୍ଦ୍ର ସିଂଦେଓଙ୍କ ଦେହାନ୍ତ ପରେ ୨୦୧୦ ଜୁନ୍ ମାସରେ ସେ ଧରାକୋଟ ରାଜସିଂହାସନ ଆରୋହଣ କରିଥିଲେ। ରାୟପୁରସ୍ଥିତ ରାଜପୁତ କଲେଜରୁ ସୁଲକ୍ଷଣା ଗୀତାଞ୍ଜଳି ଯୁକ୍ତ ଦୁଇ ଉତ୍ତୀର୍ଣ୍ଣ ପରେ ଆଇନରେ ଡିଗ୍ରୀ ହାସଲ କରିଛନ୍ତି। ବର୍ତ୍ତମାନ ସେ ଧରାକୋଟ ବ୍ଲକ ଅଧ୍ୟକ୍ଷା ରହିଛନ୍ତି। ତାଙ୍କ ବାପା କିଶୋର ଚନ୍ଦ୍ର ସିଂଦେଓ ୨୦୦୪ରେ ସୋରଡ଼ା ବିଧାୟକ ରହିଥିବା ବେଳେ ମା' ନନ୍ଦିନୀ ଦେବୀ ୨୦୧୪ରେ ସାନଖେମୁଣ୍ଡି ବିଧାୟିକା ଥିଲେ।

# ବିଜ୍ଞାନର ଉପଯୋଗିତା ଜାଣିବା ଜରୁରୀ

**ଆଜି ବିଶ୍ୱ ବିଜ୍ଞାନ ଦିବସ**



ବର୍ତ୍ତମାନ ଆମେ ଯେଉଁ ସମୟ ଦେଇ ଗତି କରୁଛେ ତାହା ପଛରେ ବିଜ୍ଞାନର ଅବଦାନ ଅନେକ ରହିଛି। ବିଜ୍ଞାନ କ୍ଷେତ୍ରରେ ଦିନକୁ ଦିନ ନୂଆ ନୂଆ ଜିନିଷ ଉଦ୍ଭାବନ କରାଯାଉଛି। ବିଭିନ୍ନ ଦେଶର ବୈଜ୍ଞାନିକମାନେ ଆଧୁନିକ ବିଜ୍ଞାନକୁ ନୂଆ ରୂପରେଖ ଦେବା ପାଇଁ ଚେଷ୍ଟା ଜାରି ରଖିଛନ୍ତି। ବିଜ୍ଞାନ ବିଷୟରେ ଜନସାଧାରଣଙ୍କୁ ଅଧିକ ସଚେତନ କରିବା ଲାଗି ପ୍ରତିବର୍ଷ ନଭେମ୍ବର ୧୦ ତାରିଖରେ 'ବିଶ୍ୱ ବିଜ୍ଞାନ ଦିବସ' ପାଳିତ ହୋଇଆସୁଅଛି। ପ୍ରତିବର୍ଷ ମିଳିତ ଜାତିସଂଘର ୟୁନେସ୍କୋ ପକ୍ଷରୁ ଏହି ଦିବସ ପାଳନ କରାଯାଇଥାଏ। ମଣିଷ ଜୀବନ ଏବଂ ବିଜ୍ଞାନ-ସତେଯେମିତି ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ କହିଲେ ଭୁଲ୍ ହେବ ନାହିଁ। ବିଜ୍ଞାନ ବଳରେ ଆଜି ଆମେ ଅନେକ ଉନ୍ନତି ସାଧନ କରିପାରିଛେ। ଶିକ୍ଷା, ଚିକିତ୍ସା, ସାଧାରଣ ଜୀବନ ଆଦିରେ ଏହାର ଭୂମିକା କେତେ ତାହା ବର୍ଣ୍ଣନା କରିବା ଅନାବଶ୍ୟକ। ଏହି ଦିବସ ଅବସରରେ ଚଳିତ ବର୍ଷର ପ୍ରସଙ୍ଗ ରହିଛି-'ଭରସା, ପରିବର୍ତ୍ତନ, ଭବିଷ୍ୟତ: ୨୦୫୦ ପାଇଁ ଆମର ଆବଶ୍ୟକ ବିଜ୍ଞାନ'। ଜଣେ ମନୁଷ୍ୟର ଦୈନନ୍ଦିନ ଜୀବନରେ ବିଜ୍ଞାନର ଭୂମିକା କ'ଣ ତାହା ସେ ଉପଲବ୍ଧି କରିବା ନିହାତି ଦରକାର। କାରଣ ଆଜିକାଲିର ହାଇଟେକ୍ ଯୁଗରେ ଏହାର ଭୂମିକାର ମହତ୍ତ୍ୱ ରହିଛି। ବିଜ୍ଞାନ କ୍ଷେତ୍ରରେ ନୂଆ ନୂଆ ଉଦ୍ଭାବନ ଏବଂ ଗବେଷଣା ବିଷୟରେ ସମସ୍ତେ ଅବଗତ ହେବା ଦରକାର। ଆଜିର ସମାଜକୁ ଏକ ନୂତନ ରାସ୍ତାରେ ଆଗେଇ ନେବା ପାଇଁ ବିଜ୍ଞାନର ଭୂମିକା କେତେ ତାହା ଆମେ ପ୍ରଥମେ ହୃଦୟଙ୍ଗମ କରିବା ଆବଶ୍ୟକ। ଏହି ଦିବସ ପାଳନ ବିଷୟରେ ସମସ୍ତେ ଅବଗତ ହେଲେ ଏହାର ଲକ୍ଷ୍ୟ ନିଶ୍ଚୟ ସାଧନ ହୋଇପାରିବ।

# ହାତୀ ଆକ୍ରମଣରେ ଚାଷୀ ମୃତ

ରାଇରଙ୍ଗପୁର,୯।୧୧ (ମାନସ ମହାନ୍ତି)

ମୟୂରଭଞ୍ଜ ଜିଲା ଯଶୀପୁର ଥାନା ଅଧୀନ ରାଜପାଲ ଗ୍ରାମରେ ହାତୀ ଆକ୍ରମଣରେ ଜଣେ ଚାଷୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ସାନଗା ବାରି(୫୫)।

ସୂଚନା ଅନୁଯାୟୀ, ଶନିବାର ରାତି ୮ଟା ସମୟରେ ସାନଗା ତାଙ୍କ ଧାନବିଲ ଜଗିଥିବାବେଳେ ଏକ ହାତୀ ତାଙ୍କୁ ଆକ୍ରମଣ କରିଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ରବିବାର ଯଶୀପୁର ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ. ୩୫/୨୫) ରୁଜୁ ହୋଇଛି। ରାଇରଙ୍ଗପୁର ବନଖଣ୍ଡ ଅଧୀନ ମଣଦା ରେଞ୍ଜ ଅଧିକାରୀ ଓ ଫରେଷ୍ଟର ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରି ଫେରିଛନ୍ତି।






# ଆଗ ଆମେରିକା

ବ୍ରାଜିଲର ବେଲେମ୍‌ଠାରେ ୧୦ ନଭେମ୍ବରରେ ଜାତିସଂଘର ଜଳବାୟୁ ସଂକ୍ରାନ୍ତ ସମ୍ମିଳନୀ କନ୍‌ଫରେନ୍ସ ଅଫ୍ ଦ ପାର୍ଟିଜ୍ (କପ୍‌୩୦) ଆରମ୍ଭ ହେବାକୁ ଯାଉଛି। ଚୀନ୍ ପରେ ଦ୍ୱିତୀୟ ବୃହତ୍ ସବୁଜ ଗୃହ ବାଷ୍ପ ନିସ୍ସରଣ କରୁଥିବା ଆମେରିକା ଏହି ସମ୍ମିଳନୀରେ ଯୋଗଦେବ ନାହିଁ ବୋଲି କହିଛି। ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ତାଙ୍କ ପୂର୍ବ ଅଭିମୁଖ୍ୟକୁ ବଳବତ୍ତର ରଖି କେବଳ ନିଜ ରାଷ୍ଟ୍ର ନୁହେଁ, ଅନ୍ୟ ଦେଶ ଉପରେ ପ୍ରଭାବ ପକାଇବାକୁ ଯାଇ କେହି ସମ୍ମିଳନୀରେ ଯୋଗ ନ ଦେବାକୁ ଆହ୍ୱାନ ଦେଇଛନ୍ତି। ଟ୍ରମ୍ପଙ୍କର ମୂଳରୁ ଜଳବାୟୁ ପରିବର୍ତ୍ତନ ଉପରେ ଏହିଭଳି ଦୃଷ୍ଟିକୋଣ ରହିଆସିଛି। ସେ ଅନେକ ଥର ବିଶ୍ୱତାପନ ଓ ଜଳବାୟୁ ସଂକ୍ରାନ୍ତ ଚେତାବନୀକୁ ପରିହାସ କରି ଏଥିରେ କୌଣସି ସତ୍ୟତା ନାହିଁ ବୋଲି କହିଛନ୍ତି। ଏପରିକି ଦ୍ୱିତୀୟ ଥର ଆମେରିକାର ରାଷ୍ଟ୍ରପତି ହେବା ପରେ ସେ ଜଳବାୟୁ ପରିବର୍ତ୍ତନ ବିରୋଧରେ ସବୁ ଫଣ୍ଡ ବା ପାଣ୍ଠି ବଣ୍ଟନକୁ ପ୍ରାୟତଃ ବନ୍ଦ କରିଦେଇଛନ୍ତି। ଗତବର୍ଷ ଆଜରବୈଜାନର ବାକୁଠାରେ ହୋଇଥିବା କପ୍‌୨୯ରେ ମଧ୍ୟ ଆମେରିକା ଯୋଗ ଦେଇ ନ ଥିଲା। ପୂର୍ବାପେକ୍ଷା ଆମେରିକା ଜଳବାୟୁ ପରିବର୍ତ୍ତନ ପ୍ରଭାବରେ ପ୍ରାକୃତିକ ବିପର୍ଯ୍ୟୟକୁ ଘୋର ମାତ୍ରାରେ ସମ୍ମୁଖୀନ ହେଉଥିଲେ ମଧ୍ୟ ଟ୍ରମ୍ପଙ୍କ ଭଳି ଏକଜିଦିଆ ନେତା ଏହା ପରେ ଥିବା ମନୁଷ୍ୟକୃତ ନକାରାତ୍ମକ ଯୋଗଦାନକୁ ସ୍ୱୀକାର କରିବାକୁ ଚାହୁଁ ନାହାନ୍ତି। ଏଥିସହିତ ନଭେମ୍ବର ୨୨ ଓ ୨୩ରେ ଦକ୍ଷିଣ ଆଫ୍ରିକାର ଜୋହାନ୍ସବର୍ଗଠାରେ ହେବାକୁ ଥିବା ଜି-୨୦ ଶିଖର ସମ୍ମିଳନୀରେ ସେ କିମ୍ବା ତାଙ୍କର ଅନ୍ୟ କୌଣସି ସରକାରୀ ଅଧିକାରୀ ଯୋଗଦେବେ ନାହିଁ ବୋଲି ଟ୍ରମ୍ପ କହିଛନ୍ତି। ସେ ଅଭିଯୋଗ କରିଛନ୍ତି ଯେ, ଦକ୍ଷିଣ ଆଫ୍ରିକାରେ ଗୋରା କୃଷକମାନଙ୍କୁ ନିର୍ଯାତନା ଦିଆଯାଉଛି। ଯେତେ ଯାଏ ଖ୍ରୀଷ୍ଟିଆନଙ୍କ ବିରୋଧରେ ମାନବ ଅଧିକାର ଉଲ୍ଲଂଘନ ହେଉଥିବ ସେତେ ଯାଏ ସେଠାରେ ଅନୁଷ୍ଠିତ ସମ୍ମିଳନୀକୁ ଆମେରିକା ଯିବ ନାହିଁ ବୋଲି ଟ୍ରମ୍ପ କହିଛନ୍ତି। ହୁଏତ ଜି-୨୦ରେ ଅନ୍ତର୍ଜାତୀୟ ବାଣିଜ୍ୟ ପ୍ରସଙ୍ଗ ଉଠିଲାବେଳେ ଟ୍ରମ୍ପଙ୍କ ବିଭିନ୍ନ ଦେଶ ଉପରେ ଟାରିଫ୍ କଥା ଉଠିବା ଆଶଙ୍କାରେ ଆମେରିକା ପଛଘୁଞ୍ଚା ଦେଉଛି। ସୂଚନାଯୋଗ୍ୟ, ଜି-୨୦ରେ ବିଶ୍ୱର ୧୯ ବୃହତ୍ ଅର୍ଥନୀତି ସମୃଦ୍ଧ ରାଷ୍ଟ୍ର ସହିତ ୟୁରୋପୀୟ ସଂଘ ଓ ଆଫ୍ରିକୀୟ ସଂଘ ରହିଛନ୍ତି। ଏହାର ସଦସ୍ୟମାନେ ବିଶ୍ୱ ଅର୍ଥନୀତିରେ ଥିବା ପ୍ରମୁଖ ପ୍ରସଙ୍ଗ ସଂକ୍ରାନ୍ତରେ ଏହି ମଞ୍ଚରେ ଆଲୋଚନା କରିଥାଆନ୍ତି।

**ନିଜ ଆଭ୍ୟନ୍ତରୀଣ ସମସ୍ୟାରେ ବୁଡ଼ିରହିଥିବା ଆମେରିକା ଏବେ ବିଶ୍ୱ ନେତୃତ୍ୱରେ ନିଜର ସ୍ଥାନକୁ ବଜାୟ ରଖିବା ଜଟିଳ ଦିଶିଲାଣି। ଜାତିସଂଘ ଜଳବାୟୁ ସମ୍ମିଳନୀ ଓ ବିଶେଷକରି ଜି-୨୦ରୁ ଦୂରେଇ ରହିବା ଆମେରିକାକୁ ଭୂରାଜନୈତିକ ଓ ଅର୍ଥନୈତିକ ମୁଖ୍ୟସ୍ରୋତରୁ ଦୂରେଇ ଦେବ ବୋଲି ଆଲୋଚନା ହେଉଛି। 'ଆଗ ଆମେରିକା' ନୀତିର ପରୀକ୍ଷଣ ଟ୍ରମ୍ପ୍ ଏବଂ ଆମେରିକାକୁ କେଉଁ ସ୍ତରରେ ନେଇ ପହଞ୍ଚାଇବ ତାହା ସମୟ କହିବ।**

ଦେଖିବାକୁ ଗଲେ ଅନ୍ୟ ରାଷ୍ଟ୍ରରେ ମାନବ ଅଧିକାର ଉଲ୍ଲଂଘନକୁ ଦେଖିପାରୁଥିବା ଟ୍ରମ୍ପ୍ ନିଜ ଦେଶରେ ଦୀର୍ଘ ୪୧ ଦିନ ହେବ ହୋଇଥିବା ଶଟ୍‌ଡାଉନ୍‌କୁ ହଟେଇବାରେ ବିଫଳ ହୋଇଛନ୍ତି ବୋଲି ସମାଲୋଚକମାନେ କହୁଛନ୍ତି। ସେଠାରେ ମନି ବିଲ୍ ଗୃହୀତ ନ ହେବା ଏହାର ମୂଳ କାରଣ ପାଲଟିଛି। କୁହାଯାଉଛି ବିରୋଧୀ ଡେମୋକ୍ରାଟ ପାର୍ଟି ଟ୍ରମ୍ପଙ୍କ ମନି ବିଲ୍‌କୁ ଗୃହୀତ ହେବାକୁ ଦେଉ ନ ଥିବାରୁ ଏହି ଶଟ୍‌ଡାଉନ୍ ସ୍ଥିତି ଉପୁଜିଛି। ଆମେରିକା ଇତିହାସରେ ଏଭଳି ସ୍ଥିତି ପୂର୍ବରୁ ଦେଖାଦେଇ ନ ଥିଲା। ଏହି ଶଟ୍‌ଡାଉନ୍ ଫଳରେ ପାଖାପାଖି ୧୪ ଲକ୍ଷ ସଂଘୀୟ କର୍ମଚାରୀ ଦରମା ନ ପାଇ ଦହଗଞ୍ଜ ହେଉଛନ୍ତି। ଏଠାରେ କୁହାଯାଇ ପାରେ ଯେ, ଅନେକ ଦିନ ହେବ ଆମେରିକାରେ ଅର୍ଥନୈତିକ ଅସ୍ୱାଭାବିକତା ଜାରି ରହିଛି। ସେଥିପାଇଁ ସ୍ୱାସ୍ଥ୍ୟ ଓ ନିଯୁକ୍ତି କ୍ଷେତ୍ର ଘୋର ପ୍ରଭାବିତ ହେବା ସହ ଦରଦାମ ବୃଦ୍ଧି ଦେଖାଦେଇଛି। ଏହାକୁ ସମ୍ଭାଳିବା ପାଇଁ ଟ୍ରମ୍ପ୍ ଦ୍ୱିତୀୟ ଥର ରାଷ୍ଟ୍ରପତି ଭାବେ ଶପଥ ଗ୍ରହଣ କଲା ମାତ୍ରେ ଡିପାର୍ଟମେଣ୍ଟ ଅଫ୍ ଗଭର୍ନମେଣ୍ଟ ଏଫିସିଏନ୍ସି (ଡିଓଜିଇ) ମାଧ୍ୟମରେ ସରକାରୀ କର୍ମଚାରୀଙ୍କୁ ଛଟେଇ କରିବା ସହ ବିଭିନ୍ନ ଧରଣର ଖର୍ଚ୍ଚକାଟ ପଦକ୍ଷେପ ନେଇଥିଲେ। ଏବେ ବୋଝ ଉପରେ ନଳିତା ବିଡ଼ା ସାଜିଲାଣି ଶଟ୍‌ଡାଉନ୍ ପରିସ୍ଥିତି। ଦୀର୍ଘଦିନ ଧରି ଦରମା ନ ପାଇ ସରକାରୀ କର୍ମଚାରୀ କାମକୁ ଆସିବା ବନ୍ଦ କଲେଣି। ଏପରିକି ଏବେ ଆମେରିକାର ବହୁ ଏୟାରଲାଇନ୍ସ ସେବା କର୍ମଚାରୀ କାର୍ଯ୍ୟରେ ଯୋଗଦେବାକୁ ଆସୁ ନ ଥିବାରୁ ଏୟାର୍ ଟ୍ରାଫିକ୍ କଣ୍ଟ୍ରୋଲ୍‌ରେ ସମସ୍ୟା ଦେଖାଦେବାରୁ ବିମାନ ଚଳାଚଳ ବାଧାପ୍ରାପ୍ତ ହୋଇଛି।

ନିଜ ଆଭ୍ୟନ୍ତରୀଣ ସମସ୍ୟାରେ ବୁଡ଼ିରହିଥିବା ଆମେରିକା ଏବେ ବିଶ୍ୱ ନେତୃତ୍ୱରେ ନିଜର ସ୍ଥାନକୁ ବଜାୟ ରଖିବା ଜଟିଳ ଦିଶିଲାଣି। ଜାତିସଂଘ ଜଳବାୟୁ ସମ୍ମିଳନୀ ଓ ବିଶେଷକରି ଜି-୨୦ରୁ ଦୂରେଇ ରହିବା ଆମେରିକାକୁ ଭୂରାଜନୈତିକ ଓ ଅର୍ଥନୈତିକ ମୁଖ୍ୟସ୍ରୋତରୁ ଦୂରେଇ ଦେବ ବୋଲି ଆଲୋଚନା ହେଉଛି। America First ବା ଆଗ ଆମେରିକା ନୀତିର ପରୀକ୍ଷଣ ଟ୍ରମ୍ପ୍ ଏବଂ ଆମେରିକାକୁ କେଉଁ ସ୍ତରରେ ନେଇ ପହଞ୍ଚାଇବ ତାହା ସମୟ କହିବ।

## su|do|ku  ସୁ-ଡୋ-କୁ
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | | 6 | 5 | 4 |
| | | 7 | | | | | | |
| | 2 | | | 1 | | | | 9 |
| | | | | | 4 | | | |
| | 4 | | 7 | 9 | | | | 1 |
| 7 | | 1 | | 6 | | | 2 | |
| | 7 | 5 | | | | 9 | | |
| | | | | | | | | |
| | | | 3 | 2 | 9 | 8 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 8 | 5 | 1 | 2 | 6 | 3 | 9 | 4 | 7 |
| 3 | 6 | 7 | 4 | 9 | 5 | 1 | 8 | 2 |
| 2 | 9 | 4 | 7 | 8 | 1 | 5 | 6 | 3 |
| 5 | 4 | 8 | 6 | 2 | 9 | 7 | 3 | 1 |
| 7 | 1 | 6 | 5 | 3 | 8 | 2 | 9 | 4 |
| 9 | 2 | 3 | 1 | 4 | 7 | 8 | 5 | 6 |
| 4 | 7 | 5 | 8 | 1 | 6 | 3 | 2 | 9 |
| 1 | 3 | 2 | 9 | 5 | 4 | 6 | 7 | 8 |
| 6 | 8 | 9 | 3 | 7 | 2 | 4 | 1 | 5 |

ଗତକାଲିର ଉତ୍ତର

# ମୁଁ ଗାନ୍ଧୀ ଦେଶର ମଣିଷ



ଡ. ସାରଦା ପ୍ରସାଦ କର

ପ୍ରଯୋଜକ, ନିର୍ଦ୍ଦେଶକ ରିଚାର୍ଡ ଆଟେନବରୋଙ୍କ ବହୁ ପରୀକ୍ଷିତ ୧୯୮୨ର ଚଳଚ୍ଚିତ୍ର 'ଗାନ୍ଧୀ' ପାଇଁ ଲୟତାଳ ଅନୁପଯୁକ୍ତ କାରଣରୁ ଜାତୀୟ ଅଭିନୟ ବିଦ୍ୟାଳୟ ଶିକ୍ଷାପ୍ରାପ୍ତ ଅଭିନେତା ନାସିରୁଦ୍ଦିନ ଶାହ ବାଦ୍ ପଡ଼ିବା ତାଙ୍କୁ ଆଶ୍ଚର୍ଯ୍ୟକଲା। ପରେ ୨୦୦୦ ମସିହା କମଳ ହାସନଙ୍କ 'ହେ ରାମ'ରେ ଅଭିନୟ ସୁଯୋଗ ପାଇ ସେ କିଛିଟା ଆଶ୍ୱସ୍ତ ହେଲେ। ଗାନ୍ଧୀ ଅଭିନୟରେ ସାର୍ ବେନ୍ କିଙ୍ଗସଲେ, ପ୍ରାଥମିକ ରିଲ୍‌ଟିକୁ ଦେଖି 'ଅସମ୍ଭବ' କହି ଉଠି ଚାଲିଯାଇଥିଲେ। ସେହିପରି ଗାନ୍ଧୀ ବେଶରେ ରହି 'ହେ ରାମ'ରେ ଅଭିନୟ କରିବା ନାସିରୁଦ୍ଦିନଙ୍କୁ ଅଣନିଃଶ୍ୱାସୀ କରିଦେଇଥିଲା ବୋଲି ଅଭିନେତା ଜଣକ ସ୍ୱୀକାର କରିଥିଲେ । ଆମେ ଏବେ ଉତ୍ତରଦାୟାଦଗଣ ବିନା ଅଭିନୟ ଶିକ୍ଷାରେ ଗାନ୍ଧୀଙ୍କ ନିଖୁଣ ଅଭିନୟ କରୁଛୁ। ତାଙ୍କ ଶ୍ରାଦ୍ଧ ଦିବସରେ ଉଦ୍ଧାତ ସ୍ୱରରେ କହୁଛୁ, 'ମୁଁ ଗାନ୍ଧୀ ଦେଶର ମଣିଷ'। ରାମ ନାମ ଜପାମାଳି କରିଥିବା କିଛି ଅପରାଧୀ ସାଂସଦ ହୋଇ ଦେଶର ଆଇନ ପ୍ରଣୟନ କରୁଛନ୍ତି। ୨୦୨୪ ସାଧାରଣ ନିର୍ବାଚନରେ ସାଂସଦ ଶପଥ ନେଇଥିବା ୩୧ ପ୍ରତିଶତ ବା ୧୭୦ ଜଣ ବଳାତ୍କାର, ଅପହରଣ, ଦଙ୍ଗାପିଟା, ମଣିଷମାରିବା ଆଦି ଅପରାଧରେ ଜଡ଼ିତ। ବିଚାରପତିଙ୍କ ଘରୁ ଟଙ୍କାର ପାହାଡ଼, ଡାକ୍ତର ଅନୁପସ୍ଥାନରୁ ଖଟିଆରେ କୁକୁର ଶୋଇବା ଦୃଶ୍ୟ ଦେଖି ଆମେ ସ୍ୱୀକାର କରିବା ଯେ କେବେ ଆମେ ଗାନ୍ଧୀ ଦେଶର ମଣିଷ ଥିଲୁ।

ବିଶ୍ୱର ଲମ୍ବା ଅବଧି ପଦଯାତ୍ରାକାରୀ କହିଲେ ଗାନ୍ଧୀ ଆଖି ଆଗକୁ ଆସନ୍ତି। ମାଟି କାଦୁଅ, ଖାଲ, ଢେମା ଗ୍ରାମ୍ୟ ରାସ୍ତାରେ ୧୯୧୩ରୁ ୧୯୪୮ ଯାଏ ସମୁଦାୟ ୭୯,୦୦୦ କିଲୋମିଟର ପଦଯାତ୍ରା। ମାର୍ଚ୍ଚ ୧୨ରୁ ଏପ୍ରିଲ ୫, ୨୪ ଦିନର 'ଲବଣ ସତ୍ୟାଗ୍ରହ' ଯାହା ଅହମଦାବାଦ ନିକଟସ୍ଥ ସାବରମତୀ ଆଶ୍ରମରୁ ଉପକୂଳ ଅଞ୍ଚଳ ଦାଣ୍ଡି ଯାଏ ଦୀର୍ଘ ୩୮୬ କିଲୋମିଟର ଯାତ୍ରା, ଏକକାଳୀନ ଦୀର୍ଘ ଅବଧି ଯାତ୍ରାରେ ମାତ୍ର ୭୮ ଜଣ ସହସାଥୀଙ୍କୁ ନେଇ। କିନ୍ତୁ ଦାଣ୍ଡି ପହଞ୍ଚିବା ପୂର୍ବରୁ ଜନ ସମୁଦ୍ର ! ବ୍ରିଟିଶର ଭୟ ହୋଇଯିବାରୁ ପ୍ରାୟ ଦଶ ହଜାର କର୍ମୀଙ୍କୁ ଗିରଫ କଲା। 'ମୁଁ ଗାନ୍ଧୀ ଦେଶର ମଣିଷ' ଆଧାରରେ ଆଜି ବି ଦେଶରେ ପଦଯାତ୍ରା ହେଉଛି, ବିଶେଷକରି ନିର୍ବାଚନ ବେଳେ ଭୋଟ ପାଇଁ। ଲକ୍ଷେ ଲୋକଙ୍କ ବଳ ଗୋଟେଇ ନେତା ଗେଣ୍ଡୁମାଳ ପକେଇ ଚାଲନ୍ତି ହେଲେ ମାତ୍ର ଦୁଇ କିଲୋମିଟର ଚାଲିବା ପରେ ୩ଶହ ଲୋକ ସାଙ୍ଗରେ। ଜନତା ଜାଣନ୍ତି ଯେ ଏମାନେ ଆସନ ପ୍ରତ୍ୟାଶୀ, ଗାନ୍ଧୀ ନୁହନ୍ତି। ଏଠାରେ ଗାନ୍ଧୀଙ୍କୁ ଜଣେ ମହାତ୍ମା ଦିବ୍ୟାତ୍ମାର ଉଦାହରଣ ଭାବରେ



ନିଆଯାଇଛି। ରୁଚି, ନୈତିକତା, ବେଶ ଗାନ୍ଧୀଙ୍କଠାରୁ ଦୂରରେ କିନ୍ତୁ କେହି ଆମକୁ ଛଳେଇକି ଗାନ୍ଧୀଟା ବୋଲି ସମ୍ବୋଧନ କରିଦେଲେ ମନ କୁଣ୍ଢେମୋଟ। ବୁଲିବୁଲି ନୋବେଲ୍ ପୁରସ୍କାର ପାଇଁ ଦେଶଗୁଡ଼ିକୁ ସୁପାରିସ ମାଗୁଥିବା ରାଷ୍ଟ୍ରପତି ଟ୍ରମ୍ପଙ୍କ ପରି ଗାନ୍ଧୀ ଚାହିଁଥିଲେ ପୃଥିବୀର ସବୁ ବଡ଼ ପୁରସ୍କାର ସାଉଁଟି ନେଇଥାନ୍ତେ।

ବ୍ରହ୍ମପୁର ସହରର ଜଣାଶୁଣା ଆଇନଜ୍ଞ ପୀତବାସ ପଣ୍ଡାଙ୍କ ଛାତିରେ ଦୁଇ ରାଉଣ୍ଡ ଗୁଳି ବସେଇଦେବା ଆଗରୁ ଭଡ଼ାଟିଆ ଅପରାଧୀ ଆଗ ନମସ୍କାରଟେ ପକେଇଥିବା ଚର୍ଚ୍ଚାର ବିଷୟ। ୨୨ ବର୍ଷୀୟା ଏଲ୍‌ଟିଟିଇ ବିଚ୍ଛିନ୍ନତାବାଦୀ କଲେଇବାନି ରାଜରତ୍ନମ ଓରଫ ଧନୁ, ମେ ୨୧ ୧୯୯୧ରେ ଶ୍ରୀପେରୁମ୍ବୁଦୁର ସଭାରେ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କୁ ଫୁଲହାର ଦେବା ବାହାନାରେ ପେନ୍‌ସିଲ ବୋମାରେ ଉଡ଼େଇଦେଲେ। ୧୯୮୩ ମସିହା, ସଫଦରଜଙ୍ଗ ବାସଭବନରେ ନିଜ ଅଙ୍ଗରକ୍ଷୀଙ୍କ ହାତରେ ଜୀବନ ଦେଲେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ। ହତ୍ୟା ଅପରାଧ ଜଡ଼ିତ ବିଶ୍ୱସ୍ତ ରକ୍ଷୀ ବିୟନ୍ତ ସିଂଙ୍କୁ ଅନ୍ୟ ଅଙ୍ଗରକ୍ଷୀ ଘଟଣା ସ୍ଥଳରେ ସଫା କରିଦେବା ବେଳେ ଶତ୍‌ୱନ୍ତ ସିଂଙ୍କ ବିଚାର ଚାଲିଲା ୧୯୮୯ ଯାଏ। ସାକ୍ଷୀ ପ୍ରମାଣ ଥାଇ ଦିବଂଗତ ପ୍ରଧାନମନ୍ତ୍ରୀଙ୍କୁ ୬ ବର୍ଷ ନ୍ୟାୟ ପାଇଁ ଅପେକ୍ଷା କରିବାକୁ ପଡ଼ିଲା। ଅନୁଷ୍ଠାନ ନାମ ଭିନ୍ନ ହେଲେ କଣ୍ଟ୍ରୋଲ ଡିଲର, କବି, କଣ୍ଟ୍ରାକ୍ଟର, କ୍ରିକେଟରଙ୍କ ଚୟନ ପଦ୍ଧତି ଗୋଟିଏ ସୂତ୍ର। କାହା ଶିବିରକୁ କିଏ ଫେରିବେ ତାହା ନିରପେକ୍ଷ ବିଚାର ଆଧାରିତ କହିଦେଲେ ସବୁରି ତୁଣ୍ଡ ଚୁପ।

ଜଡ଼ରେ ଯିଏ ଆତ୍ମା ଦେଲା ସେ ମହାତ୍ମା ହେଲା। କେ. କାମରାଜଙ୍କୁ ତାମିଲରେ କର୍ମବୀର, କାଲା ଗାନ୍ଧୀ ଆଦି କେତେ କ'ଣ ନାମ ଦିଆଗଲା। ବର୍ଣ୍ଣ ବୈଷମ୍ୟ ବିରୋଧ ଶାଣିତ ସ୍ୱର ଶୁଭିଲା ଆଫ୍ରିକାରୁ। ନେଲ୍‌ସନ ମଣ୍ଡେଲା ଗାନ୍ଧୀଙ୍କୁ ଆଦର୍ଶ ମନେକରି ଅନଶନ କଲେ ଜେଲରେ। ଆମେରିକାରୁ ମାର୍ଟିନ ଲୁଥର କିଙ୍ଗ୍ ଜୁନିୟର (୧୯୬୮ରେ ହତ୍ୟାର ଶିକାର) ସାମାଜିକ ଅଧିକାର ପାଇଁ ସ୍ୱର ଉତ୍ତୋଳନ କଲେ, ଆଖି ଆଗରେ ଗାନ୍ଧୀ ଥିଲେ ଈଶ୍ୱର। ଏମାନଙ୍କୁ ଗାନ୍ଧୀ ଟେହି ଟିହାଇ ବିଜ୍ଞାପିତ କରି ନ ଥିଲେ। ଭାଇ ଭାଗରୁ ଆମେ ପାଇଥିବା ସେଦିନର ଜୀବନ ଥିଲା ଅଧାଲୁଚା ଦେହର, ଛିଣ୍ଡା କତରାର, ଉଦର ଦହନର, ଉତ୍କଟ ଦାରିଦ୍ର୍ୟର। ବନ୍ଧବାଡ଼, ରାସ୍ତାଘାଟ, ଶିକ୍ଷାନୁଷ୍ଠାନ, ବୈଦ୍ୟଖାନା ଆଦି ତିଆରି ହେବାକୁ ସମୟ ଲାଗିଲା। ଅନେକ ଜନହିତକର ଯୋଜନାର ଖୋଲାପଡ଼ିଆ ଅଧିବେଶନରେ ନିଷ୍ପତ୍ତି ହେଉଥିଲା। ନେତାମାନେ ଅଧା ରାସ୍ତାରେ ଗାଡିରଖି କର୍ମକର୍ତ୍ତାଙ୍କଠାରୁ ବୁଝୁ ନ ଥିଲେ, ତାଙ୍କ ବେକ ପାଇଁ ବଡ଼ ମାଳଟେ ଆସିଛି କି ନାହିଁ କିମ୍ବା ଲୋକ ସମାଗମ ଆଖିଦୃଶିଆ ହୋଇଛି କି ନାହିଁ।

ଦେଶର ଷଷ୍ଠ ପ୍ରଧାନମନ୍ତ୍ରୀ ମୋରାରଜି ଦେଶାଇ (୧୯୭୭ ମାର୍ଚ୍ଚ-୧୯୭୯ ଜୁଲାଇ), ବ୍ୟକ୍ତିଗତ ଜୀବନ ନିରାଡ଼ମ୍ବର, ସରଳ, ସାରା ଭାରତରୁ ମଦ ନିବାରଣ ନିଷ୍ପତ୍ତି ଆଗରୁ ସରକାରରେ ପୂର୍ଣ୍ଣଚ୍ଛେଦ ପଡ଼ିଲା। ପାକିସ୍ତାନର ସର୍ବୋଚ୍ଚ ବେସାମରିକ ସମ୍ମାନ 'ନିଶାନ-ଇ-ପାକିସ୍ତାନ'ରେ ସମ୍ମାନିତ ତାରକା ଜଣକ ଥିଲେ 'ସର୍ବୋଦୟ'ର ନିଷ୍ଠାପର ସେବକ, ଗାନ୍ଧୀ ଅନୁଗାମୀ। ତିରିଶ ବର୍ଷ ଆଗରୁ ଗାନ୍ଧୀ ସେପାରିକୁ ଚାଲିଯାଇଥିଲେ। ନଚେତ ଆଜିର ଦିନରେ କିଛି ନିନ୍ଦୁକ କହିଥା'ନ୍ତେ ସେ ଗାନ୍ଧୀ ଅନୁଗାମୀ ବୋଲି ପାକିସ୍ତାନ ସହ ସଲାସୁତରା କରି ପୁରସ୍କାର କରେଇଥିବେ। ୧୨ ଜୁନ ୨୦୨୫, ଲଣ୍ଡନ ଯାତ୍ରାରେ ଏୟାର ଇଣ୍ଡିଆ ବିମାନ ଏଆଇ-୧୭୧, ଆକାଶକୁ ଉଠିବାର ୩୨ସେକେଣ୍ଡ ଭିତରେ ଧ୍ୱଂସ ପାଇଗଲା। ଯାତ୍ରୀ, କର୍ମଚାରୀ ଓ ବାହାର ପଥଚାରୀ ମିଶି ସମୁଦାୟ ୨୬୦ ପ୍ରାଣ ହରେଇଲେ। ଚେନ୍ନାଇର ୨୭ ବର୍ଷୀୟା ରୋବୋଟିକ ଇଞ୍ଜିନିୟର ରିନି ଯୋଶୀଲଦା ଦାବି ଦୋହରେଇଲେ ଯେ ସେ ଏଭଳି ଦୁର୍ଘଟଣା ପାଇଁ ଦାୟୀ। କମ୍ପ୍ୟୁଟରର ଭୁଲ୍ ମେଲ୍ ଠିକଣାରୁ ଆଉ 'ଡାର୍କ ୱେବ' ପ୍ରଣାଳୀରେ ନିଜ ପରିଚୟ ଲୁଚାଇ ସେ ଏଭଳି କରିଥିଲେ ତାଙ୍କର ଜଣେ ପୁରୁଷ ବନ୍ଧୁଙ୍କୁ ଫସାଇବା ପାଇଁ।

ଗାନ୍ଧୀ ଦେଶର ମହିଳାଟିଏ କେବଳ ଭଗତ୍ ସିଂଙ୍କ ପରି ଗୌରବଙ୍କୁ ଜନ୍ମ ଦେଇପାରେ। ୨୩ ମାର୍ଚ୍ଚ ୧୯୩୧, ମାତ୍ର ୨୩ ବର୍ଷ ବୟସରେ ଫାଶୀ ପାଇବାର ଦିନକ ଆଗରୁ ଜଗୁଆଳି ଆସି ଭଗତ୍ ସିଂଙ୍କୁ କହିଲେ, ତୁମ ମା' ତୁମକୁ ଭେଟିବାକୁ ଚାହୁଁଛନ୍ତି। ଭଗତ୍ ସିଂ ହଁ ଭରିଲେ ହେଲେ ସର୍ତ୍ତରେ ଲେଖିଲେ- ତୁ ଆସିବୁ ଯଦି କାନ୍ଦିବୁନି, ଯଦି କାନ୍ଦିବୁ ତେବେ ଆସିବୁନି। ସେହି ପ୍ରକାରେ ମା' ଭଗବତୀ କୌର ଆସିଲେ ଭଗତ୍ ସିଂଙ୍କୁ ଭେଟି କଥାହେଲେ। ଫେରିଗଲା ବେଳେ କିନ୍ତୁ ନିଜକୁ ସମ୍ଭାଳି ନ ପାରି କାନ୍ଦି ପକେଇଲେ। ଏହା ସର୍ତ୍ତର ଖିଲାପ ବୋଲି କହିଲେ ଭଗତ୍ ସିଂ। ଓଢ଼ଣୀରେ ଆଖି ପୋଛି ମା' ଉତ୍ତର ଦେଲେ, ମୁଁ ତୋ ଫାଶୀ ପାଇଁ କାନ୍ଦୁନି। ଅବସୋସ ରହିଗଲା ଆଉ ଗୋଟେ ଭଗତ୍ ସିଂକୁ ଜନ୍ମ ଦେବାର ବୟସ ମୋ ପାଖରେ ନାହିଁ। ଗାନ୍ଧୀ ପ୍ରୟାଣର ୨୭ ବର୍ଷ ପରେ, ଦିଲ୍ଲୀଠାରେ ଭଗବତୀ କୌରଙ୍କ ଦେହାନ୍ତ ବେଳକୁ ଘୋର ଆର୍ଥିକ ଦୁର୍ଦ୍ଦଶା ଥିଲା। ଭଗତ୍ ସିଂଙ୍କ ଅନ୍ୟ ଭାଇ ଭଉଣୀ କିନ୍ତୁ ସେଭଳି କିଛି ଦାୟିତ୍ୱ ନେଲେନି ମା'ର। ଦେଶ ଜରାନିବାସମୟ ହେବାରେ ବାପା, ମା'ଙ୍କୁ ମୁଁ ଘରେ ରଖିଛି କହି କେହି ପୁଅ ଦାଣ୍ଡରେ ଛାତି ଚଉଡାକଲେ ଲାଗୁଛି ଗାନ୍ଧୀ ଦେଶର ମଣିଷ ଟିକେ ମୋହଗ୍ରସ୍ତ ହୋଇସାରିଛି।

ମୋ: ୮୨୪୯୮୨୭୧୪୮

## ଏଇ ଭାରତରେ

କର୍ଣ୍ଣାଟକର ସିର୍‌ଶି ଗାଁକୁ ଗଲେ ସେଠାରେ ରୋବୋ ଶିକ୍ଷକ ଦେଖିବାକୁ ପାଇବେ, ଯାହା ମଣିଷଙ୍କ ଭଳି ପଢ଼ାଇପାରୁଛି। ସ୍ମାର୍ଟ ଶିକ୍ଷାକୁ କର୍ନାଟକ ଗ୍ରାମାଞ୍ଚଳ ପିଲାଙ୍କ ପାଖରେ ପହଞ୍ଚାଇବା ଅକ୍ଷୟ ମାଶେଲକର ଏଡି ରୋବୋ ନିର୍ମାଣ କରିଛନ୍ତି। ଅକ୍ଷୟଙ୍କ ବୟସ ୩୦। କୋଭିଡ୍ ମହାମାରୀ ସମୟରେ ସେ ଏହି ରୋବୋ ନିର୍ମାଣ କରିବାକୁ ଯୋଜନା ପ୍ରସ୍ତୁତ କରି ୨୦୨୨ରେ ଶେଷ କରିଥିଲେ। ଏହାକୁ ତିଆରି କରିବାକୁ ୧୮ ମାସ ଲାଗିଯାଇଥିଲା ଏବଂ ମୋଟ ଖର୍ଚ୍ଚ ହୋଇଥିଲା ୨ ଲକ୍ଷ ଟଙ୍କା। ଏହି ରୋବୋ ଶିକ୍ଷକର ନାମ ଶିଖା। ଚତୁର୍ଥ ଶ୍ରେଣୀ ପର୍ଯ୍ୟନ୍ତ ପିଲାଙ୍କୁ ଏହା କନ୍ନଡ ଓ ଇଂଲିଶରେ ପଢ଼ାଇପାରୁଛି। ଶିଖା ବିଭିନ୍ନ ବିଷୟରେ ପଢ଼ାଇବା ସହ ରାଇମ ମଧ୍ୟ ଗାଇପାରୁଛି। ପିଲାମାନେ ଆଗ୍ରହ ସହ ଶିଖାଠାରୁ ପଢ଼ିବାକୁ ଚାହିଁ ବସୁଛନ୍ତି। ଏବେ 'ଶିଖା'କୁ ୩୫,୦୦୦ ଟଙ୍କାରେ ତିଆରି କରିବାକୁ ଯୋଜନା କରିଛନ୍ତି, ଯାହାଦ୍ୱାରା ଉତ୍ତର କନ୍ନଡର ସବୁ ସ୍କୁଲରେ ପିଲା ଶିଖାଠାରୁ ପଢ଼ିବାର ସୁଯୋଗ ପାଇପାରିବେ। କେବଳ ଏତିକି ନୁହେଁ, ଅକ୍ଷୟ ମଧ୍ୟ ପିଲାମାନଙ୍କୁ ରୋବୋଟିକ ଟେକ୍‌ନୋଲୋଜି ସମ୍ପର୍କରେ ଶିକ୍ଷା ଦେଉଛନ୍ତି। ପାଖାପାଖି ୨୦୦ ପିଲା ଏବେ କ୍ଷୁଦ୍ର ରୋବୋ ନିର୍ମାଣ କରିପାରୁଛନ୍ତି।

# କୃଷି ବିକାଶରେ ଶ୍ରୀଅନ୍ନ



ଡି. ଶୁଭମ୍

ଓଡ଼ିଶାର କୃଷି ଐତିହ୍ୟରେ ଶ୍ରୀଅନ୍ନ ବା ମାଣ୍ଡିଆର ସ୍ଥାନ ସ୍ୱତନ୍ତ୍ର। ରାଜ୍ୟରେ ମାଣ୍ଡିଆ ଗାଁର ପରିକଳ୍ପନା କରିବା ଆମ ପର ପିଢ଼ି ପାଇଁ ବାଟ ଉନ୍ମୁକ୍ତ କରିବାର ଏକ ସୁଯୋଗ। ଆମ କୁଶଳୀ ଚାଷୀମାନେ ଏହି ମହତ ଉଦ୍ଦେଶ୍ୟରେ ପ୍ରମୁଖ ଭାଗୀଦାରି ସାଜିବେ। ଜଳବାୟୁ ପରିବର୍ତ୍ତନର ଉତ୍କଟ ସମସ୍ୟାକୁ ଚାଷଜମିରେ ପ୍ରତିହତ କରିବାର ଏକ ସୁଦୂରପ୍ରସାରୀ ଯୋଜନା ମାଣ୍ଡିଆ ଗାଁ। ମାଣ୍ଡିଆ ଗାଁରେ ସମସ୍ତ ଚାଷୀ ଓ ସାଧାରଣଲୋକ ମିଳିତ ଭାବରେ ସହଯୋଗ ତଥା ସମର୍ଥନ ପୂର୍ବକ ମାଣ୍ଡିଆର ପ୍ରଚାର ପ୍ରସାର ତଥା ଏହାର ପରିସୀମା ବୃଦ୍ଧି କରିବା ପାଇଁ ଶପଥ ନେବେ। ଗ୍ରାମୀଣ ବଜାରକୁ ସୁଧାରିବା ସହ ପୋଷଣ ଆଉ ଅର୍ଥନୈତିକ ବିକାଶ ଦିଗରେ ମାଣ୍ଡିଆ ଗାଁ ସାହାଯ୍ୟ କରିବ।

''ପାହାଡ଼ ଗାଁରେ ମାଣ୍ଡିଆ ଚାଷ, ସୁରୂଯ ଉଇଁଲେ ଆସଇ ହସ।'' ଏ ଲୋକଗୀତ ଆମ ପାଇଁ ସାଧାରଣ ହେଲେ ମଧ୍ୟ ଆଜିର ସମୟରେ ଏହାର ଗୁରୁତ୍ୱ ଅନେକ। ବର୍ଷବର୍ଷ ପୂର୍ବର ଗରିବର ଖାଦ୍ୟ ବୋଲି ମାନ୍ୟତା ପାଇଥିବା ଏହି କ୍ଷୁଦ୍ରଶସ୍ୟ ଆଜି ଘରର ଚାରିକାନ୍ଥ ଭିତରେ ଆଉ ସୀମିତ ହୋଇ ନାହିଁ। ପୋଲସରାରୁ ପ୍ୟାରିସ୍, କୋରାପୁଟରୁ ଜି ୨୦ ଯାଏ ସବୁଠି ଏହା ପରିବ୍ୟାପ୍ତ। ଜଳବାୟୁର ରୂପରେଖ ହେଉ ଅବା ଆମ ରାଜ୍ୟର ଭୌଗୋଳିକ ଦୃଷ୍ଟିକୋଣ ସବୁଆଡ଼ୁ ବିଚାର କଲେ ଆଗାମୀ ପିଢ଼ି ପାଇଁ ସ୍ୱପ୍ନ ଆଉ ସମ୍ଭାବନାର ବୀଜ ବୁଣିବାରେ ମାଣ୍ଡିଆର ଭୂମିକା ସର୍ବାଗ୍ରେ ରହିବ। ଭବିଷ୍ୟତ ପିଢ଼ି ପାଇଁ ସ୍ୱାବଲମ୍ବୀ ହେବା ପଥରେ ପଥଚାରୀ ମାଣ୍ଡିଆ।

ପାରମ୍ପରିକ ସମୟର ଚାଷ କଥା କହିଲେ ମାଣ୍ଡିଆ ଚାଷର କାହାଣୀ ଗାଁଗୁଡ଼ିକରେ ଶୁଣିବାକୁ ମିଳେ। ଆମ ବାପା ଅଜା ପିତୃପୁରୁଷ ଆମ ପାଇଁ ସେଇ ବିହନ ଆଉ ଚାଷ ପ୍ରଣାଳୀକୁ ଅର୍ପଣ କରିଯାଇଛନ୍ତି। ମାଣ୍ଡିଆକୁ ନେଇ ଭିନ୍ନ ପରିକଳ୍ପନା କରିବାର ସମୟ ଉପନୀତ। ସମସ୍ତଙ୍କ ମିଳିତ ପ୍ରଚେଷ୍ଟାରେ ଓଡ଼ିଶାରେ ମାଣ୍ଡିଆଗାଁର ଅୟମାରମ୍ଭ ହେଉ।

ମାଣ୍ଡିଆଗାଁ ଗଠନ ଦିଗରେ ଆମେ କିଛିଟା ପ୍ରମୁଖ ଦିଗ ଉପରେ ଧ୍ୟାନ ଦେବା ଆବଶ୍ୟକ। ପ୍ରଥମରେ ପ୍ରତିଗାଁରେ ପ୍ରତ୍ୟେକଟି ଚାଷୀ ବର୍ଷକୁ ଥରେ ମାଣ୍ଡିଆ ଚାଷ କରିବାକୁ ଯୋଜନା କରିବେ। ଫସଲ ବିବିଧୀକରଣ ମାଧ୍ୟମରେ ଚାଷଜମିରେ ମାଣ୍ଡିଆ ଚାଷ କରିବା ସହ ଦେଶୀ କିସମକୁ ପ୍ରୋତ୍ସାହିତ କରିବେ। ଦ୍ୱିତୀୟରେ ଆମ ରାଜ୍ୟର ଅନେକ ଜନଜାତି ମାଣ୍ଡିଆଚାଷ ବର୍ଷବର୍ଷ ହେଲା କରିଆସୁଛନ୍ତି। ରାଜ୍ୟ ସରକାରଙ୍କ ତରଫରୁ ଶ୍ରୀଅନ୍ନ ଅଭିଯାନ ମାଧ୍ୟମରେ ବିକାଶର ଧାରା ଜାରିରହିଛି। ତେଣୁ ଏହାର ମିଳିତ ସମନ୍ୱୟରେ ଆମେ ପ୍ରଥମାବସ୍ଥାରେ ଏହିସବୁ ଅଞ୍ଚଳରେ ମାଣ୍ଡିଆ ଗାଁକୁ ଚୟନ କରିପାରିବା। ଏଥିରେ ସେହି



ଗାଁର ଚାଷୀ ତଥା ମହିଳାମାନଙ୍କୁ ଦାୟିତ୍ୱ ଦେଇ ମିଲେଟ ଚାମ୍ପିୟନ ବା ସଫଳ ମାଣ୍ଡିଆ ଚାଷୀମାନଙ୍କୁ ଏକାଠିକରି ସେମାନଙ୍କ ମାଧ୍ୟମରେ ଅନ୍ୟ ଚାଷୀଙ୍କୁ କ୍ଷେତ୍ର ପରିଦର୍ଶନର ସୁଯୋଗ ଦେବା। ମହିଳାମାନେ ପ୍ରଗତିର କର୍ଣ୍ଣଧାର। ସେମାନେ ଗାଁର ଚାଷବାସର ଆୟ ବ୍ୟୟର ହିସାବ ପୂର୍ବକ ମାଣ୍ଡିଆ ଚାଷୀମାନଙ୍କ ସହ ଏକାଠି ହୋଇ ଆଗାମୀ ୫ବର୍ଷର ରୋଡମ୍ୟାପ ପ୍ରସ୍ତୁତ କରିପାରିବେ। ତୃତୀୟରେ ଏହିସବୁ ମାଣ୍ଡିଆ ଗାଁରେ କମ୍ୟୁନିଟି ସିଡ୍‌ବ୍ୟାଙ୍କ ବା ଗୋଷ୍ଠୀଭିତ୍ତିକ ବିହନ ସଂରକ୍ଷଣ ମାଧ୍ୟମରେ ଦେଶୀ ବିହନକୁ ଅଧିକରୁ ଅଧିକ ପ୍ରୋତ୍ସାହିତ କରିବାକୁ ଯୋଜନା ପ୍ରସ୍ତୁତ ହେବ। ଚାଷୀମାନଙ୍କ ମଧ୍ୟରେ ଦେଶୀ ବିହନକୁ ନେଇ ଅଧିକ ଯତ୍ନବାନ୍ ହେବା ସହ ଏହି ମାଣ୍ଡିଆ ଗାଁଗୁଡ଼ିକରେ ଗୋଟେ ଗୋଟେ ମାଣ୍ଡିଆ ବିହନ ବ୍ୟାଙ୍କ ସୃଷ୍ଟି କରାଯାଇ ପାରିବ। ଏସ୍‌ଏମ୍‌ଆଇ ବା ସିଷ୍ଟମ ଅଫ୍ ମିଲେଟ ଇଣ୍ଟେନସିଫିକେଶନ ମଡେଲକୁ ଚାଷୀମାନଙ୍କ ପାଖରେ ପ୍ରଶିକ୍ଷଣ ପୂର୍ବକ ପହଞ୍ଚାଇବାକୁ ଉଦ୍ୟମ କରାଯାଇ ପାରିବ। ଚତୁର୍ଥରେ ପ୍ରତି ମାଣ୍ଡିଆ ଗାଁର ବିକାଶ ମାନଚିତ୍ରରେ ସେ ଗାଁର ମହିଳା, ଯୁବ ଉଦ୍ୟୋଗୀ ତଥା ସଫଳ କୃଷକମାନଙ୍କୁ ନେଇ ଏକ କମିଟି କରାଯାଇ ପୂର୍ବବର୍ଷଗୁଡ଼ିକରେ ମାଣ୍ଡିଆ କ୍ଷେତ୍ର ତଥା ଏହାର ମୋଟ ଅମଳ ପରିମାଣ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରି ଆଗାମୀ ୫ବର୍ଷ ମଧ୍ୟରେ କିପରି ଏହାର ମୋଟ କ୍ଷେତ୍ର ପରିମାଣ ବୃଦ୍ଧି କରାଯାଇପାରିବ ସେ ଦିଗରେ ଚିନ୍ତା କରାଯାଇପାରେ। ପଞ୍ଚମରେ ରାଜ୍ୟ କୃଷି ବିଭାଗ, ଶ୍ରୀଅନ୍ନ ଅଭିଯାନ, କୃଷି ବିଶ୍ୱବିଦ୍ୟାଳୟ, କୃଷିବିଜ୍ଞାନ କେନ୍ଦ୍ରଗୁଡ଼ିକର ପ୍ରତ୍ୟକ୍ଷ ସହାୟତା ନେଇ ମାଣ୍ଡିଆ ଗାଁର ଚାଷୀମାନେ ବର୍ଷକୁ ଅନ୍ତତଃ ଥରେ ବୀଜ ମହୋତ୍ସବ ନାମରେ ଏକ କାର୍ଯ୍ୟକ୍ରମ କରି ମାଣ୍ଡିଆକୁ ନେଇ ନୂଆ ପରିଚୟ ଦେବା ସହ ଏଥିରେ ମାଣ୍ଡିଆର କିପରି ମୂଲ୍ୟ ସଂଯୋଗପୂର୍ବକ ବିଭିନ୍ନ ଖାଦ୍ୟସମାଗ୍ରୀ ପ୍ରସ୍ତୁତ କରାଯାଇପାରିବ ସେ ଦିଗରେ ଧ୍ୟାନ ଦେଇପାରିବେ। ଏଥିରେ ସ୍ୱୟଂସହାୟକ ଗୋଷ୍ଠୀ, କୃଷକ, ଉତ୍ପାଦକ ସଂଗଠନ, ଷ୍ଟାର୍ଟଅପଗୁଡ଼ିକୁ ଏକାଠିକରି ମାଣ୍ଡିଆ ପୋଷଣ କ୍ୟାମ୍ପ ମଧ୍ୟ ଆୟୋଜନ କରାଯାଇପାରେ। ଏହା ବ୍ୟତୀତ ମାଣ୍ଡିଆର ଉପଯୁକ୍ତ ବିପଣନ ପାଇଁ ଇ-ମାର୍କେଟ୍ ତଥା ଯୁବ ଉଦ୍ୟୋଗୀମାନଙ୍କ ମାଣ୍ଡିଆ ଉଦ୍ୟୋଗକୁ ଆମେ ଏଥିରେ ଯୋଡ଼ିପାରିବା। ଏହି ମାଣ୍ଡିଆ ଗାଁରେ ମାସିକିଆ ମିଲେଟ ହାଟ ମାଧ୍ୟମରେ ଦେଶୀ ଉତ୍ପାଦ ପାଇଁ ବିକ୍ରିବଟାର ସୁଯୋଗ ସୃଷ୍ଟି କରିପାରିବା।

ପ୍ରତିବର୍ଷ ନଭେମ୍ବର ୧୦ରେ ମାଣ୍ଡିଆ ଦିବସ ପାଳୁଛୁ। ଏବର୍ଷ ମାଣ୍ଡିଆ ଚାଷରେ ମହିଳାମାନଙ୍କର ଗୁରୁତ୍ୱ ତଥା କୃଷି ଐତିହ୍ୟ ଦିଗରେ ଆମେ କିପରି ପ୍ରତ୍ୟକ୍ଷ ଭାଗୀଦାରି ସାଜିପାରିବା ତାହା ଆମ ପାଇଁ ଏକ ବଡ଼ ଆହ୍ୱାନ। ଆଗାମୀ ୨୦୩୬ ବେଳକୁ ଆମେ ଅନ୍ତତଃ ଓଡ଼ିଶାରେ ୫୦୦ଟି ମାଣ୍ଡିଆ ଗାଁର ପରିକଳ୍ପନା କରିବାକୁ ସଙ୍କଳ୍ପନେବା। ଯେଉଁଥିରେ ପାଖାପାଖି ୧୦ଲକ୍ଷ ମାଣ୍ଡିଆ ଚାଷୀ ପ୍ରତ୍ୟକ୍ଷ ଭାବେ ପ୍ରଶିକ୍ଷଣ ପୂର୍ବକ ସଫଳ ମିଲେଟ୍ ଚାଷୀଭାବେ ପରିଗଣିତ ହୋଇପାରିବେ। ମାଣ୍ଡିଆ, ମହିଳା ଆଉ ମାର୍କେଟର ସମନ୍ୱୟ ଏହି ମିଶନକୁ ସଫଳ ରୂପ ଦେବ।

**ଜୈବ ନିରୀକ୍ଷକ, ଓଡ଼ିଶା ରାଜ୍ୟ ଜୈବ ପ୍ରମାଣନ ସଂସ୍ଥା(ଓସୋକା), ଭୁବନେଶ୍ୱର**
**ମୋ:୯୪୩୮୪୬୭୦୭୯**

## ୫୦ ବର୍ଷ ତଳର ଧରିତ୍ରୀ
### ୧୦ ନଭେମ୍ବର ୧୯୭୬

- ରାଜ୍ୟରେ ପ୍ରାଥମିକ ସ୍କୁଲରେ ଶିକ୍ଷକ ନିଯୁକ୍ତିର ସର୍ବନିମ୍ନ ବୟସ ସୀମା ୨୦ ବର୍ଷରୁ ୧୮ ବର୍ଷକୁ ଏବଂ ସର୍ବୋଚ୍ଚ ବୟସସୀମା ୨୫ ବର୍ଷରୁ ୨୮ ବର୍ଷକୁ ବୃଦ୍ଧି କରାଯାଇଛି।
- ପଞ୍ଚମ ପଞ୍ଚବାର୍ଷିକ ଯୋଜନା କାଳରେ ଆଭ୍ୟନ୍ତରୀଣ ନୌପରିବହନ ବିକାଶ ଦିଗରେ କେନ୍ଦ୍ର ସରକାର ବିଭିନ୍ନ ରାଜ୍ୟକୁ ୩୬୨ ଲକ୍ଷ ଟଙ୍କା ମଞ୍ଜୁର କରିଛନ୍ତି।

## ଚିରନ୍ତନୀ

ନିମେଷେ କେତେ ରୂପ ଫୁଟଇ ନୟନେ
ସେ ଆଖି ଦିଏ ଦେଖା ନିଶୀଥ-ଶୟନେ
ରୂପର ଉପାସନା ରଚଇ ମାନସେ
ସ୍ୱପନ ଧନ ତାହା ନୁହଇ ଆନ ସେ
ଦୂରର ତାରା ସମ ଦିଶଇ ଚେତନେ
ନିମେଷେ ଯେତେ ରୂପ ଫୁଟଇ ନୟନେ ।
-(ସୁଦୂରଗାନ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ପ୍ରଦୂଷଣ ନିୟନ୍ତ୍ରଣ କରାଯାଉ

ମହାଶୟ,
ପାନୀୟଜଳ ଓ ବାୟୁ ପ୍ରଦୂଷଣ ଆଗାମୀ ଦିନରେ ସଙ୍କଟ ସୃଷ୍ଟିକରିବ, ଏଥିରେ ସନ୍ଦେହ ନାହିଁ। ଗ୍ରୀଷ୍ମଋତୁରେ ଜଳ ସଙ୍କଟ ଉତ୍କଟ ହେଉଛି। ବୋର୍‌ୱେଲ ଖନନ ଫଳରେ ଜଳସ୍ତର ହ୍ରାସ ପାଉଛି। ପୋଖରୀ, ନଦୀ ଓ ନାଳ ପାଣି ବିଭିନ୍ନ କାରଣରୁ ଦୂଷିତ ହେଉଛି। ସହରାଞ୍ଚଳର ବିଭିନ୍ନ ପୂଜାପାର୍ବଣରେ ମୂର୍ତ୍ତି ବିସର୍ଜନ ନିମିତ୍ତ ସ୍ୱତନ୍ତ୍ର ପୋଖରୀ ଖନନ କରାଯାଇ ଜଳ ପ୍ରଦୂଷଣ ରୋକାଯାଇପାରୁଛି। କିନ୍ତୁ ଗ୍ରାମାଞ୍ଚଳରେ ଏହିପରି ବ୍ୟବସ୍ଥା ନାହିଁ। ନଦୀ, ପୋଖରୀରେ ମୂର୍ତ୍ତି ବିସର୍ଜନ କରାଯାଇ ଜଳ ଦୂଷିତ ହେଉଛି। ଏହି ପାଣିରେ ସ୍ନାନକରି ଲୋକେ ବିଭିନ୍ନ ଚର୍ମରୋଗରେ ପୀଡ଼ିତ ହେଉଛନ୍ତି। ସେହିପରି ଦୀପାବଳିରେ ବାଣଫୁଟିବା ଯୋଗୁ ବାୟୁମଣ୍ଡଳରେ ବିଷାକ୍ତ ଧୂଳିକଣା ଘୂରି ବୁଲୁଛି। କଟକ, ବ୍ରହ୍ମପୁର, ଭୁବନେଶ୍ୱର, ରାଉରକେଲା ଓ ଅନୁଗୋଳ ସହରର ବାୟୁ ପ୍ରଦୂଷଣ ଚିନ୍ତାଜନକ ହୋଇପଡ଼ିଲାଣି। ରାଜ୍ୟର ଖଣି ଖାଦାନ ଓ କଳ କାରଖାନା ଥିବା ଅଞ୍ଚଳରେ ବାୟୁ ଓ ଜଳ ପ୍ରଦୂଷଣ ରୋକିବାକୁ ସରକାର ବିଶେଷ ଦୃଷ୍ଟିଦେବା ଆବଶ୍ୟକ। ପୂର୍ବରୁ ସାବଧାନ ନ ହେଲେ ଦିଲ୍ଲୀ ଭଳି ଆମ ରାଜ୍ୟର ଅବସ୍ଥା ହେବାକୁ ବେଶିଦିନ ଲାଗିବ ନାହିଁ। ରାଜ୍ୟରେ ବୃକ୍ଷରୋପଣ ପାଇଁ ସରକାର ପ୍ରଚାର କରୁଥିଲେ ମଧ୍ୟ ବାସ୍ତବ କ୍ଷେତ୍ରରେ ୧୦ଭାଗ କାର୍ଯ୍ୟକାରୀ ହେଉନାହିଁ । କେବଳ କାଗଜ କଲମରେ ହିସାବ ଦିଆଯାଉଛି।

**-ନିର୍ମଳ ସାମଲ, ପୋଖରୀପୁଟ, ଭୁବନେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ପୋଲିସଙ୍କୁ ଆକ୍ରମଣ, ଗାଡ଼ି ଭଙ୍ଗାରୁଜା

## ଟ୍ରେଲର ଧକ୍କାରେ ଯୁବକଙ୍କ ମୃତ୍ୟୁ ପରେ ତାତିଲେ ଲୋକେ

ବଣାଇଁ,୯।୧୧ (ପ୍ରଦୀପ ତ୍ରିପାଠୀ)

ସୁନ୍ଦରଗଡ଼ ଜିଲା ନରେନ୍ଦ୍ର-ଗୁରୁଣ୍ଡିଆ ରାଜ୍ୟ ରାଜପଥ-୧୦ର ଡୁରାମରା ନିକଟରେ ଟ୍ରେଲର ଧକ୍କାରେ ରବିବାର ସନ୍ଧ୍ୟାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଜୀବିକା ଗ୍ରାମର ସନ୍ତୋଷ ନନ୍ଦ। ଟ୍ରେଲର ଚାଳକଙ୍କୁ ଉତ୍ତ୍ୟକ୍ତ ଲୋକେ ଆକ୍ରମଣ କରି ଲହୁଲୁହାଣ କରିବା ପରେ ରାସ୍ତା ଅବରୋଧ କରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଗୁରୁତର ଅବସ୍ଥାରେ ଟ୍ରେଲର ଚାଳକଙ୍କୁ ଉଦ୍ଧାର କରି ଗୁରୁଣ୍ଡିଆ ପୋଲିସ ପିସିଆର ଭ୍ୟାନରେ ଚିକିତ୍ସାଳୟ ନେବା ପାଇଁ ଚେଷ୍ଟା କରିବାରୁ ଅଞ୍ଚଳବାସୀ ଏହାର ଦୃଢ଼ ବିରୋଧ କରିଥିଲେ। ଏପରିକି ଲୋକେ ସମ୍ପୃକ୍ତ ଟ୍ରେଲରକୁ ଏହି ପିସିଆର ଭ୍ୟାନ ଏସ୍କର୍ଟ କରି ଆଣୁଥିବା ଦର୍ଶାଇ ପୋଲିସଙ୍କୁ ଆକ୍ରମଣ କରିବା ସହ ଭ୍ୟାନ ଭଙ୍ଗାରୁଜା କରିଛନ୍ତି। ଖବର ଲେଖା ହେବା ସୁଦ୍ଧା ଘଟଣାସ୍ଥଳରେ ଉତ୍ତେଜନା ଲାଗି ରହିଥିଲା। ଉତ୍ତ୍ୟକ୍ତ ଲୋକେ ବାହାର ଲୋକଙ୍କୁ ଦେଖିଲେ ଗାଳିଗୁଲଜ କରିବା ଓ ଫଟୋ ଉତ୍ତୋଳନକୁ ବିରୋଧ କରୁଥିବାରୁ କେହି ଘଟଣାସ୍ଥଳରେ ପହଞ୍ଚି ପାରୁ ନ ଥିବା ଜଣାପଡ଼ିଛି। ବଣାଇଁ, ଲହୁଣିପଡ଼ା, ଗୁରୁଣ୍ଡିଆ, ଟିକାୟତପାଲୀ, ମହୁଲପଦା ଥାନା ଅଧିକାରୀ ପହଞ୍ଚି ସ୍ଥିତି ଉପରେ ନଜର ରଖିଛନ୍ତି। ରାତି ୮ଟାରେ ରାଉରକେଲାରୁ ୨ପ୍ଲାଟୁନ ପୋଲିସ ଫୋର୍ସ ଘଟଣାସ୍ଥଳ ଅଭିମୁଖେ ବାହାରିଥିବା ସୂଚନା ମିଳିଥିଲା।

ସୂଚନା ଅନୁଯାୟୀ, ଯୁବକ ଜଣକ ଡୁରାମରା ନିକଟରେ ଠିଆ ହୋଇଥିବା ସମୟରେ ଗୁରୁଣ୍ଡିଆରୁ ବଣାଇଁ ପଟକୁ ଆସୁଥିବା ଟ୍ରେଲର ତାଙ୍କୁ ଧକ୍କା ଦେଇ ଘୋଷାଡ଼ି ନେଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲ। ବିକ୍ଷୋଭ ଯୋଗୁ ରାଜ୍ୟ ରାଜପଥ -୧୦ରେ ଗାଡି ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ରହିଥିଲା।

# ଘରକୁ ଡାକି ସାଙ୍ଗ ସହ ଖାଇଲେ, ଗୁଳି କରିଦେଲେ

ଗୁରୁଗ୍ରାମ,୯।୧୧



ଏକାଦଶ ଶ୍ରେଣୀର ଜଣେ ନାବଳକଙ୍କୁ ୨ ସହପାଠୀ ଡାକିନେଇ ତାଙ୍କ ସହ ରାତ୍ରଭୋଜନ କରିବା ପରେ ତାଙ୍କୁ ଗୁଳିମାଡ଼ କରିଛନ୍ତି। ଏଭଳି ଚାଞ୍ଚଲ୍ୟକର ଘଟଣା ଶନିବାର ଗୁରୁଗ୍ରାମର ସେକ୍ଟର ୪୮ରେ ଘଟିଛି। ୧୭ ବର୍ଷୀୟ ୨ ଅଭିଯୁକ୍ତ ନାବାଳକଙ୍କୁ ଗୁରୁଗ୍ରାମ ସଦର ଥାନା ପୋଲିସ କାବୁ କରିବା ସହ ଗୋଟିଏ ପିସ୍ତଲ, ଗୋଟିଏ ମାଗାଜିନ୍, ୫ ଗୁଳି, ଗୋଟିଏ ଖୋକା ଜବତ କରିଛି। ଆହତ ନାବାଳକଙ୍କୁ ଗୁରୁତର ଅବସ୍ଥାରେ ସ୍ଥାନୀୟ ଏକ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସୂଚନାନୁଯାୟୀ, ଆହତ ନାବାଳକ ଏବଂ ଜଣେ ଅଭିଯୁକ୍ତ ନାବାଳକଙ୍କ ମଧ୍ୟରେ ୨ ମାସ ତଳେ ବାକ୍‌ଯୁଦ୍ଧ ହୋଇଥିଲା। ଏହାର ପ୍ରତିଶୋଧ ନେବାକୁ ଯାଇ ଅଭିଯୁକ୍ତ ନାବାଳକ ତାଙ୍କର ଜଣେ ସାଙ୍ଗଙ୍କ ସହ ମିଶି ଏହି ଘଟଣା ଘଟାଇଛନ୍ତି। ଏଥିପାଇଁ ଅଭିଯୁକ୍ତ ନାବାଳକ ପ୍ରପର୍ଟି ଡିଲର ଭାବେ କାର୍ଯ୍ୟ କରୁଥିବା ତାଙ୍କ ବାପାଙ୍କ ଲାଇସେନ୍ସପ୍ରାପ୍ତ ପିସ୍ତଲକୁ ବ୍ୟବହାର କରିଛନ୍ତି। ପୋଲିସ ଉକ୍ତ ଘରର ଏକ ବକ୍ସରୁ ଆଉ ଏକ ମାଗାଜିନ ଏବଂ ୬୫ଟି ଗୁଳି ଜବତ କରିଛି। ଆହତ ନାବାଳକଙ୍କ ମା'ଙ୍କ ଅଭିଯୋଗ କ୍ରମେ ପୋଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# ନାରାୟଣ ପ୍ରଧାନ ହତ୍ୟା ମାମଲାରେ ଜଣେ ଗିରଫ



ଗିରଫ ଅଭିଯୁକ୍ତ ।

ଟିକିଟି,୯।୧୧(ପ୍ରକାଶ ଚନ୍ଦ୍ର ସାହୁ)

■ ନଦୀପଠାରୁ ମିଳିଥିଲା ମୃତଦେହ
■ ୨ ଅଛନ୍ତି ଫେରାର

କେ.ନୂଆଗାଁ ଥାନା ନୂଆପଡା ଫାଣ୍ଡି ଅନ୍ତର୍ଗତ ନୂଆପଡା ଗ୍ରାମ ଶିବମନ୍ଦିର ନିକଟରେ ଥିବା ବାହୁଦା ନଦୀ ପଠାରେ ୧୨।୧୦।୨୫ରେ ଚରିଆପଡ଼ା ସାହିର ନାରାୟଣ ପ୍ରଧାନଙ୍କ ମୃତଦେହ ମିଳିଥିଲା। ତଦନ୍ତ ପରେ ନାରାୟଣଙ୍କୁ ହତ୍ୟା ପରେ ମୃତଦେହକୁ ନଦୀକୂଳରେ ଫୋପାଡ଼ି ଦିଆଯାଇଥିବା ଜଣାପଡ଼ିଥିଲା। ରବିବାର କେ. ନୂଆଗାଁ ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ନୂଆପଡାର ଶଙ୍କର ବେହେରା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଯାଇଛି। ଥାନା ଅଧିକାରୀ କିଶୋର ସାମଲ କହିଛନ୍ତି, କିଛିଦିନ ତଳେ ନାରାୟଣ ପ୍ରଧାନ ସାହିର ଜଣେ ବ୍ୟକ୍ତିଙ୍କ ଘରେ ପଶି କେହି ନ ଥିବା ସୁଯୋଗ ନେଇ ନାବାଳିକାଙ୍କୁ ଅସଦାଚରଣ କରିଥିଲେ। ଏହା ଜାଣିବା ପରେ ନାବାଳିକାଙ୍କ ପରିବାର ଓ ସମ୍ପର୍କୀୟ ନାରାୟଣଙ୍କୁ ମାରପିଟ କରିଥିଲେ। ଏହି ଘଟଣାକୁ ନେଇ ନାରାୟଣଙ୍କୁ ହତ୍ୟା କରିଥିବା ଜେରା ବେଳେ ଶଙ୍କର କହିଛନ୍ତି। ଏଥିରେ ଅନ୍ୟ ଦୁଇଜଣ ସମ୍ପୃକ୍ତ ଅଛନ୍ତି। ସେମାନଙ୍କୁ ଖୁବଶୀଘ୍ର ଗିରଫ କରାଯିବ ବୋଲି ଥାନା ଅଧିକାରୀ କହିଛନ୍ତି। ସୂଚନା ଯୋଗ୍ୟ ନାରାୟଣ ଦୀର୍ଘଦିନ ହେଲା ମଜୁରିଆ ଭାବେ କାମ କରି ପରିବାର ଚଳାଇ ଆସୁଥିଲେ। କୌଣସି କାରଣରୁ ସେ ପରିବାରଠାରୁ ଅଲଗା ହୋଇ ନଦୀପଠାରେ ଏକ ବଗିଚାକରି ସେଥିରେ ଫୁଲଚାଷ କରିଥିଲେ। ପ୍ରତିଦିନ ଭଳି ଗତ ୧୨ ତାରିଖ ଭୋରୁ ନାରାୟଣ ଫୁଲ ତୋଳିବାକୁ ଯାଇ ଫେରି ନ ଥିଲେ। ନଦୀ ପଠାରେ ତାଙ୍କ ପୋଷାକ ଥିବାବେଳେ ତାଙ୍କର ମୃତଦେହ ନଦୀପାଣିରେ ରକ୍ତାକ୍ତ ଅବସ୍ଥାରେ ପଡ଼ିଥିବା ଦେଖିବାକୁ ମିଳିଥିଲା। ଖବରପାଇ ନୂଆପଡ଼ା ଫାଣ୍ଡି ଅଧିକାରୀ ଜଗବନ୍ଧୁ ବାର୍ଲା ପହଞ୍ଚି ମୃତଦେହ ଜବତ କରିଥିଲେ। ପରେ ନାରାୟଣଙ୍କ ପୁଅ ଶିବ କେ. ନୂଆଗାଁ ଥାନାରେ ଅଭିଯୋଗ କରିବା ପରେ କେସ୍ ନଂ. ୩୫୩/୨୫ ରୁଜୁ କରି ପୋଲିସ ତଦନ୍ତ ଚଳାଇଥିଲା।

# ୧୪୮ ଟିଣ ଖାଇବା ତେଲ, ବୋଲେରୋ ଜବତ : ୪ ଗିରଫ



କଣ୍ଟାବାଞ୍ଜି ଥାନା ପରିସରରେ ଜବତ ବୋଲେରୋ ।

କଣ୍ଟାବାଞ୍ଜି,୯।୧୧(ଗୁରୁଦୟାଲ ହଂସ)

## ଗୋକୁଳଧାମ ଗୋଦାମରୁ ଚୋରି ଘଟଣା

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ପୋଲିସ ରବିବାର ଦେଓଗାଁ ଥାନା ଅଧୀନ ଡୁମେରପିଟା ଗ୍ରାମରେ ଚଢାଉ କରି ୧୪୮ ଟିଣ ଖାଇବା ତେଲ, ୨ଟି ଖାଲି ତେଲ ଟିଣ, ଏକ ବୋଲେରୋ ଜବତ କରିଛି । ଏହାଛଡା କଣ୍ଟାବାଞ୍ଜି ବଜାରପଡାର ଜଣେ ବ୍ୟକ୍ତିଙ୍କଠାରୁ ନଗଦ ଦେଢ଼ଲକ୍ଷ ଟଙ୍କା ଜବତ କରାଯାଇଛି। ଘଟଣାରେ ପୋଲିସ ୪ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ।

ପୋଲିସଠାରୁ ମିଳିଥିବା ସୂଚନା ଅନୁଯାୟୀ, କଣ୍ଟାବାଞ୍ଜି ଗୋକୁଳଧାମସ୍ଥିତ ମୁକେଶ କୁମାର ଜୈନ(୩୦)ଙ୍କ ଗୋଦାମରୁ ୨।୯।୨୦୨୫ ଏବଂ ୨୬।୯।୨୦୨୫ ମଧ୍ୟରାତ୍ରିରେ ୧୫୦ଟି ଖାଇବା ତେଲ ଭର୍ତ୍ତି ଟିଣ, ନଗଦ ୧ ଲକ୍ଷ ୫୦ ହଜାର ଟଙ୍କା ସହ ଏକ ବୋଲେରୋ (ନଂ. ଓଡି୦୮ଡି୪୬୪୭) ଚୋରି ହୋଇଥିଲା। ଏହି ଚୋରି ନେଇ ଜୈନ କଣ୍ଟାବାଞ୍ଜି ଥାନାରେ ଗତ ୬ ତାରିଖରେ ଅଭିଯୋଗ କରିଥିଲେ। ଜୈନଙ୍କ ଅଭିଯୋଗ ପରେ ପୋଲିସ ପକ୍ଷରୁ ଏକ ତଦନ୍ତକାରୀ ଟିମ୍ ଗଠନ କରାଯାଇଥିଲା। ଏହି ଟିମ୍‌ରେ କଣ୍ଟାବାଞ୍ଜି ପୋଲିସ ଏସ୍‌ଡିପିଓ ଲକ୍ଷ୍ମୀନାରାୟଣ ମାରାଣ୍ଡି ଓ ଆଇଆଇସି ଗୋପାଳ କର୍ଣ୍ଣଙ୍କ ତତ୍ତ୍ୱାବଧାନରେ ସବ୍‌ଇନ୍ସପେକ୍ଟର ପୂର୍ଣ୍ଣମି ଓରାମ, ଏଏସଆଇ ଈଶ୍ୱର ଚନ୍ଦ୍ର ମାଝି, କନଷ୍ଟେବଳ ଏଲ.ସୋରେଙ୍ଗ, ଚରନ ଛତର, ଜି. ଖୁରା ସାମିଲ ଥିଲେ। ଘଟଣାର ଅନୁସନ୍ଧାନ ପରେ କଣ୍ଟାବାଞ୍ଜି ପୋଲିସ ସନ୍ଦେହରେ କେତେଜଣ ବ୍ୟକ୍ତିଙ୍କୁ ଆଣି ପଚରାଉଚରା କରିଥିଲ। ସେମାନଙ୍କ ମଧ୍ୟରୁ କଣ୍ଟାବାଞ୍ଜି ଥାନା ଚଟୁଅନକା ଗ୍ରାମର ଅବତାର ଓରଫ ହିମାଂଶୁ ପୁଟେଲ (୨୩)ଙ୍କ ସହ ଅନ୍ୟ ୩ ଜଣ ଚୋରି କରିଥିବା ସ୍ୱୀକାର କରିଥିଲେ। ଏହାପରେ ପୋଲିସ ବେଲପଡ଼ା ଥାନା ଲଥାକେନ୍ଦ ଗ୍ରାମର ସନ୍ତୋଷ ପୁଞ୍ଜି(୩୫), ହିମାଂଶୁ ପୁଟେଲ ଓ ଅନ୍ୟ ୨ ଜଣଙ୍କୁ ଗିରଫ କରିଛି। ସେମାନଙ୍କ ସୂଚନା ଆଧାରରେ ପୋଲିସ ଦେଓଗାଁ ଥାନା ଡୁମେରପିଟାର ଜଣେ ବ୍ୟକ୍ତିଙ୍କ ଘରେ ଚଢାଉ କରି ବୋଲେରୋ ସହ ତେଲ ଟିଣ ଓ ଚୋରି ଯାଇଥିବା ନଗଦ ଟଙ୍କା କଣ୍ଟାବାଞ୍ଜି ବଜାରପଡ଼ାରୁ ଜବତ କରିଥିଲା । ଏ ନେଇ କଣ୍ଟାବାଞ୍ଜି ଥାନାରେ ନଂ. ୩୧୫/୨୦୨୫ ଓ ନଂ. ୩୪୭/୨୦୨୫ରେ ମାମଲା ରୁଜୁ କରି ପୋଲିସ ଅଧିକ ତଦନ୍ତ ଚଳାଇଛି।

# ଦୁର୍ବୃତ୍ତଙ୍କ ଗୁଳିରେ ଗୋରୁ ବ୍ୟବସାୟୀ ମୃତ

ବାରିପଦା,୯।୧୧(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ଘାଗରବେଡ଼ା ଥାନା କେନ୍ଦୁଆ ଅଞ୍ଚଳରେ ଦୁର୍ବୃତ୍ତଙ୍କ ଗୁଳିମାଡ଼ରେ ଜଣେ ଗୋରୁ ବ୍ୟବସାୟୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ କଲନ୍ଦା ଗ୍ରାମର ହାରା ମହାନ୍ତ। ଦୁର୍ବୃତ୍ତମାନେ ତାଙ୍କଠାରୁ ଲକ୍ଷାଧିକ ଟଙ୍କା ଲୁଟି ନେଇ ଫେରାର ହୋଇଯାଇଛନ୍ତି। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛି। ସୂଚନାଯୋଗ୍ୟ, ବ୍ୟବସାୟୀ ଜଣକ ରବିବାର ଅଙ୍ଗାରପଦା ସାପ୍ତାହିକ ହାଟକୁ ବଳଦ କିଣିବାକୁ ଆସିଥିଲେ। ଦୁର୍ବୃତ୍ତମାନେ ତାଙ୍କୁ ପିଛା କରି କେନ୍ଦୁଆ ନିକଟରେ ଟଙ୍କା ଛଡ଼ାଇନେବାକୁ ଉଦ୍ୟମ କରିଥିଲେ। ବ୍ୟବସାୟୀ ଜଣକ ଏହାକୁ ପ୍ରତିରୋଧ କରିବାରୁ ଦୁର୍ବୃତ୍ତମାନେ ତାଙ୍କ ଉପରକୁ ଗୁଳି ଚଳାଇଥିଲେ। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ପରେ ଦୁର୍ବୃତ୍ତମାନେ ତାଙ୍କ ପାଖରେ ଥିବା ଲକ୍ଷାଧିକ ଟଙ୍କା ଲୁଟିନେଇ ପଳାଇ ଯାଇଥିଲେ।

# ହୋମ୍‌ଗାର୍ଡଙ୍କୁ ଆକ୍ରମଣ, ବାଇକ୍ ଜାଳିଦେଲେ

ଭଞ୍ଜନଗର,୯।୧୧(ବାବୁଲା ପ୍ରଧାନ)



ଜଳୁଥିବା ବାଇକ୍ ।

ଗଞ୍ଜାମ ଜିଲା ଭଞ୍ଜନଗର ଥାନାରେ କାର୍ଯ୍ୟରତ ହୋମ୍‌ଗାର୍ଡ ଗଜେନ୍ଦ୍ର ନାୟକଙ୍କୁ ରବିବାର ତାଙ୍କ ଗ୍ରାମର ଜଣେ ଯୁବକ ଆକ୍ରମଣ କରିବା ସହ ବାଇକ୍ ଜାଳି ଦେଇଥିବା ଅଭିଯୋଗ ହୋଇଛି। ଏ ନେଇ ଥାନାରେ ଅଭିଯୋଗକ୍ରମେ ପୋଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତ ସାନକଦଣ୍ଡା ପଞ୍ଚାୟତ ସମାପଲ୍ଲ ଗ୍ରାମର ଜିତୁ ନାୟକଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି। ହୋମ୍‌ଗାର୍ଡ଼ ଗଜେନ୍ଦ୍ର ନିଜ ଗ୍ରାମ ସମାପଲ୍ଲରୁ ଥାନାକୁ ଡ୍ୟୁଟି କରିବାକୁ ଆସୁଥିଲେ। ଏହି ସମୟରେ ଜିତୁଙ୍କ ବାଇକ ସହ ତାଙ୍କ ବାଇକ୍ ଧକ୍କା ହୋଇଥିଲା। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ପରେ ଜିତୁ ଗଜେନ୍ଦ୍ରଙ୍କୁ ଆକ୍ରମଣ କରିବା ସହ ତାଙ୍କ ବାଇକ୍‌ରେ ନିଆଁ ଲଗାଇ ଦେଇଥିଲେ।

## Business

# ପିଲାଙ୍କ ପାଇଁ ଚାନ୍ଦି ଭଣ୍ଡାରର 'ଟ୍ରେଜର୍ସ' କଲେକ୍ସନ

## ଖଣ୍ଡଗିରିରେ ଖୋଲିବ ୨୫ତମ ଷ୍ଟୋର୍

ଭୁବନେଶ୍ୱର,୯।୧୧(ଅନୁରାଧା ମହାରଣା)




ଚାନ୍ଦିଭଣ୍ଡାର ପକ୍ଷରୁ ପୁରୁଷଙ୍କ ପାଇଁ ସ୍ୱତନ୍ତ୍ର କଲେକ୍ସନ 'ଅମୋଘ' ଏବଂ ମହିଳାଙ୍କ ପାଇଁ ଏକାଧିକ ଗହଣା କଲେକ୍ସନର ଚାହିଦା ବଢୁଥିବାବେଳେ ପିଲାଙ୍କ ପାଇଁ 'ଟେଜର୍ସ'ର ଉନ୍ମୋଚନ କରାଯାଇଛି। ରବିବାର ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ଖରଦାତା ସମ୍ମିଳନୀରେ ଚାନ୍ଦିଭଣ୍ଡାର ନିର୍ଦ୍ଦେଶିକା ଲିପସା ହଂସ ଏବଂ ନିର୍ଦ୍ଦେଶକ ମାଣିକ୍ ହଂସ 'ଟ୍ରେଜରସ୍' ସମ୍ପର୍କରେ ବିସ୍ତୃତ ବିବରଣୀ ଦେଇଛନ୍ତି। ଲିପ୍‌ସା କହିଛନ୍ତି, ଏହି କଲେକ୍ସନରେ ପିଲାଙ୍କ ପାଇଁ ରୁପା ଆଙ୍କଲେଟ୍, ଲକେଟ୍, ଚୁଡ଼ି, ଖଡୁ, ନେକ୍‌ଚେନ୍ ସହ ଅନେକ ଉତ୍ପାଦ ରହିଛି। ସବୁଜ ରଙ୍ଗ ଅଭିବୃଦ୍ଧିର ସଙ୍କେତ ହୋଇଥିବାରୁ ଏହି କଲେକ୍ସନର ଥିମ ସବୁଜ ରଖାଯାଇଛି। ଶିଶୁମାନଙ୍କୁ ଉପହାରରେ ଦେବା ପାଇଁ ଏହି ସବୁ ଉତ୍ପାଦ ଖୁବ୍ ମନଲାଖି ହେବ ବୋଲି ଲିପ୍‌ସା କହିଛନ୍ତି। ୧୩ ଓ ୧୪ ତାରିଖରେ ଗହଣା ଗଢ଼ା ମଜୁରି ଉପରେ ଫ୍ଲାଟ୍ ୩୦% ରିହାତି ଘୋଷଣା କରାଯାଇଛି। ମାଣିକ୍ କହିଛନ୍ତି, ଶିଶୁଙ୍କୁ ଖେଳନା ଉପହାର ଦେଲେ ତାହା କିଛି ଦିନ ବ୍ୟବହାର ଯୋଗ୍ୟ ହୋଇଥାଏ ମାତ୍ର 'ଟ୍ରେଜରସ୍' କଲେକ୍ସନ ଗହଣା ଉପହାର ଦେଲେ ଏହାକୁ ପିଢ଼ି ପରେ ପିଢ଼ି ଶିଶୁମାନେ ବ୍ୟବହାର କରିପାରିବେ। ଶିଶୁମାନେ ଘରର ଅମୂଲ୍ୟ ସମ୍ପଦ ହୋଇଥିବାରୁ ଏହି କଲେକ୍ସନର ଏପରି ନାମ ଦିଆଯାଇଥିବା ସେ କହିଛନ୍ତି। ତେବେ ଚାନ୍ଦି ଭଣ୍ଡାର ବର୍ଷକ ମଧ୍ୟରେ ଜାତୀୟସ୍ତରର ବ୍ରାଣ୍ଡ ଭାବେ ପରିଚୟ ସୃଷ୍ଟି କରିବାକୁ ପ୍ରସ୍ତୁତ ଥିବା ସେ କହିଛନ୍ତି। ଏହାସହ ଖୁବଶୀଘ୍ର ଚାନ୍ଦିଭଣ୍ଡାରର ୨୫ତମ ଷ୍ଟୋର ଖଣ୍ଡଗିରିରେ ଖୋଲିବା ନେଇ ସୂଚନା ଦିଆଯାଇଛି।

# ଭାରତ ମସଲା ଷ୍ଟଲରେ ଜମୁଛି ଭିଡ଼

ଭୁବନେଶ୍ୱର,୯।୧୧ (ଅନୁରାଧା ମହାରଣା)




ବାଲିଯାତ୍ରାରେ ଭାରତ ମସଲାର ୪ଟି ଷ୍ଟଲରେ ଗ୍ରାହକଙ୍କ ପ୍ରବଳ ଭିଡ଼ ଜମୁଛି। କମ୍ପାନୀ ପକ୍ଷରୁ ନିଶ୍ଚିତ ଉପହାର ଯୋଜନାରେ ରୁପା କଏନଠାରୁ ଆରମ୍ଭ କରି କମ୍ବଳ ଓ କ୍ରମ୍ପଟନ କମ୍ପାନୀର ସିଲିଂ ପଙ୍ଖା ପର୍ଯ୍ୟନ୍ତ ମସଲା କ୍ରୟ ଉପରେ ପ୍ରତ୍ୟେକ ଗ୍ରାହକଙ୍କୁ ନିଶ୍ଚିତ ଉପହାର ସ୍ୱରୂପ ପ୍ରଦାନ କରାଯାଉଛି। ବାଲିଯାତ୍ରାର ମୁଖ୍ୟ ପୃଷ୍ଠପୋଷକ ଥିବା ଭାରତ ମସଲା କମ୍ପାନୀ ଗୃହିଣୀମାନଙ୍କ ପାଇଁ ଖୁବ୍ ପସନ୍ଦ ହୋଇଛି। ଗ୍ରାହକ ମାନଙ୍କୁ ଲକି ଡ୍ର କୁପନ ଦେଇ କମ୍ପାନୀ ସେମାନଙ୍କୁ ଭାଗ୍ୟଶାଳୀ ବିଜେତାଙ୍କୁ ପୁରସ୍କୃତ କରୁଥିବାବେଳେ ତୃତୀୟ ଦିନର ଲକି ଡ୍ର ଭାଗ୍ୟଶାଳୀ ବିଜେତାଙ୍କ ମଧ୍ୟରେ ଚାଉଳିଆଗଞ୍ଜ କଟକର ସସ୍ମିତ ପୃଷ୍ଟି ପ୍ରଥମ ବିଜେତା ହୋଇଛନ୍ତି। ମୁଖ୍ୟ ଅତିଥି ତଥା ଭାରତ ମସଲାର ପରିଚାଳନା ନିର୍ଦ୍ଦେଶକ ସୁଶାନ୍ତ କୁମାର ପଣ୍ଡାଙ୍କଠାରୁ ସସ୍ମିତ ପୁରସ୍କାର ସ୍ୱରୂପ ମାଇକ୍ରୋ ଓଭନ ଗ୍ରହଣ କରିଥିଲେ। ୨ୟ ବିଜେତା ଢିଅସାହି ଜଗତ୍‌ସିଂପୁରର ପ୍ରତାପ କୁମାର ସାହୁ ରେସିଙ୍ଗ ବାଇ ସାଇକେଲ। ୩ୟ ବିଜେତା ସାମନ୍ତ ସାହି କଟକର କମଳ ପ୍ରଧାନଙ୍କୁ ବାଉଲ ସେଟ, ସ୍ୱାନ୍ତନାମୂଳକ ବିଜେତା ତଳସରା ଗଞ୍ଜାମ ରଞ୍ଜନ କୁମାର ଜେନାଙ୍କୁ ଫ୍ରାଇଙ୍ଗ ପ୍ୟାନ୍ ପୁରସ୍କାର ସ୍ୱରୂପ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ପ୍ରତିଷ୍ଠାତା ଅଧକ୍ଷ ସୁରେନ୍ଦ୍ର ନାଥ ପଣ୍ଡା, ନିର୍ଦ୍ଦେଶକ ଶ୍ରୀମନ୍ତ କୁମାର ପଣ୍ଡା, ଦିଗନ୍ତ କୁମାର ପଣ୍ଡା, ଆଶୁତୋଷ ପଣ୍ଡା, ଏସ୍‌ଏନ୍ ମିଲେନିୟମର ଜିଏମ୍ ଅପରେଶନ ଅରୁଣ କୁମାର ନାୟକ, ଜିଏମ୍ ପ୍ରଡକ୍ସନ ନବକୃଷ୍ଣ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# କ୍ରେଡାଇ ଭୁବନେଶ୍ୱରର ନୂଆ ପରିଚାଳନା କମିଟି ଗଠିତ

ଭୁବନେଶ୍ୱର,୯।୧୧

କନ୍‌ଫେଡେରେଶନ ଅଫ୍ ରିଅଲ ଇଷ୍ଟେଟ ଡେଭଲପର୍ସ ଆସୋସିଏଶନ୍ସ ଅଫ୍ ଇଣ୍ଡିଆ (କ୍ରେଡାଇ)ର ଭୁବନେଶ୍ୱର ଚାପ୍ଟର ପକ୍ଷରୁ ୨୦୨୫-୨୭ ଅବଧି ପାଇଁ ନୂଆ ପରିଚାଳନା କମିଟି ଗଠନ କରାଯାଇଛି। ରିଟର୍ନିଂ ଅଫିସର ମଧୁ ମହାନ୍ତି ଓ ମହମ୍ମଦ ମୋକିମଙ୍କ ତତ୍ତ୍ୱାବଧାନରେ ଏହି ନିର୍ବାଚନ ପ୍ରକ୍ରିୟା ଶନିବାର ହୋଇଥିଲା। ଚୟନ ପ୍ରକ୍ରିୟାରେ ଅଧ୍ୟକ୍ଷ ଭାବେ ଶେଖ୍ ମୈରାଜୁଲ ହକ୍, ଉପାଧ୍ୟକ୍ଷ ମନୋଜ କୁମାର ସାହୁ ଓ ଶରତ କୁମାର ସାହୁ, ସଚିବ କଳିଙ୍ଗ କେଶରୀ ରଥ, ଯୁଗ୍ମ ସଚିବ ନାଭାଲ ମହାଜନ ଓ ସୌଭାଗ୍ୟ ସୁନ୍ଦର ରାଉତରାୟ, ମାନୋନୀତ ହୋଇଥିବାବେଳେ କୋଷାଧ୍ୟକ୍ଷ ଭାବେ ମନମୋହନ ଅଗ୍ରୱାଲ, କାର୍ଯ୍ୟନିର୍ବାହୀ ସଦସ୍ୟ ଅଶ୍ୱିନୀ କୁମାର ପାଢୀ, ମାନସ କୁମାର ବେହେରା, ଆଦିତ୍ୟ ଦାସ ଏବଂ ଅଭୟ କୁମାର ପଣ୍ଡା ରହିଛନ୍ତି। ନିର୍ବାଚନର ଫଳାଫଳ ଘୋଷଣା ଅବସରରେ କ୍ରେଡାଇର ଜାତୀୟ ଉପାଧ୍ୟକ୍ଷ ଏବଂ କ୍ରେଡାଇ ଓଡ଼ିଶା ଅଧ୍ୟକ୍ଷ ସ୍ୱଦେଶ କୁମାର ରାଉତରାୟ ଏବଂ କ୍ରେଡାଇ ଓଡ଼ିଶା ସଚିବ ଅନିଲ କୁମାର ଅଗ୍ରୱାଲ ଉପସ୍ଥିତ ଥିଲେ। ନବନିର୍ବାଚିତ ଅଧ୍ୟକ୍ଷ ଶେଖ୍ ମୈରାଜୁଲ ହକ୍‌ଙ୍କ ନେତୃତ୍ୱ ଅଧୀନରେ ନୂଆ ପରିଚାଳନା କମିଟି ଭୁବନେଶ୍ୱରରେ ରିଅଲ ଇଷ୍ଟେଟ କ୍ଷେତ୍ର ପାଇଁ ଏକ ପ୍ରଗତିଶୀଳ ଦୃଷ୍ଟିକୋଣର ରୂପରେଖ ପ୍ରସ୍ତୁତ କରିଥିବା କୁହାଯାଇଛି।

# କିଟ୍ ମ୍ୟାନେଜମେଣ୍ଟ ସ୍କୁଲ ପକ୍ଷରୁ 'ଶିଳ୍ପ ସିମ୍ପୋଜିମ ୫.୦'

ଭୁବନେଶ୍ୱର,୯।୧୧(ଅନୁରାଧା ମହାରଣା)



ଏସ.ଏନ. ସୁବ୍ରମଣ୍ୟମ

କିଟ୍ ମ୍ୟାନେଜମେଣ୍ଟ ସ୍କୁଲ ପକ୍ଷରୁ ରବିବାର 'ଶିଳ୍ପ ସିମ୍ପୋଜିମ ୫.୦' ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଲାର୍ସନ ଆଣ୍ଡ ଟୁବ୍ରୋ (ଏଲ୍‌ଆଣ୍ଡଟି) ଅଧ୍ୟକ୍ଷ ଓ ପରିଚାଳନା ନିର୍ଦ୍ଦେଶକ ଏସ୍. ଏନ୍. ସୁବ୍ରମଣ୍ୟମ ଯୋଗଦେଇଥିଲେ। ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇ ସୁବ୍ରମଣ୍ୟମ କହିଛନ୍ତି, ସ୍ୱପ୍ନ ଦେଖ, ନମ୍ର ରୁହ ଓ ନିଜର ୩୫ ବର୍ଷ ବୟସ ହେବା ପୂର୍ବରୁ କିଛି ସଫଳତା ହାସଲ କରି ଦେଖାଅ। ସବୁଜ ହାଇଡ୍ରୋଜେନ ବିପ୍ଳବ, କୃତ୍ରିମ ବୁଦ୍ଧିମତ୍ତା ଓ ଇଭି ରୂପାନ୍ତରଣରୁ ସୃଷ୍ଟି ହେଉଥିବା ସୁଯୋଗଗୁଡ଼ିକ ହାସଲ କରିବା ଉପରେ ଗୁରୁତ୍ୱ ଦେଇଛନ୍ତି। ଏହାସହ ନବୀକରଣ ଯୋଗ୍ୟ ଶକ୍ତି, କୃତ୍ରିମ ବୁଦ୍ଧିମତ୍ତା ଓ ସ୍ଥାୟୀ ପ୍ରଯୁକ୍ତିବିଦ୍ୟା ଦ୍ୱାରା ଆଦୃତ ରୂପାନ୍ତରିତ ଶିଳ୍ପ ଦୃଶ୍ୟପଟ ଉପରେ ସେ ଆଲୋକପାତ କରିଥିଲେ। ଭବିଷ୍ୟତକୁ ଆକାର ଦେଉଥିବା ପ୍ରମୁଖ ବିଶ୍ୱ ପରିବର୍ତ୍ତନ ଉପରେ ଆଲୋକପାତ କରି ସେ କହିଲେ, ସୌର ଏବଂ ସବୁଜ ହାଇଡ୍ରୋଜେନ ବିପ୍ଳବରୁ କୃତ୍ରିମ ବୁଦ୍ଧିମତ୍ତା ଏବଂ ଇଭି ରୂପାନ୍ତର ହେଉଛି। ୟୁଏଇ ଭଳି ଦେଶଗୁଡ଼ିକ ପୂର୍ବରୁ ନବୀକରଣଯୋଗ୍ୟ ଶକ୍ତି କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ସଫଳତା ହାସଲ କରୁଛନ୍ତି। ଆବୁଧାବିର ସମ୍ପୂର୍ଣ୍ଣ ଶକ୍ତି ବ୍ୟାଟେରି ସିଷ୍ଟମ ଦ୍ୱାରା ପରିଚାଳିତ ବୋଲି ସେ ସୂଚନା ଦେଇଥିଲେ। ସେ ଛାତ୍ରୀଛାତ୍ରମାନଙ୍କୁ ଏଆଇ, ଇଭି ଓ ସବୁଜ ଶକ୍ତିରେ ଦେଖାଦେଉଥିବା ବିଶାଳ ସୁଯୋଗର ଅନୁସନ୍ଧାନ କରିବାକୁ ଆହ୍ୱାନ କରିଥିଲେ। କର୍ପୋରେଟ ଜ୍ଞାନ ଏବଂ ବ୍ୟକ୍ତିଗତ ପରାମର୍ଶକୁ ମିଶ୍ରଣ କରି ସୁବ୍ରମଣ୍ୟମ ଛାତ୍ରୀଛାତ୍ରଙ୍କୁ ଦୃଢ଼ ରହିବା ଏବଂ ସେମାନଙ୍କର ମୂଳକୁ ମୂଲ୍ୟ ଦେବା ପାଇଁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ ସିଂହ, କୁଳସଚିବ ପ୍ରଫେସର ଜ୍ଞାନ ରଞ୍ଜନ, କିଟ୍ ସ୍କୁଲ ଅଫ ମ୍ୟାନେଜମେଣ୍ଟ ନିର୍ଦ୍ଦେଶକ ଡ. କୁମାର ମହାନ୍ତି ଏବଂ ଅନ୍ୟାନ୍ୟ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ। ପୂର୍ବାହ୍ନରେ ସେ କିଟ୍ ଓ କିସ୍ କ୍ୟାମ୍ପସ ପରିଦର୍ଶନ କରିବା ସହିତ କିସ ଛାତ୍ରୀଛାତ୍ରଙ୍କ ସହ ଦୀର୍ଘ ସମୟ ଅତିବାହିତ କରିଥିଲେ। କିସ ଜରିଆରେ ହଜାର ହଜାର ଜନଜାତିଛାତ୍ରୀଛାତ୍ରଙ୍କୁସଶକ୍ତ କରିବା ଦିଗରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ଉଦ୍ୟମକୁ ସେ ପ୍ରଶଂସା କରିଥିଲେ।

# ଭାରତରେ କ୍ରେଡିଟ କାର୍ଡ ଖର୍ଚ୍ଚରେ ୨୩% ବୃଦ୍ଧି

ଭୁବନେଶ୍ୱର,୯।୧୧(ଅନୁରାଧା ମହାରଣା)

ଭାରତରେ ଡିଜିଟାଲ ପେମେଣ୍ଟର ଟ୍ରେଣ୍ଡ ଜାରି ରହିଛି। ୨୦୨୫ ସେପ୍ଟେମ୍ବର ସୁଦ୍ଧା କ୍ରେଡିଟ କାର୍ଡ ଖର୍ଚ୍ଚ ୨୩% ବଢ଼ି ୨.୧୭ ଲକ୍ଷ କୋଟି ଟଙ୍କାକୁ ପହଞ୍ଚିଛି। ଅଗଷ୍ଟ ତୁଳନାରେ ୧୩% ଅଧିକ ଖର୍ଚ୍ଚ ହୋଇଛି। ଦେଶରେ ସକ୍ରିୟ କ୍ରେଡିଟ କାର୍ଡ ସଂଖ୍ୟା ୧୧.୩ କୋଟିକୁ ବୃଦ୍ଧି ପାଇଛି । ଗତବର୍ଷ ଏହା ୧୦.୬ କୋଟି ରହିଥିଲା। ପ୍ରାଇଭେଟ ବ୍ୟାଙ୍କର ମାର୍କେଟ ଶେୟାର ୭୪.୨%କୁ ଖସିଆସିଛି, ହେଲେ ସରକାରୀ ବ୍ୟାଙ୍କ (ପିଏସ୍‌ବି) ୨୦%ରୁ ଅଧିକ ଅଂଶଗ୍ରହଣ କରିଛନ୍ତି। ଟିଅର୍-୨ ଓ ଟିଅର୍-୩ ସହରରେ ସରକାରୀ ବ୍ୟାଙ୍କର ଗ୍ରାହକଙ୍କ ଖର୍ଚ୍ଚ ୩୦% ବଢ଼ିଛି। ପ୍ରତି କାର୍ଡର ହାରାହାରି ଖର୍ଚ୍ଚ ୧୯,୧୪୪ ଟଙ୍କା ରହିଛି, ଯାହାକି ଗତମାସ ତୁଳନାରେ ୧୨.୨% ଅଧିକ। ପ୍ରାଇଭେଟ୍ ବ୍ୟାଙ୍କ ଗ୍ରାହକ ୨୦,୦୧୧ଟଙ୍କା ଓ ସରକାରୀ ବ୍ୟାଙ୍କ ଗ୍ରାହକ ୧୬,୯୨୭ଟଙ୍କା ଖର୍ଚ୍ଚ କରିଛନ୍ତି। ପାର୍ବଣ ଋତୁ, ଆକର୍ଷଣୀୟ ରିହାତି ଓ ଡିଜିଟାଲ ପେମେଣ୍ଟର ବଢୁଥିବା ଧାରା ଏହି ବୃଦ୍ଧିର ମୁଖ୍ୟ କାରଣ। ବିଶେଷଜ୍ଞମାନେ ଆଗକୁ ଆହୁରି ଦୃଢ଼ ଅଭିବୃଦ୍ଧି ଆଶା କରୁଛନ୍ତି।

## ପୂର୍ବ ତଟ ରେଳପଥ

ଟେଣ୍ଡର ବିଜ୍ଞପ୍ତି ସଂ. ST-OT-TELE-AM-HQ-BBS-514, ତା.31.10.2025ରିଖ

**କାର୍ଯ୍ୟର ନାମ :** ବାର ମାସ ସମୟାବଧି ନିମନ୍ତେ ସହାୟକ ସଙ୍କେତ ଏବଂ ଦୂରସଂଚାର ଯନ୍ତ୍ରୀ (ASTE) / TM / ମୁଖ୍ୟାଳୟ / ଭୁବନେଶ୍ୱର ଅଧୀନସ୍ଥ ସିନିୟର ସେକ୍ସନ ଇଂଜିନିୟର / ଦୂରସଂଚାର / ମୁଖ୍ୟାଳୟର ଟେଲି ଗିଅର୍ସ ସମ୍ବନ୍ଧୀୟ ସେକ୍ସନରେ ଗତିବିଧି ଆଧାରିତ ଭୁବନେଶ୍ୱର ସହରାଞ୍ଚଳ, ଭୁବନେଶ୍ୱର ରେଳ ଷ୍ଟେସନ ଇତ୍ୟାଦିରେ ଯେକୌଣସି କାର୍ଯ୍ୟକ୍ରମ, ରେଳ ବିହାର, ରେଳ କୁଞ୍ଜ, ରେଳ କୁଟୀର, ମଞ୍ଚେଶ୍ୱର ଏବଂ ରେଳ ଆୱାସ କଲୋନୀ ସ୍ଥିତ ଆବାସିକ କ୍ୱାର୍ଟର ଏବଂ ରେଳ ସଦନ, ରେଳ ବିହାର, ରେଳ ଡବା ମରାମତି କାରଖାନା/ମଞ୍ଚେଶ୍ୱର, କେନ୍ଦ୍ରୀୟ ଚିକିତ୍ସାଳୟ / ମଞ୍ଚେଶ୍ୱର, GSD ଡିପୋ ମଞ୍ଚେଶ୍ୱର ଅଞ୍ଚଳ ଠାରେ ପୂର୍ବ ତଟ ରେଳପଥର ମୁଖ୍ୟାଳୟ କାର୍ଯ୍ୟାଳୟଗୁଡ଼ିକ ନିମନ୍ତେ ବର୍ଷ 2025-26 (ବହିଃସ୍ରୋତ ଏଜେନ୍ସି ଦ୍ୱାରା ବ୍ରେକ୍ ଡାଉନ୍ ସ୍ଥଳରେ ଉପସ୍ଥିତ ହେବା ଏବଂ ଦୂରସଂଚାର ଆସେଟ୍‌ର କାର୍ଯ୍ୟସୂଚୀ ରକ୍ଷଣାବେକ୍ଷଣ, ଦୂରସଂଚାର କାର୍ଯ୍ୟଗୁଡ଼ିକର ସମ୍ପାଦନ ଏବଂ ଗୁରୁତ୍ୱପୂର୍ଣ୍ଣ ଦୂରସଂଚାର ସାମଗ୍ରୀଗୁଡ଼ିକର ଯୋଗାଣ) ପାଇଁ ମୁଖ୍ୟାଳୟ, ଭୁବନେଶ୍ୱର ଠାରେ ଦୂରସଂଚାର ଆସେଟ୍ (Assets)ଗୁଡ଼ିକର ରକ୍ଷଣାବେକ୍ଷଣ।

ଟେଣ୍ଡର ମୂଲ୍ୟ (₹): 1,92,74,747.05, EMD (₹) : 2,46,400.00

ବିଡ୍ ଆରମ୍ଭ ହେବା ତାରିଖ : ତା.10.11.2025ରିଖ,

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା. 24.11.2025 ରିଖ 1100 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ https://www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ମଣ୍ଡଳ ରେଳ ପ୍ରବନ୍ଧକ (ସଂକେତ ଏବଂ ଦୂରସଂଚାର),
PR-772/Q/25-26 ଖୋର୍ଦ୍ଧା ରୋଡ଼

## ACHARYA HARIHAR SISHU BHAWAN (CHILDREN'S HOME)

AT/PO- SAKHIGOPAL, PURI (ODISHA), 752014

**Advertisement**

Applications are invited from the interested eligible candidates for filling up the vacant post of "PT instructor cum Yoga Trainer" in the Child Care Institution under Mission Vatsalya scheme. The post is purely temporary and contractual in nature. Details of advertisement is available in the website : www.ahsbchildcare.org.in. The candidates should upload their application online through above mentioned website in the "career" page and submit the printed and self-attested hard copy of application and its enclosures to the address -SECRETARY, ACHARYA HARIHAR SISHU BHAWAN (CCI), AT/PO-SAKHIGOPAL, DIST : PURI-752014 on/ before 27.11.2025 by 5.00 P.M. positively through speed post /registered post only.

Sd./- Secretary
Acharya Harihar Sishu Bhawan
Sakhigopal

## ଯୁବକଙ୍କୁ ଗୋଡ଼ାଇ ହାଣିଲେ

ଭୁବନେଶ୍ୱର,୯।୧୧(ସତ୍ୟଜିତ ରାଉତ)

ରାଜଧାନୀରେ ଆତଙ୍କ ଖେଳାଉଛନ୍ତି ଅପରାଧୀ। ଲକ୍ଷ୍ମୀସାଗର ଥାନା ଅନ୍ତର୍ଗତ ବୁଦ୍ଧନଗର ବସ୍ତି ଅଞ୍ଚଳରେ ଜଣେ ଯୁବକଙ୍କୁ କେତେଜଣ ଦୁର୍ବୃତ୍ତ ସଂଘବଦ୍ଧ ଭାବେ ଆକ୍ରମଣ କରିଛନ୍ତି। ରବିବାର ସନ୍ଧ୍ୟାରେ ଏହି ଘଟଣା ଘଟିଛି। ଆହତ ଯୁବକ ଜଣକଙ୍କ ନାମ ଅଜୁ ବୋଲି ଜଣାପଡିଛି। ପୂର୍ବଶତ୍ରୁତାକୁ କେନ୍ଦ୍ର କରି

### ରାଜଧାନୀରେ ପୁଣି ଦୁର୍ବୃତ୍ତଙ୍କ ଆତଙ୍କରାଜ

ଫାଳିକିଆ ବସ୍ତିର କେତେଜଣ ଯୁବକ ଏହି କାଣ୍ଡ ଘଟାଇଥିବା ପୋଲିସ ସନ୍ଦେହ କରୁଛି। ଆକ୍ରମଣରେ ଅଜୁଙ୍କ ଶରୀରେ ଗଭୀର କ୍ଷତ ହୋଇଛି। ପରିବାର ଲୋକେ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରିଛନ୍ତି।

ପୋଲିସ ସୂଚନା ଅନୁଯାୟୀ, ରବିବାର ସନ୍ଧ୍ୟାରେ ଅଜୁ ନିଜ ଘର ପାଖରେ ବସିଥିବା ବେଳେ ୪ରୁ ୫ଜଣ ଯୁବକ ବାଇକରେ ଖଣ୍ଡା ଓ ଭୁଜାଲି ଆଦି ମାରଣାସ୍ତ୍ର ଧରି ସେଠାରେ ପହଞ୍ଚିଥିଲେ। ସେ କିଛି ବୁଝିବା ଆଗରୁ ତାଙ୍କୁ ସେମାନେ ଉଠାଇ ନେଇଥିଲେ। ସେଠାରୁ କିଛି ଦୂରରେ ତାଙ୍କୁ ଧମକ ଦେବା ସହ ଗାଳିଗୁଲଜ କରି ସଂଘବଦ୍ଧ ଭାବେ ଆକ୍ରମଣ କରିଥିଲେ। ସ୍ଥାନୀୟ ଲୋକେ ପହଞ୍ଚିଯିବାରୁ ଅଭିଯୁକ୍ତମାନେ ଫେରାର ହୋଇଯାଇଥିଲେ। ପୋଲିସ ଘଟଣାସ୍ଥଳକୁ ଯାଇ ତଦନ୍ତ ଆରମ୍ଭ କରିଛି। ତେବେ ଖବର ପ୍ରସ୍ତୁତ ହେବା ଯାଏ ଏ ସଂକ୍ରାନ୍ତରେ କୌଣସି ରିପୋର୍ଟ ହୋଇ ନ ଥିବା ଲକ୍ଷ୍ମୀସାଗର ଥାନାରେ ଅଧିକାରୀ ପି. ଶ୍ୟାମା ସୁନ୍ଦର ରାଓ କହିଛନ୍ତି।

# ଗବେଷଣା ସହ ଚୁଡ଼ଙ୍ଗଗଡ଼ର ଉନ୍ନତି କରାଯାଉ

### ଚୁଡ଼ଙ୍ଗଗଡ଼ ବାରଙ୍ଗ ମହୋତ୍ସବ ଉଦ୍‌ଯାପିତ

ବାରଙ୍ଗ, ୯।୧୧(ଲିଙ୍ଗରାଜ ରାଉତ)



ଅଷ୍ଟମ ବାର୍ଷିକ ଚୁଡ଼ଙ୍ଗଗଡ଼ ବାରଙ୍ଗ ମହୋତ୍ସବ ରବିବାର ଉଦ୍‌ଯାପିତ ହୋଇଯାଇଛି। ମେଡିକାଲ ଛକଠାରେ ୫ ଦିନଧରି ଚାଲିଥିବା ଏହି ମହୋତ୍ସବର ଉଦ୍‌ଯାପିତ ସନ୍ଧ୍ୟାରେ ମୁଖ୍ୟ ଅତିଥିଭାବେ ଉତ୍କଳ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଯଜ୍ଞେଶର ଦଣ୍ଡପାଟ ଯୋଗଦେଇ ଐତିହାସିକ ବୀରମାଟି ଚୁଡ଼ଙ୍ଗଗଡ଼ ବାରଙ୍ଗ ମାଟିର ଚତୁର୍ପାର୍ଶ୍ୱ ଯେଉଁଭଳି ଭାବେ କଂକ୍ରିଟ ସହର ବଢ଼ି ଚାଲିଛି ଏ ଅଞ୍ଚଳକୁ ମଧ ଶିଳ୍ପ ଆସିଯିବ। ସହର ବଢୁଛି ଅର୍ଥନୈତିକ ଅଭିବୃଦ୍ଧି ମଧ ବଢୁଛି। ଯାହାପାଇ ଆମେ ବି ବଢିବା ଦରକାର। ଏ ମାଟିରେ ଆମେ ଜନ୍ମ ହୋଇଛେ ତେଣୁ ମାଟି ପାଇଁ ଆମର କର୍ତ୍ତବ୍ୟ ରହିଛି। ତେଣୁ ସମସ୍ତେ ମିଶି ଏହି ମହୋତ୍ସବକୁ ଆଗକୁ ନେବାକୁ ସେ ଆହ୍ୱାନ ଦେଇଥିଲେ। ମହୋତ୍ସବ କମିଟି ସଭାପତି ତୁଷାରକାନ୍ତ ଚକ୍ରବର୍ତ୍ତୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ପ୍ରଫେସର ପୂର୍ଣ୍ଣ ଚନ୍ଦ୍ର ପାଢ଼ୀ, ଅବସରପ୍ରାପ୍ତ ଦର୍ଶନଶାସ୍ତ୍ର ପ୍ରାଧାପକ ଓ ପ୍ରାବନ୍ଧିକ ଡ. ନିରଞ୍ଜନ ପାଢ଼ୀ, ଶାନ୍ତି କମିଟି ସମ୍ପାଦକ ସୁରେଶ ମହାନ୍ତି, ଭୁପତି ଭୂଷଣ ପାଣି ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ଚୁଡ଼ଙ୍ଗଗଡ଼ର ପୂର୍ବ ଇତିହାସ ଓ ଜାତି ପାଇଁ ଯେଉଁମାନେ ପ୍ରାଣ ଦେଇଛନ୍ତି ସେହି କଥାକୁ ମନେ ପକାଇବା, ଆଗାମୀ ପିଢ଼ିଙ୍କୁ ଜଣାଇବା ଉଦ୍ଦେଶ୍ୟରେ ଆରମ୍ଭ କରାଯାଇଥିବା ମହୋତ୍ସବ ବାସ୍ତବିକ ସ୍ୱାଗତଯୋଗ୍ୟ। ଚୋଡ଼ଗଙ୍ଗଦେବଙ୍କ ରାଜତ୍ୱ ସମୟରେ ସେ ଗଙ୍ଗାଠାରୁ ଗୋଦାବରୀ ପର୍ଯ୍ୟନ୍ତ ନିଜ ଅକ୍ତିଆରକୁ ଆଣି ପାରିଥିଲେ । ସେଇକଥା ଆଜି ଶୁଣିଲାପରେ ଏ ମାଟିର ପିଲାମାନେ ନିଜକୁ ଗର୍ବ ଅନୁଭବ କରିବା ଦରକାର। ତେଣୁ ଉତ୍କଳର ଗରିମାକୁ ବହନ କରୁଥିବା ଚୁଡଙ୍ଗଗଡ ଉପରେ ଗବେଷଣା ଓ ଏହାର ଉନ୍ନତି ଆବଶ୍ୟକତା ରହିଛି ବୋଲି ବକ୍ତାମାନେ କହିଥିଲେ। ଶେଷରେ ଶ୍ୟାମ ସୁନ୍ଦର ସାହୁ ଧନ୍ୟବାଦ ଦେଇଥିଲେ। ଆଦିତ୍ୟ ପାଲ, ସୁନୀଲ ସ୍ୱାଇଁ, ଦୀପକ କୁମାର ସ୍ୱାଇଁ, ପ୍ରତାପ ଚନ୍ଦ୍ର ମଣ୍ଡଳ ପ୍ରମୁଖ ଏହାକୁ ପରିଚାଳନା କରିଥିଲେ। ଶେଷରେ ସୁଶ୍ରୀ ମେଡିକାଲ ଛାତ୍ରୀ ପ୍ରିୟଙ୍କା ପାଣି,ଦଶମ ଶ୍ରେଣୀ ବ୍ଲକ ଟପର ଜ୍ଞାନ ପ୍ରକାଶ ସାହୁ, ଓଡ଼ିଶୀ ନୃତ୍ୟଶିଳ୍ପୀ ରଚିତା ସାହୁଙ୍କୁ ଏହି ଅବସରରେ ସମ୍ମାନିତ କରାଯାଇଥିଲା। ଶେଷସନ୍ଧ୍ୟାରେ ପ୍ରବଳ ଜନସମାଗମ ହୋଇଥିବା ବେଳେ ଲୋକମାନଙ୍କ ମଧ୍ୟରେ ବହୁ ଉତ୍ସାହ ଦେଖିବାକୁ ମିଳିଥିଲା। ଡ୍ୟାନ୍ସଡ୍ୟାନ୍ସ , ଦେଶାତ୍ମବୋଧକ ଗୀତ ଓ ନୃତ୍ୟ ଦେଖଣାହାରୀଙ୍କୁ ବେଶ୍ ମଜା ଦେଇଥିଲେ। କଣ୍ଠଶିଳ୍ପୀ ଶୁଭାଶିଷ ମହାକୁଡ଼ ଓ ତାଙ୍କ ଦଳ ଦ୍ୱାରା ହୋଇଥିବା ମେଲୋଡିରେ ଶୀତୁଆରାତିରେ ଦର୍ଶକମାନେ ବେଶ ଝୁମିଥିଲେ।

# ତାଲା ଭାଙ୍ଗି ଚୋରି, ଜେଲ ଫେରନ୍ତା ଗିରଫ

ଭୁବନେଶ୍ୱର,୯।୧୧(ସତ୍ୟଜିତ ରାଉତ)

### ୭ ଥାନାରେ ୨୦ ମାମଲା

ତାଲା ଭାଙ୍ଗି ଚୋରି କରିବା ଅଭିଯୋଗରେ ଖଣ୍ଡଗିରି ଥାନା ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ରବିବାର କୋର୍ଟଚାଲାଣ କରିଛି। ସେ ହେଲେ ନୟାପଲ୍ଲୀ ଥାନା ଅଞ୍ଚଳରେ ରହୁଥିବା ବିଶ୍ୱଜିତ୍ ବେହେରା ଓରଫ ବାପୁ (୩୨)। ଚୋରିର ଶିକାର ହୋଇଥିବା ଦିପ୍ତିରଞ୍ଜନ ଜେନାଙ୍କ ଗଣ୍ଡମୁଣ୍ଡାସ୍ଥିତ ଘରକୁ ଅଭିଯୁକ୍ତମାନେ ଟାର୍ଗେଟ୍ କରିଥିଲେ। ଅକ୍ଟୋବର ୧୪ ଦିନବେଳା ଘରର ମୁଖ୍ୟ ଫାଟକର ଦୁଇଟି ତାଲା ଭାଙ୍ଗି ସୁନା ଓ ରୁପା ଅଳଙ୍କାର, ପିତ୍ତଳ ବାସନକୁସନ ଓ ବାଥରୁମ୍ ଫିଟିଂ ଚୋରି କରି ନେଇଥିଲେ। ସନ୍ଧ୍ୟାରେ ଦିପ୍ତିରଞ୍ଜନ ଫେରିବା ପରେ ଏହା ଜାଣି ଥାନାରେ ଏତଲା ଦେଇଥିଲେ। ପୋଲିସ ଏକ ମାମଲା (ନଂ.୭୪୫/୨୦୨୫) ରୁଜୁ କରି ତଦନ୍ତ କରିଥିଲା। ବାପୁ ଜେଲରୁ ଫେରିବା ପରେ ସହଯୋଗୀଙ୍କ ସହ ମିଶି ଚୋରି କରିଥିଲେ। ତାଙ୍କ ହେପାଜତରୁ ଚୋରି ହୋଇଥିବା ପାଣି ଟ୍ୟାପ୍ ଓ ଅନ୍ୟାନ୍ୟ ସାମଗ୍ରୀ ଜବତ କରାଯାଇଛି। ବାପୁ ଜଣେ ଅଭ୍ୟାସଗତ ଅପରାଧୀ। ତାଙ୍କ ନାମରେ ଶହୀଦନଗର, ଚନ୍ଦ୍ରଶେଖରପୁର, ଭରତପୁର, ନୟାପାଲ୍ଲୀ, ଖଣ୍ଡଗିରି, ମୈତ୍ରୀ ବିହାର ଓ ଇନ୍‌ଫୋଭ୍ୟାଲି ଥାନାରେ ୨୦ଟି ଚୋରି ମାମଲା ରହିଛି। ଫେରାର ଅଭିଯୁକ୍ତ କୃଷ୍ଣଙ୍କୁ ଗିରଫ କରିବାକୁ ପ୍ରୟାସ ଚାଲିଥିବା ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

# ଶୀତୁଆ ସନ୍ଧ୍ୟାକୁ ଉଷ୍ମ କଲା ଇରାଙ୍କ ନୂଆ, ପୁରୁଣା ଗୀତ



ଭୁବନେଶ୍ୱର,୯। ୧୧ (ସୌମ୍ୟରଞ୍ଜନ ରାଉତ)

### ଭୁବନେଶ୍ୱର ଉତ୍ତର ମହୋତ୍ସବର ପଞ୍ଚମ ସନ୍ଧ୍ୟା

ଚନ୍ଦ୍ରଶେଖପୁର କ୍ଲବ୍ ଟାଉନ୍ ପଡିଆରେ ଚାଲିଥିବା ଭୁବନେଶ୍ୱର ଉତ୍ତର ମହୋତ୍ସବର ରବିବାର ଥିଲା ପଞ୍ଚମ ସନ୍ଧ୍ୟା। ମୁଖ୍ୟ ଆକର୍ଷଣ ଇରା ମହାନ୍ତି ୨ଦଶନ୍ଧିର ନୂଆ ପୁରୁଣା ଗୀତରେ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଦେଇଥିଲେ। ରାଖୀ ବାନ୍ଧିଲି ମୋ ରହିଲା ରାଣ... ଗୀତରୁ ଆରମ୍ଭ କରିଥିଲେ ପ୍ରଦର୍ଶନ। ପରେ ନୂଆ ଓ ପୁରୁଣା ସୁପର ହିଟ୍ ଗୀତ ଗାଇଥିଲେ। ଗୀତର ତାଳେତାଳେ ଦର୍ଶକମାନେ ମତୁଆଲା ହୋଇ ଝୁମି ଥିଲେ, ନାଚିଥିଲେ। ସତେଯେମିତି ଶୀତୁଆ ସନ୍ଧ୍ୟାକୁ ଉଷ୍ମ କରିଦେଇଥିଲେ ଇରା। କମିଟ ସଭାପତି କୁନାଲ ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସାଂସ୍କୃତିକ ସନ୍ଧ୍ୟାରେ ମୁଖ୍ୟ ଅତିଥିଭାବେ ଉତ୍ତର ପ୍ରଦେଶ ଓ ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀଙ୍କ ଶିକ୍ଷା ପରାମର୍ଶଦାତା ପ୍ରଫେସର ଡ. ଜୟଶଙ୍କର ପାଣ୍ଡେ ଯୋଗଦେଇ ଜଗନ୍ନାଥଙ୍କ ସଂସ୍କୃତି, ପରମ୍ପରାକୁ ପ୍ରଶଂସା କରିଥିଲେ। ଓଡିଶାର କଳା ସଂସ୍କୃତି ସାରା ବିଶ୍ୱରେ ଆଦର ଲାଭ କରିଛି ବୋଲି ସେ କହିଥିଲେ। ସମ୍ମାନିତ ଅତିଥି ଭାବେ ମନସ୍ତତ୍ତ୍ୱବିତ୍ ଡ. ଅମୃତ ପାଇଯୋଶୀ, ସାମାଜିକ କର୍ମୀ ନମ୍ରତା ଚଢା, ଲକ୍ଷ୍ନୌ ବିଶ୍ୱବିଦ୍ୟାଳୟର ପ୍ରଫେସର ସୁନୀତା କୁମାର, ଆଲାହାବାଦ ହାଇକୋର୍ଟର ବରିଷ୍ଠ ଆଇନଜୀବୀ ତଥା ସାମାଜିକ କର୍ମୀ ସୁଶୀଲା ପାଣ୍ଡେ, ପରିଚୟ ଫାଉଣ୍ଡେଶନର ପ୍ରତିଷ୍ଠାତା ଡ. ରୋଜାଲିନ୍ ପାଟଶାଣୀ ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ରବିବାର ଥିବାରୁ ମହୋତ୍ସବରେ ପ୍ରବଳ ଜନସମାଗମ ହୋଇଥିଲା। ଆମିଷ ଷ୍ଟଲ, ମୀନା ବଜାର, ଫୁଡ୍ ଷ୍ଟଲରେ ଭିଡ଼ ଜମିଥିଲା। ଲୋକମାନେ ମହୋତ୍ସବକୁ ସୁନ୍ଦର ଭାବରେ ଉପଭୋଗ କରୁଥିଲେ। ସମ୍ପାଦକ ସ୍ୱାକ୍ଷର ରଞ୍ଜନ ମହାନ୍ତି ସଭା ପରିଚାଳନା କରିଥିଲାବେଳେ ସଂଯୋଜକ ତଥା କର୍ମଚାରୀ ନେତା ସରୋଜକାନ୍ତ ମଲ୍ଲିକ ଧନ୍ୟବାଦ ଦେଇଥିଲେ।

### ସପ୍ତମ ରାଷ୍ଟ୍ରୀୟ ସାଂସ୍କୃତିକ ମହୋତ୍ସବ

# ୨ଜଣଙ୍କୁ 'ଇନ୍ଦିରା କୀର୍ତ୍ତି ସମ୍ମାନ'




ଭୁବନେଶ୍ୱର, ୯।୧୧ (ବନ୍ଦନା ସେଠୀ)

ଅବନ୍ତିକା ଏକାଡେମୀ ଅଫ୍ କଲ୍‌ଚରାଲ୍ ଆଣ୍ଡ୍ ସୋସିଆଲ୍ ୱେଲଫେୟାର୍ ପକ୍ଷରୁ ରବିବାର ସପ୍ତମ ରାଷ୍ଟ୍ରୀୟ ସାଂସ୍କୃତିକ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ରଠାରେ 'ଅନନ୍ଦିନୀ ନ୍ୟାଶନାଲ କଲ୍‌ଚରାଲ ଫେଷ୍ଟ ଏବଂ ଇନ୍ଦିରା କୀର୍ତ୍ତି ସମ୍ମାନ' କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ନାଟ୍ୟକାର ତଥା ନିର୍ଦ୍ଦେଶକ ମିହିର ମେହେର ଏବଂ ଫୋକ୍ ଆଣ୍ଡ୍ ଟ୍ରାଡିଶନାଲ ଇଣ୍ଡିଜିନସ୍ ଆର୍ଟିଷ୍ଟ ଚିଣ୍ଟୁ ପ୍ରସାଦ ନାୟକଙ୍କୁ 'ଇନ୍ଦିରା କୀର୍ତ୍ତି ସମ୍ମାନ' ପ୍ରଦାନ କରାଯାଇଥିଲା। ପରେ ସନ୍ଧ୍ୟା ଅଧିବେଶନରେ କଣ୍ଠଶିଳ୍ପୀ ମହାପାତ୍ର ମିନତୀ ଭଞ୍ଜ ଓଡ଼ିଶୀ କଣ୍ଠସଙ୍ଗୀତ ପରିବେଷଣ କରିଥିଲେ। ତାଙ୍କପରେ ଅନୁଷ୍ଠାନର କଳାକାରମାନେ ଓଡ଼ିଶୀ ନୃତ୍ୟ ଏବଂ ଟି. ରେଣ୍ଡ଼ୀ ଲକ୍ଷ୍ମୀ କୁଚିପୁଡି ନୃତ୍ୟ ପ୍ରଦର୍ଶନ କରିଥିଲେ। ଅତିଥି ଭାବେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ସ୍ୱତନ୍ତ୍ର ସଚିବ ଦେବପ୍ରସାଦ ଦାଶ, ଓଡ଼ିଶୀ ଗୁରୁ ଡ. ସ୍ନେହପ୍ରଭା ସାମନ୍ତରାୟ, ସାହିତ୍ୟିକ ଗୌରହରି ଦାସ, ପରିଚୟ ଫାଉଣ୍ଡେଶନ ସଭାପତି ଡ. ରୋଜାଲିନ୍ ପାଟଶାଣୀ ଏବଂ ନାଟ୍ୟ ନିର୍ଦ୍ଦେଶକ ପରମେଶ୍ୱର ମୁଣ୍ଡ ଯୋଗଦେଇଥିଲେ।

# ଶିଶୁନାଟକ 'ରୀନାର ସ୍ୱପ୍ନ', 'ହଂସ ଶିକାର' ମଞ୍ଚସ୍ଥ

### ସୃଜନୀ ଶିଶୁନାଟକ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା

ଭୁବନେଶ୍ୱର,୯।୧୧(ସୌମ୍ୟରଞ୍ଜନ ରାଉତ)



ମହୋତ୍ସବରେ ପରିବେଷିତ ଶିଶୁନାଟକ 'ରୀନାର ସପ୍ନ'ର ଏକ ଦୃଶ୍ୟ।

ସୃଜନୀ ପକ୍ଷରୁ ଭଞ୍ଜକଳା ମଣ୍ଡପରେ ଚାଲିଥିବା ଶିଶୁନାଟକ ମହୋତ୍ସବର ରବିବାର ଥିଲା ଦ୍ୱିତୀୟ ସନ୍ଧ୍ୟା। ସନ୍ଧ୍ୟାର ପ୍ରଥମ ପରିବେଷଣରେ ବାଲେଶ୍ୱର ଜିଲାର କଳାକାର ଅନୁଷ୍ଠାନ ପକ୍ଷରୁ ପରିବେଷଣ ହୋଇଥିଲା ଶିଶୁନାଟକ 'ରୀନାର ସପ୍ନ'। ଏହାର ନାଟ୍ୟକାର ଥିଲେ ଇଂ. ଚିନ୍ମୟୀ ରକ୍ଷିତ୍ ଏବଂ ନିର୍ଦ୍ଦେଶନା ଦେଇଥିଲେ ଇଂ. ଶ୍ରୀତମ କୁମାର ସିଂହ। ଆଜିର ଶିଶୁ କାଲିର ଭବିଷ୍ୟତ ଆଉ ଅତୀତ। ତେବେ ଭବିଷ୍ୟତ ପାଇଁ ବାଟ ଦେଖାଇଥିବା ତଥା ଆସନ୍ତା ପିଢ଼ିର ଶିଶୁମାନଙ୍କ ପାଇଁ ଉଦାହରଣ ସାଜିଥିବା ଶିଶୁଙ୍କ କାହାଣୀକୁ ଅତି ନିଖୁଣ ଭାବେ ପରିବେଷଣ କରିଥିଲେ ଅନୁଷ୍ଠାନର କଳାକାରମାନେ।

ପରେ ଭୁବନେଶ୍ୱରର ଗୌତମ ଡ୍ରାମା ଏକାଡ଼େମୀର କଳାକାରମାନେ ପରିବେଷଣ କରିଥିଲେ 'ହଂସ ଶିକାର'। ଏହାର ନାଟ୍ୟକାର ଥିଲେ ରତି ରଞ୍ଜନ ମିଶ୍ର ଓ ନିର୍ଦ୍ଦେଶନା ଦେଇଥିଲେ ହର ପ୍ରସାଦ ପଟ୍ଟନାୟକ। ନାଟକର ବିଷୟବସ୍ତୁ ଅନୁଯାୟୀ ଆଜିର ଶିଶୁ ଆସନ୍ତା କାଲିର ଭବିଷ୍ୟତ। ଏହା କାହିଁ କେବେଠାରୁ ଶୁଣି ଆସୁଛେ। ହେଲେ ଏହାର ଯଥାର୍ଥତା କ'ଣ ଆମେ ଉପଲବ୍ଧି କରିପାରିଛେ କି? ନାଟକ ମାଧ୍ୟମରେ ଶିଶୁକଳାକାରମାନେ ଦର୍ଶକଙ୍କୁ ଏହି ପ୍ରଶ୍ନ ପଚାରିଛନ୍ତି। ଖାଲି ଛୁଆଟି ନିଜର ହେଲେ ଯାଇ ଆମେ ସଜାଗ ହେବା ଓ ଆମ ଭାବପ୍ରବଣତା ଜାହିର୍ କରିବା ଠିକ୍ କି? କାରଣ ଏ ଭୁଲ୍ ହେଉଛି ଏ ସମାଜର, ଆମ ନିଜ ଢୋଲ ନିଜକୁ ହିଁ ପିଟିବାକୁ ପଡିବ। ଏକ ଅତ୍ୟାଚାର ଆଉ ଦୁର୍ବିଚାର ବିଷୟବସ୍ତୁ ଓ ଛୋଟପିଲା ବୁଦ୍ଧିକୁ ନେଇ ନାଟକ ପରିବେଷଣ କରିଥିଲେ ଶିଶୁ କଳାକାରମାନେ। ଅତିଥି ଭାବେ ନାଟ୍ୟକାର ଉପେନ୍ଦ୍ର ନାୟକ, ନାଟ୍ୟ ନିର୍ଦ୍ଦେଶକ ଧୀର ମଲ୍ଲିକ, ପ୍ରସନ୍ନ ମିଶ୍ର, ସତ୍ୟ ଜେନା, ଶତ୍ରୁଘ୍ନ ସାମଲ ପ୍ରମୁଖ ଯୋଗଦେଇଥିଲେ। ସୃଜନୀର ସଭାପତି ଶରତ ରାଉତଙ୍କ ସଭାପତିତ୍ୱରେ ସମ୍ପାଦକ ଚିତ୍ତରଞ୍ଜନ ରାୟ ମହାପାତ୍ରଙ୍କ ଦ୍ୱାରା କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ଆସନ୍ତା ୧୧ ତାରିଖରେ ଏହି ନାଟ୍ୟ ପ୍ରତିଯୋଗିତାର ପୁରସ୍କାର ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଶ୍ରେଷ୍ଠ ପ୍ରଯୋଜନା, ଶ୍ରେଷ୍ଠ ନିର୍ଦ୍ଦେଶନା, ଶ୍ରେଷ୍ଠ ପାଣ୍ଡୁଲିପି, ଶ୍ରେଷ୍ଠ ଅଭିନେତ୍ରୀ ଅଭିନେତା, ସ୍ୱତନ୍ତ୍ର ପୁରସ୍କାର, ବିଚାରପତି ପୁରସ୍କାର ପରି ବିଭିନ୍ନ ବିଭାଗରେ ଶିଶୁ କଳାକାର ଓ ଅନୁଷ୍ଠାନମାନଙ୍କୁ ପୁରସ୍କୃତ କରାଯିବ। ନାଟ୍ୟ ନିର୍ଦ୍ଦେଶକ ଡ. ବନବିହାରୀ ମହାପାତ୍ର ଓ ଇଂ. ପ୍ରୀତିରଞ୍ଜନ ମିଶ୍ର ବିଚାରପତି ରହିଛନ୍ତି।

# ଗୀତା ସମଗ୍ର ବିଶ୍ୱର ମାନବୀୟ ସମ୍ବିଧାନ




ଇଣ୍ଟରନ୍ୟାଶନାଲ ଗୀତା ମିଶନର ୭ମ ବାର୍ଷିକ ଉତ୍ସବରେ ଯୋଗଦେଇଥିବା ଅତିଥି।

ଭୁବନେଶ୍ୱର,୯।୧୧ (ସୌମ୍ୟରଞ୍ଜନ ରାଉତ)

ଗୀତା ଏକ ଧର୍ମଶାସ୍ତ୍ର ନୁହେଁ, ଏହା ସମଗ୍ର ବିଶ୍ୱ ପାଇଁ ଏକ ମାନବୀୟ ସମ୍ବିଧାନ। ଗୀତାର ମାର୍ଗଦର୍ଶନ ଜାତି, ଧର୍ମ, ବର୍ଣ୍ଣ ଓ ସ୍ଥାନ ନିର୍ବିଶେଷରେ ସମସ୍ତ ମଣିଷଙ୍କ ପାଇଁ ଉଦ୍ଦିଷ୍ଟ। ଗୀତାବାଣୀ ଦ୍ୱାରା ହିଁ ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ସମ୍ଭବ ବୋଲି ଏକଦିବସୀୟ ଗୀତା ଆଲୋଚନାଚକ୍ରରେ ଅତିଥିମାନେ ଏହା କହିଥିଲେ। ରବିବାର ବୁଦ୍ଧମନ୍ଦିରଠାରେ ଅନୁଷ୍ଠିତ ପଦ୍ମଶ୍ରୀ ଶ୍ରୀମଦ୍ ବାବା ବଳିଆଙ୍କ ଦ୍ୱାରା ପ୍ରତିଷ୍ଠିତ ଇଣ୍ଟରନ୍ୟାଶନାଲ୍ ଗୀତା ମିଶନର ୭ମ ବାର୍ଷିକ ଉତ୍ସବରେ ଏହି ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଅନୁଷ୍ଠାନର ସଭାପତି ଡ. ସ୍ୱାମୀ ଚିଦାନନ୍ଦ ବ୍ରହ୍ମଚାରୀଙ୍କ ପୌରୋହିତ୍ୟରେ ଅତିଥି ଭାବେ ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀ, ପ୍ରଗତିବାଦୀର କାର୍ଯ୍ୟକାରୀ ସମ୍ପାଦକ ବିରୂପାକ୍ଷ ତ୍ରିପାଠୀ ଓ ଡ. ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ର ପ୍ରମୁଖ ଯୋଗଦେଇଥିଲେ। ଡ. ସ୍ୱପ୍ନ ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲାବେଳେ ଶଙ୍କର୍ଷଣ ରାଉତ ବିବରଣୀ ପାଠ କରିଥିଲେ। ଡ. ଧୃତିଧର ଦାସ କୃତଜ୍ଞତା ଜ୍ଞାପନ କରିଥିଲେ।

# ରୟାଲ ସ୍କୁଲରେ କବାଡ଼ି ପ୍ରତିଯୋଗିତା

ଭୁବନେଶ୍ୱର,୯।୧୧(ଅନୁରାଧା ମହାରଣା)

ରୟାଲ ପବ୍ଲିକ ସ୍କୁଲ ଏବଂ ସିବିଏସ୍‌ଇ ପରିଚାଳିତ ସହୋଦୟା ସ୍କୁଲ୍‌ସ ଓଡ଼ିଶା ପକ୍ଷରୁ ଦୁଇଦିନିଆ ଆନ୍ତଃ ବିଦ୍ୟାଳୟସ୍ତରୀୟ କବାଡ଼ି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ରୟାଲ ପବ୍ଲିକ ସ୍କୁଲରେ ଆୟୋଜିତ ଏହି ପ୍ରତିଯୋଗିତାରେ ରାଜ୍ୟର ୩୦ ବିଦ୍ୟାଳୟରୁ ବାଳକ ଓ ୧୮ଟି ବିଦ୍ୟାଳୟରୁ ବାଳିକା ଟିମ୍ ଅଂଶଗ୍ରହଣ କରିଥିଲେ। ମୋଟ ୭୦୦ ଛାତ୍ରୀଛାତ୍ର ଏଥିରେ ଯୋଗଦେଇଥିଲେ। ବିଦ୍ୟାଳୟର ପ୍ରତିଷ୍ଠାତା ଡ. ବିଷ୍ଣୁମୋହନ ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସେ ଛାତ୍ରୀଛାତ୍ରଙ୍କ ପାଇଁ କ୍ରୀଡ଼ାର ଆବଶ୍ୟକତା ସମ୍ପର୍କରେ କହିଥିଲେ। ଅଧକ୍ଷ ସର୍ବେଶ୍ୱର ସାମଲ ସ୍ୱାଗତ ଭାଷଣ ଦେଇଥିବାବେଳେ ବିଦ୍ୟାଳୟର ଉପସଭାପତି ମିଲନ ମହାନ୍ତି ପିଲାଙ୍କ ଉତ୍ତମ ସ୍ୱାସ୍ଥ୍ୟ ପାଇଁ ଖେଳକୁଦର ଆବଶ୍ୟକତା ବିଷୟରେ କହିଥିଲେ। ଉପାଧକ୍ଷା ପ୍ରଜ୍ଞା ପରିମିତା ସାହୁ ଧନ୍ୟବାଦ ଦେଇଥିଲେ।

# କୋଣାର୍କର ପଞ୍ଚବଟ ମଧ୍ୟରୁ ଅର୍କବଟ ଥିଲା ସିଦ୍ଧିପ୍ରଦ

ଡ. ସୁରେନ୍ଦ୍ର କୁମାର ମିଶ୍ର

### ଶ୍ରୀପଦ୍ମକେଶର ମନ୍ଦିର ପାଇଁ ନିର୍ମାଣ ହୋଇଥିଲା ଆଦିତ୍ୟଙ୍କର ତିନୋଟି ବିଗ୍ରହ




ଗତ ସଂଖ୍ୟାରେ ବିଶୁ ମହାରଣାଙ୍କ ଗାଁ ନୂଆଗଡ଼ କଥା ଲେଖିଥିଲୁ। ନୂଆଗଡ଼ ଗାଁ ୧୬୨୬ରେ ହୋଇଥିବା ସୁନାମିରେ ମହୋଦଧିରେ ଲୀନ ହୋଇଯାଇଥିଲା। ଗଡ଼ ସହିତ ସାମିଲ ଥିଲା 'ଗୋ-ଧନପଡ଼ା'। ଆଶ୍ଚର୍ଯ୍ୟଜନକ ଭାବରେ ଏହି ପଡ଼ା ରହିଯାଇଥିଲା। ନୂଆଗଡ଼ର ଆରାଧ୍ୟା ଥିଲେ ଜାଗୁଳାଇ। ତାଙ୍କ ମନ୍ଦିରଟି ଦର୍ଶନୀବନ୍ତ ଯୋଗୁ ରକ୍ଷା ପାଇଯାଇଥିଲା। ଗଡ଼ ଓ ପଡ଼ାର ଅଧିବାସୀ ମିଳିତ ଭାବରେ ଦେବୀଙ୍କୁ ଉପାସନା କରୁଥିଲେ। ନୂଆଗଡ଼ରେ କିଛି ବାଲିବନ୍ତ ସୃଷ୍ଟି ହୋଇଥିଲା ସୁନାମି ସମୟରେ। ଆଶା କରାଯାଇପାରେ ଏହି ବନ୍ତ ତଳେ ଗଡ଼ର ସ୍ମୃତି ଏବଂ ଐତିହ୍ୟ ସ୍ମାରକୀ କିଛି ରହିଥାଇପାରେ। ଜାଗୁଳାଇ ଏକ ଅପଭ୍ରଂଶ ନାମ। ଯକ୍ଷରୁ ଉଦ୍ଭବ ଦେବୀ ଯକ୍ଷର ଈଶ୍ୱରୀ। ମନେହୁଏ ଗାଁଟି ବହୁ ପ୍ରାଚୀନ। ସେହି ପ୍ରାଚୀନ ଗାଁରେ ବିଶୁ ମହାରଣା ଜନ୍ମ ନେଇଥିଲେ। ବିଶୁ ମହାରଣାଙ୍କ ପ୍ରସଙ୍ଗ ପୂର୍ବ ସଂଖ୍ୟାରେ ଆମେ ଦେଇଥିଲୁ। ଧର୍ମପଦ ଥିଲେ ସଦାଶିବ ସାମନ୍ତରାୟ ମହାପାତ୍ରଙ୍କ ପୁତ୍ର। ବିଶୁ ମହାରଣାଙ୍କ ପୁତ୍ର ବୋଲି ଜାଣିଶୁଣି ଭ୍ରମାତ୍ମକ ଧାରଣା ପ୍ରଚାର କରାଯାଇଥିଲା। ପୂର୍ବରୁ ଶିଳ୍ପୀ ନାୟକ ଗଦାଧରଙ୍କ ଅବଦାନ ପ୍ରସଙ୍ଗ ଅବତାରଣା କରିବାର ଅଭିପ୍ରାୟ ସ୍ପଷ୍ଟ। ତାଙ୍କର କାର୍ଯ୍ୟ ତାଲିକା ଆମେ ପ୍ରସ୍ତୁତ କରିଛୁ। ପଚାଶରୁ ଉର୍ଦ୍ଧ୍ୱ କାର୍ଯ୍ୟ ସେ ନିର୍ବାହ କରିଛନ୍ତି। ଆମେ ଉଦାହରଣ ଦେଲୁ ଜଣଙ୍କର ଅବଦାନ, କିନ୍ତୁ ଅନ୍ୟମାନଙ୍କର ନାମ ଓ କାର୍ଯ୍ୟର ତାଲିକା ପ୍ରସ୍ତୁତ କରିଛୁ, ଯାହା 'ପରିଶିଷ୍ଟ' ଶୀର୍ଷକରେ ପାଠକଙ୍କ ଅବଗତି ପାଇଁ ଦେବୁ।

ପ୍ରଶ୍ନ ହୋଇପାରେ କାହିଁକି ଦେବେ! ଏଇଥିପାଇଁ ଦେଉଛୁ ଅତୀତରେ କୋଣାର୍କଠାରେ ନିର୍ମାଣ ହୋଇଥିବା ମନ୍ଦିରର ଇତିହାସରୁ ଓଡ଼ିଆଙ୍କୁ ଦୂରେଇ ଦିଆଯିବାର ପ୍ରବଳ ପ୍ରଚେଷ୍ଟା ହୋଇଛି। ଗୌରବମୟ ଭାବାବେଗରୁ ଉଦାସ ଭାବାବେଗ ଆଡ଼କୁ ରାସ୍ତା ଦେଖେଇ ଦିଆଯାଇଛି। ପ୍ରଭାବ ସ୍ୱାଭାବିକ। କିଛି ମାତ୍ରାରେ କେତେକ ଆନମନା ହୋଇଛନ୍ତି। ଏବେ ବି ସାମାଜିକ ଗଣମାଧମରେ ଯୁବକମାନଙ୍କ ଯୁକ୍ତି ଆମକୁ ଛୁଇଁଛି। ଯୁକ୍ତି ହେଲା- ବୌଦ୍ଧସ୍ତୂପ ଭାଙ୍ଗି ଲାଙ୍ଗୁଳା ନରସିଂହଦେବ ଶ୍ରୀପଦ୍ମକେଶର ମନ୍ଦିର ନିର୍ମାଣ କରିଛନ୍ତି! ବାହାରିଆ ଲେଖକଙ୍କୁ ସେ ପଢ଼ିଛନ୍ତି। ତେଣୁ କହିବା ସ୍ୱାଭାବିକ।



ଅଶ୍ୱ ଉପରେ ବସିଥିବା ଶ୍ରୀ ଆଦିତ୍ୟ। ଅର୍ଦ୍ଧଭଗ୍ନ। (ଫଟୋ: କୁମାର ଅରଜ୍ୟୋତି, କୋଣାର୍କ)

ପୂର୍ବରୁ ପ୍ରମାଣିତ କରିଛୁ ଗଜପତି ଲାଙ୍ଗୁଳା ନରସିଂହ ଦେବ ନିର୍ମାଣ କରିଥିବା ମନ୍ଦିର ଶ୍ରୀସୂର୍ଯ୍ୟଙ୍କର ତୃତୀୟ ମନ୍ଦିର। ପ୍ରଥମ ମନ୍ଦିର ନିର୍ମାଣ ପୂର୍ବରୁ କୋଣାଦିତ୍ୟ କ୍ଷେତ୍ର ଅଖଣ୍ଡ ଭାରତବର୍ଷରେ ମହାନ୍ ତୀର୍ଥ ରୂପେ ପ୍ରସିଦ୍ଧ ଥିଲା। ଦ୍ୱିତୀୟ ମନ୍ଦିରରେ ଶ୍ରୀମହାଭାସ୍କରଙ୍କ ଯେଉଁ ମୂର୍ତ୍ତି ପୂଜା ପାଉଥିଲା- ତାହା ଥିଲା ଦୁଇ ହାତ ଆଠ ଆଙ୍ଗୁଳ। ସେ ବିଗ୍ରହ ଜୀର୍ଣ୍ଣଶୀର୍ଣ୍ଣ ହୋଇଯାଇଥିଲା। ନୂତନ ବିଗ୍ରହ ବାସ୍ତୁଶାସ୍ତ୍ର ଅନୁଯାୟୀ ୫ ହାତ ୪ ଆଙ୍ଗୁଳ ହୋଇଥିଲା। ସନାତନ ପରମ୍ପରା ଅନୁଯାୟୀ ଜୀର୍ଣ୍ଣଶୀର୍ଣ୍ଣ ପୁରାତନ ବିଗ୍ରହଙ୍କୁ ମହୋଦଧିରେ ବିସର୍ଜନ କରାଯାଇଥିଲା। ପଣ୍ଡିତ ନାରାୟଣ ମହାପାତ୍ର ବିସର୍ଜନ ଜନିତ ଅନୁଷ୍ଠାନ କରି ଦୁଇମାଢ଼ ସୁନା ଦକ୍ଷିଣା ସ୍ୱରୂପ ଦେଇଥିଲେ। ବୌଦ୍ଧସ୍ତୁପ ଥିଲା, ପୁରାତନ ବିଗ୍ରହ କେଉଁଠୁ ଆସିଲା।

ନୂତନ ମନ୍ଦିରରେ ଆଦିତ୍ୟଙ୍କର ତିନୋଟି ବିଗ୍ରହ ପ୍ରତିଷ୍ଠା ହୋଇଥିଲା। ସେତିକିବେଳେ ଗଙ୍ଗା ଓ ଯମୁନାଙ୍କର ଦୁଇଟି ବିଗ୍ରହ ହୋଇଥିଲା। ଏହି ଦୁଇ ବିଗ୍ରହଙ୍କୁ ମହାଗାୟତ୍ରୀଙ୍କ ମନ୍ଦିରର ସାମନା ଖମ୍ୱରେ ସ୍ଥାନିତ କରାଯାଇଥିଲା। କେବଳ ସେତିକି ନୁହେଁ, ମନ୍ଦିରର ତିନି ପାର୍ଶ୍ୱରେ ପାର୍ଶ୍ୱଦେବତାଙ୍କ ନ୍ୟାସ ସେହି ସମୟରେ ହୋଇଥିଲା। ପ୍ରତ୍ୟେକ ଆନୁଷ୍ଠାନିକ କାମ ପାଇଁ ଅଲଗା ଅଲଗା ବ୍ରାହ୍ମଣ ଆଚାର୍ଯ୍ୟ ବରଣ ହୋଇଥିଲେ। ସମସ୍ତେ ବିଭିନ୍ନ ବ୍ରାହ୍ମଣ ଗ୍ରାମର ମହାଜନ ଥିଲେ। ନାରାୟଣ ମହାରଣା 'ଶ୍ୱେତ ବିରଞ୍ଚି' ବିଗ୍ରହ ନିର୍ମାଣ କରିଥିଲେ। ତାହା ମନ୍ଦିର କାନ୍ଥରେ ସ୍ଥାନିତ ହୋଇଥିଲା। ପ୍ରତିଷ୍ଠା କାର୍ଯ୍ୟର ପ୍ରଧାନ ପରିଚାଳକ ଥିଲେ ଭୁବନେଶ୍ୱର ରାଜଗୁରୁ। ଗଜପତିଙ୍କ ନିର୍ଦ୍ଦେଶରେ ତାଙ୍କୁ ଭୂସମ୍ପତ୍ତି ଦାନ କରାଯିବା ସହିତ ଏକ 'କନକାସନ' ଦାନ କରାଯାଇଥିଲା।

ପୂର୍ବରୁ ଥରେ ଆମେ ଲେଖିଥିଲୁ ଶ୍ରୀକ୍ଷେତ୍ରରେ 'ସପ୍ତବଟ' ଯେପରି ପ୍ରସିଦ୍ଧ, କୋଣାର୍କରେ 'ପଞ୍ଚବଟ' ସେହିପରି ପ୍ରସିଦ୍ଧ ଥିଲା। ପାଞ୍ଚୋଟିଯାକ ବଟବୃକ୍ଷ ଶ୍ରୀସୂର୍ଯ୍ୟଙ୍କର ଉପାସନା ସହିତ ଯେପରି ଜଡ଼ିତ, ଶ୍ରୀପଦ୍ମକେଶର ମନ୍ଦିର ନିର୍ମାଣ ସହିତ ସେହିପରି ସବୁଠାରୁ ସିଦ୍ଧିପ୍ରଦ ବଟବୃକ୍ଷ ଥିଲେ ଅର୍କବଟ। ଅର୍କବଟ ତଳେ ଆଚାର୍ଯ୍ୟମାନେ ଲକ୍ଷେ କୋଡ଼ିଏ ହଜାର ସୂର୍ଯ୍ୟମନ୍ତ୍ର ଜପ କରିଥିଲେ। ଏହା ସାମାନ୍ୟ କଥା ନୁହେଁ। ବାତାବରଣ ସନ୍ତୁଳନ ରଖିବା ପାଇଁ ବଟବୃକ୍ଷର ତ ଦକ୍ଷତା ଥିଲା, ଏବେ ଅଛି। ଦକ୍ଷତା ସହିତ ମନ୍ତ୍ରର ଅନୁରଣନ ମିଶିବା ପରେ ସମ୍ପୃକ୍ତ ମାନବବୋଧର ମାନସିକତା ଗୋଟିଏ ବିନ୍ଦୁରେ ମିଳିତ ହୋଇଥିବ। କିଛି ବୁଝୁ ନ ଥିବା ମନଟିଏ ମଧ ସେହି ବିନ୍ଦୁର ନିକଟତର ହୋଇଥିବ। ଏହା ହିଁ ଯଜ୍ଞ ଅନୁଷ୍ଠାନର 'ଅଧିବାସ' ଅବସ୍ଥା।

ବର୍ଣ୍ଣନା ମିଳୁଛି ମନ୍ଦିର ପରିସରରେ ଏହି ବଟବୃକ୍ଷ ଥିଲା, ଠିକ୍ ଶ୍ରୀମନ୍ଦିରରେ କଳ୍ପବଟ ପରି। ଏବେ ଅର୍କବଟ ଅଛନ୍ତି। ଏକାଧିକ ମଧ୍ୟରୁ କେଉଁଟି 'ଅର୍କବଟ', ଆମେ ଚିହ୍ନଟ କରିଛେ ଓ ଯାହା ମୂଳରେ ବସି ଘଡ଼ିଏ ଗୁରୁମନ୍ତ୍ର ଜପ କଲେ ମୁକ୍ତିର ମାର୍ଗ ଖୋଲିଯିବ! କରିପାରିବେ ଆମେ। ଯାହାକୁ ପଚାରିବେ- ସେ କହିବେ... ହେ... ସେଇଟା ହୋଇଥିବ। ବାହାରିଆ ଲେଖକ ଏହାକୁ ଭେଦ କରିପାରି ନ ଥିଲେ, ନ ହେଲେ ଲେଖିଥାନ୍ତେ- ବାହାର ସାମ୍ରାଜ୍ୟର ଲୋକେ ପରା ଏହି ବଟବୃକ୍ଷ ଲଗେଇଥିଲେ। ଓଡ଼ିଆ ତ ଖାଇବାକୁ ପାଉ ନ ଥିଲେ, ଗଛ ଲଗେଇବେ କ'ଣ?

ଜଳାବନ୍ଧୁ ସେବା ପାଇଁ ସାତଜଣ ଆଚାର୍ଯ୍ୟ 'ସୂର୍ଯ୍ୟ ଗଙ୍ଗା' ତୀର୍ଥରୁ ଜଳ ଆଣିଥିଲେ, ତାହା ପ୍ରଥମେ ଅର୍କବଟ ତଳେ ରହିଥିଲା। ଶ୍ରୀରୁଦ୍ର ପୂଜା ସ୍ଥାନକୁ ଆସିବାବେଳେ ଶୁକ୍ଳଯଜୁର୍ବେଦର ଅଷ୍ଟାଧ୍ୟାୟୀ ପାଠ ହୋଇଥିଲା ଅର୍କବଟ ତଳେ।

# ପଞ୍ଚପାଇକ ପୀଠକୁ ଅଣଦେଖା


ଖୋଲା ଆକାଶ ତଳେ ପଞ୍ଚ ପାଇକଙ୍କ ପ୍ରତିମୂର୍ତ୍ତି।


ଭାଙ୍ଗିପଡ଼ିଥିବା ପାଚେରି।

## ସୌନ୍ଦର୍ଯ୍ୟକରଣ କଥା ଭୁଲିଗଲେ

- ଖୋଲା ଆକାଶ ତଳେ ପ୍ରତିମୂର୍ତ୍ତି
- ଚାରିଆଡ଼େ ପଡ଼ିରହିଛି ଅଳିଆ ଆବର୍ଜନା
- ସନ୍ଧ୍ୟା ହେଲେ ଜମୁଛି ଅସାମାଜିକଙ୍କ ଆଡ୍ଡା

ଖୋର୍ଦ୍ଧା,୯।୧୧(ପ୍ରଭାତ ପାଣିଗ୍ରାହୀ)

ବୀରତ୍ୱର ମାଟି ଖୋର୍ଦ୍ଧା। ବ୍ରିଟିଶ୍ ବିରୋଧରେ ପ୍ରଥମ ସ୍ୱାଧୀନତା ଆନ୍ଦୋଳନ ସ୍ୱର ଏଠାରୁ ଉଠିଥିଲା। ପରବର୍ତ୍ତୀ ପର୍ଯ୍ୟାୟରେ ଭାରତର ବିଭିନ୍ନ କୋଣ ଅନୁକୋଣକୁ ବ୍ୟାପିଥିଲା। ସ୍ୱାଧୀନ ଭାରତର ଶେଷଦୁର୍ଗ ଗଡ଼ଖୋର୍ଦ୍ଧା ଏବଂ ପାଇକ ବିଦ୍ରୋହର ସଂଗ୍ରାମ ଏହାର ଐତିହାସିକତାକୁ ପ୍ରମାଣିତ କରେ। ବ୍ରିଟିଶ୍ ବିରୋଧରେ ସଶସ୍ତ୍ର ସଂଗ୍ରାମ କରି ବଳିଦାନ ଦେଇଥିବା ପାଇକଙ୍କ ଅବଦାନ ଅବିସ୍ମରଣୀୟ। ଜୟୀ ରାଜଗୁରୁ, ବକ୍ସି ଜଗବନ୍ଧୁ, ତାପଙ୍ଗ ଦଳବେହେରା, ପିଣ୍ଡିକି ବାହୁବଳେନ୍ଦ୍ର, କୃତ୍ତିବାସ ପାଟଶାଣୀଙ୍କ ସମେତ ବହୁ ପାଇକ ମାଟିର ସୁରକ୍ଷା ପାଇଁ ନିଜ ଜୀବନକୁ ଉତ୍ସର୍ଗୀକୃତ କରିଥିଲେ। ପାଇକ ବୀରଙ୍କ ତ୍ୟାଗ, ନିଷ୍ଠାକୁ ନେଇ ଓଡ଼ିଶା ମାଟି ଗର୍ବ ଅନୁଭବ କରୁଥିବା ବେଳେ ପଞ୍ଚ ପାଇକଙ୍କ ପୀଠ ଅବହେଳିତ ଅବସ୍ଥାରେ ରହିଛି। ଏଥିପ୍ରତି ଜିଲା ପ୍ରଶାସନ ଦୃଷ୍ଟି ଦେବା ସହ ପୀଠରେ ସୌନ୍ଦର୍ଯ୍ୟକରଣ ଏବଂ ଅନ୍ୟ ସମସ୍ୟାଗୁଡ଼ିକର ସମାଧାନ କରିବା ପାଇଁ ବିଭିନ୍ନ ମହଲରେ ଦାବି ହେଉଛି।

ପ୍ରକାଶ ଯେ, ପାଇକ ବୀରଙ୍କ ସ୍ମୃତିକୁ ଉଜ୍ଜୀବିତ ଉଦ୍ଦେଶ୍ୟରେ ୧୯୯୯ ଡିସେମ୍ବର ୬ରେ ୧୬ନଂ. ଜାତୀୟ ରାଜପଥର ଗଡ଼ଖୋର୍ଦ୍ଧା ଛକ ପାର୍ଶ୍ୱରେ ସଂସ୍କାର ଭାରତୀ ଖୋର୍ଦ୍ଧା ଶାଖା ଆନୁକୂଲ୍ୟରେ ପଞ୍ଚ ପାଇକଙ୍କ ପ୍ରତିମୂର୍ତ୍ତି ସ୍ଥାପନ ହୋଇଥିଲା। ଏବେ ଜାତୀୟ ରାଜପଥ ସମ୍ପ୍ରସାରଣ ଚାଲିଛି। ଦୀର୍ଘ ବର୍ଷ ଧରି ରାଜପଥ ପାର୍ଶ୍ୱରେ ପରିତ୍ୟକ୍ତ ଅବସ୍ଥାରେ ରହିଥିବା ପଞ୍ଚ ପାଇକଙ୍କ ପ୍ରତିମୂର୍ତ୍ତିଙ୍କୁ ବହୁ ବାଦବିବାଦ ପରେ ନିକଟ ଏକ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ଦୀର୍ଘଦିନ ପରେ ପ୍ରଶାସନ ପକ୍ଷରୁ ନାମଫଳକ ଲଗାଯାଇଥିବା ବେଳେ ସ୍ଥାନାନ୍ତର ହୋଇଥିବା ସ୍ଥାନକୁ ସୌନ୍ଦର୍ଯ୍ୟକରଣ କରାଯାଇ ନାହିଁ। ପଛପଟ ମାଟି ଧସି ପାଚେରି ଭୁଶୁଡ଼ିଗଲାଣି। ଚାରିଆଡ଼େ ଅଳିଆ ଆବର୍ଜନା ପଡ଼ିରହିଥିବା ବେଳେ ଆଲୋକୀକରଣ ବ୍ୟବସ୍ଥା ନ ଥିବାରୁ ସନ୍ଧ୍ୟା ହେଲେ ଅସାମାଜିକମାନେ ଆଡ୍ଡା ଜମାଉଛନ୍ତି। ଏହି ପୀଠର ବିକାଶ ପାଇଁ ରାଜନୈତିକ ନେତୃବୃନ୍ଦ କିମ୍ବା ପ୍ରଶାସନ ଦୃଷ୍ଟି ଦେଉ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏନେଇ ବରିଷ୍ଠ ବୁଦ୍ଧିଜୀବୀ କୃଷ୍ଣ ଚନ୍ଦ୍ର ହରିଚନ୍ଦନ କହିଛନ୍ତି, ପାଇକମାନଙ୍କ ବୀରତ୍ୱ, ଏ ଜାତିର ସ୍ୱାଭିମାନର ପରିଚୟ। ତେବେ ଯେଉଁଭଳି ପଞ୍ଚ ପାଇକଙ୍କ ପ୍ରତିମୂର୍ତ୍ତି ଅବହେଳିତ ଅବସ୍ଥାରେ ରହିଛି, ତାହାକୁ ଦେଖିଲେ ନୟନ ଅଶ୍ରୁରେ ଭରି ଯାଉଛି। ସେହିପରି କଂଗ୍ରେସ ନେତା ପ୍ଲାବନ ପଟ୍ଟନାୟକ କହିଛନ୍ତି, ପଞ୍ଚ ପାଇକଙ୍କ ପ୍ରତିମୂର୍ତ୍ତି ଖୋଲାଆକାଶ ତଳେ ପଡ଼ିରହିଛି। ଯାହାଙ୍କ ଲାଗି ଏ ପରିଚୟ, ବର୍ତ୍ତମାନ ସେହିମାନଙ୍କ ପ୍ରତିମୂର୍ତ୍ତି ଅବହେଳିତ ଅବସ୍ଥାରେ ପଡ଼ିରହିଛି। ସେହିପରି ସାମାଜିକ କର୍ମୀ ଅଭିମନ୍ୟୁ ଘଟୁଆଳ କହିଛନ୍ତି, ପାଇକଙ୍କ ଅବଦାନ ଅତୁଳନୀୟ। ପୂଜ୍ୟପୂଜାକୁ ସମ୍ମାନ ଦେବା ନୈତିକ ଦାୟିତ୍ୱ। ସାମାଜିକ କର୍ମୀ ପ୍ରଭାତ ବଳିୟାରସିଂ କହିଛନ୍ତି, ଯେଉଁ ଜାତିର ଅସ୍ତିତ୍ୱ ବିଲୁପ୍ତ ହୋଇଯାଏ, ସେହି ଜାତି ଧୀରେ ଧୀରେ ଶିଥିଳ, ଘନ ଅନ୍ଧକାର ମଧ୍ୟରେ ହଜିଯାଏ। ତେଣୁ ଏଥିଲାଗି ସମସ୍ତଙ୍କ ଦାୟିତ୍ୱ ରହିଛି। ପାଇକ ବୀରଙ୍କ ଏ ମାଟି ଅବଦାନ ଅତୁଳନୀୟ। ପଞ୍ଚ ପାଇକ ଖୋର୍ଦ୍ଧାର ପଞ୍ଚ ରତ୍ନ। ଏହି ପୀଠର ପୁନରୁଦ୍ଧାର ଜରୁରୀ ବୋଲି ସେ କହିଛନ୍ତି।

# ଭାରତୀୟ ବିଦ୍ୟା ନିକେତନ ବିଦ୍ୟାଳୟ ସମୂହ ଜିଲାସ୍ତରୀୟ ବିଜ୍ଞାନମେଳା


ଅତିଥିଙ୍କ ଗହଣରେ କୃତୀ ଛାତ୍ରୀଛାତ୍ର।

## ୫୨ ପ୍ରକଳ୍ପ ପ୍ରଦର୍ଶିତ

ଟାଙ୍ଗୀ,୯।୧୧(ରଘୁନାଥ ସାହୁ)

ଭାରତୀୟ ବିଦ୍ୟା ନିକେତନ ବିଦ୍ୟାଳୟ ସମୂହ ଜିଲାସ୍ତରୀୟ ବିଜ୍ଞାନମେଳା କାଲୁପଡ଼ାଘାଟସ୍ଥିତ ଭାରତୀୟ ବିଦ୍ୟା ନିକେତନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷା ବିକାଶ ସଂସ୍ଥାନର ଜିଲା ସଂଯୋଜକ ସୁନୀଲ ଛୋଟରାୟ ଏହି ବିଜ୍ଞାନମେଳାକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ଅବସରପ୍ରାପ୍ତ ଜିଲା ଶିକ୍ଷା ଅଧିକାରୀ ଲକ୍ଷ୍ମୀଧର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଅତିଥିଭାବେ ବାଲିଗୁଡ଼ା ବ୍ଲକ ଶିକ୍ଷା ଅଧିକାରୀ ପ୍ରମୋଦ କୁମାର ମଲ୍ଲିକ, ଖଜୁରିପଡ଼ା ବ୍ଲକ ଶିକ୍ଷା ଅଧିକାରୀ ବିନୋଦ କୁମାର ଦିଗାଲ, ଶିକ୍ଷକ ଜିତେନ୍ଦ୍ର ବେହେରା ପ୍ରମୁଖ ଯୋଗଦେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ପ୍ରଧାନ ଆଚାର୍ଯ୍ୟା ବନଶ୍ରୀ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥିଭାବେ ବଳରାମ ଦେବ ବିଦ୍ୟାପୀଠ ପ୍ରଧାନ ଶିକ୍ଷୟିତ୍ରୀ ଜ୍ୟୋତ୍ସ୍ନାରାଣୀ ମଙ୍ଗରାଜ, ମୁଖ୍ୟବକ୍ତା ଆଞ୍ଚଳିକ ବରିଷ୍ଠ ନାଗରିକ ମଞ୍ଚ ସମ୍ପାଦକ ବିଜୟ କୁମାର ରାଉତ, ସମ୍ମାନିତ ଅତିଥିଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରସନ୍ନ କୁମାର ଶ୍ରୀଚନ୍ଦନ, ଶଶିରେଖା ନାଥଶର୍ମା, ପଞ୍ଚସଖା ଶିକ୍ଷା ସେତୁ ସଭାପତି ଶେଷଦେବ ରାୟ ଗୌରବ, ବିଦ୍ୟାଳୟ ପ୍ରତିଷ୍ଠାତା ସମ୍ପାଦକ ପ୍ରଫୁଲ୍ଲ କୁମାର ପ୍ରଧାନ, ଜିଲା ନିରୀକ୍ଷକ ବିଷ୍ଣୁଚରଣ ସାହୁ ପ୍ରମୁଖ ଯୋଗଦେଇ କୁନି ବୈଜ୍ଞାନିକଙ୍କୁ ବହୁ ଉପାଦେୟ ପରାମର୍ଶ ଦେଇଥିଲେ। ବିଚାରକଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ରମେଶ କୁମାର ବଳବନ୍ତରାୟ, ମହେଶ୍ୱର ସେନାପତି, ଗଙ୍ଗାଧର ସାହୁ ପ୍ରମୁଖ ଯୋଗଦେଇ ପ୍ରକଳ୍ପର ମୂଲ୍ୟାଙ୍କନ କରିଥିଲେ। ଗନ୍ଧର୍ବ ସେନ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଶିଶୁ ବିଭାଗରେ ଅନ୍ନପୂର୍ଣ୍ଣା ଦଳସିଂହ ପ୍ରଥମ, ସୁଦେଷ୍ଣା ପଟ୍ଟନାୟକ ଦ୍ୱିତୀୟ, ଅରଜିତ ପରମାଣିକ ତୃତୀୟ ସ୍ଥାନ, ବାଲ୍ ବିଭାଗରେ ପାଏଲ ଭୁଜବଳ ପ୍ରଥମ, ବିବେକ ରାଉତ ଦ୍ୱିତୀୟ, ସାଇ ପ୍ରଣତି ମହାପାତ୍ର ତୃତୀୟ ସ୍ଥାନ, କିଶୋର ବିଭାଗରେ ରୁଦ୍ର ନାରାୟଣ ସାହୁ ପ୍ରଥମ, ଶ୍ରୀୟା ସାହୁ ଦ୍ୱିତୀୟ, ପ୍ରଜ୍ଞାନ ସାହୁ ତୃତୀୟ ସ୍ଥାନ ହାସଲ କରି ସମ୍ମାନିତ ହୋଇଥିଲେ। ସମସ୍ତ କୃତୀ ପ୍ରତିଯୋଗୀ ରାଜ୍ୟସ୍ତରୀୟ ବିଜ୍ଞାନ ମେଳାରେ ଭାଗ ନେବେ। ଶେଷରେ ଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟର ସମସ୍ତ ଗୁରୁଜୀ ଗୁରୁମା’ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଜାନୁଆରୀ ୫ରୁ ସର୍ବଭାରତୀୟ ଟାଙ୍ଗୀ କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟ

ଟାଙ୍ଗୀ,୯।୧୧(ରଘୁନାଥ ସାହୁ)

ସର୍ବଭାରତୀୟ ଟାଙ୍ଗୀ କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟ ପାଇଁ ପ୍ରସ୍ତୁତି ବୈଠକ ସ୍ଥାନୀୟ ଚିଲିକା କ୍ଲବ୍‌ଠାରେ ସଭାପତି ତଥା ସରପଞ୍ଚ କିଶୋର କୁମାର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଆଗାମୀ ଜାନୁଆରୀ ୫ ତାରିଖରେ ଏହି ଟୁର୍ନାମେଣ୍ଟ ଆରମ୍ଭ ହେବ ବୋଲି ନିଷ୍ପତ୍ତି ହୋଇଛି। ଟୁର୍ନାମେଣ୍ଟକୁ ଅଧିକ ସରସ ସୁନ୍ଦର କରିବା ପାଇଁ ଉପସ୍ଥିତ ସଦସ୍ୟମାନେ ମତାମତ ରଖିଥିଲେ। ଏହି ଅବସରରେ ସମ୍ପାଦକ ଭାବେ ଅମରେନ୍ଦ୍ର ମହାନ୍ତି, ସହ ସମ୍ପାଦକ ନରେନ୍ଦ୍ର ମହାପାତ୍ର, କୋଷାଧ୍ୟକ୍ଷ ଭାବେ ସୁନୀଲ କୁମାର ମହାନ୍ତିଙ୍କୁ ମନୋନୀତ କରାଯାଇଛି। ବୈଠକରେ ଉପଦେଷ୍ଟା ସୁରେନ୍ଦ୍ର କୁମାର ମହାପାତ୍ର, ଅବସରପ୍ରାପ୍ତ କ୍ରୀଡ଼ା ପ୍ରଶିକ୍ଷକ ବିଜୟ କୁମାର ରାଉତ, ସାମ୍ବାଦିକ ରଘୁନାଥ ସାହୁ, ମନୋଜ କୁମାର ପଟ୍ଟନାୟକ, ବାଳକୃଷ୍ଣ ମିଶ୍ର, ମନୋଜ କୁମାର ମାଝୀ, କୃଷ୍ଣ ଚନ୍ଦ୍ର ରାଉତ, ଉମାକାନ୍ତ ରାଉତ, ନନ୍ଦ କିଶୋର ସ୍ୱାଇଁ, ବିନାୟକ ବେହେରା, ରମେଶ କୁମାର ବେହେରା, ତନୋଜ କୁମାର ଶ୍ରୀଚନ୍ଦନ, ବିଶ୍ୱରଞ୍ଜନ ଦାସ, ପ୍ରଣୟ କୁମାର ପାଇକରାୟ, ସମର ମାଝୀ, ପ୍ରଣୟ ପଟ୍ଟନାୟକ, ଅଶୋକ ମହାପାତ୍ର, ରାମଚନ୍ଦ୍ର ବେହେରା, କୃଷ୍ଣ ଚନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ରେଷ୍ଟୁରାଣ୍ଟରୁ ଚୋରି କରି ୩ ଗିରଫ

ଝାଁଳା,୯।୧୧(ବୁଲା ବାରିକ)

ଏକ ରେଷ୍ଟୁରାଣ୍ଟରୁ ଚୋରି ଅଭିଯୋଗରେ ଇନ୍‌ଫୋଭ୍ୟାଲି ଥାନା ପୋଲିସ ରବିବାର ୩ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ମୟୂରଭଞ୍ଜ ଜିଲା ଝାରପୋଖରିଆ ଥାନା ଶାଙ୍କୁଚ ଗ୍ରାମର ଶୃଜଳ ସେଠୀ, ବିହାର କିଷନଗଞ୍ଜ ଅଞ୍ଚଳର ଦିପେଶ କୁମାର ସିଂ ଏବଂ ଚୋରି ସାମଗ୍ରୀ କିଣିଥିବା ପୁରୀ ଜିଲା ପିପିଲି ଅଞ୍ଚଳର ବିଶ୍ୱଜିତ ଭଟ୍ଟ। ଅଭିଯୁକ୍ତମାନଙ୍କ ନିକଟରୁ ଚୋରି ସାମଗ୍ରୀ ଜବତ କରାଯାଇଛି। ସୂଚନା ମୁତାବକ, ଝାଁଳା ନିକଟରେ ହାଇୱେ ଜାଇକା ନାମକ ଏକ ରେଷ୍ଟୁରାଣ୍ଟ ରହିଛି। ଉକ୍ତ ରେଷ୍ଟୁରାଣ୍ଟରେ ଶୃଜଳ କର୍ମଚାରୀ ଭାବେ କାମ କରୁଥିଲେ। ଗତ କିଛିଦିନ ପୂର୍ବରୁ କୌଣସି କାରଣ ପାଇଁ ତାଙ୍କୁ କାମରୁ ବାହାର କରିଦିଆଯାଇଥିଲା। ଶନିବାର ଭୋରୁ ଶୃଜଳ ସହଯୋଗୀ ଦିପେଶ ସହ ଆସି ଉକ୍ତ ରେଷ୍ଟୁରାଣ୍ଟର ସିସିଟିଭି ଓ ଚେୟାର ଟେବୁଲ ଭାଙ୍ଗିବା ସହ ଦୁଇଟି ଗ୍ୟାସ୍ ସିଲିଣ୍ଡର, ଲାଇଟ୍ ଓ ଅନ୍ୟାନ୍ୟ ସାମଗ୍ରୀ ଚୋରି କରିଥିଲେ। ପରେ ଚୋରି ସାମଗ୍ରୀକୁ ପିପିଲି ଅଞ୍ଚଳରେ ବିକ୍ରି କରିଦେଇଥିଲେ। ଏନେଇ ରେଷ୍ଟୁରାଣ୍ଟ ମାଲିକ ନିରୁପମା ସ୍ୱାଇଁ ଇନ୍‌ଫୋଭ୍ୟାଲି ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ପୋଲିସ ଘଟଣାର ତଦନ୍ତ ଚଳାଇ ଉପରୋକ୍ତ ୩ ଅଭିଯୁକ୍ତଙ୍କୁ ଗିରଫ କରିଛି।

# ପଥର ବୋଝେଇ ଟ୍ରକ୍ ଜବତ, ଚାଳକ ଫେରାର

ବେଗୁନିଆ,୯।୧୧(ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ଥାନା ଅନ୍ତର୍ଗତ ସାମନ୍ତରାପୁର ନିକଟରୁ ପୋଲିସ ଏକ ପଥର ବୋଝେଇ ଟ୍ରକ୍ ଜବତ କରିଛି। ଏଥିରେ ଚାଳକ ଜଣଙ୍କ ଘଟଣାସ୍ଥଳରୁ ଫେରାର ହୋଇଯାଇଛି। ଏହି ଚଢ଼ାଉରେ ଏସ୍‌ଆଇ ଉମାକାନ୍ତ ବେହେରା, ଏଏସ୍‌ଆଇ ମନୋଜ କୁମାର ଶତପଥୀ, ରାଇଟର ଶ୍ରୀନିବାସ ବାରିକ ଓ କନ୍‌ଷ୍ଟେବଳ ସାମିଲ ଥିଲେ।

# ଜାତୀୟ ପ୍ରେସ୍ ଦିବସ ପାଳନ ପାଇଁ ପ୍ରସ୍ତୁତି



ପ୍ରସ୍ତୁତି ବୈଠକରେ ଭଏସ୍ ଅଫ୍ ମିଡିଆର କର୍ମକର୍ତ୍ତା।

ବାଣପୁର,୯।୧୧(ଦିଲୀପ କୁମାର ସ୍ୱାଇଁ)

ବାଣପୁରସ୍ଥିତ ସାମ୍ବାଦିକ ଭବନ ସଭାଗୃହରେ ରବିବାର ଭଏସ୍ ଅଫ୍ ମିଡିଆ ଓଡ଼ିଶା ଶାଖା ପକ୍ଷରୁ ଆଗାମୀ ଜାତୀୟ ପ୍ରେସ୍ ଦିବସ ପାଳନ ଉପଲକ୍ଷେ ଏକ ପ୍ରସ୍ତୁତି ବୈଠକ ଏବଂ ସାଙ୍ଗଠନିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭଏସ୍ ଅଫ୍ ମିଡିଆର ରାଜ୍ୟ ସଭାପତି ପ୍ରଭାତ ମିଶ୍ର, ଖୋର୍ଦ୍ଧା ଜିଲା ସଭାପତି ଧନେଶ୍ୱର ବିଧାର, ଚିଲିକା ରିପୋର୍ଟର ସଂଘ ସଭାପତି ସୁନୀଲ କୁମାର ସୁବୁଦ୍ଧି, ନୃସିଂହ ମିଶ୍ର, ମୈନୁଲ ହକ, ଅନନ୍ତ ବାରିକ, ବୈକୁଣ୍ଠ ପ୍ରଧାନଙ୍କ ସମେତ ପ୍ରାୟ ୩୦ଜଣ ଗଣମାଧ୍ୟମ ପ୍ରତିନିଧି ଯୋଗଦେଇଥିଲେ। ବୈଠକରେ ସାମ୍ବାଦିକଙ୍କ ସୁରକ୍ଷା, ସଂଘ ପକ୍ଷରୁ ସ୍ୱାସ୍ଥ୍ୟବୀମା, ସଙ୍ଗଠନକୁ ସୁଦୃଢ଼ କରିବା ଭଳି କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଜାତୀୟ ପ୍ରେସ୍‌ଦିବସରେ ୬୦ବର୍ଷରୁ ଊର୍ଦ୍ଧ୍ୱ ବାଣପୁରର ବରିଷ୍ଠ ସାମ୍ବାଦିକ ନୃସିଂହ ପ୍ରସାଦ ମିଶ୍ରଙ୍କୁ ମାସିକ ପେନ୍‌ସନ ଦେବାକୁ ନିଷ୍ପତ୍ତି ହୋଇଛି।

# ରାସ୍ତା ଅବରୋଧକୁ ସ୍ଥାନୀୟ ଲୋକଙ୍କ ବିରୋଧ

ଜଟଣୀ,୯।୧୧(ରବୀନ୍ଦ୍ରନାଥ ମହାକୁଡ଼)

ଖୋର୍ଦ୍ଧାରୋଡ଼ ରେଲ୍‌ୱେ ପ୍ରଶାସନ ପକ୍ଷରୁ ଗତ ଶନିବାର ପୌରାଞ୍ଚଳ ଅନ୍ତର୍ଗତ ଟ୍ରାଫିକ୍ କଲୋନୀସ୍ଥିତ ରେଲ୍‌ୱେ ମେଡିକାଲ ସମ୍ମୁଖ ମୁଖ୍ୟରାସ୍ତାକୁ ବନ୍ଦ କରାଯାଇଥିଲା। ରାସ୍ତା ଉପରେ ମୋରମ ଗଦାଯାଇ ରାସ୍ତା ଅବରୋଧ କରାଯାଇଛି। ଏହି ଘଟଣା ଜଣାପଡ଼ିବା ପରେ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ରବିବାର ସକାଳେ ନଗରପାଳ ଅନନ୍ତ ବେହେରା ଘଟଣାସ୍ଥଳରେ ପହଞ୍ଚି ଉପସ୍ଥିତ ରେଲ୍‌ୱେ ଅଧିକାରୀ ଏବଂ ସୁରକ୍ଷାବଳଙ୍କ ସହ ଆଲୋଚନା କରି ଲୋକଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଉକ୍ତ ରାସ୍ତା ବନ୍ଦ ନ କରିବା ପାଇଁ ନିବେଦନ


ରେଲଓ୍ୱେ ଅଧିକାରୀମାନେ ସ୍ଥାନୀୟ ଲୋକଙ୍କୁ ବୁଝାଶୁଝା କରୁଛନ୍ତି।

କରିଥିଲେ। ତେବେ ରେଲ୍‌ୱେ ଅଧିକାରୀ ଏବଂ ସୁରକ୍ଷାବଳ ଅନୁରୋଧ ରକ୍ଷା କରିବାକୁ ଅମଙ୍ଗ ହୋଇଥିଲେ। ଏନେଇ ସ୍ଥାନୀୟ ଜନପ୍ରତିନିଧି, ଜନସାଧାରଣ ଏବଂ ରେଲ୍‌ୱେ ଅଧିକାରୀଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ସୋମବାର ରେଲ୍‌ୱେ ପ୍ରଶାସନର ଉଚ୍ଚପଦସ୍ଥ ଅଧିକାରୀଙ୍କ ସହ ଆଲୋଚନା ପରେ ନିଷ୍ପତ୍ତି ନିଆଯିବ ବୋଲି ନଗରପାଳ ବେହେରା କହିଛନ୍ତି। ଉକ୍ତ ରାସ୍ତା ବନ୍ଦ ହେଲେ ଜଟଣୀ ପୌରାଞ୍ଚଳର ହାଟବଜାର, ବାଛରା, ବାଛରାପାଟଣା, ଜଗନ୍ନାଥପୁର, ମାନପୁର, ପାତ୍ରପଡ଼ା ସହ ନିକଟ ପଞ୍ଚାୟତର ଜନସାଧାରଣଙ୍କ ସହିତ ରେଲ୍‌ୱେ ମେଡିକାଲ, ରେଲ୍‌ୱେ ସ୍କୁଲ କଲେଜକୁ ଯାଉଥିବା ପିଲାମାନେ ହଇରାଣ ହେବେ। ଏହି ଆଲୋଚନା ସମୟରେ ସ୍ଥାନୀୟ ହାଟବଜାର କାଉନ୍‌ସିଲର ଜଟାଧାରୀ ପ୍ରଧାନ, ଟ୍ରାଫିକ କଲୋନୀ କାଉନସିଲର ଉତ୍କଳ କେଶରୀ ବଳିୟାରସିଂହ, ୱାର୍ଡ ନମ୍ବର ୧୮ କାଉନ୍‌ସିଲର ଏନ୍. ସୁରେଶଙ୍କ ସହିତ ଶତାଧିକ ସ୍ଥାନୀୟ ଜନସାଧାରଣ ଉପସ୍ଥିତ ଥିଲେ।

# ପ୍ରାକୃତିକ ଚିକିତ୍ସା ସମ୍ବନ୍ଧୀୟ ସଚେତନତା କାର୍ଯ୍ୟକ୍ରମ

ବେଗୁନିଆ,୯।୧୧(ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ବ୍ଲକ ବଡ଼ବେରଣା ପଞ୍ଚାୟତ ଅନ୍ତର୍ଗତ କୋଲୁହାପାଟଣା ଗ୍ରାମର ଶୁଭଶ୍ରୀ କ୍ଲବ ପରିସରରେ ପ୍ରାକୃତିକ ଚିକିତ୍ସା ସମ୍ବନ୍ଧୀୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଡା. ଦୀପକ କୁମାର କୁଅଁର, ବିଶେଷଜ୍ଞ ବସନ୍ତ କୁମାର ପ୍ରଧାନ, ପ୍ରାକୃତିକ ବିଶେଷଜ୍ଞ ସୁନିତା ରାଣୀ, ରାକେଶ କୁମାର ସାହୁ, ଷ୍ଟାଫ୍ ନର୍ସ ନିବେଦିତା ଗୁମାନସିଂହ, ସାମାଜିକ କର୍ମୀ ସନ୍ତୋଷ କୁମାର ପରିଡ଼ା, ନାରାୟଣ ଖୁଣ୍ଟିଆ ପ୍ରମୁଖ ଯୋଗଦେଇ ୫୦ଜଣ ରୋଗୀଙ୍କୁ ପ୍ରାକୃତିକ ଚିକିତ୍ସା ସମ୍ବନ୍ଧରେ ସଚେତନ କରିଥିଲେ। କାର୍ଯ୍ୟକ୍ରମକୁ ଯୋଗେଶ୍ୱର ପଣ୍ଡା ପରିଚାଳନା କରିଥିବା ବେଳେ ସିକୁନ ପାଣିଗ୍ରାହୀ ସହଯୋଗ କରିଥିଲେ।

# ଉତ୍କଳ ସ୍ପୋର୍ଟିଂ ଜଟଣୀ ବିଜୟୀ



## ରାଜ୍ୟସ୍ତରୀୟ ଶବର କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟ

ଝାଁଳା,୯।୧୧(ବୁଲା ବାରିକ)

ଖୋର୍ଦ୍ଧା ଜିଲା ଶବର କ୍ରୀଡ଼ା ସଂଘ ଆନୁକୂଲ୍ୟରେ ୨୭ତମ ରାଜ୍ୟସ୍ତରୀୟ ଶବର କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟ ରବିବାର ରାଧାଚରଣପୁର ଖେଳପଡ଼ିଆରେ ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ମ୍ୟାଚ୍ ଉତ୍କଳ ସ୍ପୋର୍ଟିଂ, ଜଟଣୀ ଏବଂ ଜଗା ସ୍ପୋର୍ଟିଂ, ପୁରୀ ମଧ୍ୟରେ ହୋଇଥିଲା। ମ୍ୟାଚ୍ ସଂଘର୍ଷପୂର୍ଣ୍ଣ ହୋଇଥିବା ବେଳେ ନିର୍ଦ୍ଧାରିତ ସମୟରେ ଉଭୟ ଟିମ୍ କେହି କାହାରିକୁ ଗୋଲ ଦେଇପାରି ନ ଥିଲେ। ଫଳରେ ଟାଇବ୍ରେକରରେ ଜଗା ସ୍ପୋର୍ଟିଂକୁ ୪-୨ ଗୋଲରେ ପରାସ୍ତ କରି ଉତ୍କଳ ସ୍ପୋର୍ଟିଂ ବିଜୟୀ ହେବା ସହ ସେମିଫାଇନାଲରେ ପ୍ରବେଶ କରିଛି। ରାଜୁ ମହାନ୍ତି, ବିଦେଶୀ ନାଏକ, ପ୍ରଫୁଲ୍ଲ କୁମାର ବେହେରା ଏବଂ ସୁବାସ ସିଂ ମ୍ୟାଚ୍ ପରିଚାଳନା କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ନାରୀନେତ୍ରୀ ଶ୍ରୀମୟୀ ମିଶ୍ର ଏବଂ ଅବସରପ୍ରାପ୍ତ ଆଇଏଏସ୍ ଶରତ ଚନ୍ଦ୍ର ନାୟକ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିବା ସହ ମ୍ୟାଚ୍‌ର ଶୁଭାରମ୍ଭ କରିଥିଲେ। ସୋମବାର ଭଦ୍ରକ-୧୧ ଏବଂ ଆୟୋଜକ ଖୋର୍ଦ୍ଧା ଜିଲା ଶବର କ୍ରୀଡ଼ା ସଂଘ ମଧ୍ୟରେ ମ୍ୟାଚ୍ ହେବ ବୋଲି ଆୟୋଜକଙ୍କ ପକ୍ଷରୁ କୁହାଯାଇଛି।

# କୋଣାର୍କର ପଞ୍ଚବଟ ମଧ୍ୟରୁ ଅର୍କବଟ ଥିଲା ସିଦ୍ଧିପ୍ରଦ

ଡ. ସୁରେନ୍ଦ୍ର କୁମାର ମିଶ୍ର

## ଶ୍ରୀପଦ୍ମକେଶର ମନ୍ଦିର ପାଇଁ ନିର୍ମାଣ ହୋଇଥିଲା ଆଦିତ୍ୟଙ୍କର ତିନୋଟି ବିଗ୍ରହ




ଗତ ସଂଖ୍ୟାରେ ବିଶୁ ମହାରଣାଙ୍କ ଗାଁ ନୂଆଗଡ଼ କଥା ଲେଖିଥିଲୁ। ନୂଆଗଡ଼ ଗାଁ ୧୬୨୬ରେ ହୋଇଥିବା ସୁନାମିରେ ମହୋଦଧିରେ ଲୀନ ହୋଇଯାଇଥିଲା। ଗଡ଼ ସହିତ ସାମିଲ ଥିଲା ‘ଗୋ-ଧନପଡ଼ା’। ଆଶ୍ଚର୍ଯ୍ୟଜନକ ଭାବରେ ଏହି ପଡ଼ା ରହିଯାଇଥିଲା। ନୂଆଗଡ଼ର ଆରାଧ୍ୟା ଥିଲେ ଜାଗୁଳାଈ। ତାଙ୍କ ମନ୍ଦିରଟି ଦର୍ଶନୀବନ୍ତ ଯୋଗୁ ରକ୍ଷା ପାଇଯାଇଥିଲା। ଗଡ଼ ଓ ପଡ଼ାର ଅଧିବାସୀ ମିଳିତ ଭାବରେ ଦେବୀଙ୍କୁ ଉପାସନା କରୁଥିଲେ। ନୂଆଗଡ଼ରେ କିଛି ବାଲିବନ୍ତ ସୃଷ୍ଟି ହୋଇଥିଲା ସୁନାମି ସମୟରେ। ଆଶା କରାଯାଇପାରେ ଏହି ବନ୍ତ ତଳେ ଗଡ଼ର ସ୍ମୃତି ଏବଂ ଐତିହ୍ୟ ସ୍ମାରକୀ କିଛି ରହିଥାଇପାରେ। ଜାଗୁଳାଈ ଏକ ଅପଭ୍ରଂଶ ନାମ। ଯଜ୍ଞରୁ ଉଦ୍ଭବ ଦେବୀ ଯଜ୍ଞର ଈଶ୍ୱରୀ। ମନେହୁଏ ଗାଁଟି ବହୁ ପ୍ରାଚୀନ। ସେହି ପ୍ରାଚୀନ ଗାଁରେ ବିଶୁ ମହାରଣା ଜନ୍ମ ନେଇଥିଲେ। ବିଶୁ ମହାରଣାଙ୍କ ପ୍ରସଙ୍ଗ ପୂର୍ବ ସଂଖ୍ୟାରେ ଆମେ ଦେଇଥିଲୁ। ଧର୍ମପଦ ଥିଲେ ସଦାଶିବ ସାମନ୍ତରାୟ ମହାପାତ୍ରଙ୍କ ପୁତ୍ର। ବିଶୁ ମହାରଣାଙ୍କ ପୁତ୍ର ବୋଲି ଜାଣିଶୁଣି ଭ୍ରମାତ୍ମକ ଧାରଣା ପ୍ରଚାର କରାଯାଇଥିଲା। ପୂର୍ବରୁ ଶିଳ୍ପୀ ନାୟକ ଗଦାଧରଙ୍କ ଅବଦାନ ପ୍ରସଙ୍ଗ ଅବତାରଣା କରିବାର ଅଭିପ୍ରାୟ ସ୍ପଷ୍ଟ। ତାଙ୍କର କାର୍ଯ୍ୟ ତାଲିକା ଆମେ ପ୍ରସ୍ତୁତ କରିଛୁ। ପଚାଶରୁ ଊର୍ଦ୍ଧ୍ୱ କାର୍ଯ୍ୟ ସେ ନିର୍ବାହ କରିଛନ୍ତି। ଆମେ ଉଦାହରଣ ଦେଲୁ ଜଣଙ୍କର ଅବଦାନ, କିନ୍ତୁ ଅନ୍ୟମାନଙ୍କର ନାମ ଓ କାର୍ଯ୍ୟର ତାଲିକା ପ୍ରସ୍ତୁତ କରିଛୁ, ଯାହା ‘ପରିଶିଷ୍ଟ’ ଶୀର୍ଷକରେ ପାଠକଙ୍କ ଅବଗତି ପାଇଁ ଦେବୁ।

ପ୍ରଶ୍ନ ହୋଇପାରେ କାହିଁକି ଦେବେ! ଏଇଥିପାଇଁ ଦେଉଛୁ ଅତୀତରେ କୋଣାର୍କଠାରେ ନିର୍ମାଣ ହୋଇଥିବା ମନ୍ଦିରର ଇତିହାସରୁ ଓଡ଼ିଆଙ୍କୁ ଦୂରେଇ ଦିଆଯିବାର ପ୍ରବଳ ପ୍ରଚେଷ୍ଟା ହୋଇଛି। ଗୌରବମୟ ଭାବାବେଗରୁ ଉଦାସ ଭାବାବେଗ ଆଡ଼କୁ ରାସ୍ତା ଦେଖେଇ ଦିଆଯାଇଛି। ପ୍ରଭାବ ସ୍ୱାଭାବିକ। କିଛି ମାତ୍ରାରେ କେତେକ ଆନମନା ହୋଇଛନ୍ତି। ଏବେ ବି ସାମାଜିକ ଗଣମାଧ୍ୟମରେ ଯୁବକମାନଙ୍କ ଯୁକ୍ତି ଆମକୁ ଛୁଇଁଛି। ଯୁକ୍ତି ହେଲା- ବୌଦ୍ଧସ୍ତୂପ ଭାଙ୍ଗି ଲାଙ୍ଗୁଳା ନରସିଂହଦେବ ଶ୍ରୀପଦ୍ମକେଶର ମନ୍ଦିର


ଅଶ୍ୱ ଉପରେ ବସିଥିବା ଶ୍ରୀ ଆଦିତ୍ୟ। ଅର୍ଦ୍ଧଭଗ୍ନ। (ଫଟୋ: କୁମାର ଅରଜ୍ୟୋତି, କୋଣାର୍କ)

ନିର୍ମାଣ କରିଛନ୍ତି! ବାହାରିଆ ଲେଖକଙ୍କୁ ସେ ପଢ଼ିଛନ୍ତି। ତେଣୁ କହିବା ସ୍ୱାଭାବିକ।

ପୂର୍ବରୁ ପ୍ରମାଣିତ କରିଛୁ ଗଜପତି ଲାଙ୍ଗୁଳା ନରସିଂହ ଦେବ ନିର୍ମାଣ କରିଥିବା ମନ୍ଦିର ଶ୍ରୀସୂର୍ଯ୍ୟଙ୍କର ତୃତୀୟ ମନ୍ଦିର। ପ୍ରଥମ ମନ୍ଦିର ନିର୍ମାଣ ପୂର୍ବରୁ କୋଣାଦିତ୍ୟ କ୍ଷେତ୍ର ଅଖଣ୍ଡ ଭାରତବର୍ଷରେ ମହାନ୍ ତୀର୍ଥ ରୂପେ ପ୍ରସିଦ୍ଧ ଥିଲା। ଦ୍ୱିତୀୟ ମନ୍ଦିରରେ ଶ୍ରୀମହାଭାସ୍କରଙ୍କ ଯେଉଁ ମୂର୍ତ୍ତି ପୂଜା ପାଉଥିଲା- ତାହା ଥିଲା ଦୁଇ ହାତ ଆଠ ଆଙ୍ଗୁଳ। ସେ ବିଗ୍ରହ ଜୀର୍ଣ୍ଣଶୀର୍ଣ୍ଣ ହୋଇଯାଇଥିଲା। ନୂତନ ବିଗ୍ରହ ବାସ୍ତୁଶାସ୍ତ୍ର ଅନୁଯାୟୀ ୫ ହାତ ୪ ଆଙ୍ଗୁଳ ହୋଇଥିଲା। ସନାତନ ପରମ୍ପରା ଅନୁଯାୟୀ ଜୀର୍ଣ୍ଣଶୀର୍ଣ୍ଣ ପୁରାତନ ବିଗ୍ରହଙ୍କୁ ମହୋଦଧିରେ ବିସର୍ଜନ କରାଯାଇଥିଲା। ପଣ୍ଡିତ ନାରାୟଣ ମହାପାତ୍ର ବିସର୍ଜନ ଜନିତ ଅନୁଷ୍ଠାନ କରି ଦୁଇମାଢ଼ ସୁନା ଦକ୍ଷିଣା ସ୍ୱରୂପ ଦେଇଥିଲେ। ବୌଦ୍ଧସ୍ତୂପ ଥିଲା, ପୁରାତନ ବିଗ୍ରହ କେଉଁଠୁ ଆସିଲା।

ନୂତନ ମନ୍ଦିରରେ ଆଦିତ୍ୟଙ୍କର ତିନୋଟି ବିଗ୍ରହ ପ୍ରତିଷ୍ଠା ହୋଇଥିଲା। ସେତିକିବେଳେ ଗଙ୍ଗା ଓ ଯମୁନାଙ୍କର ଦୁଇଟି ବିଗ୍ରହ ହୋଇଥିଲା। ଏହି ଦୁଇ ବିଗ୍ରହଙ୍କୁ ମହାଗାୟତ୍ରୀଙ୍କ ମନ୍ଦିରର ସାମନା ଖମ୍ବରେ ସ୍ଥାନିତ କରାଯାଇଥିଲା। କେବଳ ସେତିକି ନୁହେଁ, ମନ୍ଦିରର ତିନି ପାର୍ଶ୍ୱରେ ପାର୍ଶ୍ୱଦେବତାଙ୍କ ନ୍ୟାସ ସେହି ସମୟରେ ହୋଇଥିଲା। ପ୍ରତ୍ୟେକ ଆନୁଷ୍ଠାନିକ କାମ ପାଇଁ ଅଲଗା ଅଲଗା ବ୍ରାହ୍ମଣ ଆଚାର୍ଯ୍ୟ ବରଣ ହୋଇଥିଲେ। ସମସ୍ତେ ବିଭିନ୍ନ ବ୍ରାହ୍ମଣ ଗ୍ରାମର ମହାଜନ ଥିଲେ। ନାରାୟଣ ମହାରଣା ‘ଶ୍ୱେତ ବିରଞ୍ଚି’ ବିଗ୍ରହ ନିର୍ମାଣ କରିଥିଲେ। ତାହା ମନ୍ଦିର କାନ୍ଥରେ ସ୍ଥାନିତ ହୋଇଥିଲା। ପ୍ରତିଷ୍ଠା କାର୍ଯ୍ୟର ପ୍ରଧାନ ପରିଚାଳକ ଥିଲେ ଭୁବନେଶ୍ୱର ରାଜଗୁରୁ। ଗଜପତିଙ୍କ ନିର୍ଦ୍ଦେଶରେ ତାଙ୍କୁ ଭୂସମ୍ପତ୍ତି ଦାନ କରାଯିବା ସହିତ ଏକ ‘କନକାସନ’ ଦାନ କରାଯାଇଥିଲା।

ପୂର୍ବରୁ ଥରେ ଆମେ ଲେଖିଥିଲୁ ଶ୍ରୀକ୍ଷେତ୍ରରେ ‘ସପ୍ତବଟ’ ଯେପରି ପ୍ରସିଦ୍ଧ, କୋଣାର୍କରେ ‘ପଞ୍ଚବଟ’ ସେହିପରି ପ୍ରସିଦ୍ଧ ଥିଲା। ପାଞ୍ଚୋଟିଯାକ ବଟବୃକ୍ଷ ଶ୍ରୀସୂର୍ଯ୍ୟଙ୍କର ଉପାସନା ସହିତ ଯେପରି ଜଡ଼ିତ, ଶ୍ରୀପଦ୍ମକେଶର ମନ୍ଦିର ନିର୍ମାଣ ସହିତ ସେହିପରି ସବୁଠାରୁ ସିଦ୍ଧିପ୍ରଦ ବଟବୃକ୍ଷ ଥିଲେ ଅର୍କବଟ। ଅର୍କବଟ ତଳେ ଆଚାର୍ଯ୍ୟମାନେ ଲକ୍ଷେ କୋଡ଼ିଏ ହଜାର ସୂର୍ଯ୍ୟମନ୍ତ୍ର ଜପ କରିଥିଲେ। ଏହା ସାମାନ୍ୟ କଥା ନୁହେଁ। ବାତାବରଣ ସନ୍ତୁଳନ ରଖିବା ପାଇଁ ବଟବୃକ୍ଷର ତ ଦକ୍ଷତା ଥିଲା, ଏବେ ଅଛି। ଦକ୍ଷତା ସହିତ ମନ୍ତ୍ରର ଅନୁରଣନ ମିଶିବା ପରେ ସମ୍ପୃକ୍ତ ମାନବବୋଧର ମାନସିକତା ଗୋଟିଏ ବିନ୍ଦୁରେ ମିଳିତ ହୋଇଥିବ। କିଛି ବୁଝୁ ନ ଥିବା ମନଟିଏ ମଧ୍ୟ ସେହି ବିନ୍ଦୁର ନିକଟତର ହୋଇଥିବ। ଏହା ହିଁ ଯଜ୍ଞ ଅନୁଷ୍ଠାନର ‘ଅଧିବାସ’ ଅବସ୍ଥା।

ବର୍ଣ୍ଣନା ମିଳୁଛି ମନ୍ଦିର ପରିସରରେ ଏହି ବଟବୃକ୍ଷ ଥିଲା, ଠିକ୍ ଶ୍ରୀମନ୍ଦିରରେ କଳ୍ପବଟ ପରି। ଏବେ ଅର୍କବଟ ଅଛନ୍ତି। ଏକାଧିକ ମଧ୍ୟରୁ କେଉଁଟି ‘ଅର୍କବଟ’, ଆମେ ଚିହ୍ନଟ କରିଛେ ଓ ଯାହା ମୂଳରେ ବସି ଘଡ଼ିଏ ଗୁରୁମନ୍ତ୍ର ଜପ କଲେ ମୁକ୍ତିର ମାର୍ଗ ଖୋଲିଯିବ! କରିପାରିନେ ଆମେ। ଯାହାକୁ ପଚାରିବେ- ସେ କହିବେ... ହେ... ସେଇଟା ହୋଇଥିବ। ବାହାରିଆ ଲେଖକ ଏହାକୁ ଭେଦ କରିପାରି ନ ଥିଲେ, ନ ହେଲେ ଲେଖିଥାନ୍ତେ- ବାହାର ସାମ୍ରାଜ୍ୟର ଲୋକେ ପରା ଏହି ବଟବୃକ୍ଷ ଲଗେଇଥିଲେ। ଓଡ଼ିଆ ତ ଖାଇବାକୁ ପାଉ ନ ଥିଲେ, ଗଛ ଲଗେଇବେ କ’ଣ ?

ଜଳାବନ୍ଧୁ ସେବା ପାଇଁ ସାତଜଣ ଆଚାର୍ଯ୍ୟ ‘ସୂର୍ଯ୍ୟ ଗଙ୍ଗା’ ତୀର୍ଥରୁ ଜଳ ଆଣିଥିଲେ, ତାହା ପ୍ରଥମେ ଅର୍କବଟ ତଳେ ରହିଥିଲା। ଶ୍ରୀରୁଦ୍ର ପୂଜା ସ୍ଥାନକୁ ଆସିବାବେଳେ ଶୁକ୍ଳ ଯଜୁର୍ବେଦର ଅଷ୍ଟାଧ୍ୟାୟୀ ପାଠ ହୋଇଥିଲା ଅର୍କବଟ ତଳେ।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୯।୧୧।୨୦୨୫

| | |
|---|---|
| ୭,୧୮,୨୯୫ ଟଙ୍କା | |
| ସୁନା | ମିଳିନାହିଁ |
| ରୁପା | ମିଳିନାହିଁ |

# ବ୍ରାହ୍ମଣଙ୍କ ଉନ୍ନତି, ସରକାରୀ ପ୍ରୋତ୍ସାହନ ଦାବି ଉଠିଲା

### ବ୍ରାହ୍ମଣ ମହାସଭାର ରାଜ୍ୟସ୍ତରୀୟ ବୈଠକ

ପୁରୀ,୯।୧୧(ଅଜିତ୍ କୁମାର ମହାନ୍ତି)

ପୁରୀସ୍ଥିତ ସୁନ୍ଦରଦାସ ମଠ ପରିସରରେ ରବିବାର ଅଲ୍ ଓଡ଼ିଶା ବ୍ରାହ୍ମଣ ମହାସଭାର ୨୯ତମ ରାଜ୍ୟସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପର୍ଶୁରାମ ଦାସ ମହାରାଜ ସଭାପତିତ୍ୱ କରିଥିବାବେଳେ ଶ୍ରୀଜଗନ୍ନାଥ ଧାମ ବ୍ରାହ୍ମଣ ମହାସଭାର ଜିଲା ସଭାପତି ବିନୋଦ କୁମାର ପଣ୍ଡା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ମୁଖ୍ୟ ଅତିଥି ଭାବେ ଓଡ଼ିଆ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଶତ୍ରୁଘ୍ନ ପାଣିଗ୍ରାହୀ, ସମ୍ମାନିତ ଅତିଥି ଭାବେ ଡ. ଜଗବନ୍ଧୁ ମିଶ୍ର, ପ୍ରାଧ୍ୟାପକ ଡ. ବଳରାମ ଦାଶ ଏବଂ ଶିବ ସୁନ୍ଦର ମିଶ୍ର ଯୋଗଦେଇଥିଲେ। ରାଜ୍ୟ ସମ୍ପାଦକ ହରିଚରଣ ଦାସ, କାର୍ଯ୍ୟକାରୀ ସଭାପତି ପ୍ରେମାନନ୍ଦ ଦାସ ଓ ଜିଲା ସମ୍ପାଦକ ଅଧ୍ୟାପକ ଦୟାନିଧି ପଣ୍ଡା ପ୍ରମୁଖ ମଞ୍ଚାସୀନ ଥିଲେ। ବ୍ରାହ୍ମଣମାନଙ୍କ ଉନ୍ନତି, ସଂରକ୍ଷଣ ବ୍ୟବସ୍ଥା ଉଚ୍ଛେଦ, ସମସ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ବୃତ୍ତିଭିତ୍ତିକ ପାଠ୍ୟକ୍ରମ ଯଥା- ବେଦ, କର୍ମକାଣ୍ଡ, ଜ୍ୟୋତିଷ, ଗୀତା, ଭାଗବତ, ରାମାୟଣ ଓ ମହାଭାରତ ଆଦି ପ୍ରଚଳନ, ବ୍ରାହ୍ମଣ ନିଗମ ଗଠନ ସହ ସରକାରୀ ପ୍ରୋତ୍ସାହନ ପ୍ରଦାନ କରିବାକୁ ଅତିଥିମାନେ ବୈଠକରେ ଦାବି ଉଠାଇଥିଲେ। ବ୍ରାହ୍ମଣମାନଙ୍କ ବିଭିନ୍ନ ସମସ୍ୟା ଓ ଦାବି ସମ୍ପର୍କରେ ଆଲୋଚନା କରାଯାଇଥିଲା। ହରିଶଙ୍କର ମିଶ୍ର, ଜୟରାମ ମିଶ୍ର, ନରେନ୍ଦ୍ର ଆଚାର୍ଯ୍ୟ, ଗୌରହରି ଷଡ଼ଙ୍ଗୀ, ଅଶୋକ କୁମାର ମିଶ୍ର, ସଦାଶିବ ମିଶ୍ର, ଯୋଗେଶ୍ୱର ପ୍ରହରାଜ, ଜ୍ଞାନରଞ୍ଜନ ଦାସ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ବିଭିନ୍ନ ଜିଲାରୁ ସଂଘର କର୍ମକର୍ତ୍ତା, ସଦସ୍ୟ, ପର୍ଶୁରାମ ବାହିନୀର ସଦସ୍ୟ ଏବଂ ଶକ୍ତିବାହିନୀର ସଦସ୍ୟାମାନେ ଯୋଗଦେଇଥିଲେ। ଶେଷରେ ସମ୍ପାଦକ ଦୟାନିଧି ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।



ବୈଠକରେ ମଞ୍ଚାସୀନ ଅତିଥିଙ୍କ ସହ ଅଲ୍ ଓଡ଼ିଶା ବ୍ରାହ୍ମଣ ମହାସଭାର କର୍ମକର୍ତ୍ତା।

# ପ୍ଲାଷ୍ଟିକମୁକ୍ତ ପରିବେଶ ସୃଷ୍ଟି ଉପରେ ଗୁରୁତ୍ୱ

### ବାପି ଗୋଚ୍ଛାୟତଙ୍କୁ ଦ୍ୱିତୀୟ ୟୁଥ ଫର୍ ୱାଟର ଇନିସିଏଟିଭ୍ ସମ୍ମାନ

ପୁରୀ,୯।୧୧(ଅଜିତ୍ କୁମାର ମହାନ୍ତି)

ସଂସ୍କୃତି ଭବନରେ ଆୟୋଜିତ ଦୁଇଦିନିଆ ୱାଇ କପ୍-୨୦୨୫ ସମ୍ଭାବନାମୟ ସମ୍ମିଳନୀ ରବିବାର ଉଦ୍‌ଯାପିତ ହୋଇଯାଇଛି। ନିଜ ଘରୁ ପରିବର୍ତ୍ତନର ଧାରା ଆରମ୍ଭ ହେଲେ ଭବିଷ୍ୟତରେ ଅନେକ ପାରିବେଶିକ ସଙ୍କଟରୁ ରକ୍ଷା ମିଳିପାରିବ ବୋଲି ଅତିଥିମାନେ କହିଛନ୍ତି। ପୂର୍ବାହ୍ନରେ ଓଡ଼ିଶାର ଜଳପୁରୁଷ ଭାବେ ପରିଚିତ ରଞ୍ଜନ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବିତର୍କରେ ଆଇନା ସଂସ୍ଥାର ବରିଷ୍ଠ କାର୍ଯ୍ୟନିର୍ବାହୀ ସଦସ୍ୟ ଡ. ଅଦିତି ପଣ୍ଡା ପ୍ରତିନିଧିମାନଙ୍କୁ ବିଭିନ୍ନ କଳାକୌଶଳ ଅବଲମ୍ବନରେ ପରିବେଶ ସଙ୍କଟକୁ କିପରି ଜାଣିବା ଓ ତା'ର ପ୍ରତିକାର ଦିଗରେ ପଦକ୍ଷେପ ନିଆଯିବା ସମ୍ପର୍କରେ କହିଥିଲେ। ଶିଶୁ ପ୍ରତିନିଧିମାନେ ବିଜ୍ଞାନଭିତ୍ତିକ ପ୍ରଦର୍ଶନୀ ଉପରେ ଅଭିଭାଷଣ ପ୍ରଦାନ କରିଥିଲେ। ବୃତ୍ତଚିତ୍ର ନିର୍ମାତା ସ୍ନେହାଶିଷ ଦାସ ପ୍ରକୃତିର ନିରାକରଣ ସକାଶେ ତୃଣମୂଳ ସ୍ତରରୁ ବିହିତ ପଦକ୍ଷେପ ନେବା ଏବଂ ବିଦ୍ୟାଳୟ ଓ ମହାବିଦ୍ୟାଳୟସ୍ତରରୁ ସଚେତନତା କାର୍ଯ୍ୟକ୍ରମକୁ ବ୍ୟାପକ କରିବାକୁ ପରାମର୍ଶ ଦେଇଥିଲେ। ଖବରଦାତା ଅନୁଜ ଦାସ ପରିବେଶ ସମ୍ପର୍କକୁ ବୁଝିବା ଏବଂ ସୁରକ୍ଷା ଲାଗି ଛାତ୍ର ଓ ଯୁବ ସମାଜର କର୍ତ୍ତବ୍ୟ ପ୍ରାଥମିକତା ହେବା ଜରୁରୀ ବୋଲି ମତ ପ୍ରକାଶ କରିଥିଲେ। ପରିବେଶ ସଚେତନତା ଓ ପ୍ଲାଷ୍ଟିକମୁକ୍ତ ପରିବେଶ ସୃଷ୍ଟି କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏହି ଅବସରରେ ପାରାଦୀପ ଅଞ୍ଚଳର ଯୁବ ପରିବେଶ କର୍ମୀ ବାପି ଗୋଚ୍ଛାୟତଙ୍କୁ ଦ୍ୱିତୀୟ ୟୁଥ ଫର୍ ୱାଟର ଇନିସିଏଟିଭ୍ ସମ୍ମାନ ସହ ଅର୍ଥରାଶି ପ୍ରଦାନ କରାଯାଇଥିଲା। ସାମାଜିକ କର୍ମୀ ରୁଚି ଜଗଦ୍ଦେବ ଧନ୍ୟବାଦ ଦେଇଥିଲେ।

## ସଂକ୍ଷେପରେ

### ବାଇକ୍ ଛଡ଼ାଇ ଯୁବକ ଗିରଫ

କଣାସ,୯।୧୧(ବିଭୂତି ଭୂଷଣ ତ୍ରିପାଠୀ)

କଣାସ ଥାନା ନୂଆ ଜଗନ୍ନାଥ ସଡ଼କ ଜଙ୍କିଆ ଛକରେ ଗତ ଶୁକ୍ରବାର ସନ୍ଧ୍ୟାରେ ଚିନ୍ତାମଣୀ ରାଉଳ ବାଇକ୍‌ରେ କଣାସରୁ ଗଡ଼ିଶାଗୋଦା ଯାଉଥିବାବେଳେ ଜଙ୍କିଆ ଛକରେ ଜଙ୍କିଆ ଗ୍ରାମର ସର୍ବେଶ୍ୱର ମଲ୍ଲିକ ନାମକ ଜଣେ ବ୍ୟକ୍ତି ତାଙ୍କୁ ମାଡ଼ମାରି ତାଙ୍କ ମୋଟର ସାଇକେଲକୁ ଛଡାଇ ନେଇଯାଇଥିଲେ। ଏନେଇ ଚିନ୍ତାମଣି ରାଉଳ କଣାସ ଥାନାରେ ଅଭିଯୋଗ କରିବା ପରେ କଣାସ ଥାନା ଆଇଆଇସି ପ୍ରସନ୍ନ କୁମାର ନାୟକ କେସ୍ ନମ୍ବର ୨୬୧/୨୦୨୫ ରେ ଏକ ମାମଲା ରୁଜୁ କରି ତଦନ୍ତ କରିବା ପରେ ଅଭିଯୁକ୍ତଙ୍କୁ ଖୋଜାଖୋଜି କରି ସଦର ଥାନା ଅଞ୍ଚଳରେ ବାଇକ ରଖି ବିକ୍ରି କରିବାକୁ ଉଦ୍ୟମ କରୁଥିବାବେଳେ ବାଇକ୍ ଜବତ କରିବା ସହିତ ସର୍ବେଶ୍ୱରଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି।

### ବୃଦ୍ଧାଙ୍କୁ ଅସଦାଚରଣ ଅଭିଯୋଗରେ ଜଣେ ଗିରଫ

କଣାସ,୯।୧୧(ବିଭୂତି ଭୂଷଣ ତ୍ରିପାଠୀ)

କଣାସ ପଞ୍ଚାୟତ ପୋତାଘର ଗ୍ରାମର ବୃଦ୍ଧାଙ୍କୁ ଅସଦାଚରଣ ଅଭିଯୋଗରେ କଣାସ ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଉକ୍ତ ଗ୍ରାମର ଜଣେ ଯୁବକ ସନ୍ଧ୍ୟା ୬ଟା ୩୦ ମିନିଟ ସମୟରେ ତାଙ୍କ ଘରେ ପଶି ଅସଦାଚରଣ କରିବା ସହିତ ଟଣା ଓଟରା କରିବା ସମୟରେ ସେ ଡାକ ପକାଇବାରୁ ଯୁବକ ଜଣକ ଖସି ପଳାଇଥିଲେ। ବୃଦ୍ଧା କଣାସ ଥାନାରେ ଏକ ଲିଖିତ ଅଭିଯୋଗ କରିବା ପରେ କଣାସ ଥାନା ଆଇଆଇସି ପ୍ରଶନ୍ନ କୁମାର ନାୟକ କଣାସ ଥାନା କେସ୍ ନଂ ୨୬୩/୨୦୨୫ରେ ଏକ ମୋକଦ୍ଦମା ରୁଜୁ କରି ତଦନ୍ତ କରିବା ସହିତ ୬ ଘଣ୍ଟା ଭିତରେ ମନୋଜ ମହାନ୍ତିଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିବା ଆଇଆଇସି ପ୍ରଶନ୍ନ କୁମାର ନାୟକଙ୍କଠାରୁ ପ୍ରକାଶ ।




ମହାପ୍ରଭୁଙ୍କ ଦର୍ଶନ ପାଇଁ ରବିବାର ସିଂହଦ୍ୱାର ସମ୍ମୁଖରେ ଭକ୍ତଙ୍କ ଭିଡ । (ଫଟୋ- ଯଜ୍ଞେଶ୍ୱର ମହାନ୍ତି)

# ଆଜି ଶ୍ରୀକ୍ଷେତ୍ର ପରିକ୍ରମା

ପୁରୀ,୯।୧୧(ଅଜିତ୍ କୁମାର ମହାନ୍ତି)

ମାର୍ଗଶୀର ଶୁକ୍ଳ ପକ୍ଷ ପଞ୍ଚମୀ ତିଥି ଅବସରରେ ଶ୍ରୀକ୍ଷେତ୍ରରେ ଶ୍ରୀକ୍ଷେତ୍ର ପରିକ୍ରମା ବା ପଞ୍ଚ ତୀର୍ଥ ପରିକ୍ରମା ଅନୁଷ୍ଠିତ ହୋଇଥିଲା। ଶ୍ରୀକ୍ଷେତ୍ର ପରିକ୍ରମା ତଥା ପଞ୍ଚତୀର୍ଥ ପରିକ୍ରମା ଶ୍ରୀଚୈତନ୍ୟ ମହାପ୍ରଭୁଙ୍କ ସମୟରୁ ଆରମ୍ଭ ହୋଇଥିବା ବିବେଚନା କରାଯାଏ। ମହାକାର୍ତ୍ତିକ ମାସ ପରେ ଶ୍ରଦ୍ଧାଳୁମାନେ ଶ୍ରୀକ୍ଷେତ୍ରର ତୀର୍ଥ ପୁଷ୍କରିଣୀରେ ସ୍ନାନ କରି ଏହି ପରିକ୍ରମା ଆରମ୍ଭ କରବାର ପରମ୍ପରା ରହିଛି। ହରିନାମ ସଂକୀର୍ତ୍ତନ ସହ ସାଧୁସନ୍ଥ, ବୈଷ୍ଣବ ଓ ଶ୍ରଦ୍ଧାଳୁମାନେ ପଦଯାତ୍ରାରେ ସାମିଲ୍ ହୋଇ ଶ୍ରୀକ୍ଷେତ୍ର ପରିକ୍ରମା କରିଥାନ୍ତି। ବଡ଼ିଭୋରୁ ଭକ୍ତମାନେ ପଞ୍ଚତୀର୍ଥରେ ସ୍ନାନ କରି ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କୁ ଦର୍ଶନ କରିବା ସହ ଶ୍ରୀକ୍ଷେତ୍ରରେ ଥିବା ବିଭିନ୍ନ ଦେବଦେବୀ ମନ୍ଦିର ଓ ତୀର୍ଥସ୍ଥଳୀ ବୁଲି ପ୍ରଭୁଙ୍କ ଆଶୀର୍ବାଦ ନେଇଥାନ୍ତି। ଶ୍ରଦ୍ଧାଳୁଙ୍କ ହରିନାମ ସଂକୀର୍ତ୍ତନରେ ଶ୍ରୀକ୍ଷେତ୍ରରେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥାଏ। ପଦଯାତ୍ରା ସମୟରେ ବାଟରେ ପଡୁଥିବା ବିଭିନ୍ନ ତୀର୍ଥସ୍ଥଳ ପଦଯାତ୍ରୀ ମାନେ ପରିକ୍ରମା କରିଥାନ୍ତି। ଶ୍ରୀକ୍ଷେତ୍ରର ବିଭିନ୍ନ ରାମାନନ୍ଦୀ ଓ ଗୌଡୀୟ ମଠରୁ ପରିକ୍ରମା ବାହାରିଥାଏ । ସେହିପରି ଜିଲା ଏବଂ ଜିଲା ବାହାରୁ ବହୁ ଶ୍ରଦ୍ଧାଳୁ ମଧ୍ଯ ଶ୍ରୀକ୍ଷେତ୍ର ପରିକ୍ରମାରେ ରେ ନିଜକୁ ସାମିଲ କରିଥାନ୍ତି। ଚୈତନ୍ୟ ଯେଉଁ ରାସ୍ତାଦେଇ ଶ୍ରୀକ୍ଷେତ୍ରକୁ ପରିକ୍ରମା କରିଥିଲେ। ସେହି ରାସ୍ତା ଦେଇ ଶ୍ରଦ୍ଧାଳୁ ମାନେ ପରିକ୍ରମା କରିବାର ପରମ୍ପରା ରହିଛି। ସେହିପରି ଏହି ତିଥିରେ ମହାବୀରଙ୍କୁ ବୀର ନାଗା ବେଶରେ ସୁସଜ୍ଜିତ କରିବାର ପରମ୍ପରା ରହିଛି। ଶ୍ରଦ୍ଧାଳୁମାନେ ଶ୍ରୀକ୍ଷେତ୍ର ପରିକ୍ରମା କରିବା ସହ ମହାବୀରଙ୍କୁ ନାଗା ବେଶରେ ଦର୍ଶନ କରି ରସଗୋଲା ଭୋଗ କରିଥିଲେ। ମୁଖତଃ ସିଦ୍ଧ ମହାବୀରଙ୍କ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼ ପରିଲକ୍ଷିତ ହୋଇଥାଏ। ଏହି ଅବସରରେ ସିଦ୍ଧ ମହାବୀରଙ୍କୁ ନାଗାବେଶରେ ସଜ୍ଜିତ କରାଯାଇଥାଏ। ରସଗୋଲା, ଚୁଡ଼ାଘଷା ଓ କ୍ଷୀରି ଭୋଗ କରାଯାଉଥିବା ବେଳେ ଭକ୍ତମାନେ ଏହି ଭୋଗ ସମର୍ପଣ କରି ପ୍ରଭୁଙ୍କ ଆଶୀର୍ବାଦ ନେଇଛନ୍ତି। ଭକ୍ତଙ୍କ ସୁରକ୍ଷା ଓ ଶୃଙ୍ଖଳିତ ଦର୍ଶନ ପାଇଁ ପୋଲିସ ପ୍ରଶାସନ ଓ ମନ୍ଦିର କମିଟି ପକ୍ଷରୁ ସମସ୍ତ ବ୍ୟବସ୍ଥା ଗ୍ରହଣ କରାଯାଇଛି।

# ବିକ୍ରୟ ସମ୍ପର୍କୀୟ ତଥ୍ୟଦେବା ଅଭିଯୋଗରେ ଜଣେ ଗିରଫ

### ଶ୍ରୀପ୍ରସାଦ ଡଟ ଓଆରିଜି ନାମକ ୱେବସାଇଟ୍‌ରେ ମହାପ୍ରସାଦର ଅନ୍‌ଲାଇନ ବୁକିଂ

ପୁରୀ,୯।୧୧(ଅଜିତ୍ କୁମାର ମହାନ୍ତି)

ଶ୍ରୀପ୍ରସାଦ ଡଟ ଓଆରିଜି ନାମକ ଅବୈଧ ୱେବ୍‌ସାଇଟ୍‌ରେ ମହାପ୍ରଭୁଙ୍କ ମହାପ୍ରସାଦର ଅନ୍‌ଲାଇନ ବୁକିଂ ଓ ବିକ୍ରୟ ସମ୍ପର୍କୀୟ ତଥ୍ୟ ସୋସିଆଲ ମିଡିଆରେ ଦିଆଯାଇଥିବା ନେଇ ଦୃଷ୍ଟିଗୋଚର ହୋଇଥିଲା। ଏହାକୁ ନେଇ ଅକ୍ଟୋବର ୨୨ରେ ଶ୍ରୀମନ୍ଦିର ପ୍ରଶାସନର ସୁରକ୍ଷା ବିଭାଗ ପକ୍ଷରୁ ଏକ ଲିଖିତ ଅଭିଯୋଗ ପୁରୀ ସାଇବାର ଥାନାରେ ଦାଖଲ ହୋଇଥିଲା।

ଅଭିଯୋଗରେ ଦର୍ଶାଯାଇଥିଲା, ଶ୍ରୀପ୍ରସାଦ ଡଟ ଓଆର୍‌ଜି ନାମକ ଅବୈଧ ୱେବ୍‌ସାଇଟ୍‌ରେ ମୋବାଇଲ୍ ନଂ ୯୬୫୮୮୨୪୫୯୬ ନମ୍ବର ମାଧ୍ୟମରେ ଶ୍ରୀଜଗନ୍ନାଥ ମହାପ୍ରସାଦର ଅନଲାଇନ୍ ବୁକିଂ ଓ ବିକ୍ରୟ ସମ୍ପର୍କୀୟ ଭ୍ରାନ୍ତିକର ସୂଚନା ଦେଇ ଭକ୍ତମାନଙ୍କୁ ପ୍ରେରିତ କରାଯାଉଛି। ଉକ୍ତ ୱେବସାଇଟ୍‌ରେ ଶ୍ରୀମନ୍ଦିର ଓ ମହାପ୍ରସାଦର ଛବି ସହିତ ପ୍ରସାଦର ମୂଲ୍ୟ ଉଲ୍ଲେଖିତ ହୋଇଛି। ଏହା ଭକ୍ତମାନଙ୍କ ମନରେ ଭ୍ରାନ୍ତି ଓ ଭୁଲ୍‌ଧାରଣା ସୃଷ୍ଟି କରୁଛି। ଏହି କାର୍ଯ୍ୟ ଭକ୍ତମାନଙ୍କ ଧାର୍ମିକ ଭାବନାକୁ ଆଘାତ କରି ଶ୍ରୀଜଗନ୍ନାଥ ମନ୍ଦିରର ପବିତ୍ରତା ଓ ଖ୍ୟାତିକୁ ହାନି କରୁଥିବା ଦର୍ଶାଯାଇଥିଲା। ଅଭିଯୋଗ ପରେ ସାଇବର ଥାନା ପକ୍ଷରୁ କେସ୍ ନଂ ୨୬/୨୫ରେ ମାମଲା ରୁଜୁ ହୋଇଥିଲା।

ଉକ୍ତ ମାମଲାର ତୁରନ୍ତ ତଦନ୍ତ କରିବା ନିମନ୍ତେ ଏସ୍‌ପି ପ୍ରତୀକ ସିଂ ସାଇବର ଥାନା ଆଇଆଇସିଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତଦନ୍ତ ସମୟରେ ଏସ୍‌ଡିଆର ଓ ସିଡିଆର ବିଶ୍ଳେଷଣ ପରେ ଜଣାପଡ଼ିଲା ଯେ, ଉକ୍ତ ୱେବସାଇଟ୍ ଟି ଦିସ୍ୱୋଜା ପଟ୍ଟନାୟକ ଜୟବାଡ଼, ଥାନା ଜଗତ୍‌ସିଂହପୁର, ଜିଲା- ଜଗତସିଂହପୁରଙ୍କ ନାମରେ ରହିଛି। ପରବର୍ତ୍ତୀ ଟେକ୍ନିକାଲ୍ ବିଶ୍ଳେଷଣ ଓ ମୋବାଇଲ୍ ଲୋକେସନ୍ ଟ୍ରାକିଂ ମାଧ୍ୟମରେ ଜଣାଗଲା ଯେ, ଉକ୍ତ ଅଭିଯୁକ୍ତ ଭୁବନେଶ୍ୱରରେ ରିଅଲ୍ ଇଷ୍ଟେଟ୍ ବ୍ୟବସାୟ କରୁଥିବା ସହିତ 'ହୋମଜନୋଫିଜ୍ ଇଣ୍ଡିଆ ପ୍ରାଇଭେଟ ଲିମିଟେଡ ନାମକ ଫର୍ମର ମାଲିକ, ଯାହା ରସୁଲଗଡ଼ ଠାରେ ଅବସ୍ଥିତ। ଏନେଇ ସୂଚନା ମିଳିବା ପରେ ଶନିବାର ସନ୍ଧ୍ୟାରେ ଭୁବନେଶ୍ୱରରେ ଚଢ଼ାଉ କରାଯାଇ ଉକ୍ତ ଦିସ୍ୱୋଜା ପଟ୍ଟନାୟକଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି। ଅପରପକ୍ଷରେ ପୋଲିସ ପକ୍ଷରୁ ଉକ୍ତ ଭୁଲ ୱେବ୍‌ସାଇଟ୍ ସହ ଜଡ଼ିତ ଅନ୍ୟଲୋକଙ୍କ ସଂପୃକ୍ତି ଓ ଆର୍ଥିକ ଲେନଦେନ ସମ୍ପର୍କରେ ତଦନ୍ତ ଚାଲିଥିବା ପୋଲିସ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

# 'ବନ୍ଦେ ମାତରମ୍'ର ୧୫୦ ବର୍ଷ ପୂର୍ତ୍ତି ଉତ୍ସବ ପାଳିତ

ପୁରୀ,୯।୧୧(ଅଜିତ୍ କୁମାର ମହାନ୍ତି)

ପୂଜ୍ୟପୂଜା ସଂସଦ ପକ୍ଷରୁ ପୁରୀସ୍ଥିତ ସଂଜୀବନୀ ସମ୍ମିଳନୀ କକ୍ଷରେ 'ବନ୍ଦେ ମାତରମ୍'ର ୧୫୦ ବର୍ଷ ପୂର୍ତ୍ତି ଉତ୍ସବ ପାଳିତ ହୋଇଯାଇଛି। ଉତ୍ସବରେ ମୁଖ୍ୟ ଅତିଥି ଭାବେ ସଂସଦର ରାଜ୍ୟ ସଭାପତି କୃଷ୍ଣ ଜଗଦେବ ଯୋଗଦେଇ ଦେଶମାତୃକାର ସୁରକ୍ଷା ପାଇଁ ତ୍ୟାଗ କରିବାକୁ ଉପସ୍ଥିତ ଜନତାଙ୍କୁ ଆହ୍ୱାନ ଦେଇଥିଲେ। ସଂସଦର ରାଜ୍ୟ ସମ୍ପାଦକ ବାଙ୍କନିଧି ପ୍ରଧାନଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଡା. ଦେବେନ୍ଦ୍ର ତରାଇ, ବରିଷ୍ଠ ନେତା ପ୍ରଭଞ୍ଜନ ମହାପାତ୍ର ଓ ପର୍ଶୁରାମ ବିଶୋଇ ପ୍ରମୁଖ ବନ୍ଦେ ମାତରମ୍ ସ୍ୱାଧୀନତା ସଂଗ୍ରାମ ତଥା ଦେଶଭକ୍ତିର ଅନ୍ତଃସ୍ୱର ବୋଲି କହିଥିଲେ। ସଂସଦର ଅନ୍ୟତମ ସମ୍ପାଦକ ହରିହର ମହାପାତ୍ର ଧନ୍ୟବାଦ ଦେଇଥିଲେ।

# ସିଦ୍ଧ ମହାବୀରଙ୍କ ପୀଠରେ କଳସ ଶୋଭାଯାତ୍ରା

ସାକ୍ଷୀଗୋପାଳ,୯।୧୧(ଭରତ ରାଉତ)

ସତ୍ୟବାଦୀ ବ୍ଲକ ଅନ୍ତର୍ଗତ ଅଳଗୁମ ପଞ୍ଚାୟତର ମାଳିସାହି ଗ୍ରାମସ୍ଥିତ ସିଦ୍ଧ ମହାବୀରଙ୍କ ପୀଠରେ ୧୫ତମ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ ଶନିବାରଠାରୁ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମହାଯଜ୍ଞ ପାଇଁ ରବିବାର କଳସ ଯାତ୍ରା ସହ ପୂଜାର୍ଚ୍ଚନା ଆରମ୍ଭ ହୋଇଯାଇଛି। ଗ୍ରାମ ପୋଖରୀରୁ କଳସର ଏକ ବିଶାଳ ଶୋଭାଯାତ୍ରା ଆରମ୍ଭ ହୋଇ ସଙ୍କୀର୍ତ୍ତନ ଦଳ ସହ ସୁବିଜ୍ଞ ପଣ୍ଡିତଙ୍କ ବେଦ ପଠନ ପୂର୍ବକ ହୁଳହୁଳି ହରିବୋଲର ତାଳେ ତାଳେ ନଗର ପରିକ୍ରମା ସହ ପୂର୍ଣ୍ଣ କଳସକୁ ଯଜ୍ଞ ମଣ୍ଡପରେ ସ୍ଥାପନ କରି ପୂଜାର୍ଚ୍ଚନା ଆରମ୍ଭ ହୋଇଥିଲା। ପ୍ରତ୍ୟେକ ପରିବାରଙ୍କ ବାସଗୃହ ସମ୍ମୁଖରେ କଳସ ସ୍ଥାପନ କରାଯିବା ସହ ଗ୍ରାମରେ ଆମିଷ ନିଷେଧ କରାଯାଇଛି। ଏହି କାର୍ଯ୍ୟକ୍ରମ ୪ ଦିନ ଧରି ଚାଲିବ ବୋଲି ଗ୍ରାମବାସୀଙ୍କଠାରୁ କୁହାଯାଇଛି। ଯଜ୍ଞ ପାଇଁ କର୍ତ୍ତା ଆସନରେ ବିଜୟ କୁମାର ପ୍ରଧାନ ଓ ସପତ୍ନିକ ପ୍ରଭାତୀ ପ୍ରଧାନ ଯଜ୍ଞ କାର୍ଯ୍ୟ ତୁଲାଇଥିଲେ। ପ୍ରତ୍ୟହ ଶ୍ରଦ୍ଧାଳୁଙ୍କ ପାଇଁ ଅନ୍ନପ୍ରସାଦର ବ୍ୟବସ୍ଥା ରହିଥିବା ବେଳେ ବିଭିନ୍ନ ଆକର୍ଷଣୀୟ ମନୋରଞ୍ଜନ କାର୍ଯ୍ୟକ୍ରମ ରହିଥିବା କମିଟି ସଭାପତି ହରିବନ୍ଧୁ ପ୍ରଧାନ କହିଛନ୍ତି। କାର୍ଯ୍ୟକ୍ରମରେ ଗ୍ରାମର ଯୁବଗୋଷ୍ଠୀଙ୍କ ସମେତ ମନ୍ଦିର ପରିଚାଳନା କମିଟିର ସମସ୍ତ ସଭ୍ୟ ତଥା ଗ୍ରାମବାସୀଙ୍କ ସକ୍ରିୟ ସହଯୋଗ ରହିଛି।



ମହାଯଜ୍ଞ ପାଇଁ କଳସ ଶୋଭାଯାତ୍ରା ।

# କୋଣାର୍କର ପଞ୍ଚବଟ ମଧ୍ୟରୁ ଅର୍କବଟ ଥିଲା ସିଦ୍ଧିପ୍ରଦ

ଡ. ସୁରେନ୍ଦ୍ର କୁମାର ମିଶ୍ର

### ଶ୍ରୀପଦ୍ମକେଶର ମନ୍ଦିର ପାଇଁ ନିର୍ମାଣ ହୋଇଥିଲା ଆଦିତ୍ୟଙ୍କର ତିନୋଟି ବିଗ୍ରହ




ଗତ ସଂଖ୍ୟାରେ ବିଶ୍ୱ ମହାରଣାଙ୍କ ଗାଁ ନୂଆଗଡ଼ କଥା ଲେଖିଥିଲୁ। ନୂଆଗଡ଼ ଗାଁ ୧୬୨୬ରେ ହୋଇଥିବା ସୁନାମିରେ ମହୋଦଧିରେ ଲୀନ ହୋଇଯାଇଥିଲା। ଗଡ଼ ସହିତ ସାମିଲ ଥିଲା 'ଗୋ-ଧନପଡ଼ା'। ଆଶ୍ଚର୍ଯ୍ୟଜନକ ଭାବରେ ଏହି ପଡ଼ା ରହିଯାଇଥିଲା। ନୂଆଗଡ଼ର ଆରାଧ୍ୟା ଥିଲେ ଜାଗୁଳାଇ। ତାଙ୍କ ମନ୍ଦିରଟି ଦର୍ଶନୀବନ୍ତ ଯୋଗୁ ରକ୍ଷା ପାଇଯାଇଥିଲା। ଗଡ଼ ଓ ପଡ଼ାର ଅଧିବାସୀ ମିଳିତ ଭାବରେ ଦେବୀଙ୍କୁ ଉପାସନା କରୁଥିଲେ। ନୂଆଗଡ଼ରେ କିଛି ବାଲିବନ୍ତ ସୃଷ୍ଟି ହୋଇଥିଲା ସୁନାମି ସମୟରେ। ଆଶା କରାଯାଇପାରେ ଏହି ବନ୍ତ ତଳେ ଗଡ଼ର ସ୍ମୃତି ଏବଂ ଐତିହ୍ୟ ସ୍ମାରକୀ କିଛି ରହିଥାଇପାରେ। ଜାଗୁଳାଇ ଏକ ଅପଭ୍ରଂଶ ନାମ। ଯକ୍ଷରୁ ଉଦ୍ଭବ ଦେବୀ ଯକ୍ଷର ଈଶ୍ୱରୀ। ମନେହୁଏ ଗାଁଟି ବହୁ ପ୍ରାଚୀନ। ସେହି ପ୍ରାଚୀନ ଗାଁରେ ବିଶ୍ୱ ମହାରଣା ଜନ୍ମ ନେଇଥିଲେ। ବିଶ୍ୱ ମହାରଣାଙ୍କ ପ୍ରସଙ୍ଗ ପୂର୍ବ ସଂଖ୍ୟାରେ ଆମେ ଦେଇଥିଲୁ। ଧର୍ମପଦ ଥିଲେ ସଦାଶିବ ସାମନ୍ତରାୟ ମହାପାତ୍ରଙ୍କ ପୁତ୍ର। ବିଶ୍ୱ ମହାରଣାଙ୍କ ପୁତ୍ର ବୋଲି ଜାଣିଶୁଣି ଭ୍ରମାତ୍ମକ ଧାରଣା ପ୍ରଚାର କରାଯାଇଥିଲା। ପୂର୍ବରୁ ଶିଳ୍ପୀ ନାୟକ ଗଦାଧରଙ୍କ ଅବଦାନ ପ୍ରସଙ୍ଗ ଅବତାରଣା କରିବାର ଅଭିପ୍ରାୟ ସ୍ପଷ୍ଟ। ତାଙ୍କର କାର୍ଯ୍ୟ ତାଲିକା ଆମେ ପ୍ରସ୍ତୁତ କରିଛୁ। ପଚାଶରୁ ଊର୍ଦ୍ଧ୍ୱ କାର୍ଯ୍ୟ ସେ ନିର୍ବାହ କରିଛନ୍ତି। ଆମେ ଉଦାହରଣ ଦେଲୁ ଜଣଙ୍କର ଅବଦାନ, କିନ୍ତୁ ଅନ୍ୟମାନଙ୍କର ନାମ ଓ କାର୍ଯ୍ୟର ତାଲିକା ପ୍ରସ୍ତୁତ କରିଛୁ, ଯାହା 'ପରିଶିଷ୍ଟ' ଶୀର୍ଷକରେ ପାଠକଙ୍କ ଅବଗତି ପାଇଁ ଦେବୁ।

ପ୍ରଶ୍ନ ହୋଇପାରେ କାହିଁକି ଦେବେ! ଏଇଥିପାଇଁ ଦେଉଛୁ ଅତୀତରେ କୋଣାର୍କଠାରେ ନିର୍ମାଣ ହୋଇଥିବା ମନ୍ଦିରର ଇତିହାସରୁ ଓଡ଼ିଆଙ୍କୁ ଦୂରେଇ ଦିଆଯିବାର ପ୍ରବଳ ପ୍ରଚେଷ୍ଟା ହୋଇଛି। ଗୌରବମୟ ଭାବାବେଗରୁ ଉଦାସ ଭାବାବେଗ ଆଡ଼କୁ ରାସ୍ତା ଦେଖେଇ ଦିଆଯାଇଛି। ପ୍ରଭାବ ସ୍ୱାଭାବିକ। କିଛି ମାତ୍ରାରେ କେତେକ ଆନମନା ହୋଇଛନ୍ତି। ଏବେ ବି ସାମାଜିକ ଗଣମାଧ୍ୟମରେ ଯୁବକମାନଙ୍କ ଯୁକ୍ତି ଆମକୁ ଛୁଇଁଛି। ଯୁକ୍ତି ହେଲା- ବୌଦ୍ଧସ୍ତୂପ ଭାଙ୍ଗି ଲାଙ୍ଗୁଳା ନରସିଂହଦେବ ଶ୍ରୀପଦ୍ମକେଶର ମନ୍ଦିର ନିର୍ମାଣ କରିଛନ୍ତି! ବାହାରିଆ ଲେଖକଙ୍କୁ ସେ ପଢ଼ିଛନ୍ତି। ତେଣୁ କହିବା ସ୍ୱାଭାବିକ।



ଅଶ୍ୱ ଉପରେ ବସିଥିବା ଶ୍ରୀ ଆଦିତ୍ୟ। ଅର୍ଦ୍ଧଭଗ୍ନ। **(ଫଟୋ: କୁମାର ଅରଜ୍ୟୋତି, କୋଣାର୍କ)**

ପୂର୍ବରୁ ପ୍ରମାଣିତ କରିଛୁ ଗଜପତି ଲାଙ୍ଗୁଳା ନରସିଂହ ଦେବ ନିର୍ମାଣ କରିଥିବା ମନ୍ଦିର ଶ୍ରୀସୂର୍ଯ୍ୟଙ୍କର ତୃତୀୟ ମନ୍ଦିର। ପ୍ରଥମ ମନ୍ଦିର ନିର୍ମାଣ ପୂର୍ବରୁ କୋଣାଦିତ୍ୟ କ୍ଷେତ୍ର ଅଖଣ୍ଡ ଭାରତବର୍ଷରେ ମହାନ୍ ତୀର୍ଥ ରୂପେ ପ୍ରସିଦ୍ଧ ଥିଲା। ଦ୍ୱିତୀୟ ମନ୍ଦିରରେ ଶ୍ରୀମହାଭାସ୍କରଙ୍କ ଯେଉଁ ମୂର୍ତ୍ତି ପୂଜା ପାଉଥିଲା- ତାହା ଥିଲା ଦୁଇ ହାତ ଆଠ ଆଙ୍ଗୁଳ। ସେ ବିଗ୍ରହ ଜୀର୍ଣ୍ଣଶୀର୍ଣ୍ଣ ହୋଇଯାଇଥିଲା। ନୂତନ ବିଗ୍ରହ ବାସ୍ତୁଶାସ୍ତ୍ର ଅନୁଯାୟୀ ୫ ହାତ ୪ ଆଙ୍ଗୁଳ ହୋଇଥିଲା। ସନାତନ ପରମ୍ପରା ଅନୁଯାୟୀ ଜୀର୍ଣ୍ଣଶୀର୍ଣ୍ଣ ପୁରାତନ ବିଗ୍ରହଙ୍କୁ ମହୋଦଧିରେ ବିସର୍ଜନ କରାଯାଇଥିଲା। ପଣ୍ଡିତ ନାରାୟଣ ମହାପାତ୍ର ବିସର୍ଜନ ଜନିତ ଅନୁଷ୍ଠାନ କରି ଦୁଇମାଢ଼ ସୁନା ଦକ୍ଷିଣା ସ୍ୱରୂପ ଦେଇଥିଲେ। ବୌଦ୍ଧସ୍ତୂପ ଥିଲା, ପୁରାତନ ବିଗ୍ରହ କେଉଁଠୁ ଆସିଲା।

ନୂତନ ମନ୍ଦିରରେ ଆଦିତ୍ୟଙ୍କର ତିନୋଟି ବିଗ୍ରହ ପ୍ରତିଷ୍ଠା ହୋଇଥିଲା। ସେତିକିବେଳେ ଗଙ୍ଗା ଓ ଯମୁନାଙ୍କର ଦୁଇଟି ବିଗ୍ରହ ହୋଇଥିଲା। ଏହି ଦୁଇ ବିଗ୍ରହଙ୍କୁ ମହାଗାୟତ୍ରୀଙ୍କ ମନ୍ଦିରର ସାମନା ଖମ୍ବରେ ସ୍ଥାନିତ କରାଯାଇଥିଲା। କେବଳ ସେତିକି ନୁହେଁ, ମନ୍ଦିରର ତିନି ପାର୍ଶ୍ୱରେ ପାର୍ଶ୍ୱଦେବତାଙ୍କ ନ୍ୟାସ ସେହି ସମୟରେ ହୋଇଥିଲା। ପ୍ରତ୍ୟେକ ଆନୁଷ୍ଠାନିକ କାମ ପାଇଁ ଅଲଗା ଅଲଗା ବ୍ରାହ୍ମଣ ଆଚାର୍ଯ୍ୟ ବରଣ ହୋଇଥିଲେ। ସମସ୍ତେ ବିଭିନ୍ନ ବ୍ରାହ୍ମଣ ଗ୍ରାମର ମହାଜନ ଥିଲେ। ନାରାୟଣ ମହାରଣା 'ଶ୍ୱେତ ବିରଞ୍ଚି' ବିଗ୍ରହ ନିର୍ମାଣ କରିଥିଲେ। ତାହା ମନ୍ଦିର କାନ୍ଥରେ ସ୍ଥାନିତ ହୋଇଥିଲା। ପ୍ରତିଷ୍ଠା କାର୍ଯ୍ୟର ପ୍ରଧାନ ପରିଚାଳକ ଥିଲେ ଭୁବନେଶ୍ୱର ରାଜଗୁରୁ। ଗଜପତିଙ୍କ ନିର୍ଦ୍ଦେଶରେ ତାଙ୍କୁ ଭୂସମ୍ପତ୍ତି ଦାନ କରାଯିବା ସହିତ ଏକ 'କନକାସନ' ଦାନ କରାଯାଇଥିଲା।

ପୂର୍ବରୁ ଥରେ ଆମେ ଲେଖିଥିଲୁ ଶ୍ରୀକ୍ଷେତ୍ରରେ 'ସପ୍ତବଟ' ଯେପରି ପ୍ରସିଦ୍ଧ, କୋଣାର୍କରେ 'ପଞ୍ଚବଟ' ସେହିପରି ପ୍ରସିଦ୍ଧ ଥିଲା। ପାଞ୍ଚୋଟିଯାକ ବଟବୃକ୍ଷ ଶ୍ରୀସୂର୍ଯ୍ୟଙ୍କର ଉପାସନା ସହିତ ଯେପରି ଜଡ଼ିତ, ଶ୍ରୀପଦ୍ମକେଶର ମନ୍ଦିର ନିର୍ମାଣ ସହିତ ସେହିପରି ସବୁଠାରୁ ସିଦ୍ଧିପ୍ରଦ ବଟବୃକ୍ଷ ଥିଲେ ଅର୍କବଟ। ଅର୍କବଟ ତଳେ ଆଚାର୍ଯ୍ୟମାନେ ଲକ୍ଷେ କୋଡ଼ିଏ ହଜାର ସୂର୍ଯ୍ୟମନ୍ତ୍ର ଜପ କରିଥିଲେ। ଏହା ସାମାନ୍ୟ କଥା ନୁହେଁ। ବାତାବରଣ ସନ୍ତୁଳନ ରଖିବା ପାଇଁ ବଟବୃକ୍ଷର ତ ଦକ୍ଷତା ଥିଲା, ଏବେ ଅଛି। ଦକ୍ଷତା ସହିତ ମନ୍ତ୍ରର ଅନୁରଣନ ମିଶିବା ପରେ ସମ୍ପୃକ୍ତ ମାନବବୋଧର ମାନସିକତା ଗୋଟିଏ ବିନ୍ଦୁରେ ମିଳିତ ହୋଇଥିବ। କିଛି ବୁଝୁ ନ ଥିବା ମନଟିଏ ମଧ୍ୟ ସେହି ବିନ୍ଦୁର ନିକଟତର ହୋଇଥିବ। ଏହା ହିଁ ଯଜ୍ଞ ଅନୁଷ୍ଠାନର 'ଅଧିବାସ' ଅବସ୍ଥା।

ବର୍ଣ୍ଣନା ମିଳୁଛି ମନ୍ଦିର ପରିସରରେ ଏହି ବଟବୃକ୍ଷ ଥିଲା, ଠିକ୍ ଶ୍ରୀମନ୍ଦିରରେ କଳ୍ପବଟ ପରି। ଏବେ ଅର୍କବଟ ଅଛନ୍ତି। ଏକାଧିକ ମଧ୍ୟରୁ କେଉଁଟି 'ଅର୍କବଟ', ଆମେ ଚିହ୍ନଟ କରିଛେ ଓ ଯାହା ମୂଳରେ ବସି ଘଡ଼ିଏ ଗୁରୁମନ୍ତ୍ର ଜପ କଲେ ମୁକ୍ତିର ମାର୍ଗ ଖୋଲିଯିବ! କରିପାରିନେ ଆମେ। ଯାହାକୁ ପଚାରିବେ- ସେ କହିବେ... ହେ... ସେଇଟା ହୋଇଥିବ। ବାହାରିଆ ଲେଖକ ଏହାକୁ ଭେଦ କରିପାରି ନ ଥିଲେ, ନ ହେଲେ ଲେଖିଥାନ୍ତେ- ବାହାର ସାମ୍ରାଜ୍ୟର ଲୋକେ ପରା ଏହି ବଟବୃକ୍ଷ ଲଗେଇଥିଲେ। ଓଡ଼ିଆ ତ ଖାଇବାକୁ ପାଉ ନ ଥିଲେ, ଗଛ ଲଗେଇବେ କ'ଣ ?

ଜଳାବନ୍ଧୁ ସେବା ପାଇଁ ସାତଜଣ ଆଚାର୍ଯ୍ୟ 'ସୂର୍ଯ୍ୟ ଗଙ୍ଗା' ତୀର୍ଥରୁ ଜଳ ଆଣିଥିଲେ, ତାହା ପ୍ରଥମେ ଅର୍କବଟ ତଳେ ରହିଥିଲା। ଶ୍ରୀରୁଦ୍ର ପୂଜା ସ୍ଥାନକୁ ଆସିବାବେଳେ ଶୁକ୍ଳ ଯଜୁର୍ବେଦର ଅଷ୍ଟାଧ୍ୟାୟୀ ପାଠ ହୋଇଥିଲା ଅର୍କବଟ ତଳେ।

ବାଲିଯାତ୍ରାର ୫ମ ଦିନ



ଗଡ଼ଗଡ଼ିଆ ଘାଟ ମହାନଦୀ ତଟ ଜଳରାଶିରେ ଲୋକେ ବୋଟିଂର ମଜା ନେଉଛନ୍ତି।




ଯୁବତୀଯୁବକମାନେ ସୁନାମି ଦୋଳି ଖେଳୁଛନ୍ତି। (ଫଟୋ: ରାଜକିଶୋର ମହାନ୍ତି)

# ଅସମ୍ଭାଳ ଭିଡ଼, ରାସ୍ତା ଜାମ୍

**କଟକ,୯।୧୧(ଶିଳ୍ପା ପ୍ରିୟଦର୍ଶିନୀ)**

ଐତିହାସିକ ବାଲିଯାତ୍ରା କଟକର ରବିବାର ଥିଲା ପଞ୍ଚମ ଦିନ। ମଧ୍ୟାହ୍ନରୁ ଯାତ୍ରା ପଡ଼ିଆରେ ଭିଡ଼ ଆରମ୍ଭ ହୋଇଥିଲା। ସନ୍ଧ୍ୟା ସୁଦ୍ଧା ବାଲିଯାତ୍ରା ପଡ଼ିଆ ସମ୍ପୂର୍ଣ୍ଣ ଭାବେ ଲୋକାରଣ୍ୟ ହୋଇପଡ଼ିଥିଲା। ଛୁଟିଦିନ ଥିବାରୁ ପ୍ରବଳ ଭିଡ଼ ହୋଇଥିଲା। ବାଲିଯାତ୍ରା ପଡ଼ିଆକୁ ସଂଯୋଗ କରୁଥିବା ରାସ୍ତା ସମ୍ପୂର୍ଣ୍ଣ ଜାମ୍ ରହିଥିଲା। ଏପରିକି ରିଂରୋଡ୍‌ରେ ଗାଡ଼ି ଆଗକୁ ଗଡ଼ିବା ଅସମ୍ଭବ ହୋଇପଡ଼ିଥିଲା। ପଡ଼ିଆ ତ ଦୂରର କଥା, ପାର୍କିଂଷ୍ଟାଣ୍ଡରେ ଗାଡ଼ି ପହଞ୍ଚିବାବେଳକୁ ଘଣ୍ଟା ଘଣ୍ଟା ସମୟ ଲାଗିଥିଲା। ୧୦ରୁ ଅଧିକ ପାର୍କିଂ ବ୍ୟବସ୍ଥା କରାଯାଇଥିଲେ ମଧ୍ୟ ସନ୍ଧ୍ୟା ୬ଟା ପରଠୁ ଗାଡ଼ି ରଖିବାକୁ ଜାଗା ମିଳି ନ ଥିଲା। ପ୍ରାୟ ୩ ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ବାଲିଯାତ୍ରା ବୁଲିଥିବା ପ୍ରଶାସନ ପକ୍ଷରୁ ଆକଳନ କରାଯାଇଛି।



## ସଙ୍ଗୀତରେ ଝୁମାଇଲା ହମ୍ ସୁଫି ବ୍ୟାଣ୍ଡ୍



ଗଣକବି ବୈଷ୍ଣବ ପାଣି ମଞ୍ଚରେ ହମ୍ ସୁଫି ବ୍ୟାଣ୍ଡ୍ ଏବଂ ଅକ୍ଷୟ ମହାନ୍ତି ମଞ୍ଚରେ ଓଲିଉଡ୍ କଣ୍ଠଶିଳ୍ପୀ ଅନ୍ତରା ଚକ୍ରବର୍ତ୍ତୀ ସଙ୍ଗୀତ ପରିବେଷଣ କରିଥିଲେ। ଉଭୟ ମଞ୍ଚରେ ମନଛୁଆଁ ସଙ୍ଗୀତ ଶୁଣିବାକୁ ଦର୍ଶକଙ୍କ ଭିଡ଼ ଜମିଥିଲା। ଗଣକବି ବୈଷ୍ଣବ ପାଣି ମଞ୍ଚରେ ହମ୍‌ସୁଫି ବ୍ୟାଣ୍ଡର କଳାକାରମାନେ ସୁଫି ସମେତ ଅନ୍ୟାନ୍ୟ ଗୀତ ପରିବେଷଣ କରିଥିଲେ। ପ୍ରଥମେ ଏକ ପଲ୍ ଚେନ୍ ନାଁ ଆୱେ ଗୀତରୁ ଆରମ୍ଭ ହୋଇଥିଲା କାର୍ଯ୍ୟକ୍ରମ। ପରେ ପରେ ଅଲି ମେରା ଅଙ୍ଗନା, ସଜଦା, ଇସ୍କ ସୁଫିୟାନା, ଉନ୍‌ସେ ନଜର, କାଲି କାଲି ଜୁଲ୍‌ଫେ ଆଦି ଗୀତ ପରିବେଷଣ କରିଥିଲେ ଏହି ବ୍ୟାଣ୍ଡ୍। ଏଥିସହ ଓଡ଼ିଆରେ ରଙ୍ଗବତୀ ଗୀତ ଗାଇ କଟକିଆଙ୍କ ମନ ଜିଣିଥିଲେ। ସେହିପରି ଦମାଦମ୍ ମସ୍ତ କଲନ୍ଦର, ଛେୟାଁ ଛେୟାଁ ଆଦି ଗୀତରେ ଦର୍ଶକଙ୍କୁ ନଚାଇଥିଲେ। ପରେ ଭକ୍ତି ନିର୍ମାଲ୍ୟ ଭଜନ ସନ୍ଧ୍ୟାର କଳାକାରମାନେ ଭଜନ ପରିବେଷଣ କରିଥିଲେ। ପୁରୀର ନୀଳାଦ୍ରି ଗୋଟିପୁଅ ନୃତ୍ୟ ପରିଷଦ ପକ୍ଷରୁ ଗୋଟିପୁଅ ନୃତ୍ୟ, କଟକର ନ୍ୟାଶନାଲ କଲ୍‌ଚରାଲ କଳା ପ୍ରତିଷ୍ଠାନ ପକ୍ଷରୁ ଓଡ଼ିଶୀ ନୃତ୍ୟ, ପୁରୀର ଅନନ୍ୟା କଳା ମନ୍ଦିର ପକ୍ଷରୁ ମାହାରୀ ନୃତ୍ୟ ପରିବେଷଣ କରାଯାଇଥିଲା। ଅନ୍ୟପଟେ ଅକ୍ଷୟ ମହାନ୍ତି ମଞ୍ଚରେ କଣ୍ଠଶିଳ୍ପୀ ଅନ୍ତରା ଚକ୍ରବର୍ତ୍ତୀଙ୍କ ସଙ୍ଗୀତ ପରିବେଷଣ ମନରେ ରୋମାଞ୍ଚ ଭରିଦେଇଥିଲା। କଟକର ଡିପି ମ୍ୟୁଜିକ ପକ୍ଷରୁ ଭଜନ, ବାରବାଟୀ ଡ୍ୟାନ୍ସ ଏକାଡେମୀ ପକ୍ଷରୁ ଓଡ଼ିଶୀ, ଜଗତସିଂହପୁରର ସାରଳା ଡ୍ୟାନ୍ସ ଏକାଡେମୀ ପକ୍ଷରୁ ଲୋକ ନୃତ୍ୟ, ଭୁବନେଶ୍ୱରର ନୃତ୍ୟ ସାଧନା ପକ୍ଷରୁ ଲୋକନୃତ୍ୟ, କଟକର ସାଂସ୍କୃତିକ ବିହାର ପକ୍ଷରୁ ଗୀତିନାଟ୍ୟ ଆଦି ଅନୁଷ୍ଠାନ ପରିବେଷଣ କରାଯାଇଥିଲା।

## ୨ ଦିନ ହେବ ମହାନଦୀ ବୋଇତ ପ୍ରତିଯୋଗିତା

ଐତିହାସିକ ବାଲିଯାତ୍ରାରେ ରାଜ୍ୟର ସମୃଦ୍ଧ ସାମୁଦ୍ରିକ ଐତିହ୍ୟ ପରମ୍ପରାର ସ୍ମୃତିକୁ ଉଜ୍ଜୀବିତ କରିବା ନିମନ୍ତେ ପ୍ରଥମକରି ମହାନଦୀ ବୋଇତ ପ୍ରତିଯୋଗିତା-୨୦୨୫ ଅନୁଷ୍ଠିତ ହେବ। ନଭେମ୍ବର ୧୧ ଓ ୧୨ ଅର୍ଥାତ ମଙ୍ଗଳବାର ଓ ବୁଧବାର କଟକର ଗଡ଼ଗାଡିଆ ଘାଟରେ ଏହି ପ୍ରତିଯୋଗିତା ହେବ। ଓଡ଼ିଶା ସମେତ ୧୦ଟି ଭିନ୍ନ ଭିନ୍ନ ରାଜ୍ୟର ଜାତୀୟସ୍ତରୀୟ ମହିଳା ଓ ପୁରୁଷ ଦଳ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। ୧୧ ତାରିଖ ପୂର୍ବାହ୍ନ ୧୧ଟା ୪୫ରେ ଏହି ପ୍ରତିଯୋଗିତା ଉଦ୍‌ଘାଟନ ହେବ। ମୁଖ୍ୟ ଅତିଥି ଭାବେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ପ୍ରତିଯୋଗିତାରେ ବିଶେଷ ଆକର୍ଷଣ ରହିବ ଫ୍ଲାଏ ବୋଟ୍ ରେସ୍। ୧୨ ତାରିଖ ସକାଳ ୮ଟାରେ ପ୍ରତିଯୋଗିତା ଆରମ୍ଭ ହୋଇ ଅପରାହ୍ନ ୪ଟାରେ ଶେଷ ହେବ। ଉକ୍ତ ଦିନ ଗଣକବି ବୈଷ୍ଣବ ପାଣି ମଞ୍ଚରେ ରାଜ୍ୟପାଳ ହରିବାବୁ କମ୍ଭମପାଟି ବିଜେତା ଦଳଗୁଡ଼ିକୁ ପୁରସ୍କାର ପ୍ରଦାନ ଓ ସମ୍ମାନିତ କରିବାର କାର୍ଯ୍ୟକ୍ରମ ରହିଛି।

## ବାଳାଶ୍ରମ ପିଲା ବୁଲିଲେ ବାଲିଯାତ୍ରା

**କଟକ ସଦର,(ସୁଶାନ୍ତ କୁମାର ଜେନା):** କଟକ ସଦର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବାଳାଶ୍ରମର ପିଲାମାନେ ରବିବାର କଟକ ବାଲିଯାତ୍ରା ବୁଲି ମଜା ଉଠାଇଛନ୍ତି। ୟୁନିୟନ ଫର୍ କଟକ ସଦର ଡେଭଲପ୍‌ମେଣ୍ଟର ସଭାପତି ପ୍ରଫେସର ମନୋଜ କୁମାର ନାୟକ ଏହି ପିଲାମାନଙ୍କୁ ବାଲିଯାତ୍ରା ବୁଲାଇବା ସହ ସେଠାରେ ଖୋଲାଯାଇଥିବା ସରକାରଙ୍କ ବିଭିନ୍ନ ଶିକ୍ଷଣୀୟ ଷ୍ଟଲ ପରିଦର୍ଶନ କରାଇ ସେମାନଙ୍କ ଜ୍ଞାନ ଆହରଣରେ ସହଯୋଗ କରିଥିଲେ। ବାଳାଶ୍ରମରେ ପଢୁଥିବା ଅସହାୟ ପିଲାମାନେ ପ୍ରଥମଥର ବାଲିଯାତ୍ରାକୁ ଆସି ବହୁତ ଖୁସି ହୋଇଥିଲେ।

## ଗୁଆଗଛ ପାଟୁଆ ପ୍ଲେଟ୍‌ର ଚାହିଦା



ବାଲେଶ୍ୱର ଭୋଗରାଇ ଅଞ୍ଚଳର ଚକାନୟନ ମହିଳା ଉତ୍ପାଦକ ଗୋଷ୍ଠୀର ସଦସ୍ୟାମାନେ ବିଭିନ୍ନ କିସମର କଟଲେରି ସାମଗ୍ରୀ ପସରା ମେଲାଇଛନ୍ତି। ଗୁଆଗଛ ପାଟୁଆରେ ଏହି କଟଲେରି ସାମଗ୍ରୀକୁ ପ୍ରାୟ ୨୫୦ ଜଣ ମହିଳା ତିଆରି କରିଛନ୍ତି। ଏହି କଟଲେରି ସାମଗ୍ରୀ ମଧ୍ୟରେ ଖାଇବା ପ୍ଲେଟ, ଦନା, ଚାମଚ, ତାଟିଆ ଭଳି ଅନେକ ସାମଗ୍ରୀ ରହିଛି। ଏହାର ଦର ୧ ଟଙ୍କାରୁ ଆରମ୍ଭ ହୋଇ ୧୩ ଟଙ୍କା ଯାଏ ରହିଛି। ଏହି ସାମଗ୍ରୀକୁ ୨ରୁ ୩ ଥର ବ୍ୟବହାର କରିହେବ। ପ୍ଲାଷ୍ଟିକ ପ୍ଲେଟରେ ଖାଦ୍ୟ ଖାଇଲେ ରୋଗ ବ୍ୟାପୁଥିବାବେଳେ ଏହି ପ୍ଲେଟ୍‌ରେ ଖାଦ୍ୟ ଖାଇଲେ ରୋଗମୁକ୍ତ ହୋଇପାରିବେ ବୋଲି ସଦସ୍ୟାମାନେ କହିଛନ୍ତି।



## ଆମିଷ ଖାଦ୍ୟର ମଜାନେଲେ, ଘରକରଣା ଜିନିଷ କିଣିଲେ

ଆମିଷ ଖାଦ୍ୟ ଷ୍ଟଲଗୁଡ଼ିକରେ ବେଶ୍ ଭିଡ଼ ଜମିଥିଲା। ଚିକେନ କବାବ, ଚିକେନ ଓ ମଟନ ପତ୍ରପୋଡ଼ା, ମୁଢି ମାଂସର ଚାହିଦା ରହିଥିଲା। ପୂର୍ବଦିନ ଅପେକ୍ଷା ବେପାର ଭଲ ହୋଇଥିବା କେତେଜଣ ବ୍ୟବସାୟୀ କହିଛନ୍ତି। ଅନ୍ୟାନ୍ୟ ଖାଦ୍ୟ ଷ୍ଟଲଗୁଡ଼ିକରେ ମଧ୍ୟ ଲୋକଙ୍କ ଗହଳି ଦେଖିବାକୁ ମିଳିଥିଲା। ସେହିପରି ଘରକରଣା ସାମଗ୍ରୀ ଓ ସାଜସଜ୍ଜା ତଥା ପୋଷାକ ପରିପାଟୀ ଦୋକାନଗୁଡ଼ିକରେ ବିଶେଷକରି ମହିଳାଙ୍କ ଗହଳି ଲାଗିଥିଲା।



ଓଟ ପିଠିରେ ବସି ପିଲାମାନେ ବୁଲୁଛନ୍ତି।

## ଆକର୍ଷଣ ସାଜିଛି ବାଙ୍କୀର ମାଟି ତିଆରି ସାମଗ୍ରୀ

**ବାଙ୍କୀ,୯।୧୧(ଜ୍ଞାନେନ୍ଦ୍ର ମୋହନ ମିଶ୍ର/ଶୁଭେନ୍ଦୁ ମହାପାତ୍ର)**

### କୁମ୍ଭକାରଙ୍କୁ ସମ୍ବର୍ଦ୍ଧନା

ଐତିହାସିକ କଟକ ବାଲିଯାତ୍ରାରେ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି ବାଙ୍କୀ ତାଳବସ୍ତ ଗ୍ରାମର ଲକ୍ଷ୍ମୀଧର ମୁଦୁଲିଙ୍କ ମାଟିତିଆରି ସାମଗ୍ରୀ। ଏହି ସାମଗ୍ରୀଗୁଡ଼ିକୁ କିଣିବା ଓ ଦେଖିବା ପାଇଁ ଗ୍ରାହକଙ୍କ ମଧ୍ୟରେ ଉତ୍କଣ୍ଠା ଭରି ରହିଛି। ଏହି ପରିପ୍ରେକ୍ଷୀରେ ବାଙ୍କୀ ଶ୍ରୀରାମ କମିଟି ତରଫରୁ ମୁଦୁଲି ଓ ତାଙ୍କ ଧର୍ମପତ୍ନୀଙ୍କୁ ବାଲିଯାତ୍ରା ପଡ଼ିଆରେ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଅକ୍ଷୟ କୁମାର ସାମଲଙ୍କ ତତ୍ତ୍ୱାବଧାନରେ ଆୟୋଜିତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଶିକ୍ଷାବିତ୍ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର ଯୋଗଦେଇ ମୁଦୁଲି ଦମ୍ପତିଙ୍କୁ ଉପଢୌକନ ଓ ପୁଷ୍ପଗୁଚ୍ଛ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଛି। ମୁଦୁଲି ନିଜର କୌଳିକ ବୃତ୍ତିକୁ ବଜାୟ ରଖି ମାଟିତିଆରି ବିଭିନ୍ନ ସାମଗ୍ରୀ ପରିବାରବର୍ଗଙ୍କ ସହାୟତାରେ ବିଭିନ୍ନ ଯାତ୍ରା ମହୋତ୍ସବରେ ବିକ୍ରି କରିଥାନ୍ତି। ତାଙ୍କ ସାମଗ୍ରୀକୁ ପ୍ରଦର୍ଶନ କରିବା ସହ ବିକ୍ରିବଟା କରୁଛନ୍ତି ବୋଲି ପ୍ରାଧ୍ୟାପକ ମହାପାତ୍ର ଉଲ୍ଲେଖ କରିଥିଲେ। କାର୍ଯ୍ୟକ୍ରମରେ ଶ୍ରୀରାମ କମିଟି ସଭାପତି ବିଶ୍ୱରଞ୍ଜନ ସ୍ୱାଇଁ, କଂଗ୍ରେସ ରଣା, ଲଲାଟେନ୍ଦୁ ପଣ୍ଡା ଓ ଶଶିଭୂଷଣ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ।



## ୱେବସାଇଟ୍‌ରେ ମହାପ୍ରସାଦର ଅନ୍‌ଲାଇନ ବୁକିଂ: ତଥ୍ୟ ଦେଇ ଜଣେ ଗିରଫ

ପୁରୀ,୯।୧୧(ଅଜିତ୍ କୁମାର ମହାନ୍ତି): ଶ୍ରୀପ୍ରସାଦ ଡଟ୍ ଓଆର୍‌ଜି ନାମକ ୱେବ୍‌ସାଇଟରେ ମହାପ୍ରଭୁଙ୍କ ମହାପ୍ରସାଦର ଅନ୍‌ଲାଇନ ବୁକିଂ ଓ ବିକ୍ରୟ ସମ୍ପର୍କୀୟ ତଥ୍ୟ ସୋସିଆଲ ମିଡିଆରେ ଦିଆଯାଉଥିବା ନେଇ ଦୃଷ୍ଟିଗୋଚର ହୋଇଥିଲା। ଏହାକୁ ନେଇ ଅକ୍ଟୋବର ୨୨ରେ ଶ୍ରୀମନ୍ଦିର ପ୍ରଶାସନର ସୁରକ୍ଷା ବିଭାଗ ପକ୍ଷରୁ ଅଭିଯୋଗ ପରେ ପୁରୀ ସାଇବର ଥାନା ପକ୍ଷରୁ କେସ୍ ନଂ ୨୬/୨୫ରେ ମାମଲା ରୁଜୁ କରାଯାଇ ଜଣଙ୍କୁ ଗିରଫ କରାଯାଇଛି। ସେ ହେଲେ ଭୁବନେଶ୍ୱର ରସୁଲଗଡ଼ସ୍ଥିତ ହୋମଜେନୋଫିକ୍ ଇଣ୍ଡିଆ ଫାର୍ମର ମାଲିକ ବିଶ୍ୱୋଜ୍ଜା ପଜ୍ଜନାୟକ।

# ଦିଲ୍ଲୀର ରାଷ୍ଟ୍ରୀୟ ଷ୍ଟେନ୍‌ଲେସ୍ ଷ୍ଟିଲ୍ ନାମରେ ଠକେଇ ମାମଲା

## ତଦନ୍ତ ଆରମ୍ଭ କଲା ଇଓଡବ୍ଲ୍ୟୁ

### ପୋଲିସ ଅଧିକାରୀଙ୍କଠାରୁ ୩୭ ଲକ୍ଷ ଠକେଇ କରିଛନ୍ତି ବାପ, ପୁଅ

ଭୁବନେଶ୍ୱର,୯।୧୧(ତ୍ରିନାଥ ମହାନ୍ତି)

ବିଜ୍ଞାପିତ ରାଷ୍ଟ୍ରୀୟ ଷ୍ଟେନ୍‌ଲେସ୍ ଷ୍ଟିଲ୍ କମ୍ପାନୀ ବିରୋଧରେ କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା(ଇଓଡବ୍ଲ୍ୟୁ)ରେ ଠକେଇ ମାମଲା ହୋଇଛି। ଏହି କମ୍ପାନୀ ୩୭ ଲକ୍ଷ ଟଙ୍କା ଠକେଇ କରିଥିବା କଟକ ମାଲଗୋଦାମ ଅଞ୍ଚଳରେ ରହୁଥିବା ପୋଲିସ ଅଧିକାରୀ ସୂର୍ଯ୍ୟମଣି ତ୍ରିପାଠୀ ଅଭିଯୋଗ କରିଛନ୍ତି। ଏନେଇ ଇଓଡବ୍ଲ୍ୟୁ କମ୍ପାନୀର ଏମ୍‌ଡି ମୁକେଶ ଜୈନ ଓ ନିର୍ଦ୍ଦେଶକ ଥିବା ତାଙ୍କ ପୁଅ ଆକାଶ ଜୈନଙ୍କ ନାମରେ ମାମଲା (ନଂ.୧୬/୨୫) ରୁଜୁ କରି ଅଧିକ ତଦନ୍ତ ଚଳାଇଛି। ପୋଲିସ ଅଧିକାରୀ ସୂର୍ଯ୍ୟମଣିଙ୍କ ଅଭିଯୋଗ ଅନୁସାରେ, ଦିଲ୍ଲୀରେ ରାଷ୍ଟ୍ରୀୟ ଷ୍ଟେନ୍‌ଲେସ୍ ଷ୍ଟିଲର ମୁଖ୍ୟାଳୟ ଥିବାବେଳେ ତାହାକୁ ମୁକେଶ ଏବଂ ପୁଅ ଆକାଶ ଚଳାଉଥିଲେ। ଖଣ୍ଡଗିରିରେ ଏହି କମ୍ପାନୀର ଅଫିସ ରହିଥିଲା। ଅଭିଯୁକ୍ତ ବାପ ଓ ପୁଅ ଅଭିଯୋଗକାରୀ ସୂର୍ଯ୍ୟମଣିଙ୍କୁ ତାଙ୍କ କମ୍ପାନୀରେ ଟଙ୍କା ନିବେଶ କରି କୋଟିପତି ହେବାର ସ୍ୱପ୍ନ ଦେଖାଇଥିଲେ। ଏଥିରେ ସୂର୍ଯ୍ୟମଣି ୧୨ଲକ୍ଷ ଟଙ୍କା ଜମା କରି ୧୮ ଲକ୍ଷ ଟଙ୍କା ପାଇଥିଲେ। ଏହାପରେ ସେମାନଙ୍କ କଥାକୁ ବିଶ୍ୱାସ କରି ସୂର୍ଯ୍ୟମଣି ଉକ୍ତ କମ୍ପାନୀରେ ୨୦୨୦ ଜାନୁଆରୀରେ ୩୭ ଲକ୍ଷ ଟଙ୍କା ଲଗାଇଥିଲେ। ହେଲେ ଆଉ କୌଣସି ଟଙ୍କା ଫେରି ପାଇ ନ ଥିଲେ। ଅଭିଯୁକ୍ତ ବାପ ପୁଅ ଟଙ୍କା ଦେବାକୁ ଆଜି କାଲି କହି ଦିନ ଗଡାଇବା ପରେ ଖଣ୍ଡଗିରିରେ ଥିବା ତାଙ୍କ ଅଫିସ୍ ବନ୍ଦ କରିଦେବା ସହ ଓଡ଼ିଶା ଆସିବା ନ ଥିଲେ। ଠକାମିର ଶିକାର ହୋଇଥିବା ଜାଣିବା ପରେ ସୂର୍ଯ୍ୟମଣି ଭୁବନେଶ୍ୱର ଏସ୍‌ଡିଜେଏମ୍ କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। କୋର୍ଟଙ୍କ ନିର୍ଦ୍ଦେଶ ଆଧାରରେ ଖଣ୍ଡଗିରି ଥାନା ପୋଲିସ ମାମଲା ରୁଜୁ କରିଥିଲେ ମଧ୍ୟ ତଦନ୍ତରେ ସେପରି ଅଗ୍ରଗତି ହୋଇ ନ ଥିଲା। ଶେଷରେ ସୂର୍ଯ୍ୟମଣି ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। କୋର୍ଟଙ୍କ ନିର୍ଦ୍ଦେଶ ପରେ କ୍ରାଇମବ୍ରାଞ୍ଚ ଇଓଡବ୍ଲ୍ୟୁ ମାମଲା ରୁଜୁ କରି ଏବେ ତଦନ୍ତ କରୁଛି।

# ନିଓସ୍, ରାଜ୍ୟ ସରକାରଙ୍କ ମଧ୍ୟରେ ଚୁକ୍ତିନାମା



ଭୁବନେଶ୍ୱର,୯।୧୧ (ସୌମ୍ୟରଞ୍ଜନ ରାଉତ)

ରାଷ୍ଟ୍ରୀୟ ମୁକ୍ତ ଶିକ୍ଷା ସଂସ୍ଥାନ (ନିଓସ୍) ଓ ଓଡ଼ିଶା ରାଜ୍ୟ ସରକାରଙ୍କ ମଧ୍ୟରେ ଏକ ଚୁକ୍ତିନାମା ସାକ୍ଷର ହୋଇଛି। ଏହାଦ୍ୱାରା ରାଜ୍ୟର ଅଧାରୁ ପାଠ ଛାଡ଼ିଥିବା ପିଲାମାନଙ୍କୁ ପୁନର୍ବାସ କରି ଔପଚାରିକ ଶିକ୍ଷା ବ୍ୟବସ୍ଥା କଲେ ଉଦ୍ଦେଶ୍ୟ ପୂରଣ ହୋଇପାରିବ। ଏହି ଅବସରରେ ଗଣଶିକ୍ଷା ବିଭାଗ ପକ୍ଷରୁ ଓସେପାର ନିର୍ଦ୍ଦେଶକ ଅନନ୍ୟା ଦାସ ଏବଂ ନିଓସ୍‌ର ଅଧ୍ୟକ୍ଷ ପ୍ରଫେସର ଡ. ଅଖିଲେଶ ମିଶ୍ରଙ୍କ ମଧ୍ୟରେ ଚୁକ୍ତି ସାକ୍ଷରିତ ହୋଇଥିଲା। ନିଓସ୍‌ର ସଚିବ କଲୋନେଲ ମହମ୍ମଦ, ଆଞ୍ଚଳିକ ନିର୍ଦ୍ଦେଶକ ସୁରଜିତ୍ କୁମାର, ସିବାର ଯୁଗ୍ମ ନିର୍ଦ୍ଦେଶକ ବିଶ୍ୱନାଥ ସାହୁ ଏବଂ ଉପ ନିର୍ଦ୍ଦେଶକ ଶୈଳାଦ୍ରି ରାଜଗୁରୁ ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ। ଓଡ଼ିଶାର ଶିକ୍ଷା ବିଭାଗଙ୍କ ନିରନ୍ତର ମାର୍ଗଦର୍ଶନ, ପ୍ରୟାସ ଓ ଅଟଳ ସହଯୋଗ ଫଳରେ ଉଦ୍ୟମ ସଫଳ ହୋଇପାରିଛି। ଏହି ଚୁକ୍ତି ଦ୍ୱାରା ବିଶେଷ ଭାବେ ୧୪ ରୁ ୧୮ ବର୍ଷ ପିଲାମାନେ ଉପକୃତ ହେବେ। ଏଥିସହ ନିଓସ୍‌ରେ ମଧ୍ୟ ଦେୟମୁକ୍ତ ଶିକ୍ଷା ଲାଭ କରିପାରିବେ। ଏହି ସମ୍ପର୍କୀୟ ଅନ୍ୟାନ୍ୟ ତଥ୍ୟ ଜିଲା ଏବଂ ବ୍ଲକ ସ୍ତରରେ କାର୍ଯ୍ୟକାରୀ କରାଇବାର ଯୋଜନା ରହିଥିବା ସୂଚନା ଦିଆଯାଇଛି।

# ଚିତ୍ର, ସଙ୍ଗୀତ, ସାହିତ୍ୟର ନିଆରା ପ୍ରଦର୍ଶନୀ 'ଆକୃତି' ଉଦ୍‌ଯାପିତ

ଭୁବନେଶ୍ୱର,୯। ୧୧ (ସୌମ୍ୟରଞ୍ଜନ ରାଉତ)

ଚିତ୍ର, ସଙ୍ଗୀତ ଓ ସାହିତ୍ୟର ନିଆରା ପ୍ରଦର୍ଶନୀ 'ଆକୃତି' ବୁଦ୍ଧ ଆର୍ଟ ଗ୍ୟାଲେରୀଠାରେ ରବିବାର ଉଦଯାପିତ ହୋଇଯାଇଛି। ଅତିଥି ଭାବେ ଚିତ୍ରଶିଳ୍ପୀ ପଦ୍ମଶ୍ରୀ ବିନୋଦ ମହାରଣା, ଚିତ୍ରଶିଳ୍ପୀ ଜନାର୍ଦ୍ଦନ ପରମଗୁରୁ, ରାଜ କିଶୋର ମହାରଣା, ମମତା ସାମନ୍ତରାୟ, ଲିପିଶ୍ରୀ ନାୟକ ପ୍ରମୁଖ ଯୋଗଦେଇଥିଲେ। ଚିତ୍ର, ବାଦ୍ୟ, ସଙ୍ଗୀତ, ସାହିତ୍ୟ ଓ ଆବୃତ୍ତିର ମିଶ୍ରଣରେ ଏଭଳି ନିଆରା ଆୟୋଜନ ପ୍ରଥମ କରି ହେଇଛି ଏବଂ ଏହା ଆଗାମୀ ଦିନରେ ଆମ ମହାନ ଓଡିଶୀ ସଂଗୀତ ଓ ସାହିତ୍ୟ ପ୍ରତି ଯୁବ ପିଢିଙ୍କୁ ଆକର୍ଷିତ କରିବାରେ ବେଶ ସହାୟକ ବୋଲି ଅତିଥି ମତ ରଖିଥିଲେ। ପରେ କିଶୋର ଚନ୍ଦ୍ରାନନ୍ଦ ଚମ୍ପୁର ୩୪ଟି ଚିତ୍ରର ଭାବ ଉପରେ ପର୍ଯ୍ୟବେକ୍ଷିତ ସଙ୍ଗୀତ ଓ ଆବୃତ୍ତି ପରିବେଷଣ ହୋଇଥିଲା। ୩ଦିନ ଧରି ଶ୍ରୀ ଜୟଦେବଙ୍କ ଗୀତଗୋବିନ୍ଦ, କବିସୂର୍ଯ୍ୟ ବଳଦେବ ରଥଙ୍କ ରମ୍ୟ ରଚନା, କିଶୋର ଚନ୍ଦ୍ରାନନ୍ଦ ଚମ୍ପୁ, ଛାନ୍ଦ, ଚମ୍ପୁ, ଚଉତିଶା ଆଦିକୁ ସ୍ୱତନ୍ତ୍ର ପରିବେଷଣରେ ସୌମ୍ୟ ବିଶ୍ୱଜିତ ଶହ ଶହ ଯୁବ ପିଢିଙ୍କ ସମେତ ଦର୍ଶକଙ୍କୁ ଶ୍ରୁତିମୁଗ୍ଧ ତଥା ଭାବାନୁଭବରେ ବିମୋହିତ କରିଦେଇଛନ୍ତି। ସୌମ୍ୟ ବିଶ୍ୱଜିତଙ୍କ ସମେତ ସୌମ୍ୟକାନ୍ତ ମଲ୍ଲିକ, ସିଦ୍ଧି ପଟନାୟକ, ସିଦ୍ଧି ଶତପଥୀଙ୍କ ପ୍ରଚେଷ୍ଟାରେ ଏଭଳି ଆୟୋଜନ ଆଗାମୀ ଦିନରେ ଆମ ସଂସ୍କୃତିର ପ୍ରଚାର ପ୍ରସାର ପାଇଁ ବେଶ୍ ସହାୟକ ହେବ ବୋଲି ଅତିଥିମାନେ କହିଥିଲେ।



ବିଶିଷ୍ଟ କବି, ରାଜନେତା ତଥା ଯୁବକ ଲେଖକ ସମ୍ମିଳନୀ ସଭାପତି ଶଙ୍କର୍ଷଣ ପରିଡ଼ାଙ୍କ ଏକାଦଶାହ ଅବସରରେ ଫରେଷ୍ଟ ପାର୍କଠାରେ ରବିବାର ଫରେଷ୍ଟ ପାର୍କ ୱାର୍କର୍ସ ଆସୋସିଏଶନ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଅର୍ପଣ ଓ ନୀରବ ପ୍ରାର୍ଥନା କରାଯାଉଛି।

# ଯୁବଲେଖକଙ୍କ ପାଇଁ ଶଙ୍କର ସର୍ବଦା ପ୍ରେରଣା ହୋଇ ରହିବେ

ଭୁବନେଶ୍ୱର,୯।୧୧ (ସୌମ୍ୟରଞ୍ଜନ ରାଉତ)



ସ୍ମୃତିସଭାରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ବ୍ରଜକିଶୋର ତ୍ରିପାଠୀଙ୍କ ସହ ଅନ୍ୟ ଅତିଥିମାନେ।

ରାଜନୀତିରେ ମୂଲ୍ୟବୋଧ ଓ ସ୍ୱଚ୍ଛତା ସାଙ୍ଗକୁ ସାହିତ୍ୟରେ ଯୁବଲେଖକମାନଙ୍କୁ ପ୍ରେରଣା ଦେବାରେ ରାଜନେତା ତଥା କବି ଶଙ୍କର ପରିଡ଼ା ସର୍ବଦା ସ୍ମରଣୀୟ ରହିବେ। ରବିବାର ଗୀତଗୋବିନ୍ଦ ସଦନରେ ଆୟୋଜିତ ସ୍ମୃତିସଭାରେ ବକ୍ତାମାନେ ଏହା କହିଛନ୍ତି। ଓଡିଆ ଯୁବଲେଖକ ସମ୍ମେଳନ ଆନୁକୂଲ୍ୟରେ ଅନୁଷ୍ଠିତ ଶୋକସଭାରେ କବି ଅମରେଶ ପଟ୍ଟନାୟକ ଅଧ୍ୟକ୍ଷତା କରିଥିଲେ। ଅତିଥି ଭାବେ ପୂର୍ବତନ ବିଧାୟକ ପଦ୍ମଚରଣ ନାୟକ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ବ୍ରଜ କିଶୋର ତ୍ରିପାଠୀ ଯୋଗଦେଇ ସ୍ୱଗର୍ତ ପରିଡ଼ାଙ୍କ କୃତି ଓ କୃତିତ୍ୱ ନେଇ ବକ୍ତବ୍ୟ ରଖିଥିଲେ। ସମ୍ମେଳନର ସାଧାରଣ ସମ୍ପାଦକ ବନୋଜ ତ୍ରିପାଠୀ ସ୍ୱର୍ଗତ ପରିଡ଼ାଙ୍କ ଅନନ୍ୟ ଇଚ୍ଛାଶକ୍ତି, ସାଂଗଠନିକ ଦକ୍ଷତା, ଭାଷା ଆନ୍ଦୋଳନ ତଥା ପଞ୍ଚାୟତିରାଜ ଆନ୍ଦୋଳନରେ ତାଙ୍କର ଭୂମିକା ଏବଂ ସାରସ୍ୱତ ଅବଦାନ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। କାର୍ଯ୍ୟକ୍ରମରେ ସଜ୍ଜନ ଶର୍ମା, ରକ୍ଷକ ନାୟକ, ସରୋଜ ବଳ, ଶରତ କୁମାର ନାୟକ, ବିଜୟିନୀ ପଣ୍ଡା ଓ ପଲ୍ଲବୀ ଦାସ ପ୍ରମୁଖ ଯୋଗଦେଇଥିଲେ। ସମ୍ମେଳନର ପୂର୍ବତନ ସମ୍ପାଦକ ସୂର୍ଯ୍ୟ ମିଶ୍ର କୃତଜ୍ଞତା ଜ୍ଞାପନ କରିଥିଲେ।

# ରେଷ୍ଟୁରାଣ୍ଟରୁ ଚୋରି କରି ୩ ଗିରଫ

ଯାଁଳା,୯।୧୧(ବୁଲା ବାରିକ)

ଏକ ରେଷ୍ଟୁରାଣ୍ଟରୁ ଚୋରି ଅଭିଯୋଗରେ ଇନ୍‌ଫୋସିଟି ଥାନା ପୋଲିସ ରବିବାର ୩ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ମୟୂରଭଞ୍ଜ ଜିଲା ଖାରପୋଖରିଆ ଥାନା ଶାଙ୍କୁଚ ଗ୍ରାମର ଶୃଜଳ ସେଠୀ, ବିହାର କିଷନଗଞ୍ଜ ଅଞ୍ଚଳର ଦିପେଶ କୁମାର ସିଂ ଏବଂ ଚୋରି ସାମଗ୍ରୀ କିଣିଥିବା ପୁରୀ ଜିଲା ପିପିଲି ଅଞ୍ଚଳର ବିଶ୍ୱଜିତ ଭଞ୍ଜ। ଅଭିଯୁକ୍ତମାନଙ୍କ ନିକଟରୁ ଚୋରି ସାମଗ୍ରୀ ଜବତ କରାଯାଇଛି। ସୂଚନା ମୁତାବକ, ଯାଁଳା ନିକଟରେ ହାଇୱେ ଜାଇକା ନାମକ ଏକ ରେଷ୍ଟୁରାଣ୍ଟ ରହିଛି। ଉକ୍ତ ରେଷ୍ଟୁରାଣ୍ଟରେ ଶୃଜଳ କର୍ମଚାରୀ ଭାବେ କାମ କରୁଥିଲେ। ଗତ କିଛିଦିନ ପୂର୍ବରୁ କୌଣସି କାରଣ ପାଇଁ ତାଙ୍କୁ କାମରୁ ବାହାର କରିଦିଆଯାଇଥିଲା। ଶନିବାର ଭୋରୁ ଶୃଜଳ ସହଯୋଗୀ ଦିପେଶ ସହ ଆସି ଉକ୍ତ ରେଷ୍ଟୁରାଣ୍ଟର ସିସିଟିଭି ଓ ଚେୟାର ଟେବୁଲ ଭାଙ୍ଗିବା ସହ ଦୁଇଟି ଗ୍ୟାସ୍ ସିଲିଣ୍ଡର, ଲାଇଟ୍ ଓ ଅନ୍ୟାନ୍ୟ ସାମଗ୍ରୀ ଚୋରି କରିଥିଲେ। ପରେ ଚୋରି ସାମଗ୍ରୀକୁ ପିପିଲି ଅଞ୍ଚଳରେ ବିକ୍ରି କରିଦେଇଥିଲେ। ଏନେଇ ରେଷ୍ଟୁରାଣ୍ଟ ମାଲିକ ନିରୁପମା ସ୍ୱାଇଁ ଇନ୍‌ଫୋସିଟି ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ପୋଲିସ ଘଟଣାର ତଦନ୍ତ ଚଳାଇ ଉପରୋକ୍ତ ୩ ଅଭିଯୁକ୍ତଙ୍କୁ ଗିରଫ କରିଛି।

# ସୂର୍ଯ୍ୟନଗର ଅଞ୍ଚଳରେ ବିଏମ୍‌ସିର ଗଣସଫେଇ

ଭୁବନେଶ୍ୱର,୯।୧୧ (ବନ୍ଦନା ସେଠୀ)

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ଗଣସଫେଇ କାର୍ଯ୍ୟକ୍ରମ ଜାରି ରହିଛି। ସହରକୁ ସ୍ୱଚ୍ଛ ଓ ସୁନ୍ଦର ରଖିବା ପାଇଁ ଜନସଚେତନତା ସହ ଗଣସଫେଇ କରାଯାଉଛି। ରବିବାର ୱାର୍ଡ ନଂ.୪୬ ଅନ୍ତର୍ଗତ ସୂର୍ଯ୍ୟନଗର ଅଞ୍ଚଳର ବିଭିନ୍ନ ରାସ୍ତାରେ ସଫେଇ ସହ ଗୋଷ୍ଠୀ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସୂର୍ଯ୍ୟନଗର ଅଲ୍ଲୀ ପାର୍କରୁ ଶିରିପୁର ମାର୍କେଟ ଛକ, ଅଲ୍ଲୀ ପାର୍କଠାରୁ ଏଚ୍‌ପି ଗ୍ୟାସ ଗଳି ଶେଷ, ଭେନସ୍ ରେଷ୍ଟୁରାଣ୍ଟଠାରୁ ଭିଜିଲାନ୍ସ ଅଫିସ ଦେଇ ଚିଲିକା ଫ୍ରେଶ୍ ପର୍ଯ୍ୟନ୍ତ ରାସ୍ତାଗୁଡିକର ସଫେଇ କରାଯାଇଥିଲା। ମେୟର ସୁଲୋଚନା ଦାସ, କର୍ପୋରେଟର ପୁଷ୍ପା ରାଉତ, ଅତିରିକ୍ତ କମିଶନର କୈଳାସ ଚନ୍ଦ୍ର ଦାସ, ଡେପୁଟି କମିଶନର ଏନ୍. ଗଣେଶ ବାବୁ ଏବଂ ଟିମ୍ ବିଏମ୍‌ସି ସହ ସ୍ଥାନୀୟ ନେତୃବୃନ୍ଦ ଏହି ଅଭିଯାନରେ ଯୋଗଦେଇଥିଲେ। ରାସ୍ତାକଡ଼ର ସଫେଇ ସାଙ୍ଗକୁ ଲାଇଟ ମରାମତି, ଡାଳକଟା, ନିର୍ମାଣ ଓ ଭଗ୍ନାବଶେଷ ବର୍ଜ୍ୟର ପରିଚାଳନା, ବୁଦା ସଫେଇ କରାଯାଇଥିଲା। ଭୁବନେଶ୍ୱରକୁ ସ୍ୱଚ୍ଛ, ସବୁଜ ଓ ସୁନ୍ଦର କରି ଗଢ଼ି ତୋଳିବାକୁ ଏହି କାର୍ଯ୍ୟକ୍ରମ ଜାରି ରହିବ ବୋଲି ମେୟର କହିବା ସହ ଜନସାଧାରଣଙ୍କ ସହଯୋଗ ଲୋଡ଼ିଥିଲେ।



ମେୟର ସୁଲୋଚନା ଦାସଙ୍କ ସହ ଅନ୍ୟମାନେ ସଫେଇ କରୁଛନ୍ତି।

# ଓଡ଼ିଶା ମନସ୍କରେ ଅଙ୍ଗେନିଭା କଥା ବଖାଣିଲେ ଯୁବବର୍ଗ




ଆଲୋଚନାଚକ୍ରରେ ଯୋଗଦେଇଥିବା ଯୁବବର୍ଗ।

ଭୁବନେଶ୍ୱର,୯। ୧୧ (ସୌମ୍ୟରଞ୍ଜନ ରାଉତ)

ଅଲ୍ ଥିଙ୍ଗସ୍ ଓଡ଼ିଶା ପକ୍ଷରୁ ମାସିକ ଆଲୋଚନାଚକ୍ର 'ଓଡ଼ିଶା ମନସ୍କର ୧୬ତମ ସଂସ୍କରଣ' ଶହୀଦନଗରସ୍ଥିତ ଏକ୍ସଟ୍ରାଅର୍ଡିନାରୀ ଓ ସେଫ୍ ଓଡ଼ିଶା ଫର୍ ହାର୍ ମୁଖ୍ୟାଳୟଠାରେ ରବିବାର ଅନୁଷ୍ଠିତ ହୋଇ ଯାଇଛି। ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟରତ ସମାଜର ଭିନ୍ନ ଭିନ୍ନ ବର୍ଗର ଲୋକମାନେ ମୁଖ୍ୟତଃ ଯୁବବର୍ଗ ଏଥିରେ ଯୋଗଦେଇ ଅଙ୍ଗେନିଭା କଥା ଓ ଅନୁଭୂତି ବଖାଣିଥିଲେ। ଏଥିସହ ଚଳିତ ବର୍ଷର ବିଷୟବସ୍ତୁ 'ଜାଣିବା ଓ ବିଶ୍ୱାସ କରିବା ଭିତରେ ଆମେ କିପରି ଆମର ମତାମତ ଓ ପରିଚୟ ସୃଷ୍ଟି କରୁଛୁ' ତାହା ଉପରେ ମତ ରଖିଥିଲେ। ଆଲୋଚକମାନେ ଆଶା ବା ଜିଜ୍ଞାସା କିପରି ଆମର ପରିଚୟ ଗଢୁଛି ଏବଂ ସେହି ଏକା ସମୟରେ କିଛି ବିଶ୍ୱାସ ଆମର ପ୍ରଗତି ପଥରେ ଅନ୍ତରାୟ ସୃଷ୍ଟି କରୁଛି, ସେ ବିଷୟରେ ଆଲୋଚନା କରିଥିଲେ। ସେସନକୁ ପରିଚାଳନା କରିଥିଲେ ସନ୍ଦିପ୍ ବଳ ଓ ସୋନାଲି ପ୍ରିୟଦର୍ଶିନୀ। ଏଥିସହ ମୋନାଲିସା, ଆଦିତ୍ୟ, ନଚିକେତା, ଆଲକା ଓ ଆକାଂକ୍ଷିତା ପ୍ରମୁଖ ସେସନ୍‌ରେ ଯୋଗଦେଇଥିଲେ।

# 'ପରିବେଶ, ପ୍ରକୃତି ବଞ୍ଚିଲେ ଆମେ ସମସ୍ତେ ବଞ୍ଚିବା'

## କୁଆଖାଇ ନଦୀକୂଳରେ ସଫେଇ

ବାଲିଅନ୍ତା,୯।୧୧ (ନୀଳମାଧବ ସାହୁ)

ଡିସେମ୍ବରରେ ମୁକ୍ତିଲାଭ କରିବ ଓଡ଼ିଆ ଫିଲ୍ମ 'ଲାଡୋ'। ଏନେଇ ଟିମ୍ ପକ୍ଷରୁ ରବିବାର ରାଜଧାନୀ ଉପକଣ୍ଠ କୁଆଖାଇ ନଦୀକୂଳ ଦେବୀଘାଟରେ ଏକ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଲାଡୋ ଫିଲ୍ମ ଟିମର ୮୦ କଳାକାର, ଟେକ୍ନିଆନ୍, ସ୍ୱେଚ୍ଛାସେବୀ ଓ ସାମାଜିକ କର୍ମୀ ଯୋଗଦେଇ କୁଆଖାଇ ନଦୀକୂଳରେ ସମୂହ ସଫେଇ କରିଥିଲେ। ବୋଇତ ବନ୍ଦାଣ ଉତ୍ସବରେ ଲୋକେ ଭସାଇଥିବା ସୋଲ ଓ କଦଳୀ ପାଟୁଆ ଡଙ୍ଗା ଜମି ରହିଥିବାରୁ ଆବର୍ଜନା ସୃଷ୍ଟି ହୋଇଥିଲା। ଫଳରେ ନଦୀକୂଳ ପରିବେଶ ଦୂଷିତ ହେବା ସହ ପାଣି ଉପରେ ଏହାର ପ୍ରଭାବ ପଡୁଥିଲା। ନଦୀକୂଳରେ ଜମିଥିବା ଅଳିଆ ଆବର୍ଜନାକୁ ହଟାଇବା ପାଇଁ ଟିମ୍ ପକ୍ଷରୁ ପ୍ରୟାସ କରାଯାଇଛି। ଏଥିସହ ସଂଗୃହୀତ ଏହି ଆବର୍ଜନାଗୁଡ଼ିକୁ ଜରି ବସ୍ତାରେ ଭର୍ତ୍ତି କରି ବିଏମ୍‌ସି ଅଳିଆ ଗାଡ଼ିକୁ ପଠାଯାଇଥିଲା। କାର୍ଯ୍ୟକ୍ରମରେ କଳାକାର ଶୁଭମ ସାଗର, ସୁଶାନ୍ତ ନାୟକ, ନିରଞ୍ଜନ ଆଚାର୍ଯ୍ୟ, ଅଶ୍ରୁମୋଚନ, ମିଟୁ ମିଥୁନ ସମେତ ପରିବେଶବିତ୍ ଓ ଟିମ୍‌ର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ରହି ସଫେଇ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଫିଲ୍ମ ନିର୍ଦ୍ଦେଶକ ସନ୍ତୋଷ ବିଶାଳ କୁହନ୍ତି ପ୍ରକୃତିର ସୁରକ୍ଷା ଓ ରକ୍ଷା ଆମ ଟିମ୍‌ର ମୂଳ ଲକ୍ଷ୍ୟ। ପରିବେଶ ଓ ପ୍ରକୃତି ବଞ୍ଚିଲେ ଆମେ ସମସ୍ତେ ବଞ୍ଚିବା। ଏହା ମାଧ୍ୟମରେ ଏକ ବାର୍ତ୍ତା ଦେଉଛୁ ସମସ୍ତେ ପରିବେଶ ପାଇଁ ସଜାଗ ରୁହନ୍ତୁ। ସମସ୍ତେ ଗଛ ଲଗାନ୍ତୁ ଓ ନିଜର ଆଖପାଖକୁ ସଫାସୁତୁରା ରଖନ୍ତୁ। ଲୋକମାନଙ୍କୁ ସଚେତନ କରିବା ପାଇଁ ଏଭଳି କାର୍ଯ୍ୟକ୍ରମ ଆୟୋଜନ କରୁଛୁ ବୋଲି ସେ ମତବ୍ୟକ୍ତ କରିଛନ୍ତି। ଏଥିସହ ଫିଲ୍ମର ଶୁଭମୁକ୍ତି ପରେ ମଧ୍ୟ ପ୍ରକୃତିର ସୁରକ୍ଷା ଦିଗରେ ଆମ ଟିମ୍ ତା'ର କାର୍ଯ୍ୟକ୍ରମ ଜାରି ରଖିବ ବୋଲି ସେ କହିଥିଲେ।

# ଏକାମ୍ର ବରିଷ୍ଠ ନାଗରିକ ସଂଘ ପକ୍ଷରୁ ଆଧାତ୍ମିକ ସଭା

ପୁରୁଣା ଭୁବନେଶ୍ୱର,୯।୧୧
(ସୁବାସ ଚନ୍ଦ୍ର ପ୍ରଧାନ)




କାର୍ଯ୍ୟକ୍ରମରେ ଜଗନ୍ନାଥ ସଂସ୍କୃତି ବିଶାରଦ ପଣ୍ଡିତ ବିଶ୍ୱନାଥ ଶତପଥୀ ଓ ଅନ୍ୟମାନେ।

ଏକାମ୍ର ବରିଷ୍ଠ ନାଗରିକ ସଂଘ ପକ୍ଷରୁ ଏକ ଆଧାତ୍ମିକ ସଭା ଶାସନପଡ଼ିଆସ୍ଥିତ କାର୍ଯ୍ୟାଳୟ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ସଙ୍ଗଠନର ସଭାପତି ହୃଷୀକେଶ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ବିଶିଷ୍ଟ ଜଗନ୍ନାଥ ସଂସ୍କୃତି ବିଶାରଦ ପଣ୍ଡିତ ବିଶ୍ୱନାଥ ଶତପଥୀ ଯୋଗଦେଇଥିଲେ। ଏହି ଅବସରରେ ପଣ୍ଡିତ ଶତପଥୀ ପଞ୍ଜିକର ମହତ୍ତ୍ୱ ଉପରେ କହିବା ସହିତ ସଂସାର ଭିତରୁ ନିଜକୁ ବାହାରକରି ଆଧାତ୍ମିକ ଚେତନାରେ ଉଦ୍‌ବୁଦ୍ଧ ହେବାକୁ ଶ୍ରୋତାଙ୍କୁ ନିବେଦନ କରିଥିଲେ। ସମ୍ପାଦକ ଧୀରେନ ପଟ୍ଟନାୟକ ସମାଜର ସବୁବର୍ଗର ଲୋକଙ୍କ ମନରେ ଧାର୍ମିକ ଚେତନା ସୃଷ୍ଟି କରିବା ଅପରିହାର୍ଯ୍ୟ ବୋଲି କହିଥିଲେ। ସେହିପରି ଉପଦେଷ୍ଟା ରାଜେନ୍ଦ୍ର ସମର୍ଥ ମତବ୍ୟକ୍ତ କରିଥିଲେ। ଉତ୍ସବର ବିଶିଷ୍ଟ ଅତିଥି ଖଦିବୋର୍ଡର ପୂର୍ବତନ ଅଧ୍ୟକ୍ଷ ସଂଗ୍ରାମ କେଶରୀ ପାଇକରାୟ, ପୂର୍ବତନ କର୍ପୋରେଟର ମଳୟ ମହାପାତ୍ର, ପୂର୍ବତନ ପ୍ରଶାସକ କୃଷ୍ଣ ଚନ୍ଦ୍ର ବଡୁ, କାଶୀନାଥ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉପସଭାପତି ଅଶୋକ ଆଚାର୍ଯ୍ୟ, ସୁରେନ୍ଦ୍ର ନାଥ ନନ୍ଦ, ରମାକାନ୍ତ ମହାନ୍ତି, ଯୁଗ୍ମ ସମ୍ପାଦକ ବିମଳ ପଟ୍ଟନାୟକ, ସକଳେଶ୍ୱର ପଟ୍ଟନାୟକ, ଅଜିତ ବିଶ୍ୱାଳ, ରମେଶ ଚନ୍ଦ୍ର ବେହେରା, କୋଷାଧ୍ୟକ୍ଷ ସୁଧାଂଶୁ ଶେଖର ମିଶ୍ର, ବିଷ୍ଣୁ ଚରଣ ମିଶ୍ର, ରାଧାନାଥ ମହାପାତ୍ର, ଅମ୍ବିକା ଶିଶୁ ଗୋସ୍ୱାମୀ, ହେମନ୍ତ ପଣ୍ଡା, ଆଇନଜୀବୀ ନୀହାର ରଞ୍ଜନ ସେଠୀ, ସରୋଜ ପ୍ରଧାନ, ସରୋଜ ପଣ୍ଡା, ବିଜୟ କୁମାର ମଲିଆ, ଗୌରମୋହନ ଦାଶ, ଜ୍ଞାନ ରଞ୍ଜନ ବଡୁ, ଅମିତ୍ କୁମାର ମଲିଆ, ଜ୍ଞାନେନ୍ଦ୍ର ପଟ୍ଟନାୟକ, ସତ୍ୟବ୍ରତ ନନ୍ଦ, ଗୌର ପ୍ରସାଦ ମହାନ୍ତି, ମୁନ୍ନା ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକାରୀ ସଭାପତି ଡ.ନୀତି ରଞ୍ଜନ ଚାନ୍ଦ ଧନ୍ୟବାଦ ଦେଇଥିଲେ।

# ନିର୍ଭୀକ ଖବର ପରିବେଷଣ ଶାସନ ବ୍ୟବସ୍ଥାକୁ ମାର୍ଜିତ କରିଥାଏ

## ୯୩ତମ ପ୍ରଦ୍ୟୁମ୍ନ ବଳ ଜୟନ୍ତୀ ସମାରୋହ

ଭୁବନେଶ୍ୱର,୯।୧୧(ବନ୍ଦନା ସେଠୀ)



ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ସହ ଅନ୍ୟ ଅତିଥିମାନେ ପ୍ରଦ୍ୟୁମ୍ନ ବଳ ସ୍ୱତନ୍ତ୍ର ବିଶେଷାଙ୍କକୁ ଉନ୍ମୋଚନ କରୁଛନ୍ତି।

ନିର୍ଭୀକ ଖବର ପରିବେଷଣ ଶାସନ ବ୍ୟବସ୍ଥାକୁ ମାର୍ଜିତ କରିଥାଏ। ସରକାରକୁ ବାଟକୁ ଆଣିବାକୁ ହେଲେ ଖବରଦାତାମାନେ ସ୍କୁଲ ଶିକ୍ଷକଙ୍କ ଭଳି ସରକାରଙ୍କ କାନ ମୋଡ଼ିବା ଦରକାର। ମାତ୍ର ଗଣମାଧ୍ୟମ ଚଳାଇବାକୁ ହେଲେ ବିଜ୍ଞାପନ ଆବଶ୍ୟକ। ବିଜ୍ଞାପନ ନ ଆସିବା ଭୟରେ ଠିକ୍ ଖବରକୁ ଲୁଚାଇ ଦିଆଯାଇଥାଏ। ଫଳରେ ପ୍ରକୃତ ତଥ୍ୟ ଲୋକଲୋଚନକୁ ଆସିପାରୁନାହିଁ। ଏଥିଯୋଗୁ ଶାସନ ବ୍ୟବସ୍ଥା ଦିନକୁଦିନ ତଳକୁ ଖସିଯାଉଛି ବୋଲି ଆଇନ, ଅବକାରୀ ଓ ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି। ଶନିବାର ପ୍ରଦ୍ୟୁମ୍ନ ବଳଙ୍କ ୯୩ତମ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହରେ ଅତିଥି ଭାବେ ଯୋଗଦେଇ ମନ୍ତ୍ରୀ ଏହା କହିଛନ୍ତି।

ଉଦ୍‌ଘାଟକ ଭାବେ ଯୋଗଦେଇ ପୂର୍ବତନ ମୁଖ୍ୟ ବିଚାରପତି ଜଷ୍ଟିସ୍ ପ୍ରଦୀପ କୁମାର ମହାନ୍ତି କହିଲେ, ସ୍ୱର୍ଗତ ବଳ ଏକାଧାରରେ ଜଣେ ରାଜନେତା, ସାମ୍ବାଦିକ, କଳାକାର, କିମ୍ବଦନ୍ତୀ ପୁରୁଷ ଓ ଶିକ୍ଷାବିତ୍ ଥିଲେ। ପ୍ରଗତିଶୀଳ ସମାଜ ଗଠନରେ ତାଙ୍କର ଭୂମିକା ଅତୁଳନୀୟ ଥିଲା। ସ୍ତମ୍ଭକାର ଅଧ୍ୟାପକ ବିଶ୍ୱରଞ୍ଜନ ମୁଖ୍ୟବକ୍ତା ଭାବେ ଯୋଗଦେଇ କହିଲେ, ବର୍ତ୍ତମାନ ବିଜ୍ଞାପନରେ ଖବରକାଗଜ ଭରିଯାଉଛି। ନିର୍ଭୀକ ଖବରକାଗଜ ପ୍ରକାଶ ଲାଗି ଅନେକ କୁଣ୍ଠାବୋଧ କରୁଛନ୍ତି। ଫଳରେ ମୂଲ୍ୟବୋଧ ଧୀରେ ଧୀରେ ହ୍ରାସ ପାଉଛି। ତେଣୁ ସାମ୍ବାଦିକତାକୁ ଏକ ବ୍ରତ ଭାବେ ଗ୍ରହଣ କରିବାକୁ ଅଧ୍ୟାପକ ବିଶ୍ୱରଞ୍ଜନ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ମାହାଙ୍ଗା ବିଧାୟକ ସାରଦା ପ୍ରଧାନ ଯୋଗଦେଇ ସ୍ୱର୍ଗତ ବଳଙ୍କ ସ୍ମୃତିଚାରଣ କରିଥିଲେ। ସମାରୋହରେ ପ୍ରଫେସର ଓଁକାରନାଥ ମହାନ୍ତି ସଭାପତିତ୍ୱ କରିଥିଲେ। ଅଭ୍ୟର୍ଥନା କମିଟି ଅଧ୍ୟକ୍ଷ ଜଷ୍ଟିସ୍ ମନୋରଞ୍ଜନ ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରଗତିବାଦୀର କାର୍ଯ୍ୟନିର୍ବାହୀ ସମ୍ପାଦକ ବିରୂପାକ୍ଷ ତ୍ରିପାଠୀ ମଞ୍ଚ ପରିଚାଳନା ଓ ନିର୍ଦ୍ଦେଶିକା ଡ. ମୋନାଲିସା ବଳ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ପ୍ରଦ୍ୟୁମ୍ନ ବଳ ସ୍ୱତନ୍ତ୍ର ବିଶେଷାଙ୍କ ଉନ୍ମୋଚନ ହେବା ସହ ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

## ଆନ୍ତଃ ଜିଲାସ୍ତରୀୟ ଏନ୍‌ଏସ୍‌ଏସ୍ ନେତୃତ୍ୱ ବିକାଶ ପ୍ରଶିକ୍ଷଣ ଶିବିର

ନିଶ୍ଚିନ୍ତକୋଇଲ,(ଅଶୋକ କୁମାର ମହାପାତ୍ର):ନିଶ୍ଚିନ୍ତକୋଇଲି ପଞ୍ଚାୟତ ପ୍ରହ୍ଲାଦ ମହାବିଦ୍ୟାଳୟ ପରିସରରେ ତ୍ରିଦିବସୀୟ ଆନ୍ତଃଜିଲାସ୍ତରୀୟ ଜାତୀୟ ସେବା ଯୋଜନାର ନେତୃତ୍ୱ ବିକାଶ ପ୍ରଶିକ୍ଷଣ ଶିବିର ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ଉତ୍ସବରେ ମହାବିଦ୍ୟାଳୟର ଅଧକ୍ଷା ଡ. ତରୁଲତା ଦେବୀ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ ମାହାଙ୍ଗା ବିଧାୟକ ସାରଦା ପ୍ରଧାନ , ଡ. ପ୍ରଭାସ ଆଚାର୍ଯ୍ୟ,ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ଏନ୍‌ଏସ୍‌ଏସ୍ ସଂଯୋଜକ ଡ. ମନୋରଞ୍ଜନ ମହାନ୍ତି, ଉତ୍କଳ ବିଶ୍ୱବିଦ୍ୟାଳୟ ଏନ୍‌ଏସ୍‌ଏସ ସଂଯୋଜକ ଡ. ବ୍ରଜ ନାରାୟଣ ପାତ୍ର, ନିଶ୍ଚିନ୍ତକୋଇଲି ପଞ୍ଚାୟତ ସମିତି ଉପାଧକ୍ଷ ନୃସିଂହ ଚରଣ ମିଶ୍ର ପ୍ରମୁଖ ଅତିଥିରୂପେ ଯୋଗଦେଇଥିଲେ।

# ସ୍କୁଟି ଧକ୍କାରେ ଟ୍ରକ୍ ଚାଳକ ମୃତ

ମଙ୍ଗୁଳି–ଜଗତପୁର,୯।୧୧(ମାନସ ସାମଲ):

ଟାଙ୍ଗୀ ଥାନା ଅଧୀନ ୧୬ନଂ. ଜାତୀୟ ରାଜପଥର ହନୁମାନ ପେଟ୍ରୋଲ ପମ୍ପ ସମ୍ମୁଖରେ ରବିବାର ଏକ ସ୍କୁଟି ଧକ୍କାରେ ଜଣେ ଟ୍ରକ ଚାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ପଞ୍ଜାବ ହୁସୁଆରପୁରର ବଲବୀର ସିଂ। ଏହି ଦୁର୍ଘଟଣାରେ ସ୍କୁଟିଚାଳକ ମଧ୍ୟ ଗୁରୁତର ହୋଇଛନ୍ତି। ସେ ହେଲେ ଟାଙ୍ଗୀ–ଚୌଦ୍ୱାର ବ୍ଲକ ଶାଳଗାଁ ଗ୍ରାମର ନରେନ୍ଦ୍ର କାନୁନ୍‌ଗୋ। ରବିବାର ସନ୍ଧ୍ୟା ପ୍ରାୟ ସାଢେ ୭ଟାରେ ବଲବୀର ଟ୍ରକ୍‌କୁ ପେଟ୍ରୋଲ ପମ୍ପ ସମ୍ମୁଖରେ ଛିଡ଼ା କରି ଅନ୍ୟ ପଟକୁ ଚାଲି ଚାଲି ରାସ୍ତା ଅତିକ୍ରମ କରୁଥିଲେ। ଏହି ସମୟରେ ନରେନ୍ଦ୍ର ସ୍କୁଟି ଯୋଗେ ମଙ୍ଗୁଳି ପଟୁ ଟାଙ୍ଗୀ ଅଭିମୁଖେ ଯାଉଥିବାବେଳେ ବଲବୀରଙ୍କୁ ସାମ୍ନା ପଟୁ ଧକ୍କା ଦେଇଥିଲେ। ଫଳରେ ଉଭୟ ରାସ୍ତା ପାର୍ଶ୍ୱକୁ ଛିଟିକି ପଡ଼ିଥିଲେ। ବଲବୀରଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗି ପ୍ରଚୁର ରକ୍ତସ୍ରାବ ହୋଇଥିବାବେଳେ ନରେନ୍ଦ୍ର ସଂଜ୍ଞାହୀନ ହୋଇ ପଡିଥିଲେ। ଘଟଣାସ୍ଥଳରେ ପାଟ୍ରୋଲିଂ ପୋଲିସ ଉଭୟଙ୍କୁ ଗୁରୁତର ଅବସ୍ଥାରେ କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଡାକ୍ତର ସେଠାରେ ବଲବୀରଙ୍କୁ ମୃତ ଘୋଷଣା କରିଛନ୍ତି। ପୋଲିସ ଗାଡ଼ି ୨ଟିକୁ ଜବତ କରିବା ସହ ତଦନ୍ତ ଜାରି ରଖିଛି।

# ରାସ୍ତା କାମରେ ଅବ୍ୟବସ୍ଥା: ଅଟକିଲା ଶତାଧିକ ଗାଡ଼ି

## ସ୍ଥାନୀୟ ଜନସାଧାରଣଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ

ଡିଗିରିଆ,୯।୧୧(ଜାଫର ଖାଁ)–



ରାସ୍ତା କାମ ଯୋଗୁ ଗାଡ଼ି ଗୁଡ଼ିକ ଅଟକି ରହିଛି।

ଡିଗିରିଆ ବ୍ଲକ ଅନ୍ତର୍ଗତ କଟକ–ନରସିଂହପୁର ୬୫ ନମ୍ବର ରାଜ୍ୟ ରାଜପଥର ରାସ୍ତା ଉପରେ ନୂତନ ପିଚୁ ପକାଇବା ଦାୟିତ୍ୱ ନେଇଥିବା ଠିକା ସଂସ୍ଥାର ଅବ୍ୟବସ୍ଥା ଯୋଗୁ ଲୋକେ ହନ୍ତସନ୍ତ ହୋଇଛନ୍ତି। ଏନେଇ ଜନସାଧାରଣଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

ସମ୍ପୃକ୍ତ ଠିକା ସଂସ୍ଥା ରବିବାର ଅପରାହ୍ନରେ ବ୍ଲକର ବିନ୍ଧାଣିମା ହନୁମାନ ମନ୍ଦିରଠାରୁ ନୂଆପାଟଣା ଓଷା ପୂଜା ଶଙ୍ଖ ମଧ୍ୟରେ ରାସ୍ତା ଉପରେ ପିଚୁ ପକାଇବା କାର୍ଯ୍ୟ କରୁଥିଲା। ମାତ୍ର ଏହି ବ୍ୟସ୍ତ ବହୁଳ ରାସ୍ତାରେ ଗାଡି ଯାତାୟାତ ପାଇଁ କୌଣସି ସ୍ୱତନ୍ତ୍ର ବ୍ୟବସ୍ଥା କରି ନ ଥିଲା। ଅପରପକ୍ଷେ ରାସ୍ତାର ଗୋଟିଏ ପାର୍ଶ୍ୱରେ ନୂତନ ପିଚୁ ପକାଇଥିଲେ। ଏଥିଯୋଗୁ ରାସ୍ତାର ଉଭୟ ପାର୍ଶ୍ୱରେ ଶତାଧିକ ଗାଡି ଅଟକି ରହିଥିଲା। ଏପରିକି ଅତ୍ୟାବଶ୍ୟକ ସେବା ଯୋଗାଉଥିବା ଗାଡି ମଧ୍ୟ ଯାତୟାତ କରି ନପାରି ଠିଆ ହୋଇ ରହିଥିଲା। ଫଳରେ ଲୋକେ ଅସନ୍ତୋଷବ୍ୟକ୍ତ କରି ବିଭାଗୀୟ ଅଧିକାରୀ କିମ୍ବା କର୍ମଚାରୀଙ୍କୁ ଖୋଜିବାରୁ କେହି ଉପସ୍ଥିତ ନଥିବାରୁ ଉତ୍ତେଜନା ପ୍ରକାଶ ପାଇଥିଲା। ପରେ ସ୍ଥାନୀୟ ଅଞ୍ଚଳର କେତେଜଣ ଯୁବକଙ୍କ ଉଦ୍ୟମରେ ଗାଡି ଚଳାଚଳ ସ୍ୱାଭାବିକ ହୋଇଛି। ଏହି ରାସ୍ତା କାମ ସମୟରେ ପୂର୍ତ୍ତ ବିଭାଗ ଅଧିକାରୀ କିମ୍ବା କର୍ମଚାରୀ ଉପସ୍ଥିତ ନ ଥିବାରୁ କୋଟି କୋଟି ଟଙ୍କା ବ୍ୟୟରେ ହେଉଥିବା ଏହି ରାସ୍ତାର ମାନକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ପୂର୍ବରୁ ମଧ୍ୟ ଏହି ଠିକ ସଂସ୍ଥା ପକ୍ଷରୁ ବ୍ଲକର ଗୋପୀନାଥପୁର ଶାସନ ଛକ ଠାରୁ ବିନ୍ଧାଣିମା ବାଇପାସ ମଧ୍ୟରେ ତିଆରି ହୋଇଥିବା ରାସ୍ତା ଅତ୍ୟନ୍ତ ନିମ୍ନମାନର ହୋଇଥିବା ଅଭିଯୋଗ ହୋଇଥିଲା। ଏହାର ପ୍ରତିବାଦ କରି ସ୍ଥାନୀୟ ଲୋକ କାମ ବନ୍ଦ କରିଥିଲେ। ଏହି ରାସ୍ତା ନିର୍ମାଣର ଏକ ମାସ ନ ପୂରୁଣୁ ଅନେକ ସ୍ଥାନରେ ପିଚୁ ଉଠିଯାଇ ବଡ଼ ବଡ଼ ଖାଲ ସୃଷ୍ଟି ହୋଇଥିବା ଦେଖିବାକୁ ମିଳିଛି।

ପ୍ରତ୍ୟହ ଏହି ରାସ୍ତାରେ ଶତାଧିକ ଭାରିଯାନ, ଗାଡିମୋଟର ଯାତାୟାତ କରୁଥିବା ଏହି ବ୍ୟସ୍ତ ବହୁଳ ରାସ୍ତାରେ ଏଭଳି ଖାଲ ସୃଷ୍ଟି ହୋଇଥିବା କାରଣରୁ ଜନସାଧାରଣ ଅସୁବିଧା ଭୋଗୁଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ପୂର୍ତ୍ତ ବିଭାଗ ଏସଡିଓ ତ୍ରିଲୋଚନ ସାହୁଙ୍କୁ ପଚାରିବାରେ ରବିବାର ଛୁଟି ଥିବାରୁ ବିଭାଗୀୟ ଅଧିକାରୀ ଉପସ୍ଥିତ ନ ଥିବା କଥା କହିଥିଲେ। ଏଥିସହ ନିମ୍ନମାନର ରାସ୍ତା ନିର୍ମାଣ ସମ୍ପର୍କରେ ଠିକା ସଂସ୍ଥାକୁ ଚିଠି ଲେଖିବା ସହ ଖରାପ ହୋଇଥିବା ରାସ୍ତାକୁ ଯଥାଶୀଘ୍ର ମରାମତି କରିବାକୁ କୁହାଯିବ ବୋଲି ସାହୁ କହିଛନ୍ତି।

# ବିବାଦରୁ ଓହରିଗଲେ ତହସିଲଦାର

କଟକ ସଦର,୯।୧୧
(ସୁଶାନ୍ତ କୁମାର ଜେନା):

କିଶନନଗର ତହସିଲ ଅନ୍ତର୍ଗତ ଖେଣ୍ଟାଳ ମୌଜାର ମହାନଦୀ ପାର୍ଶ୍ୱରେ ଥିବା ଗୋଚର କିସମ ଜମିରେ ସ୍ଥାୟୀ ନିର୍ମାଣ କାର୍ଯ୍ୟ ଚାଲିଛି। ସରକାରୀ ରେକର୍ଡରେ ଏହି ଜାଗାଟି ବେଆଇନ ଦଖଲରେ ଏକ ପ୍ରାଥମିକ ବିଦ୍ୟାଳୟ ରହିଥିବା ଉଲ୍ଲେଖ ରହିଛ। ତେଣୁ ଏହି ସ୍ଥାନରେ ନୂଆ ନିର୍ମାଣ କରିବା ପାଇଁ ନିଶ୍ଚିନ୍ତକୋଇଲି ବ୍ଲକ ପକ୍ଷରୁ କିଶନ ନଗର ତହସିଲଦାରଙ୍କ ଅନୁମତି ମଗାଯାଇଥିଲା। ମାତ୍ର ଏହି ବିବାଦରୁ ତହସିଲଦାର ଓହରିଯାଇଛନ୍ତି। ମରାମତି ପାଇଁ ଅନୁମତି ଦେବା ତାଙ୍କର କ୍ଷମତା ପରିସରଭୁକ୍ତ ନୁହେଁ ବୋଲି ତହସିଲଦାର କ୍ଷୀରୋଦ ଚନ୍ଦ୍ର ଦାଶ ପତ୍ର ସଂଖ୍ୟା ୨୬୬୫/୫–୮–୨୦୨୫ରେ ଜଣାଇଛନ୍ତି। ପ୍ରାପ୍ତ ବିବରଣୀରୁ ପ୍ରକାଶ ଯେ, ଖେଣ୍ଟାଳ ମୌଜା ଖାତା ନଂ. ୧୯୦, ପ୍ଲଟ ନଂ. ୧୫ରେ ବଳରାମପୁର ପ୍ରାଥମିକ ବିଦ୍ୟାଳୟର ନାମ ରହିଛି ବୋଲି ଜମିପଟ୍ଟାର ମନ୍ତବ୍ୟ ସ୍ତମ୍ଭରେ ଲେଖାରହିଛି। ବର୍ତ୍ତମାନ ସେହି ସ୍ଥାନରେ ବିଦ୍ୟାଳୟ ନାହିଁ। କିନ୍ତୁ ବ୍ଲକ ପ୍ରଶାସନ ପକ୍ଷରୁ ତହସିଲଦାରଙ୍କୁ ମଗାଯାଇଥିବା ଏନ୍‌ଓସିରେ ବିଦ୍ୟାଳୟ ମରାମତି କରାଯିବା ନେଇ ପତ୍ର ସଂଖ୍ୟା ୨୯୧୩/୧୮–୭–୨୦୨୫ରେ ଉଲ୍ଲେଖ ରହିଛି। କିନ୍ତୁ ସୂଚନାଫଳକରେ ଆଦିଶକ୍ତି ବୈଷୟିକ ଗ୍ରାମୀଣ ଉଦ୍ୟାନ ବୋଲି ଉଲ୍ଲେଖ ରହିଥିବାରୁ ଏଭଳି ବିବାଦୀୟ ସ୍ଥିତିରୁ ତହସିଲଦାର ଦାଶ ନିଜକୁ ଦୂରେଇ ରଖିଛନ୍ତି ବୋଲି କହିଛନ୍ତି।

# ନୂଆପଡ଼ା ନିର୍ବାଚନରେ ଭାଜପାର ଘରକୁ ଘର ପ୍ରଚାର



ଭାଜପା ପ୍ରାର୍ଥୀଙ୍କ ପାଇଁ ଟାଙ୍ଗୀ–ସାଲେପୁର ଦଳୀୟ ନେତା ହିମାଂଶୁ ମହାନ୍ତିଙ୍କ ନେତୃତ୍ୱରେ ଏକ ପ୍ରତିନିଧିମଣ୍ଡଳୀ ପ୍ରଚାର କରୁଛନ୍ତି।

ମଙ୍ଗୁଳି–ଜଗତପୁର,୯।୧୧
(ମାନସ ସାମଲ):

ନୂଆପଡ଼ା ଉପ–ନିର୍ବାଚନ ପ୍ରଚାରର ଶେଷ ଦିନରେ ଗାଁଠୁ ସହର କମ୍ପିଛି। ଏହି ପରିପ୍ରେକ୍ଷୀରେ ଟାଙ୍ଗୀ–ସାଲେପୁର ବରିଷ୍ଠ ଭାଜପା ନେତା ହିମାଂଶୁ ମହାନ୍ତିଙ୍କ ନେତୃତ୍ୱରେ ରବିବାର ଏକ ପ୍ରତିନିଧିମଣ୍ଡଳୀ ଘରକୁ ଘର କ୍ୟାମ୍ପେନିଂ କରି ଭାଜପା ପ୍ରାର୍ଥୀ ଜୟ ଢୋଲକିଆଙ୍କ ପୁସିଂ କାର୍ଡ ଦେଇ ସମ୍ପୃକ୍ତ ପ୍ରାର୍ଥୀଙ୍କୁ ଭୋଟ ଦେବାକୁ ନିବେଦନ କରିଛନ୍ତି। ଏହି ସମୟରେ ଜଗତ୍‌ସିଂହପୁର ବିଧାୟକ ଅମରେନ୍ଦ୍ର ଦାସ, କେନ୍ଦୁଝର ଏମ୍‌ପି ଅନନ୍ତ ନାୟକ, ପଞ୍ଚାୟତ ସଭାପତି ନରେଶ ସାହୁ, ରୂପକୁମାର ମାଝୀ, ସଞ୍ଜୟ ବରିହା, ଲକି ସାହୁ, ଦିନେଶ କୁମାର ସାହୁ, ଟପସିଂହ ସାହୁଙ୍କ ସମେତ ବହୁ ମହିଳା ମୋର୍ଚ୍ଚା ନେତ୍ରୀ, କୃଷକ ମୋର୍ଚ୍ଚା, ବିସ୍ତାରକ ରାମଚନ୍ଦ୍ର ନାୟକ, ସାଲେପୁରର ଭାଜପା କର୍ମୀ କୁଞ୍ଜମୋହନ ସେଠୀ, ମୀନକେତନ ଦାସ, ମନୋରଞ୍ଜନ ବିଶ୍ୱାଳ, ଶଶିକାନ୍ତ ମହାନ୍ତି, ଅଜୟ ସ୍ୱାଇଁ, ଦିବାକର ପ୍ରଧାନ ପ୍ରମୁଖଙ୍କ ସମେତ ବହୁ ସ୍ଥାନୀୟ କର୍ମୀ ଯୋଗଦେଇ ଘରକୁ ଘର ବୁଲି ଭାଜପା ପ୍ରାର୍ଥୀ ଜୟ ଢୋଲକିଆଙ୍କ ପାଇଁ ଭୋଟ ମାଗିଥିଲେ।

# ୩ ପରିବାରକୁ ମିଳିଛି ମାତ୍ର ୩୦ ହଜାର ଟଙ୍କା ସହାୟତା

## ଆପାର୍ଟମେଣ୍ଟ ବାଲ୍‌କୋନି ଭୁଶୁଡ଼ି ୩ ମୃତ ଘଟଣା: ମୃତକଙ୍କ ଶେଷକୃତ୍ୟ ସମ୍ପନ୍ନ

କଟକ,୯।୧୧(କାର୍ତ୍ତିକ ସାହୁ)

ବକ୍ସିବଜାର ଅଞ୍ଚଳର ମଣିସାହୁ ଛକଠାରେ ଶନିବାର ଏକ ୫ ମହଲା ଆପାର୍ଟମେଣ୍ଟର ବାଲକୋନି ଭୁଶୁଡ଼ି ଗୋଟିଏ ପରିବାରର ୩ଜଣଙ୍କ ମୃତ୍ୟୁ ଘଟିଥିଲା। ମୃତ ଅବଦୁଲ ଜଲିଲ (୬୦), ଅବଦୁଲ ଜାହିଦ (୩୦) ଏବଂ ଅବଦୁଲ ମୁଜାହିଦ୍ (୪)ଙ୍କ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ପକ୍ଷରୁ ଯଥାରୀତି ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ୩ ମୃତକଙ୍କ ପାଇଁ କଟକ ମହାନଗର ନିଗମ ପକ୍ଷରୁ ତୁରନ୍ତ ୩୦ ହଜାର ଟଙ୍କାର ସହାୟତା ରାଶି ୨ପ୍ରଦାନ କରାଯାଇଛି। ଆହତମାନେ ମେଡିକାଲରୁ ଫେରିଥିବାବେଳେ ଏବେ ସେମାନଙ୍କ ସମ୍ପର୍କୀୟଙ୍କ ଘରେ ରହି ଚିକିତ୍ସିତ ହେଉଛନ୍ତି। ଆହତ ମହିଳା ରେହେମାତୁନ ନିଶା ବକ୍ସିବଜାରର ଜଣେ ସମ୍ପର୍କୀୟଙ୍କ ଘରେ ରହୁଥିବାବେଳେ କୌଣସି ପ୍ରକାର ସହାୟତା ପାଇ ନ ଥିବା କହିଛନ୍ତି। ସେ ମୃତ ଅବଦୁଲ ଜଲିଲଙ୍କ ଭାଇବୋହୂ। ତାଙ୍କ ଘର ସମ୍ପୂର୍ଣ୍ଣ ଧୂଳିସାତ୍ ହୋଇଥିବାବେଳେ ଜୀବନ ବିତାଇବାର କୌଣସି ରାହା ନାହିଁ। ତେଣୁ ତାଙ୍କୁ ସରକାରୀ ସହାୟତା ମିଳୁ ବୋଲି ସେ କହିଛନ୍ତି। ଅନ୍ୟତମ ଆହତ ଶିଶୁ ରେହାନ ଖାନ(୮)ଙ୍କ ଘର ବେପାରୀସାହିରେ ହୋଇଥିବାବେଳେ ସେ ଏଠାକୁ ବୁଲିବାକୁ ଆସି ଦୁର୍ଘଟଣାର ଶିକାର ହୋଇଛନ୍ତି। ସେ ଏବେ ମେଡିକାଲରୁ ତାଙ୍କ ଘରକୁ ଫେରିଆସିଛନ୍ତି। ଅନ୍ୟପକ୍ଷରେ ଆହତ ସାହିନା(୨୯) ବେଗମ ହେଉଛନ୍ତି ମୃତ ଅବଦୁଲ ଜାହିଦଙ୍କ ସ୍ତ୍ରୀ। ସେ ମେଡିକାଲରୁ ତାଙ୍କର ଆହତ ୩ ବର୍ଷୀୟ ଶିଶୁପୁତ୍ର ଅବଦୁଲ ରେହେମାନଙ୍କୁ ନେଇ ଏବେ ତାଙ୍କ ବାପାଘର ପାଗାକୁ ଚାଲିଯାଇଥିବା ତାଙ୍କ ସାନ ଶାଶୁ ରେହେମାତୁନ ନିଶା କହିଛନ୍ତି।

# ନ୍ୟାୟିକ ପ୍ରକ୍ରିୟାରେ ଆଇନଜୀବୀମାନେ ଯତ୍ନବାନ ହୁଅନ୍ତୁ



ନିଶ୍ଚିନ୍ତକୋଇଲି ଅଦାଲତ ପ୍ରତିଷ୍ଠା ଦିବସ କାର୍ଯ୍ୟକ୍ରମରେ ଯୋଗଦେଇଥିବା ବିଚାରପତି ଓ ଆଇନଜୀବୀମାନେ।

## ନିଶ୍ଚିନ୍ତକୋଇଲି ଅଦାଲତ ପ୍ରତିଷ୍ଠା ଦିବସ

ନିଶ୍ଚିନ୍ତକୋଇଲି,୯।୧୧
(ଅଶୋକ କୁମାର ମହାପାତ୍ର):

ନିଶ୍ଚିନ୍ତକୋଇଲି ଦେୱାନୀ ଅଦାଲତ(କନିଷ୍ଠ) ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ବିଚାରପତିଙ୍କ ଅଦାଲତର ପ୍ରଥମ ବାର୍ଷିକ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ଉତ୍ସବରେ ବରିଷ୍ଠ ଆଇନଜୀବୀ ଅମରେନ୍ଦ୍ର ନାରାୟଣ ଦାସ ସଭାପତିତ୍ୱ କରିଥିଲେ। ଏଥିରେ ଅତିଥିଭାବେ ସାଲେପୁର ଅତିରିକ୍ତ ଜିଲା ଓ ଦୌରାଜଜ୍ ସରୋଜ କୁମାର ଦାଶ, ସିଭିଲ ଜଜ୍‌ସିନିୟର ଡିଭିଜନ ମଳୟ କୁମାର ପ୍ରଧାନ, ସିଭିଲ ଜୁନିୟର ଡିଭିଜନ ଜଜ୍ ରୋହିଣୀ ବିଶ୍ୱାଳ, ସିଭିଲ ଜଜ୍ ଜୁନିୟର ଡିଭିଜନ ନିଶ୍ଚିନ୍ତକୋଇଲି ଜେଏମ୍‌ଏଫସି ବିଚାରପତି ରୀତି ତ୍ରିପାଠୀ ପ୍ରମୁଖ ଯୋଗଦେଇ କେକ୍ କାଟି ପ୍ରତିଷ୍ଠା ଦିବସକୁ ପାଳନ କରିଥିଲେ। ନ୍ୟାୟିକ ପ୍ରକ୍ରିୟାରେ ଆଇନଜୀବୀମାନେ ଯତ୍ନବାନ ହୁଅନ୍ତୁ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ଆଇନଜୀବୀ ସାଲେପୁର ବାର ଆସୋସିଏଶନର ସଭାପତି ବିକ୍ରମ କେଶରୀ ବଳ,ସମ୍ପାଦକ ଭାସ୍କର ଚନ୍ଦ୍ର ବେହେରା, ଉପସଭାପତି ଶ୍ରୀମତ ରଥ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ବରିଷ୍ଠ ଆଇନଜୀବୀ ଚିତ୍ତରଞ୍ଜନ ରାଉତରାୟ ଅତିଥି ପରିଚୟ ଓ ଶେଷରେ ଆଇନଜୀବୀ ପ୍ରଦୀପ୍ତ କିଶୋର ଷଡ଼ଙ୍ଗୀ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସରକାରୀ ଓକିଲ ଜୟନ୍ତ ସାମନ୍ତରାୟ, ଅଶୋକ କୁମାର ମହାପାତ୍ର ,ନିଶ୍ଚିନ୍ତକୋଇଲି ଥାନା ଆଇଆଇସି ଯୁଗଳ କିଶୋର ଦାସ, ନେମାଳ ଥାନା ଆଇଆଇସି ସୁଶିଲ କୁମାର ଦାସ, ଆଇନଜୀବୀ ଜିତେନ୍ଦ୍ର କୁମାର ମିଶ୍ର, ଜିତେନ୍ଦ୍ର କୁମାର ସ୍ୱାଇଁ, ମୀର ଜମାଲ ଉଦ୍ଦିନ ମୂଷା,ତନ୍ମୟ ବେଉରିଆ ପ୍ରମୁଖ ସହଯୋଗ କରିଥିଲେ।

# ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ: କୃତୀ ଛାତ୍ରୀଛାତ୍ରଙ୍କୁ ମାନପତ୍ର ପ୍ରଦାନ

ବାଙ୍କୀ,୯।୧୧(ଶୁଭେନ୍ଦୁ ମହାପାତ୍ର/ସୁବ୍ରତ କୁମାର ନାୟକ):

ବାଙ୍କୀ – ଡମପଡ଼ା ବ୍ଲକ ଅନ୍ତର୍ଗତ ଯୋରକୁଳ ଗ୍ରାମରେ ରବିବାର ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ପର୍ବତେଶ୍ୱର ସାହିତ୍ୟ ଓ ସଂସ୍କୃତି ସଂସଦ ସମ୍ପାଦକ କବିରତ୍ନ ବିଦ୍ୟାଧର ଖଟୁଆ, ସମ୍ମାନିତ ଅତିଥିଭାବେ ଭକ୍ତବନ୍ଧୁ ଖଟୁଆ, ସାଧୁଚରଣ ଖଟୁଆ ପ୍ରମୁଖ ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ଏହି ଅବସରରେ କୁନି କୁନି କଳାକାରମାନଙ୍କ ଦ୍ୱାରା ନୃତ୍ୟ, ସଙ୍ଗୀତ, ନାଟକ ଆଦି ବିଭିନ୍ନ ବିଭାଗ ପ୍ରତିଯୋଗିତା କରାଯାଇଥିଲା। ଗ୍ରାମାଞ୍ଚଳର ଲୁକ୍‌କାୟିତ କୁନି ପ୍ରତିଭାମାନଙ୍କ ଅତି ସୁନ୍ଦର ଓ ନିଖୁଣ ଅଭିନୟ ପ୍ରଦର୍ଶନ ଲୋକମାନଙ୍କୁ ବେଶ୍ ଆକୃଷ୍ଟ କରିଥିଲା। ଯୋରକୁଳ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର କୃତୀ ଛାତ୍ରୀଛାତ୍ରଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ଶିକ୍ଷକ ମନୋଜ କୁମାର ଖଟୁଆ ଏବଂ ବିରଞ୍ଚି କୁମାର ଖଟୁଆ ପରିଚାଳନା କରିଥିଲେ। ସତ୍ୟ ପ୍ରକାଶ ଖଟୁଆ ଧନ୍ୟବାଦ ଅର୍ପଣ କରିଥିଲେ।

# ଭାଜପାର ଏକତା ପଦଯାତ୍ରା, କର୍ମଶାଳା

ନିଶ୍ଚିନ୍ତକୋଇଲି, ୯।୧୧
(ଅଶୋକ କୁମାର ମହାପାତ୍ର) :

ମାହାଙ୍ଗା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ନିଶ୍ଚିନ୍ତକୋଇଲି ବ୍ଲକରେ ଭାଜପାର ଏକତା ପଦଯାତ୍ରା ଓ କର୍ମକର୍ତ୍ତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ରାପଡା ଏମ୍‌ପି ତଥା ଭାଜପା ରାଷ୍ଟ୍ରୀୟ ଉପାଧକ୍ଷ ବୈଜୟନ୍ତ ପଣ୍ଡା, କଟକ ଜିଲା ସଭାପତି ରାମ ନାରାୟଣ ମହାନ୍ତି ଓ ମାହାଙ୍ଗା ଭାଜପା ନେତା ସୁମନ୍ତ ଘଡେଇ ପମୁଖ ଏଥିରେ ଯୋଗଦେଇଥିଲେ। ଏହି ଅବସରରେ ନିଶ୍ଚିନ୍ତକୋଇଲି ଗାନ୍ଧୀ ସ୍ମାରକୀ ପୀଠରୁ ଏକ ବିରାଟ ପଦଯାତ୍ରାରେ ବାହାରି କେନ୍ଦୁପାଟଣା ସୌଦାମିନି ମଣ୍ଡପ ପର୍ଯ୍ୟନ୍ତ ଯାଇଥିଲା। ସେଠାରେ ଦଳୀୟ କାର୍ଯ୍ୟକର୍ତାମାନଙ୍କର ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି କର୍ମଶାଳାରେ ଭାଜପା ନେତା ଆଇନଜୀବୀ ସୁଶାନ୍ତ ମହାନ୍ତି ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ ଏମ୍‌ପି ପଣ୍ଡା ଯୋଗଦେଇ ଉପସ୍ଥିତ କର୍ମୀ ଓ କର୍ମକର୍ତ୍ତାଙ୍କୁ ଗୁରୁମନ୍ତ୍ର ଦେଇଥିଲେ। ଜିଲା ସଭାପତି ରାମନାରାୟଣ ମହାନ୍ତି ଓ କର୍ମୀମାନେ ସଙ୍ଗଠିତ ହୋଇ ଦଳୀୟ କାର୍ଯ୍ୟରେ ନିୟୋଜିତ ହେବା ପାଇଁ ଆହ୍ୱାନ ଦେଇଥିଲେ।

# ସହାୟତାର ହାତ ବଢ଼ାଇଲେ ଅହମଦୀୟା ମୁସଲିମ୍ ମହିଳା




କଟକ,୯।୧୧(କାର୍ତ୍ତିକ ସାହୁ)

ମଙ୍ଗଳାବାଗସ୍ଥିତ ଅହମଦୀୟା ମୁସଲିମ ମହିଳା ସଂଗଠନ ଲଜନା ଇମାଉଲ୍ଲାଃ ପକ୍ଷରୁ ନରାଜସ୍ଥିତ ଶ୍ରଦ୍ଧା ବୃଦ୍ଧାଶ୍ରମକୁ ରବିବାର ଯାଇ ସହାୟତାର ହାତ ବଢ଼ାଇଛନ୍ତି। ସଂଗଠନର ସଦସ୍ୟାମାନେ ସେଠାରେ ରହୁଥିବା ଅନ୍ତେବାସୀଙ୍କ ସହିତ କିଛି ସମୟ ବିତାଇବା ସହ ସେମାନଙ୍କ ସହ ମାନବବାଦ ଓ ଭାଇଚାରାର ବାର୍ତ୍ତା ବାଣ୍ଟିଥିଲେ। ସେମାନଙ୍କୁ ଚାଉଳ, ଚୁଡ଼ା, ଅଟା, ଡାଲି, ସୁଜି, ଚିନି, ଅମୁଲ, ଚା ପତି, ସୋରିଷ ତେଲ, ରିଫାଇନ ତେଲ, ଆଳୁ, ପିଆଜ ଏବଂ ବିସ୍କୁଟ ଆଦି ସହାୟତା କରାଯାଇଥିଲା । ସଂଗଠନର ସଭାନେତ୍ରୀ ଜାହିଦା ଫିରଦୋସଙ୍କ ସମେତ ସୁଜାତା ସୟଦ, ଅମତୁର ରବ ମଖଦୁମା, ରାଶିଦା ବେଗମ, ଜୁଲଫନ ଆରା, ଶବନମ ବାନୁ ଏବଂ ଆଲିଆ ନୁରେନ ଯୋଗଦେଇଥିଲେ। ମୌଲାନା ଫଜଲ ହକ ଖାନ, ସୟଦ ବଶିର ଅହମଦ ଏବଂ ନିଜାମୁଦ୍ଦିନ ଖାଁ ସହଯୋଗ କରିଥିଲେ। ଆଶ୍ରମର ଅନ୍ତେବାସୀଙ୍କ ସହ ମ୍ୟାନେଜର ମହେଶ୍ୱର ସାହୁ ଏବଂ ଚିନ୍ତାମଣି ବେହେରା ଉପସ୍ଥିତ ଥିଲେ।

# କୋଣାର୍କର ପଞ୍ଚବଟ ମଧ୍ୟରୁ ଅର୍କବଟ ଥିଲା ସିଦ୍ଧିପ୍ରଦ

ଡ. ସୁରେନ୍ଦ୍ର କୁମାର ମିଶ୍ର

## ଶ୍ରୀପଦ୍ମକେଶର ମନ୍ଦିର ପାଇଁ ନିର୍ମାଣ ହୋଇଥିଲା ଆଦିତ୍ୟଙ୍କର ତିନୋଟି ବିଗ୍ରହ




ଗତ ସଂଖ୍ୟାରେ ବିଶୁ ମହାରଣାଙ୍କ ଗାଁ ନୂଆଗଡ଼ କଥା ଲେଖିଥିଲୁ। ନୂଆଗଡ଼ ଗାଁ ୧୬୨୬ରେ ହୋଇଥିବା ସୁନାମିରେ ମହୋଦଧିରେ ଲୀନ ହୋଇଯାଇଥିଲା। ଗଡ଼ ସହିତ ସାମିଲ ଥିଲା 'ଗୋ–ଧନପଡ଼ା'। ଆଶ୍ଚର୍ଯ୍ୟଜନକ ଭାବରେ ଏହି ପଡ଼ା ରହିଯାଇଥିଲା। ନୂଆଗଡ଼ର ଆରାଧ୍ୟା ଥିଲେ ଜାଗୁଳାଈ। ତାଙ୍କ ମନ୍ଦିରଟି ଦର୍ଶନୀବନ୍ତ ଯୋଗୁ ରକ୍ଷା ପାଇଯାଇଥିଲା। ଗଡ଼ ଓ ପଡ଼ାର ଅଧିବାସୀ ମିଳିତ ଭାବରେ ଦେବୀଙ୍କୁ ଉପାସନା କରୁଥିଲେ। ନୂଆଗଡ଼ରେ କିଛି ବାଲିବନ୍ତ ସୃଷ୍ଟି ହୋଇଥିଲା ସୁନାମି ସମୟରେ। ଆଶା କରାଯାଇପାରେ ଏହି ବନ୍ତ ତଳେ ଗଡ଼ର ସ୍ମୃତି ଏବଂ ଐତିହ୍ୟ ସ୍ମାରକୀ କିଛି ରହିଥାଇପାରେ। ଜାଗୁଳାଈ ଏକ ଅପଭ୍ରଂଶ ନାମ। ଯକ୍ଷରୁ ଉଦ୍ଭବ ଦେବୀ ଯକ୍ଷର ଈଶ୍ୱରୀ। ମନେହୁଏ ଗାଁଟି ବହୁ ପ୍ରାଚୀନ। ସେହି ପ୍ରାଚୀନ ଗାଁରେ ବିଶୁ ମହାରଣା ଜନ୍ମ ନେଇଥିଲେ। ବିଶୁ ମହାରଣାଙ୍କ ପ୍ରସଙ୍ଗ ପୂର୍ବ ସଂଖ୍ୟାରେ ଆମେ ଦେଇଥିଲୁ। ଧର୍ମପଦ ଥିଲେ ସଦାଶିବ ସାମନ୍ତରାୟ ମହାପାତ୍ରଙ୍କ ପୁତ୍ର। ବିଶୁ ମହାରଣାଙ୍କ ପୁତ୍ର ବୋଲି ଜାଣିଶୁଣି ଭ୍ରମାତ୍ମକ ଧାରଣା ପ୍ରଚାର କରାଯାଇଥିଲା। ପୂର୍ବରୁ ଶିଳ୍ପୀ ନାୟକ ଗଦାଧରଙ୍କ ଅବଦାନ ପ୍ରସଙ୍ଗ ଅବତାରଣା କରିବାର ଅଭିପ୍ରାୟ ସ୍ପଷ୍ଟ। ତାଙ୍କର କାର୍ଯ୍ୟ ତାଲିକା ଆମେ ପ୍ରସ୍ତୁତ କରିଛୁ। ପଚାଶରୁ ଊର୍ଦ୍ଧ୍ୱ କାର୍ଯ୍ୟ ସେ ନିର୍ବାହ କରିଛନ୍ତି। ଆମେ ଉଦାହରଣ ଦେଲୁ ଜଣଙ୍କର ଅବଦାନ, କିନ୍ତୁ ଅନ୍ୟମାନଙ୍କର ନାମ ଓ କାର୍ଯ୍ୟର ତାଲିକା ପ୍ରସ୍ତୁତ କରିଛୁ, ଯାହା 'ପରିଶିଷ୍ଟ' ଶୀର୍ଷକରେ ପାଠକଙ୍କ ଅବଗତି ପାଇଁ ଦେବୁ।

ପ୍ରଶ୍ନ ହୋଇପାରେ କାହିଁକି ଦେବେ! ଏଇଥିପାଇଁ ଦେଉଛୁ ଅତୀତରେ କୋଣାର୍କଠାରେ ନିର୍ମାଣ ହୋଇଥିବା ମନ୍ଦିରର ଇତିହାସରୁ ଓଡ଼ିଆଙ୍କୁ ଦୂରେଇ ଦିଆଯିବାର ପ୍ରବଳ ପ୍ରଚେଷ୍ଟା ହୋଇଛି। ଗୌରବମୟ ଭାବାବେଗରୁ ଉଦାସ ଭାବାବେଗ ଆଡ଼କୁ ରାସ୍ତା ଦେଖେଇ ଦିଆଯାଇଛି। ପ୍ରଭାବ ସ୍ୱାଭାବିକ। କିଛି ମାତ୍ରାରେ କେତେକ ଆନମନା ହୋଇଛନ୍ତି। ଏବେ ବି ସାମାଜିକ ଗଣମାଧ୍ୟମରେ ଯୁବକମାନଙ୍କ ଯୁକ୍ତି ଆମକୁ ଛୁଇଁଛି। ଯୁକ୍ତି ହେଲା– ବୌଦ୍ଧସ୍ତୂପ ଭାଙ୍ଗି ଲାଙ୍ଗୁଳା ନରସିଂହଦେବ ଶ୍ରୀପଦ୍ମକେଶର ମନ୍ଦିର ନିର୍ମାଣ କରିଛନ୍ତି! ବାହାରିଆ ଲେଖକଙ୍କୁ ସେ ପଢ଼ିଛନ୍ତି। ତେଣୁ କହିବା ସ୍ୱାଭାବିକ।



ଅଶ୍ୱ ଉପରେ ବସିଥିବା ଶ୍ରୀ ଆଦିତ୍ୟ। ଅର୍ଦ୍ଧଭଗ୍ନ। (ଫଟୋ: କୁମାର ଅରଜ୍ୟୋତି, କୋଣାର୍କ)

ପୂର୍ବରୁ ପ୍ରମାଣିତ କରିଛୁ ଗଜପତି ଲାଙ୍ଗୁଳା ନରସିଂହ ଦେବ ନିର୍ମାଣ କରିଥିବା ମନ୍ଦିର ଶ୍ରୀସୂର୍ଯ୍ୟଙ୍କର ତୃତୀୟ ମନ୍ଦିର। ପ୍ରଥମ ମନ୍ଦିର ନିର୍ମାଣ ପୂର୍ବରୁ କୋଣାଦିତ୍ୟ କ୍ଷେତ୍ର ଅଖଣ୍ଡ ଭାରତବର୍ଷରେ ମହାନ୍ ତୀର୍ଥ ରୂପେ ପ୍ରସିଦ୍ଧ ଥିଲା। ଦ୍ୱିତୀୟ ମନ୍ଦିରରେ ଶ୍ରୀମହାଭାସ୍କରଙ୍କ ଯେଉଁ ମୂର୍ତ୍ତି ପୂଜା ପାଉଥିଲା– ତାହା ଥିଲା ଦୁଇ ହାତ ଆଠ ଆଙ୍ଗୁଳ। ସେ ବିଗ୍ରହ ଜୀର୍ଣ୍ଣଶୀର୍ଣ୍ଣ ହୋଇଯାଇଥିଲା। ନୂତନ ବିଗ୍ରହ ବାସ୍ତୁଶାସ୍ତ୍ର ଅନୁଯାୟୀ ୫ ହାତ ୪ ଆଙ୍ଗୁଳ ହୋଇଥିଲା। ସନାତନ ପରମ୍ପରା ଅନୁଯାୟୀ ଜୀର୍ଣ୍ଣଶୀର୍ଣ୍ଣ ପୁରାତନ ବିଗ୍ରହଙ୍କୁ ମହୋଦଧିରେ ବିସର୍ଜନ କରାଯାଇଥିଲା। ପଣ୍ଡିତ ନାରାୟଣ ମହାପାତ୍ର ବିସର୍ଜନ ଜନିତ ଅନୁଷ୍ଠାନ କରି ଦୁଇମାଢ଼ ସୁନା ଦକ୍ଷିଣା ସ୍ୱରୂପ ଦେଇଥିଲେ। ବୌଦ୍ଧସ୍ତୂପ ଥିଲା, ପୁରାତନ ବିଗ୍ରହ କେଉଁଠୁ ଆସିଲା।

ନୂତନ ମନ୍ଦିରରେ ଆଦିତ୍ୟଙ୍କର ତିନୋଟି ବିଗ୍ରହ ପ୍ରତିଷ୍ଠା ହୋଇଥିଲା। ସେତିକିବେଳେ ଗଙ୍ଗା ଓ ଯମୁନାଙ୍କର ଦୁଇଟି ବିଗ୍ରହ ହୋଇଥିଲା। ଏହି ଦୁଇ ବିଗ୍ରହଙ୍କୁ ମହାଗାୟତ୍ରୀଙ୍କ ମନ୍ଦିରର ସାମନା ଖମ୍ବରେ ସ୍ଥାନିତ କରାଯାଇଥିଲା। କେବଳ ସେତିକି ନୁହେଁ, ମନ୍ଦିରର ତିନି ପାର୍ଶ୍ୱରେ ପାର୍ଶ୍ୱଦେବତାଙ୍କ ନ୍ୟାସ ସେହି ସମୟରେ ହୋଇଥିଲା। ପ୍ରତ୍ୟେକ ଆନୁଷ୍ଠାନିକ କାମ ପାଇଁ ଅଲଗା ଅଲଗା ବ୍ରାହ୍ମଣ ଆଚାର୍ଯ୍ୟ ବରଣ ହୋଇଥିଲେ। ସମସ୍ତେ ବିଭିନ୍ନ ବ୍ରାହ୍ମଣ ଗ୍ରାମର ମହାଜନ ଥିଲେ। ନାରାୟଣ ମହାରଣା 'ଶ୍ୱେତ ବିରଞ୍ଚି' ବିଗ୍ରହ ନିର୍ମାଣ କରିଥିଲେ। ତାହା ମନ୍ଦିର କାନ୍ଥରେ ସ୍ଥାନିତ ହୋଇଥିଲା। ପ୍ରତିଷ୍ଠା କାର୍ଯ୍ୟର ପ୍ରଧାନ ପରିଚାଳକ ଥିଲେ ଭୁବନେଶ୍ୱର ରାଜଗୁରୁ। ଗଜପତିଙ୍କ ନିର୍ଦ୍ଦେଶରେ ତାଙ୍କୁ ଭୂସମ୍ପତ୍ତି ଦାନ କରାଯିବା ସହିତ ଏକ 'କନକାସନ' ଦାନ କରାଯାଇଥିଲା।

ପୂର୍ବରୁ ଥରେ ଆମେ ଲେଖିଥିଲୁ ଶ୍ରୀକ୍ଷେତ୍ରରେ 'ସପ୍ତବଟ' ଯେପରି ପ୍ରସିଦ୍ଧ, କୋଣାର୍କରେ 'ପଞ୍ଚବଟ' ସେହିପରି ପ୍ରସିଦ୍ଧ ଥିଲା। ପାଞ୍ଚୋଟିଯାକ ବଟବୃକ୍ଷ ଶ୍ରୀସୂର୍ଯ୍ୟଙ୍କର ଉପାସନା ସହିତ ଯେପରି ଜଡ଼ିତ, ଶ୍ରୀପଦ୍ମକେଶର ମନ୍ଦିର ନିର୍ମାଣ ସହିତ ସେହିପରି ସବୁଠାରୁ ସିଦ୍ଧିପ୍ରଦ ବଟବୃକ୍ଷ ଥିଲେ ଅର୍କବଟ। ଅର୍କବଟ ତଳେ ଆଚାର୍ଯ୍ୟମାନେ ଲକ୍ଷେ କୋଡ଼ିଏ ହଜାର ସୂର୍ଯ୍ୟମନ୍ତ୍ର ଜପ କରିଥିଲେ। ଏହା ସାମାନ୍ୟ କଥା ନୁହେଁ। ବାତାବରଣ ସନ୍ତୁଳନ ରଖିବା ପାଇଁ ବଟବୃକ୍ଷର ତ ଦକ୍ଷତା ଥିଲା, ଏବେ ଅଛି। ଦକ୍ଷତା ସହିତ ମନ୍ତ୍ରର ଅନୁରଣନ ମିଶିବା ପରେ ସମ୍ପୃକ୍ତ ମାନବବୋଧର ମାନସିକତା ଗୋଟିଏ ବିନ୍ଦୁରେ ମିଳିତ ହୋଇଥିବ। କିଛି ବୁଝୁ ନ ଥିବା ମନଟିଏ ମଧ୍ୟ ସେହି ବିନ୍ଦୁର ନିକଟତର ହୋଇଥିବ। ଏହା ହିଁ ଯଜ୍ଞ ଅନୁଷ୍ଠାନର 'ଅଧିବାସ' ଅବସ୍ଥା।

ବର୍ଣ୍ଣନା ମିଳୁଛି ମନ୍ଦିର ପରିସରରେ ଏହି ବଟବୃକ୍ଷ ଥିଲା, ଠିକ୍ ଶ୍ରୀମନ୍ଦିରରେ କଳ୍ପବଟ ପରି। ଏବେ ଅର୍କବଟ ଅଛନ୍ତି। ଏକାଧିକ ମଧ୍ୟରୁ କେଉଁଟି 'ଅର୍କବଟ', ଆମେ ଚିହ୍ନଟ କରିଛେ ଓ ଯାହା ମୂଳରେ ବସି ଘଡ଼ିଏ ଗୁରୁମନ୍ତ୍ର ଜପ କଲେ ମୁକ୍ତିର ମାର୍ଗ ଖୋଲିଯିବ! କରିପାରିନେ ଆମେ। ଯାହାକୁ ପଚାରିବେ– ସେ କହିବେ... ହେ... ସେଇଟା ହୋଇଥିବ। ବାହାରିଆ ଲେଖକ ଏହାକୁ ଭେଦ କରିପାରି ନ ଥିଲେ, ନ ହେଲେ ଲେଖିଥାନ୍ତେ– ବାହାର ସାମ୍ରାଜ୍ୟର ଲୋକେ ପରା ଏହି ବଟବୃକ୍ଷ ଲଗେଇଥିଲେ। ଓଡ଼ିଆ ତ ଖାଇବାକୁ ପାଉ ନ ଥିଲେ, ଗଛ ଲଗେଇବେ କ'ଣ ?

ଜଳାବଢ଼ୁ ସେବା ପାଇଁ ସାତଜଣ ଆଚାର୍ଯ୍ୟ 'ସୂର୍ଯ୍ୟ ଗଙ୍ଗା' ତୀର୍ଥରୁ ଜଳ ଆଣିଥିଲେ, ତାହା ପ୍ରଥମେ ଅର୍କବଟ ତଳେ ରହିଥିଲା। ଶ୍ରୀରୁଦ୍ର ପୂଜା ସ୍ଥାନକୁ ଆସିବାବେଳେ ଶୁକ୍ଳ ଯଜୁର୍ବେଦର ଅଷ୍ଟାଧ୍ୟାୟୀ ପାଠ ହୋଇଥିଲା ଅର୍କବଟ ତଳେ।

# ସୁଧୁରୁନି ସହରର ଟ୍ରାଫିକ୍ ସମସ୍ୟା

ଖୋର୍ଦ୍ଧା,୯।୧୧(ପ୍ରଭାତ ପାଣିଗ୍ରାହୀ)


ଟ୍ରାଫିକ୍ ଜାମ୍ ଯୋଗୁ ଯାନବାହନ ଅଟକି ରହିଛି।

ଖୋର୍ଦ୍ଧା ସହରରେ ଟ୍ରାଫିକ ସମସ୍ୟା ଅନିୟନ୍ତ୍ରିତ ହୋଇପଡ଼ିଛି। ପରିସ୍ଥିତି ଏପରି ହେଲାଣି ଯେ, ଗୁରୁତର ରୋଗୀଙ୍କୁ ନେଇ ମେଡିକାଲ ଆସୁଥିବା ଏବଂ ଭୁବନେଶ୍ୱର ଯାଉଥିବା ଆମ୍ବୁଲାନ୍ସ ଭିଡ଼ ମଧ୍ୟରେ ଫସିଯାଉଥିବା ନଜିର ରହିଛି। ଦୀର୍ଘ ବର୍ଷ ଧରି ଏହି ସମସ୍ୟା ଲାଗି ରହିଥିଲେ ମଧ୍ୟ ଟ୍ରାଫିକ ନିୟନ୍ତ୍ରଣ ଦିଗରେ ପ୍ରଶାସନ ଏକ ପ୍ରକାର ବିଫଳ ହୋଇଛି।

ସହରରେ ଜନସଂଖ୍ୟା ବୃଦ୍ଧି ସହ ଯାନବାହନ ସଂଖ୍ୟା ମଧ୍ୟ ବଢ଼ିଛି। ପୁରୁଣା ବସ୍‌ଷ୍ଟାଣ୍ଡ, ଟ୍ରାଫିକ ଛକ, ମାରଓ୍ୱାଡି ପଟି, ସମବାୟ ଛକ, ଏସ୍‌ବିଆଇ ଛକ, ଭେଟନାରୀ ଛକ, ନୂଆବସ୍‌ଷ୍ଟାଣ୍ଡ ରୋଡ ଆଦି ଜନଗହଳି ସ୍ଥାନ ହୋଇଥିବା ବେଳେ ଏଠାରେ ବହୁ ଦୋକାନ, ବଜାର ରହିଛି। ଲୋକେ ଦୈନନ୍ଦିନ ସାମଗ୍ରୀ ପାଇଁ ଉକ୍ତ ଛକଗୁଡ଼ିକରେ ଭିଡ଼ ଜମାଉଛନ୍ତି। ତେବେ ପାର୍କିଂ ସୁବିଧା ନ ଥିବାରୁ ଟ୍ରାଫିକ୍ ସମସ୍ୟା ଉପୁଜୁଛି। ୫୭ନଂ. ଜାତୀୟ ରାଜପଥ ଖୋର୍ଦ୍ଧା-ନୟାଗଡ଼ ରାସ୍ତା ଟ୍ରାଫିକ ସମସ୍ୟା ଦିନକୁ ଦିନ ବଢ଼ିବାରେ ଲାଗିଛି। ଫଳରେ ଯାତାୟାତ ବାଧାପ୍ରାପ୍ତ ହେଉଛି। ଚଣ୍ଡିତୁଆ ଛକଠାରୁ ଗୋଡ଼ିପୋଖରୀ ଛକ ପର୍ଯ୍ୟନ୍ତ ଦୈନିକ ଟ୍ରାଫିକ ସମସ୍ୟା ରହୁଛି। ପୁରୁଣା ବସ୍‌ଷ୍ଟାଣ୍ଡ ନିକଟରେ ରାସ୍ତାକୁ ଲାଗି ୩ଟି ବ୍ରାଣ୍ଡ କମ୍ପାନୀର ଶପିଂ ମଲ୍ ରହିଛି। ଫଳରେ ପୂର୍ବାହ୍ନ ୧୦ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ଲୋକଙ୍କ ଭିଡ଼ ରହୁଛି। ପାର୍କିଂ ପାଇଁ ସୁବିଧା ନ ଥିବାରୁ ଦୁଇ ଓ ଚାରିଚକିଆ ଯାନ ବାହାରେ ରହୁଛି। ସେହିଭଳି ପେଟ୍ରୋଲ ପମ୍ପ ନିକଟ ସମ୍ମୁଖରେ ରହିଥିବା କମ୍ପ୍ଲେକ୍ସରେ ଏକାଧିକ ଦୋକାନ ରହିଥିବା ବେଳେ ଏମାନଙ୍କ ମଧ୍ୟ କୌଣସି ପାର୍କିଂ ସୁବିଧା ନାହିଁ। ଏହି କମ୍ପ୍ଲେକ୍ସରେ ଔଷଧ ଦୋକନ ଠାରୁ ଆରମ୍ଭ କରି ବିଭିନ୍ନ ଇଲୋକ୍ଟ୍ରୋନିକ୍ସ, ପାଥୋଲାବ, ମୋବାଇଲ ରିପାରିଂ ଓ ସର୍ଭିସିଂ, ଲୁଗାପଟା ଦୋକାନ ରହିଛି, ଫଳରେ ସବୁ ସମୟରେ ଭିଡ଼ ଜମୁଥିବା ବେଳେ ଗ୍ରାହକମାନେ ରାସ୍ତା ଉପରେ ଗାଡ଼ି ପାର୍କିଂ କରୁଛନ୍ତି। ରାସ୍ତାର ଉଭୟ ପାର୍ଶ୍ୱରେ ପାର୍କିଂ ଯୋଗୁ ସବୁ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି। ପେଟ୍ରୋଲ ପମ୍ପଠାରୁ ମାରଓ୍ୱାଡି ପଟି ରାସ୍ତା ସଙ୍କୁଚିତ ହୋଇ ରହିଛି। ଅନ୍ୟପଟେ ରାସ୍ତାର ଉଭୟ ପାର୍ଶ୍ୱରେ ବାଇକ୍ ପାର୍କିଂ ଏବଂ ଚାରିପଟେ ଦୋକାନ ବଜାର ଏବଂ କ୍ୟାବିନ ରହିଥିବାରୁ ରାସ୍ତାକୁ ସଙ୍କୁଚିତ କରୁଛି। ଦୋକାନ ଆଗରେ ଗାଡ଼ି ପାର୍କିଂ ଯୋଗୁ ଯାନବାହନ ଚଳାଚଳରେ ବାଧା ସୃଷ୍ଟି ହେଉଛି। ସନ୍ଧ୍ୟା ସମୟରେ ଟ୍ରାଫିକ ସମସ୍ୟା ଦ୍ୱିଗୁଣିତ ହେଉଛି। ଏହି ରାସ୍ତାରେ ମେଡିକାଲ, ବନ ବିଭାଗ କାର୍ଯ୍ୟାଳୟ, ଘରୋଇ ଶିକ୍ଷାନୁଷ୍ଠାନ, ଦୁଇଟି ଶପିଂ ମଲ୍, ଔଷଧ ଦୋକାନ, ପେଟ୍ରୋଲ ପମ୍ପ, ସିଡିଏମ୍‌ଓଙ୍କ କାର୍ଯ୍ୟାଳୟ, ମୁଖ୍ୟ ଡାକଘର, ଶତାଧିକ କେବିନ ଘେରି ରହିଛି। ଏହି ରାସ୍ତାରେ ସକାଳେ ନୟାଗଡଠାରୁ ଭୁବନେଶ୍ୱରକୁ ଦୈନିକ ଶତାଧିକ ଘରୋଇ ବସ୍ ଯାତାୟତ କରୁଛି। ଯାତ୍ରୀ ଉଠାଇବା ଏବଂ ଓହ୍ଲାଇବା ଲାଗି ବସ୍‌ଗୁଡିକ ଖୋର୍ଦ୍ଧା କ୍ଲବ, ପୁରୁଣା ବସ୍‌ଷ୍ଟାଣ୍ଡ ନିକଟରେ ଅଟକି ରହୁଛନ୍ତି। ଅନ୍ୟପଟେ ମୁଖ୍ୟ ଡାକଘର ନିକଟ ଗଳି ଗୁରୁଜଙ୍ଗଠାରୁ କେରଙ୍ଗ, ହଳଦିଆ, ଟାଙ୍ଗିଆପଡ଼ା ଆଦି ଗ୍ରାମକୁ ଯିବା ଲାଗି ଏକମାତ୍ର ରାସ୍ତା ରହିଛି। ଫଳରେ ସବୁ ସମୟରେ ଟ୍ରାଫିକ ସମସ୍ୟା ରହୁଛି। କୋର୍ଟ ଛକ, ହାବେଳି ପଡ଼ିଆ ଏବଂ ନୂଆବସ୍‌ଷ୍ଟାଣ୍ଡରେ ରାସ୍ତା ଉପରେ ସକାଳଠାରୁ ରାତି ପର୍ଯ୍ୟନ୍ତ ବାଇକ୍ ପାର୍କିଂ ହୋଇ ରହୁଛି। ଫଳରେ ଯାତାୟାତରେ ବାଧା ସୃଷ୍ଟି ହେଉଛି। ବ୍ୟାଙ୍କ ଛକଠାରୁ ନୂଆବସ୍‌ଷ୍ଟାଣ୍ଡ ମଧ୍ୟରେ ଗୋଟିଏ ପାର୍ଶ୍ୱରେ ବହୁତଳ ଶପିଂ ମଲ୍, ଘରୋଇ ବ୍ୟାଙ୍କ, ବିଭିନ୍ନ ଦୋକାନ ରହିଛି। ଫଳରେ ଏଠାରେ ଜନଗହଳି ରହୁଛି। ତେବେ ଏ ସମ୍ପର୍କରେ ଏସ୍‌ପି ବିବେକାନନ୍ଦ ଶର୍ମା କହିଛନ୍ତି ଯେ, ଜନଗହଳି ସ୍ଥାନରେ ଟ୍ରାଫିକ୍ ପୋଲିସ ମୁତୟନ କରାଯାଇଛି। ଟ୍ରାଫିକ୍ ସମସ୍ୟା ସୁଧାର ଆଣିବା ପାଇଁ ସହରବାସୀଙ୍କ ସହଯୋଗ ମଧ୍ୟ ଆବଶ୍ୟକ।

# ତଦନ୍ତ ଆରମ୍ଭ କଲା ଇଓଡବ୍ଲ୍ୟୁ

ଭୁବନେଶ୍ୱର, ୯।୧୧(ତ୍ରିନାଥ ମହାନ୍ତି)

**ରାଷ୍ଟ୍ରୀୟ ଷ୍ଟେନ୍‌ଲେସ ଷ୍ଟିଲ୍ ନାମରେ ଠକେଇ ମାମଲା**

- ସଂସ୍ଥାରେ ଟଙ୍କା ବିନିଯୋଗ ନାମରେ ଠକେଇ କରିଛନ୍ତି ବାପ,ପୁଅ
- ପୋଲିସ ଅଧିକାରୀ ୩୭ ଲକ୍ଷ ଠକାମିର ଶିକାର

ଦିଲ୍ଲୀସ୍ଥିତ ରାଷ୍ଟ୍ରୀୟ ଷ୍ଟେନ୍‌ଲେସ୍‌ଷ୍ଟିଲ୍‌କମ୍ପାନୀ ବିରୋଧରେ କ୍ରାଇମ୍‌ବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା(ଇଓଡବ୍ଲ୍ୟୁ)ରେ ଠକେଇ ମାମଲା ହୋଇଛି। ଏହି କମ୍ପାନୀ ୩୭ ଲକ୍ଷ ଟଙ୍କା ଠକେଇ କରିଥିବା ନେଇ କଟକ ମାଲ୍‌ଗୋଦାମ ଅଞ୍ଚଳରେ ରହୁଥିବା ପୋଲିସ ଅଧିକାରୀ ସୂର୍ଯ୍ୟମଣି ତ୍ରିପାଠୀ ଅଭିଯୋଗ କରିଛନ୍ତି। ଏନେଇ ଇଓଡବ୍ଲ୍ୟୁ କମ୍ପାନୀର ଏମ୍‌ଡି ମୁକେଶ ଜୈନ ଓ ନିର୍ଦ୍ଦେଶକ ଥିବା ତାଙ୍କ ପୁଅ ଆକାଶ ଜୈନଙ୍କ ନାମରେ ମାମଲା (ନଂ.୧୬/୨୫) ରୁଜୁ କରି ଅଧିକ ତଦନ୍ତ ଚଳାଇଛି।

ପୋଲିସ ଅଧିକାରୀ ସୂର୍ଯ୍ୟମଣିଙ୍କ ଅଭିଯୋଗ ଅନୁସାରେ, ଦିଲ୍ଲୀରେ ରାଷ୍ଟ୍ରୀୟ ଷ୍ଟେନଲେସ୍ ଷ୍ଟିଲର ମୁଖ୍ୟାଳୟ ଥିବାବେଳେ ତାହାକୁ ମୁକେଶ ଏବଂ ପୁଅ ଆକାଶ ଚଳାଉଥିଲେ। ଖଣ୍ଡଗିରିରେ ଏହି ସଂସ୍ଥାର ଅଫିସ ରହିଥିଲା। ଅଭିଯୁକ୍ତ ବାପ ଓ ପୁଅ ଅଭିଯୋଗକାରୀ ସୂର୍ଯ୍ୟମଣିଙ୍କୁ ତାଙ୍କ କମ୍ପାନୀରେ ଟଙ୍କା ନିବେଶ କରି କୋଟିପତି ହେବାର ସ୍ୱପ୍ନ ଦେଖାଇଥିଲେ। ଏପରିକି ସୂର୍ଯ୍ୟମଣି ୧୨ଲକ୍ଷ ଟଙ୍କା ଜମା କରି ୧୮ ଲକ୍ଷ ଟଙ୍କା ପାଇଥିଲେ। ଏହାପରେ ସେମାନଙ୍କ କଥାକୁ ବିଶ୍ୱାସ କରି ସୂର୍ଯ୍ୟମଣି ଉକ୍ତ କମ୍ପାନୀରେ ୨୦୨୦ ଜାନୁଆରୀରେ ୩୭ ଲକ୍ଷ ଟଙ୍କା ଲଗାଇଥିଲେ। ହେଲେ ଆଉ କୌଣସି ଟଙ୍କା ଫେରି ପାଇ ନ ଥିଲେ। ଅଭିଯୁକ୍ତ ବାପ ପୁଅ ଟଙ୍କା ଦେବାକୁ ଆଜି କାଲି କହି ଦିନ ଗଡାଇବା ପରେ ଖଣ୍ଡଗିରିରେ ଥିବା ତାଙ୍କ ଅଫିସ୍ ବନ୍ଦ କରିଦେବା ସହ ଓଡ଼ିଶା ଆସି ନ ଥିଲେ। ଠକାମିର ଶିକାର ହୋଇଥିବା ଜାଣିବା ପରେ ସୂର୍ଯ୍ୟମଣୀ ଭୁବନେଶ୍ୱର ଏସ୍‌ଡିଜେଏମ୍ କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। କୋର୍ଟଙ୍କ ନିର୍ଦ୍ଦେଶ ଆଧାରରେ ଖଣ୍ଡଗିରି ଥାନା ପୋଲିସ ମାମଲା ରୁଜୁ କରିଥିଲେ ମଧ୍ୟ ତଦନ୍ତରେ ସେପରି ଅଗ୍ରଗତି ହୋଇ ନ ଥିଲା। ଶେଷରେ ସୂର୍ଯ୍ୟମଣୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। କୋର୍ଟଙ୍କ ନିର୍ଦ୍ଦେଶ ପରେ କ୍ରାଇମ୍‌ବ୍ରାଞ୍ଚର ଇଓଡବ୍ଲ୍ୟୁ ମାମଲା ରୁଜୁ କରି ଏବେ ତଦନ୍ତ କରୁଛି।

# ଯୁବକଙ୍କୁ ଗୋଡ଼ାଇ ହାଣିଲେ

## ରାଜଧାନୀରେ ପୁଣି ଦୁର୍ବୃତ୍ତଙ୍କ ଆତଙ୍କରାଜ

ଭୁବନେଶ୍ୱର,୯।୧୧(ସତ୍ୟଜିତ ରାଉତ)

ରାଜଧାନୀରେ ଆତଙ୍କ ଖେଳାଉଛନ୍ତି ଅପରାଧୀ। ଲକ୍ଷ୍ମୀସାଗର ଥାନା ଅନ୍ତର୍ଗତ ବୁଦ୍ଧନଗର ବସ୍ତି ଅଞ୍ଚଳରେ ଜଣେ ଯୁବକଙ୍କୁ କେତେଜଣ ଦୁର୍ବୃତ୍ତ ସଂଘବଦ୍ଧ ଭାବେ ଆକ୍ରମଣ କରିଛନ୍ତି। ରବିବାର ସନ୍ଧ୍ୟାରେ ଏହି ଘଟଣା ଘଟିଛି। ଆହତ ଯୁବକ ଜଣକଙ୍କ ନାମ ଅଜୁ ବୋଲି ଜଣାପଡିଛି। ପୂର୍ବଶତ୍ରୁତାକୁ କେନ୍ଦ୍ର କରି ଫାଳିକିଆ ବସ୍ତିର କେତେଜଣ ଯୁବକ ଏହି କାଣ୍ଡ ଘଟାଇଥିବା ପୋଲିସ ସନ୍ଦେହ କରୁଛି। ଆକ୍ରମଣରେ ଅଜୁଙ୍କ ଶରୀରରେ ଗଭୀର କ୍ଷତ ହୋଇଛି। ପରିବାର ଲୋକେ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରିଛନ୍ତି।

# ବିଜ୍ଞାନ ମେଳାରେ ୫୫୦ରୁ ଊର୍ଦ୍ଧ୍ୱ ପ୍ରକଳ୍ପ


ବିଜ୍ଞାନମେଳାରେ ଛାତ୍ରୀମାନେ ପ୍ରକଳ୍ପ ପ୍ରଦର୍ଶନ କରୁଛନ୍ତି।

ନିରାକାରପୁର,୯।୧୧(ମାନସ ଚନ୍ଦ୍ର ପଟ୍ଟନାୟକ)

ନିରାକାରପୁର ପଞ୍ଚାୟତ ଆର୍ଯ୍ୟବିହାରରେ ଥିବା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରଠାରେ ବିଦ୍ୟାଳୟସ୍ତରୀୟ ବିଜ୍ଞାନ ମେଳା ଦୁଇଦିନ ଧରି ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ କେବିଡିଏଭି ମହାବିଦ୍ୟାଳୟ ଅଧ୍ୟକ୍ଷ ବ୍ରତତୀ ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ବିଜ୍ଞାନ ମେଳାର ଶୁଭାରମ୍ଭ କରିଥିଲେ। ବିଚାରକଭାବେ ଶଙ୍କର୍ଷଣ ପ୍ରଧାନ, ଅନନ୍ଦିତା ବେହେରା, ମହେଶ୍ୱର ମାଝି, ଦୁଷ୍ମନ୍ତ ରାୟ ପ୍ରମୁଖ ଯୋଗ ଦେଇଥିଲେ।

ପ୍ରଥମ ଦିବସରେ ତୃତୀୟଠାରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ୫୫୦ରୁ ଊର୍ଦ୍ଧ୍ୱ ପ୍ରକଳ୍ପ ସ୍ଥାନ ପାଇଥିଲା। ପ୍ରଧାନ ଆଚାର୍ଯ୍ୟା ନଳିନୀ ରଥ ପିଲାମାନଙ୍କ ମନରେ ବିଜ୍ଞାନ ପ୍ରତି ମନୋଭାବ ସୃଷ୍ଟି ନିମିତ୍ତ ପ୍ରେରଣାଦାୟୀ ବକ୍ତବ୍ୟ ରଖିଥିଲେ। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥିଭାବେ କେବିଡିଏଭି ମହାବିଦ୍ୟାଳୟ ଅଧ୍ୟାପକ ହରପ୍ରସନ୍ନ ତ୍ରିପାଠୀ, ସମ୍ମାନିତ ଅତିଥିଭାବେ ଅଧ୍ୟାପକ ସୌମ୍ୟ ରଞ୍ଜନ ସ୍ୱାଇଁ ଯୋଗଦେଇ ବରିଷ୍ଠ ବିଭାଗର ପ୍ରଥମ ସ୍ଥାନ ସ୍ମୃତିଶିଖା ବିଶ୍ୱାଳ, ଦ୍ୱିତୀୟ ସ୍ଥାନ କୃଷ୍ଣାର୍ପିତା ଷଡ଼ଙ୍ଗୀ, ତୃତୀୟ ସ୍ଥାନ ଅଙ୍କିତା ସାହୁ, ଉପବରିଷ୍ଠ ବିଭାଗର ପ୍ରଥମ ସ୍ଥାନ ବିଜୟଲକ୍ଷ୍ମୀ ଛୋଟରାୟ, ଦ୍ୱିତୀୟ ସ୍ଥାନ ସ୍ୱୟଂଶାସ୍ତ୍ରୀ ଦାଶ, ତୃତୀୟ ସ୍ଥାନ ଏସ୍.ଆର୍. ଶୁଭ୍ରାଂଶୁ ନାୟକ ଏବଂ କନିଷ୍ଠ ବିଭାଗର ପ୍ରଥମ ସ୍ଥାନ ରିତିକା ପ୍ରଧାନ, ଦ୍ୱିତୀୟ ସ୍ଥାନ ରୋଶନ କୁମାର ବଳବନ୍ତରାୟ, ତୃତୀୟ ସ୍ଥାନ ଅଧିକାର କରିଥିବା ତୋୟରାଜ ରାଉତରାୟଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ବିଦ୍ୟାଳୟର ଆଚାର୍ଯ୍ୟ ନୀହାର ରଞ୍ଜନ ସାମନ୍ତସିଂହାର ଅତିଥିଙ୍କ ପରିଚୟ ପ୍ରଦାନ କରିଥିବା ବେଳେ ଆଚାର୍ଯ୍ୟ ବିନୋଦ ବିହାରୀ ସେଠୀ ଧନ୍ୟବାଦ ଦେଇଥିଲେ। ଦ୍ୱିତୀୟ ଦିନ ୧ମ ଓ ୨ୟ ଶ୍ରେଣୀର ୨୫୦ରୁ ଊର୍ଦ୍ଧ୍ୱ ପ୍ରକଳ୍ପ ସ୍ଥାନ ପାଇଥିଲା। ପୁରସ୍କାର ବିତରଣ ଉତ୍ସବରେ ବିଦ୍ୟାଳୟ ପ୍ରଧାନ ଆଚାର୍ଯ୍ୟା ନଳିନୀ ରଥ, ଆଚାର୍ଯ୍ୟା ସନ୍ଧ୍ୟାରାଣୀ ବାହିନୀପତି, ରଶ୍ମିପ୍ରଭା ପୁରୋହିତ, ଆଚାର୍ଯ୍ୟ ଅକ୍ଷୟ କୁମାର ମହାପାତ୍ର, ପବିତ୍ର କୁମାର ରାଉତରାୟ, ଶକ୍ତି ପ୍ରସାଦ ଚ୍ୟାଉପଟ୍ଟନାୟକ ପ୍ରମୁଖ ଯୋଗଦେଇ ଉପକନିଷ୍ଠ ବିଭାଗର ପ୍ରଥମ ସ୍ଥାନ ଏସ୍.ସାଇ. ସାନ୍‌ଭି, ଦ୍ୱିତୀୟ ସ୍ଥାନ ଶ୍ରୁତିଶ୍ରୀ ବେହେରା, ତୃତୀୟ ସ୍ଥାନ ସାଇ ପ୍ରସାଦ ପୃଷ୍ଟିଙ୍କୁ ପ୍ରମାଣପତ୍ର ଓ ଟ୍ରଫି ପ୍ରଦାନ କରିଥିଲେ।

ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ଶ୍ୟାମା ଶଙ୍କର ମିଶ୍ର ଉପସ୍ଥିତ ଥିଲେ। ମମତା ମିଶ୍ର, ରାଜଲକ୍ଷ୍ମୀ ବଳିୟାରସିଂହ, ପୁଷ୍ପାଞ୍ଜଳି ପଟ୍ଟନାୟକ, ବନିତା ମଙ୍ଗରାଜ, ଟିକନ ସାମନ୍ତରାୟ, ଲକ୍ଷ୍ମୀପ୍ରିୟା ପ୍ରଧାନ, ସର୍ବେଶ୍ୱର ବେହେରା, କିଶୋର ଚନ୍ଦ୍ର ସୁନ୍ଦରାୟ, କୃଷ୍ଣଚନ୍ଦ୍ର ଛୋଟରାୟ, ଆଦିତ୍ୟ କୁମାର ଦାଶ, ଜିତେନ୍ଦ୍ର ପୃଷ୍ଟି ପ୍ରମୁଖ ସହଯୋଗ କରିଥିଲେ।

# ତାଲା ଭାଙ୍ଗି ଚୋରି, ଜେଲ ଫେରନ୍ତା ଗିରଫ

**୭ ଥାନାରେ ୨୦ ମାମଲା**

ଭୁବନେଶ୍ୱର,୯।୧୧ (ସତ୍ୟଜିତ ରାଉତ)

ତାଲା ଭାଙ୍ଗି ଚୋରି କରିବା ଅଭିଯୋଗରେ ଖଣ୍ଡଗିରି ଥାନା ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ରବିବାର କୋର୍ଟଚାଲାଣ କରିଛି। ସେ ହେଲେ ନୟାପଲ୍ଲୀ ଥାନା ଅଞ୍ଚଳରେ ରହୁଥିବା ବିଶ୍ୱଜିତ୍ ବେହେରା ଓରଫ ବାପୁ (୩୨)। ଚୋରିର ଶିକାର ହୋଇଥିବା ଦିପ୍ତିରଞ୍ଜନ ଜେନାଙ୍କ ଗଣ୍ଡମୁଣ୍ଡାସ୍ଥିତ ଘରକୁ ଅଭିଯୁକ୍ତମାନେ ଟାର୍ଗେଟ୍ କରିଥିଲେ। ଅକ୍ଟୋବର ୧୪ ଦିନବେଳା ଘରର ମୁଖ୍ୟ ଫାଟକର ଦୁଇଟି ତାଲା ଭାଙ୍ଗି ସୁନା ଓ ରୁପା ଅଳଙ୍କାର, ପିତ୍ତଳ ବାସନକୁସନ ଓ ବାଥରୁମ୍ ଫିଟିଂ ଚୋରି କରି ନେଇଥିଲେ। ସନ୍ଧ୍ୟାରେ ଦିପ୍ତିରଞ୍ଜନ ଫେରିବା ପରେ ଏହା ଜାଣି ଥାନାରେ ଏତଲା ଦେଇଥିଲେ। ପୋଲିସ ଏକ ମାମଲା (ନଂ.୭୪୫/୨୦୨୫) ରୁଜୁ କରି ତଦନ୍ତ କରିଥିଲା। ବାପୁ ଜେଲରୁ ଫେରିବା ପରେ ସହଯୋଗୀଙ୍କ ସହ ମିଶି ଚୋରି କରିଥିଲେ। ତାଙ୍କ ହେପାଜତରୁ ଚୋରି ହୋଇଥିବା ପାଣି ଟ୍ୟାପ୍ ଓ ଅନ୍ୟାନ୍ୟ ସାମଗ୍ରୀ ଜବତ କରାଯାଇଛି। ବାପୁ ଜଣେ ଅଭ୍ୟାସଗତ ଅପରାଧୀ। ତାଙ୍କ ନାମରେ ଶହୀଦନଗର, ଚନ୍ଦ୍ରଶେଖରପୁର, ଭରତପୁର, ନୟାପାଲ୍ଲୀ, ଖଣ୍ଡଗିରି, ମୈତ୍ରୀ ବିହାର ଓ ଇନ୍‌ଫୋଭ୍ୟାଲି ଥାନାରେ ୨୦ଟି ଚୋରି ମାମଲା ରହିଛି। ଫେରାର ଅଭିଯୁକ୍ତ କୃଷ୍ଣଙ୍କୁ ଗିରଫ କରିବାକୁ ପ୍ରୟାସ ଚାଲିଥିବା ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

# ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ପକ୍ଷରୁ ଯୁବ ସମ୍ମିଳନୀ


କାର୍ଯ୍ୟକ୍ରମରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର କର୍ମକର୍ତ୍ତା।

ବୋଲଗଡ଼,୯।୧୧(ଦେବବ୍ରତ ହୋତା)

ବୋଲଗଡ଼ ଶାଖା ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ପକ୍ଷରୁ ଯୁବ ସମ୍ମିଳନୀ ରବିବାର ସ୍ଥାନୀୟ ନନ୍ଦିଘୋଷ ଭବନ ପ୍ରେକ୍ଷାଳୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବୋଲଗଡ଼, ବେଗୁନିଆ, ରଣପୁର, ଧଳାପଥର, ବାଙ୍କୀ ଆଦି ୫ଖଣ୍ଡର ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଯୁବକମାନେ ଯୋଗଦେଇଥିଲେ। ବୋଲଗଡ଼ ମଣ୍ଡଳ ପ୍ରମୁଖ ରମେଶ ଚନ୍ଦ୍ର ସାହୁ ମଞ୍ଚକାର୍ଯ୍ୟ ସଞ୍ଚାଳନ ଏବଂ ଖଣ୍ଡ କାର୍ଯ୍ୟବାହୀ ରାମଚନ୍ଦ୍ର ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ।

ମୁଖ୍ୟ ଅତିଥି ଭାବେ ଡ. ଗଣେଶ୍ୱର ସ୍ୱାଇଁ ସନାତନ ଧର୍ମ ଏବଂ ସ୍ୱାମୀ ବିବେକାନନ୍ଦଙ୍କ ଜୀବନୀ ଦର୍ଶନ ଉପରେ ଉପାଦେୟ ପ୍ରସଙ୍ଗ ରଖିଥିଲେ। ଖୋର୍ଦ୍ଧା ଜିଲା ସହକାର୍ଯ୍ୟ ନିର୍ବାହୀ କାର୍ତ୍ତିକେଶ୍ୱର ମହାପାତ୍ର ଯୁବ ସମ୍ମିଳନୀର ଉଦ୍ଦେଶ୍ୟ ଜ୍ଞାପନ କରିବା ସହ ଦେଶମାତୃକାର ସେବା ପାଇଁ ଯୁବ ସମାଜ ଆଗେଇ ଆସିବାକୁ ଅନୁରୋଧ କରିଥିଲେ। ଡ. ଶିବ ପ୍ରସାଦ ତ୍ରିପାଠୀ ଭାରତୀୟ ଉପନିଷଦ, ପୌରାଣିକ ଉପାଖ୍ୟାନ, ପ୍ରାଚୀନ ବିଜ୍ଞାନ ଉପରେ ପ୍ରୋଜେକ୍ଟର ମାଧ୍ୟମରେ ଆଲୋଚନା କରିଥିଲେ। ମୁଖବକ୍ତା ପୁରୀ ବିଭାଗର ବୌଦ୍ଧିକ ପ୍ରମୁଖ ସୁଶାନ୍ତ କୁମାର ପରିଜା ସଂଘ ଭାରତୀୟ ଇତିହାସ, ଦର୍ଶନ ଉପରେ ଆଲୋଚନା କରିଥିଲେ। ଅବିନାଶ ସୁବୁଦ୍ଧି ଦେଶାତ୍ମବୋଧକ ସଙ୍ଗୀତ ଗାନ କରିଥିଲେ। ପ୍ରିୟାଂଶୁ ପଟ୍ଟନାୟକ ଓଡ଼ିଶୀ ନୃତ୍ୟସଙ୍ଗୀତ ପରିବେଷଣ କରିଥଲେ।

ଓଡ଼ିଶାର ପାଇକ ଆଖଡ଼ା ଉପରେ ଆକର୍ଷଣୀୟ ପାଇକ ଖେଳ ସଞ୍ଜୀବ କୁମାର ପ୍ରଧାନଙ୍କ ନେତୃତ୍ୱରେ ପ୍ରଦର୍ଶନ ହୋଇଥିଲା। ସରସ୍ୱତୀ ଶିଶୁମନ୍ଦିର ଛାତ୍ରୀଛାତ୍ରମାନେ ବନ୍ଦେ ମାତରମ୍ ଗାନ କରିଥିଲେ। ଅଧିବକ୍ତା ଲୋତକ ବିନ୍ଦୁ ପଟ୍ଟନାୟକ, ସରସ୍ୱତୀ ଶିଶୁ ମନ୍ଦିର ପ୍ରଧାନ ଆଚାର୍ଯ୍ୟ ବିରଞ୍ଚି କୁମାର ସାହୁ, ଭାଜପା ଜିଲା ସମ୍ପାଦକ ଶିକ୍ଷାବିତ୍ ଇଂ. କର୍ପୂର ସାହୁ, ଅର୍ଜୁନ ବେହେରା, ଜନ୍ମେଶ୍ୱର ପୃଷ୍ଟି, ଅଧ୍ୟାପକ ଗାନ୍ଧୀ କୁମାର ସାହୁ, ବଜରଙ୍ଗ ଦଳର ବୋଲଗଡ଼ ପ୍ରମୁଖ ଇତେଶ କୁମାର ବେହେରା, ମୁକେଶ ସାମନ୍ତରାୟ, ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ବୋଲଗଡ଼ ମାର୍ଗଦର୍ଶକ ବସନ୍ତ କୁମାର ମଙ୍ଗରାଜ, ବୋଲଗଡ଼ ମଣ୍ଡଳ ଭାଜପା ସଭାପତି ସଞ୍ଜୟ ବେହେରା ପ୍ରମୁଖ ସହଯୋଗ କରିଥିଲେ।

# ‘କେତେ ଦୁଃଖ ଦେବୁ କହ ଦଇବ’ ନାଟକ ମଞ୍ଚସ୍ଥ

ବେଗୁନିଆ,୯।୧୧(ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ବ୍ଲକ ଅନ୍ତର୍ଗତ ସିକୋସ୍ଥିତ କାର୍ତ୍ତିକ ପୂର୍ଣ୍ଣିମା ପଡ଼ିଆରେ ବାବା ଚନ୍ଦ୍ରଶେଖର ଦେବ କଳା ପରିଷଦର ୫୮ବର୍ଷ ପୂର୍ତ୍ତି ଉପଲକ୍ଷେ ଅନୁଷ୍ଠାନ ପକ୍ଷରୁ ସାମାଜିକ ନାଟକ ‘କେତେ ଦୁଃଖ ଦେବୁ କହ ଦଇବ’ ମଞ୍ଚସ୍ଥ ହୋଇଥିଲା। ନାରାୟଣ ମାନସିଂହ ଉକ୍ତ ନାଟକର ନିର୍ଦ୍ଦେଶନା ଦେଇଥିବା ବେଳେ ଗୁଲୁ ବାରିକ ଓ ପୀତବାସ ଦଳେଇ ସହଯୋଗ କରିଥିଲେ। ରାଜେଶ କୁମାର ସାହୁ ଓ ପବିତ୍ର ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ହିରାପୁର ସରପଞ୍ଚ ଆରତ ଚନ୍ଦ୍ର ମାଝୀ, କୈଳାସ ଚନ୍ଦ୍ର ସାହୁ, ସାମାଜିକ କର୍ମୀ ସଞ୍ଜୟ କୁମାର ବାହୁବଳେନ୍ଦ୍ର ପ୍ରମୁଖ ଅତିଥିଭାବେ ଯୋଗଦେଇ କଳାକାରଙ୍କୁ ଉତ୍ସାହିତ କରିଥିଲେ। ସାଗର ପ୍ରଧାନ, ତାପସ ରଞ୍ଜନ ଆଚାର୍ଯ୍ୟ, କାଳିଆ ଶୁକଳ, ବଳରାମ ସାମନ୍ତରାୟ, ନିରଞ୍ଜନ ସାମନ୍ତରାୟଙ୍କ ସମେତ ୨୮ଜଣ କଳାକାର ବିଭିନ୍ନ ଭୂମିକାରେ ଅଭିନୟ କରିଥିଲେ।

# କେନ୍ଦ୍ର ସରକାରଙ୍କ ଶ୍ରମିକ ମାରଣ ନୀତିକୁ ନିନ୍ଦା


ସମ୍ମିଳନୀରେ ସିଆଇଟିୟୁର କର୍ମକର୍ତ୍ତାମାନେ।

**ସିଆଇଟିୟୁ ଖୋର୍ଦ୍ଧା ଜିଲା ସମ୍ମିଳନୀ**

ଭୁବନେଶ୍ୱର, ୯।୧୧(ବନ୍ଦନା ସେଠୀ)

ଭାରତୀୟ ଟ୍ରେଡ୍ ୟୁନିୟନ ‘ସିଟୁ’ର ଖୋର୍ଦ୍ଧା ଜିଲା ସମ୍ମିଳନୀ ରବିବାର ଭୁବନେଶ୍ୱରସ୍ଥିତ ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ସର୍ବଭାରତୀୟ ଉପସଭାପତି ତଥା ରାଜ୍ୟ ସାଧାରଣ ସମ୍ପାଦକ ସାଥୀ ବିଷ୍ଣୁ ଚରଣ ମହାନ୍ତି ଏହାକୁ ଉଦ୍‌ଘାଟନ କରିବା ସହ କେନ୍ଦ୍ର ସରକାରଙ୍କ ବେଆଇନ ଶ୍ରମିକ ମାରଣ ନୀତିକୁ ନିନ୍ଦା କରିଥିଲେ। କେନ୍ଦ୍ର ସରକାର ଦେଶରେ ପ୍ରଚଳିତ ଥିବା ସମସ୍ତ ୪୪ ଶ୍ରମ ଆଇନ୍‌କୁ ବାତିଲ କରି ବେଆଇନ ଭାବରେ କୌଣସି କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନ ସହିତ ଆଲୋଚନା ନ କରି ଶ୍ରମିକ ବିରୋଧୀ ୪ ଶ୍ରମକୋଡ୍ ଆଣିଛନ୍ତି। ଏହାକୁ ବାତିଲ କରିବାକୁ ହେଲେ ଶ୍ରମିକ ଶ୍ରେଣୀ ଲଗାତର ଭାବରେ ସଂଗଠିତ ହୋଇ ଲଢେଇ ଜାରି ରଖିବାକୁ ପଡିବ। ଧନୀ ଗରିବଙ୍କ ମଧ୍ୟରେ ତାରତମ୍ୟ ବଢିବା, ଦରଦାମ ବଢ଼ିବା, ବେରୋଜଗାର ବୃଦ୍ଧି, ସରକାରୀ ଉଦ୍ୟୋଗ, ଖଣି ଖାଦାନ, ବନ୍ଦର, ରେଳପଥ ଆଦି କ୍ଷେତ୍ରକୁ ଘରୋଇ କମ୍ପାନୀଙ୍କୁ ଟେକିଦେବା ବିରୋଧରେ ଲଢ଼ିବାକୁ ପଡିବ। ଶ୍ରମିକଙ୍କ ସ୍ଥାୟୀ ନିଯୁକ୍ତି, ସ୍କିମ୍ ଶ୍ରମିକଙ୍କୁ ଶ୍ରମିକ ମାନ୍ୟତା ସହିତ ମାସକୁ ୨୬୦୦୦ଟଙ୍କା ବେତନ ଓ ସାମାଜିକ ସୁରକ୍ଷା ଦେବାକୁ ସେ ସରକାରଙ୍କ ନିକଟରେ ଦାବି କରିଥିଲେ। ଏହି ଅବସରରେ ଆଗାମୀ ୩ବର୍ଷ ପାଇଁ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ସୁରେଶ ରାଉତରାୟ ସଭାପତି ଏବଂ ପ୍ରଦୀପ୍ତ ନାୟକ ସମ୍ପାଦକ ରହିଥିବାବେଳେ ଏକ ୩୩ଜଣିଆ ନୂତନ ଜିଲା କମିଟି ଗଠନ କରାଯାଇଥିଲା। ଆଡ୍‌ଭୋକେଟ୍ ସୁରେଶ ରାଉତରାୟ, ଗିରିଶ ମହାରଣା ଓ କୁନ୍ତଳା ଦିଗଲଙ୍କୁ ନେଇ ଗଠିତ ସଭାପତି ମଣ୍ଡଳୀ ଏହି ସମ୍ମିଳନୀ ପରିଚାଳନା କରିଥିଲା। ସିଟୁର ପ୍ରଦୀପ୍ତ ନାୟକ କାର୍ଯ୍ୟକ୍ରମ ବିବରଣୀ ପ୍ରଦାନ କରିଥିବାବେଳେ ସତ୍ୟାନନ୍ଦ ବେହେରା, ପର୍ଶୁରାମ ପଲେଇ, ପ୍ରଭାତ ପାଣିଗ୍ରାହୀ, ମିନା ବେହେରା, ପବିତ୍ର ପ୍ରଧାନ, ସତ୍ୟନାରାୟଣ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ଖୋର୍ଦ୍ଧା ଜିଲା ଆନ୍ତଃସ୍କୁଲ କ୍ରିକେଟ୍ ଟୁର୍ନାମେଣ୍ଟ: ଗ୍ରୀନ୍ ଏକାଦଶ ବିଜୟୀ


ଖୋର୍ଦ୍ଧା ଜିଲା ଆନ୍ତଃସ୍କୁଲ କ୍ରିକେଟ୍ ଟୁର୍ନାମେଣ୍ଟ ଉଦ୍‌ଘାଟନ ଅବସରରେ ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳିମାନେ।

ଖୋର୍ଦ୍ଧା,୯।୧୧(ପ୍ରଭାତ ପାଣିଗ୍ରାହୀ)

ଓଡ଼ିଶା କ୍ରିକେଟ୍ ଆସୋସିଏଶନ ଆନୁକୂଲ୍ୟରେ କ୍ରିକେଟ୍ ଆସୋସିଏଶନ ଅଫ୍ ଦି ଡିଷ୍ଟ୍ରିକ୍ ଖୋର୍ଦ୍ଧା ସହଯୋଗରେ ଖୋର୍ଦ୍ଧା ଜିଲା ଆନ୍ତଃସ୍କୁଲ କ୍ରିକେଟ୍ ଟୁର୍ନାମେଣ୍ଟ ଆରମ୍ଭ ହୋଇଛି। ଉଦ୍‌ଘାଟନୀ ମ୍ୟାଚ୍ ଖୋର୍ଦ୍ଧା ସ୍କୁଲ ସମୂହ ଗ୍ରୀନ୍ ଏକାଦଶ ଏବଂ ବ୍ଲୁ ଦଳ ମଧ୍ୟରେ ହୋଇଥିଲା। ବ୍ଲୁ ଦଳ ପ୍ରଥମେ ବ୍ୟାଟିଂ କରି ୪୦ ଓଭରରେ ସମସ୍ତ ଉଇକେଟ ବିନିମୟରେ ୧୭୬ ରନ୍ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଇନ୍ଦୁର ବର୍ଦ୍ଧନ ୫୮ ଏବଂ କୌଶିକ ମହାନ୍ତି ୨୨ ରନ୍ କରିଥିଲେ। ଗ୍ରୀନ୍ ଏକାଦଶ ପକ୍ଷରୁ ଜଗନ୍ନାଥ ବେହେରା ହାଟ୍ରିକ୍ ଉଇକେଟ ନେବା ସହିତ ମୋଟ ୪ଟି ଏବଂ ଓମ୍ ପ୍ରକାଶ ସାହୁ ୩ଟି ଉଇକେଟ ନେଇଥିଲେ। ଗ୍ରୀନ୍ ଏକାଦଶ ଟିମ୍ ବ୍ୟାଟିଂ କରି ୩୩.୧ ଓଭରରେ ୪ ଉଇକେଟ ବିନିମୟରେ ଆବଶ୍ୟକ ରନ୍ ସଂଗ୍ରହ କରି ବିଜୟୀ ହୋଇଥିଲା। ଦଳ ପକ୍ଷରୁ ଦେବାଂଶୁ ଜେନା ୬୨ ଏବଂ ସାଇ ସ୍ମୃତି ୨୯ରନ କରିଥିଲେ। ପ୍ରାରମ୍ଭରେ ଆସୋସିଏଶନର ଯୁଗ୍ମ ସମ୍ପାଦକ ସମୀର ବଳିୟାରସିଂହ ଏବଂ କୋଷାଧ୍ୟକ୍ଷ ଚଣ୍ଡୀ ପ୍ରସାଦ ଆଚାର୍ଯ୍ୟ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଚନ୍ଦ୍ର ମୋହନ ବରାଳ ଏବଂ ଅବଦୁଲ ରହିମ ଖାଁ ମ୍ୟାଚ୍ ପରିଚାଳନା କରିଥିଲେ। ସ୍କୋରର ଦାୟିତ୍ୱରେ ସୁଶିଲ ସୁନ୍ଦରାୟ ଏବଂ ମ୍ୟାଚ ରେଫରି ଭାବେ ସରୋଜ ପାତ୍ର ଦାୟିତ୍ୱ ତୁଲାଇଥିଲେ।

## ସଂକ୍ଷେପରେ

### ପରଲୋକରେ ବିଶିଷ୍ଟ ବ୍ୟବସାୟୀ ଜୟଦେବ ସୁବୁଦ୍ଧି

ପୁରୀ,୯।୧୧ (ଅଜିତ୍ କୁମାର ମହାନ୍ତି)

ପୁରୀ ସହରର ବିଶିଷ୍ଟ ବ୍ୟବସାୟୀ ଜୟଦେବ ସୁବୁଦ୍ଧିଙ୍କର ଗତ ୬ତାରିଖରେ ପରଲୋକ ହୋଇଯାଇଛି। ତାଙ୍କୁ ୮୫ ବର୍ଷ ବୟସ ହୋଇଥିଲା। ସେ ୧୯୪୧ ଜୁନ ୪ରେ ପୁରୀର କାଳିକାଦେବୀ ସାହିରେ ଜନ୍ମଗ୍ରହଣ କରିଥିଲେ। ସେ ଜଣେ ସ୍ନେହୀ, ପରୋପକାରୀ, ନିଃସ୍ୱାର୍ଥପର ମଣିଷ ଭାବେ ଲୋକପ୍ରିୟ ଥିଲେ। ଜୟଦେବ ପୁରୀର ବ୍ୟବସାୟିକ ଅର୍ଥନୀତିକୁ ସାତଦଶକ ଧରି ନେତୃତ୍ୱ ଦେଇଆସୁଥିଲେ। ୧୯୫୬ ମସିହାରେ ବ୍ରିଟାନିଆ ବିସ୍କୁଟ ପୁରୀକୁ ଆଣି ଲୋକଙ୍କୁ ନୂଆ ସ୍ୱାଦ ଚଖାଇଥିଲେ। ସେହିପରି ୧୯୬୬ରେ ସେ ପୁରୀକୁ ରନ୍ଧନଗ୍ୟାସ୍ ଏବଂ ୧୯୯୬ରେ ମୋବାଇଲ୍ ନେଟୱର୍କ ଆଣିଥିବା ପ୍ରଥମ ଉଦ୍ୟୋଗୀ ଥିଲେ। ସେ ୧୯୬୮ରୁ ରୋଟାରି କ୍ଲବ ସଦସ୍ୟ, କଳିଙ୍ଗ ବୈଶ୍ୟ ସଂଘ ପୁରୀର ସଭାପତି ଏବଂ କଳିଙ୍ଗ ବୈଶ୍ୟ ମହାସଂଘ, ଓଡ଼ିଶାର କାର୍ଯ୍ୟନିର୍ବାହୀ ସଦସ୍ୟ ଥିଲେ। ସେ ପୁରୀ କ୍ଲବର ସଦସ୍ୟ ରହିବା ସହ ଅନେକ ଅନୁଷ୍ଠାନ ସହିତ ଜଡ଼ିତ ଥିଲେ। ସେ ଜଣେ ବିଲ୍ଡର, ହୋଟେଲିଅର ଏବଂ ସାମାଜିକ କର୍ମୀ ଭାବେ ପରିଚିତ ଥିଲେ। ତାଙ୍କ ଶେଷ ଦର୍ଶନ ପାଇଁ ପୁରୀ ବାସଭବନରେ ବହୁ ବ୍ୟବସାୟୀ ଓ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ହୋଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଜୟଦେବଙ୍କୁ ପୁରୀର ଏକ ପ୍ରତୀକ ଭାବେ ସଦା ସ୍ମରଣ କରାଯିବ, ଯିଏ ତାଙ୍କ ଜୀବନରେ ପରିବାର, ସମ୍ପର୍କ ଓ ମୂଲ୍ୟବୋଧକୁ ଉଚ୍ଚ ସ୍ଥାନ ଦେଉଥିଲେ ବୋଲି ମତ ପାଇଛି।

### ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଆଧାରସ୍ତର ଭାଗ-୧ 'ମାତୃ କର୍ମଶାଳା'

ପୁରୀ,୯।୧୧ (ଅଜିତ୍ କୁମାର ମହାନ୍ତି)

ସ୍ଥାନୀୟ ହରଚଣ୍ଡୀ ସାହିସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଆଧାରସ୍ତର ଭାଗ-୧ 'ମାତୃ କର୍ମଶାଳା' ଉତ୍ସବ ରବିବାର ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ପରିଚାଳନା ସମିତିର ଉପସଭାପତି ସ୍ୱର୍ଣ୍ଣଲତା ଦାସ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉତ୍ସବକୁ ଆଗେଇ ନେଇଥିବାବେଳେ ବିଦ୍ୟାଳୟର ସହସମ୍ପାଦିକା ମମତାରାଣୀ ସାହୁ, ଶିକ୍ଷାବିକାଶ ସମିତିଙ୍କ ପୁରୀ ଜିଲା ସହ ପ୍ରମୁଖ ଦୀନବନ୍ଧୁ ତ୍ରିପାଠୀ, ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ରବୀନ୍ଦ୍ର କୁମାର ନନ୍ଦ ଏବଂ ଶିଶୁବାଟିକ ସଂକୁଳପ୍ରମୁଖ ରିନାରାଣୀ ରାଉତରାୟ ପ୍ରମୁଖ ଯୋଗଦେଇଥିଲେ। ବିଦ୍ୟାଳୟର ଶିଶୁବାଟିକା ପ୍ରମୁଖ ମମତା ମିଶ୍ର ଅତିଥି ପରିଚୟ ଦେଇଥିଲେ। ଶିଶୁମାନଙ୍କୁ ଗଢ଼ି ତୋଳିବାରେ ମା'ମାନଙ୍କର ଭୂମିକା ଯେ, କେତେ ଗୁରୁତ୍ୱପୂର୍ଣ୍ଣ ସେ ସମ୍ବନ୍ଧରେ ରାଉତରାୟ ସବିଶେଷ ବିବରଣୀ ପ୍ରଦାନ କରିଥିଲେ। ଶିଶୁମାନଙ୍କୁ କିପରି ଗଢିବେ ସେ ବିଷୟରେ ମା'ମାନଙ୍କୁ ଶିକ୍ଷାଦାନ କରାଯାଇଥିଲା। ପରେ ମା'ମାନଙ୍କ ମଧ୍ୟରେ ଝୋଟି ମୁରୁଜ ଓ ଦୌଡ଼ ଆଦି ପ୍ରତିଯୋଗିତା କରାଯାଇ କୃତୀ ମା'ମାନଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଶେଷରେ ବରିଷ୍ଠ ଆଚାର୍ଯ୍ୟା ତଥା ଶୈକ୍ଷିକ ପ୍ରମୁଖ କଳ୍ପଲତା ମିଶ୍ର ଧନ୍ୟବାଦ ଦେଇଥିଲେ।

# ଦିବ୍ୟାଙ୍ଗଙ୍କୁ ଭତ୍ତା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଗୁହାରି

ଗୋପ,୯।୧୧ (ଭାରତୀ ଭୂଷଣ ଉପାଧ୍ୟାୟ)

**୭ମାସ ଧରି ମିଳୁ ନ ଥିଲା ଭତ୍ତା ଟଙ୍କା**

ଦୀର୍ଘ ୭ମାସ ଧରି ଭତ୍ତା ଟଙ୍କା ମିଳୁ ନ ଥିଲା। ୯୦ ପ୍ରତିଶତ ଦିବ୍ୟାଙ୍ଗ ଯୁବତୀ ଜଣକ ମୁଖ୍ୟମନ୍ତ୍ରୀଙ୍କୁ ଅଭିଯୋଗ କରିବା ପରେ ତୁରନ୍ତ ଏପରି ଏକ ଗୁରୁତ୍ୱପୂର୍ଣ୍ଣ ଅଭିଯୋଗ ଉପରେ ତଦନ୍ତ କରି ଭତ୍ତାଟଙ୍କା ଦେବାକୁ ନିର୍ଦ୍ଦେଶ ହେବା ପରେ ଗୋପ ବ୍ଲକ ଅନ୍ତର୍ଗତ କୁଆଁପଡ଼ା ପଞ୍ଚାୟତ ଓରୁଆଳି ଗ୍ରାମର ପ୍ରଭାକର ପ୍ରଧାନଙ୍କ ଦିବ୍ୟାଙ୍ଗ ଝିଅ ପ୍ରତିଭା ପ୍ରଧାନ (୨୩)ଙ୍କୁ ଭତ୍ତା ଟଙ୍କା ମିଳିବ ବୋଲି ଜଣାପଡ଼ିଛି।

ପ୍ରକାଶ ଯେ, ଗୋପ ବ୍ଲକରେ ଦୀର୍ଘଦିନ ଧରି ଭତ୍ତା କେଲେଙ୍କାରି ଲାଗି ରହିଥିବା ବେଳେ ବିଭିନ୍ନ ସମୟରେ ଏହି ଭତ୍ତା କେଲେଙ୍କାରି ଘଟଣା ମୁଖ୍ୟମନ୍ତ୍ରୀଙ୍କଠାରୁ ଆରମ୍ଭ କରି ଜିଲାପାଳଙ୍କ ନିକଟରେ ସାଧାରଣ ଲୋକଙ୍କ ସହିତ ଲୋକ ପ୍ରତିନିଧିମାନେ ଅଭିଯୋଗ କରୁଛନ୍ତି।



ଦିବ୍ୟାଙ୍ଗ ଯୁବତୀ ପ୍ରତିଭା ପ୍ରଧାନ ।

ଏହି ବ୍ଲକରେ ବୟସ ନ ହୋଇ ସରକାରୀ ନିୟମକୁ ଜଳାଞ୍ଜଳି ଦେଇ ଭତ୍ତା ଟଙ୍କା କେତେଜଣ ବ୍ୟକ୍ତି ହାତେଇଥିବା ବେଳେ କେତେବେଳେ ବୟସର ଅପରାହ୍ନରେ ପହଞ୍ଚି ଥିବା ବୃଦ୍ଧାବୃଦ୍ଧଙ୍କୁ ଭତ୍ତା ମିଳୁ ନ ଥିବା ଅଭିଯୋଗ ରହିଛି। କୁଆଁପଡା ପଞ୍ଚାୟତ ଓରୁଆଳି ଗ୍ରାମର ଦିବ୍ୟାଙ୍ଗ ପ୍ରତିଭା ପ୍ରଧାନ ଜନ୍ମରୁ ଦିବ୍ୟାଙ୍ଗ ହୋଇଥିବା ବେଳେ ତାଙ୍କୁ ପ୍ରଥମରୁ ସରକାରଙ୍କ ନିୟମ ଅନୁସାରେ ଭତ୍ତା ଟଙ୍କା ମିଳୁଥିଲା। ଏହି ଭତ୍ତା ଟଙ୍କା ପାଉଥିବା ବେଳେ ୨୦୨୩ରେ ଦିବ୍ୟାଙ୍ଗ ପ୍ରତିଭାଙ୍କ ୫ ମାସର ଭତ୍ତା ଟଙ୍କା ହଡ଼ପ ହୋଇଥିଲା। ସରକାରୀ ନିୟମ ଅନୁସାରେ ଯେଉଁମାନେ ଅନ୍‌ଲାଇନରେ ଆବେଦନ କରି ସେମାନଙ୍କ ଦିବ୍ୟାଙ୍ଗ ପ୍ରମାଣପତ୍ର ଆଣିବେ ଓ ୮୦ ପ୍ରତିଶତରୁ ଅଧିକ ଦିବ୍ୟାଙ୍ଗ ଥିବେ ତାଙ୍କୁ ୩ ହଜାର ୫୦୦ ଟଙ୍କା ମିଳିବ। ମାତ୍ର ପ୍ରତିଭା ୯୦ ପ୍ରତିଶତ ଦିବ୍ୟାଙ୍ଗ ଥିବାବେଳେ ତାଙ୍କର ସମସ୍ତ ଦସ୍ତାବିଜ ଠିକ ରହିଛି । ସେ ମଧ୍ୟ ପୂର୍ବରୁ ବ୍ୟାଙ୍କ ମାଧ୍ୟମରେ ଭତ୍ତା ଟଙ୍କା ପାଉଥିଲେ। ଦିବ୍ୟାଙ୍ଗ ପ୍ରତିଭାଙ୍କୁ ଦୀର୍ଘ ୭ ମାସ ଧରି ଭତ୍ତା ଟଙ୍କା ନ ମିଳିବାରୁ ଜଣେ ସମାଜସେବୀ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଅଭିଯୋଗ କରିବା ପରେ ତୁରନ୍ତ ପ୍ରତିଭାଙ୍କୁ ଭତ୍ତା ଟଙ୍କା ପ୍ରଦାନ କରିବାକୁ ପୁରୀ ଜିଲା ଅଫିସକୁ ନିର୍ଦ୍ଦେଶ ଆସିଥିଲା। ପୁରୀ ଉପଜିଲାପାଳ ରାଜକିଶୋର ଜେନା ଗୋପ ବିଡିଓଙ୍କୁ ୩ ହଜାର ୫୦୦ ଟଙ୍କା ଭତ୍ତା ଦିବ୍ୟାଙ୍ଗ ପ୍ରତିଭାଙ୍କୁ ଦେବା ପାଇଁ ନିର୍ଦ୍ଦେଶ ଦେବା ପରେ ବିଡିଓ ଚିଠି ନମ୍ବର ୪୭୭୭ରେ ଗତ ନଭେମ୍ବର ମାସରୁ ଭତ୍ତା ଟଙ୍କା ଦେବା ପାଇଁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି। ଏପରିଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଦିବ୍ୟାଙ୍ଗ ପ୍ରତିଭାଙ୍କ ବାପା ପ୍ରଭାକର ପ୍ରଧାନଙ୍କୁ ପଚାରିବାରେ ସେ କହିଛନ୍ତି, ମୁଁ ଶୁଣିଛି ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ମୋ ଝିଅକୁ ଭତ୍ତା ଟଙ୍କା ମିଳିବ। ମାତ୍ର ଏ ପର୍ଯ୍ୟନ୍ତ ମିଳି ନାହିଁ ବୋଲି କହିଛନ୍ତି। ଏହି ଦିବ୍ୟାଙ୍ଗ ପ୍ରତିଭାଙ୍କୁ କାହିଁକି ଭତ୍ତା ଟଙ୍କା ଦିଆଯାଇ ନାହିଁ ବୋଲି ବ୍ଲକ ସାମାଜିକ ଅଧିକାରୀଙ୍କୁ ଯୋଗାଯୋଗ କରିଥିଲେ ମଧ୍ୟ ସେ ଫୋନ ଉଠାଇ ନ ଥିଲେ।

# ପ୍ରତିଭା ଚୟନ, ସମ୍ବର୍ଦ୍ଧନା ସମାରୋହ



ଅତିଥିମାନଙ୍କ ଗହଣରେ ପୁରସ୍କୃତ କୃତୀ ଛାତ୍ରୀଛାତ୍ର ବୃନ୍ଦ।

ନିମାପଡ଼ା,୯।୧୧ (ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ଥାନା ଅନ୍ତର୍ଗତ ଗୁହାଳପଡ଼ା ଗ୍ରାମ ନିକଟରେ ଥିବା ଇ.ପି.ଜି.ପି. ନାମକ ଶିକ୍ଷାନୁଷ୍ଠାନ ପକ୍ଷରୁ ଏକ ପ୍ରତିଭା ଚୟନ କାର୍ଯ୍ୟକ୍ରମ ଓ ସମ୍ବର୍ଦ୍ଧନା ସମାରୋହ ସ୍ଥାନୀୟ ଟାଉନ୍ ହଲ ଠାରେ ଅନୁଷ୍ଠିତ ହୋଇଥିଲା। ସମାରୋହରେ ଅତିଥି ଭାବେ ଇ. ପି. ଜି. ପି. ଅନୁଷ୍ଠାନର ପରିଚାଳନା ନିର୍ଦ୍ଦେଶକ ଶୁଭମନ୍ୟୁ ଶତପଥୀ, ସମ୍ପାଦକ ସତ୍ୟନାରାୟଣ ଶତପଥୀ, ମୁଖ୍ୟଉପଦେଷ୍ଟା ଶୁଭ୍ରଜ୍ୟୋତ୍ସ୍ନା ଶତପଥୀ, ଉପଦେଷ୍ଟା ମାନସୀ ଶତପଥୀ, ସୁବ୍ରତ ଦାଶ ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ସ୍ୟାଟ୍ ପରୀକ୍ଷା ଓ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ପରୀକ୍ଷାରେ ନିମାପଡ଼ା ବ୍ଲକର ଆଠଟି ଉଚ୍ଚ ବିଦ୍ୟାଳୟର ପ୍ରାୟ ୩ଶହ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଏହି ପରୀକ୍ଷା ଓ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା କୃତୀ ସୋମନାଥ ସାହୁ, ପ୍ରିୟଦର୍ଶିନୀ ସାହୁ, ଶ୍ରୀୟାଂଶୁ ଦାସ, ପ୍ରାଚୀପ୍ରଜ୍ଞା ମହାରଣାଙ୍କ ସମେତ ୨୪ ଜଣ କୃତୀ ଛାତ୍ରୀଛାତ୍ରଙ୍କୁ ଅନୁଷ୍ଠାନ ପକ୍ଷରୁ ପୁରସ୍କାର ଓ ମାନପତ୍ର ପ୍ରଦାନ କରାଯାଇ ସମ୍ବର୍ଦ୍ଧନ କରାଯାଇଥିଲା। ସମାରୋହରେ ବହୁ ଛାତ୍ରୀଛାତ୍ର, ଶିକ୍ଷକ, ଅନୁଷ୍ଠାନର କାର୍ଯ୍ୟକର୍ତ୍ତାମାନେ ଯୋଗ ଦେଇଥିଲେ। ସ୍ୱନାମଧନ୍ୟ ନାଟ୍ୟ ନିର୍ଦ୍ଦେଶକ ନିରଞ୍ଜନ ପଳତା ଏହି କାର୍ଯ୍ୟକ୍ରମ ଓ ସମାରୋହର ସଂଯୋଜନା ଓ ପରିଚାଳନା କରିଥିଲେ।

# ଆଦିତ୍ୟ ବାହିନୀ, ଆନନ୍ଦ ବାହିନୀର ପ୍ରାଦେଶିକସ୍ତରୀୟ କାର୍ଯ୍ୟକାରିଣୀ



ପୁରୀ ଗୋବର୍ଦ୍ଧନ ପୀଠ ପରିସରରେ ଆଦିତ୍ୟ ବାହିନୀ ଓ ଆନନ୍ଦ ବାହିନୀର ରାଜ୍ୟ କାର୍ଯ୍ୟକାରିଣୀ ବୈଠକରେ ଉପସ୍ଥିତ ଅତିଥିମାନେ ।

ପୁରୀ,୯।୧୧ (ଅଜିତ୍ କୁମାର ମହାନ୍ତି)

ଗୋବର୍ଦ୍ଧନ ମଠ ପରିସରରେ ଦୁଇଦିନ ଧରି ଭାଗବତ ଭବନରେ ପୀଠପରିଷଦ ଅନ୍ତର୍ଗତ, ଆଦିତ୍ୟ ବାହିନୀ ଓ ଆନନ୍ଦ ବାହିନୀର ପ୍ରାଦେଶିକସ୍ତରୀୟ କାର୍ଯ୍ୟକାରିଣୀ ଅନୁଷ୍ଠିତ ହୋଇଯାଇଛି। ଆଦିତ୍ୟ ବାହିନୀ ଓଡ଼ିଶା ପ୍ରାନ୍ତର ସାଧାରଣ ସମ୍ପାଦକ କୁମାର ସତ୍ୟଜିତ ବେଜଙ୍କ ସୂଚନା ଅନୁଯାୟୀ, ରାଜ୍ୟର ପ୍ରାୟ ୨୩ଟି ଜିଲାର କାର୍ଯ୍ୟକର୍ତ୍ତା ଏବଂ ପଦାଧିକାରୀ ସମୂହ କାର୍ଯ୍ୟକାରିଣୀରେ ଭାଗ ନେଇଥିଲେ। ରାଜ୍ୟ ଉପସଭାପତି ରଘୁନାଥ ମହନ୍ତ ଜୀଙ୍କ ସଂଯୋଜନାରେ ୨ଦିନିଆ ରାଜ୍ୟ କାର୍ଯ୍ୟକାରିଣୀରେ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା କରାଯାଇ ଆଗାମୀ ଦିନରେ କରାଯିବା ପାଇଁ ସର୍ବସମ୍ମତିକ୍ରମେ ପ୍ରସ୍ତାବ ପାରିତ କରାଯାଇଛି। ପ୍ରଥମ ଦିନ ଶନିବାର ସନ୍ଧ୍ୟାରେ ରାଜ୍ୟର କାର୍ଯ୍ୟକର୍ତ୍ତାଙ୍କୁ ପୁରୀ ଶାଖା ତରଫରୁ ସ୍ୱାଗତ କରାଯାଇଥିଲା। କାର୍ଯ୍ୟକର୍ତ୍ତାଙ୍କର ନାମ ପଞ୍ଜିକରଣ ମଧ୍ୟ କରାଯାଇ ପରିଚୟ ହୋଇଥିଲା। ପୂଜ୍ୟ ଜଗଦ୍‌ଗୁରୁ ପୁରୀ ପୀଠାଧିଶ ଶଙ୍କରାଚାର୍ଯ୍ୟ ମହାଭାଗବତଙ୍କର ନିଜସ୍ୱ ମାନସ ସଂଗଠନର ପ୍ରାଦେଶିକ କାର୍ଯ୍ୟକାରିଣୀ ବର୍ଷରେ ଦୁଇଥର ଅନୁଷ୍ଠିତ ହୋଇଥାଏ। ଏହି କ୍ରମରେ ୨ଦିନିଆ କାର୍ଯ୍ୟକାରିଣୀକୁ ଅନୁଷ୍ଠାନିକ ଭାବେ ରବିବାର ଦଣ୍ଡିସ୍ୱାମୀ ବନ ବୈଭବାରଣ୍ୟ ସରସ୍ୱତୀ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଶିବିରକୁ ଉଦ୍‌ଘାଟନ କରିଥିଲେ। ପ୍ରାତଃ ସମୟରେ ପ୍ରଭାତଫେରୀ ଓ କୀର୍ତ୍ତନ କରାଯାଇ ଦିବସଟିକୁ ଆରମ୍ଭ କରାଯାଇଥିଲା। ପରେ ମଠ ପରିସରରେ କରସେବା କାର୍ଯ୍ୟ କରାଯାଇ ୧୦ଟାରୁ କାର୍ଯ୍ୟକାରିଣୀ ବୈଠକ ଆରମ୍ଭ ହୋଇଥିଲା। ରାଜ୍ୟ ସଭାପତି ପଣ୍ଡିତ ମାତୃପ୍ରସାଦ ମିଶ୍ରଙ୍କର ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଥିଲା। ରାଜ୍ୟ ଉପସଭାପତି ରଘୁନାଥ ମାହୁନ୍ତ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପରେ ବ୍ରହ୍ମଚାରୀ କୈଳାସ, ଗୋବର୍ଦ୍ଧନ ପୀଠ ଏବଂ ଗୁରୁ ପରମ୍ପରା ବିଷୟରେ ମାର୍ଗଦର୍ଶନ କରିବା ପରେ ରାଜ୍ୟ ଅଧକ୍ଷ ପଣ୍ଡିତ ମାତୃପ୍ରସାଦ ମିଶ୍ର ମହାଭାଗ କାର୍ଯ୍ୟକର୍ତ୍ତାଙ୍କର ଚୟନ, ପ୍ରଶିକ୍ଷଣ ଏବଂ ନିୟୋଜନ ବିଷୟରେ ଆଲୋଚନା କରିବା ସହିତ କିପରି ଆଗାମୀ ଦିନରେ ଭାରତବର୍ଷ ହିନ୍ଦୁରାଷ୍ଟ୍ରରେ ଘୋଷିତ ହେବ ଏବଂ ଆମମାନଙ୍କର କର୍ତ୍ତବ୍ୟ ଓ ଦାୟିତ୍ୱ ସମ୍ବନ୍ଧରେ ଆଲୋଚନା କରିଥିଲେ। ପରେ ୫ଟି ବିଭାଗକୁ ନେଇ ବୈଠକ ଅନୁଷ୍ଠିତ ହୋଇଥିଲା। ଜଗଦ୍‌ଗୁରୁ ମହାରାଜାଙ୍କର ମାର୍ଗଦର୍ଶନରେ ଏକଘଣ୍ଟା ଏବଂ ଏକ ଟଙ୍କା ପ୍ରକଳ୍ପ କିପରି ସମାଜର ସବୁସ୍ତରରେ ସନାତନୀ ହିନ୍ଦୁମାନେ ପାଳନ କରିବେ ସେ ସମ୍ବନ୍ଧରେ ମଧ୍ୟ ରାଜ୍ୟ ଅଧକ୍ଷ ମାର୍ଗଦର୍ଶନ ଦେଇଥିଲେ। ଶେଷରେ ସାଧାରଣ ସମ୍ପାଦକ କୁମାର ସତ୍ୟଜିତ ବେଜ୍ ଧନ୍ୟବାଦ ଦେଇଥିଲେ। ଶାନ୍ତିପାଠ ସହିତ କାର୍ଯ୍ୟକାରିଣୀ ସମାପନ ହୋଇଥିବା ଶଙ୍କରାଚାର୍ଯ୍ୟ–ଗୋବର୍ଦ୍ଧନ ପୀଠ ସୂଚନା ଓ ଗଣମାଧ୍ୟମ ସଚିବ ଦେବାଶିଷ ମିଶ୍ର ପ୍ରକାଶ କରିଥିଲେ।

# ଗରିବ ବୃଦ୍ଧା, ବୃଦ୍ଧଙ୍କୁ ଶୀତବସ୍ତ୍ର ବଣ୍ଟନ

କାକଟପୁର/ଅସ୍ତରଙ୍ଗ,୯।୧୧ (ଶୁଭଦର୍ଶନ ମିଶ୍ର/ପ୍ରଦୀପ୍ତ କୁମାର ଦୀକ୍ଷିତ)

ସହାୟତାର ହାତ ବଢ଼ାଇବାକୁ ଭଗବାନ ନିଜେ ଧରାପୃଷ୍ଠକୁ ଓହ୍ଲାଇ ନ ଆନ୍ତି। ମଣିଷରୂପୀ ଭଗବାନ ହିଁ ସହଯୋଗ କରିବାକୁ ଧାଇଁ ଆସନ୍ତି। ଶୀତଋତୁ ଆରମ୍ଭ ହୋଇଯାଇଥିବା ବେଳେ ଅନେକ ବୃଦ୍ଧା, ବୃଦ୍ଧ ଗରିବ ଶ୍ରେଣୀର ଲୋକମାନେ ଶୀତବସ୍ତ୍ର ନ ଥିବାରୁ ଶୀତଦିନେ କଷ୍ଟ ଅନୁଭବ କରିଥାନ୍ତି। ଅସହାୟ ଗରିବ ଲୋକଙ୍କ ଦୁଃଖ ସମୟରେ ପୁରୀ ଜିଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଅସ୍ତରଙ୍ଗ ବ୍ଲକ କେନ୍ଦ୍ରାପାଟି ପଞ୍ଚାୟତ ଜିଓଳ ଗ୍ରାମରେ ଥିବା 'ଗାଦି ଗୋସାଇଁ ଯୁବ ପରିଷଦ' ସଦସ୍ୟମାନେ ନିଜସ୍ୱ ରୋଜଗାର ପାଣ୍ଠିରୁ ସ୍ଥାନୀୟ ଅଞ୍ଚଳ ସମେତ ଦୂରଦୂରାନ୍ତ ୨ଶହରୁ ଊର୍ଦ୍ଧ୍ୱ ବୃଦ୍ଧା, ବୃଦ୍ଧ ଓ ଗରିବ ଅସହାୟ ଲୋକଙ୍କୁ କମ୍ବଳ ବଣ୍ଟନ କରିଛନ୍ତି। ଏ ନେଇ ଗାଦି ଗୋସାଇଁ ଯୁବ ପରିଷଦ ସଭାପତି ଶାନ୍ତିଶେଖର ବାରିକ କହିଛନ୍ତି, କ୍ଲବର ମୁଖ୍ୟ ଉଦ୍ଦେଶ୍ୟ ଅସହାୟ, ନିରାଶ୍ରୟଙ୍କ ନିକଟରେ ସବୁବେଳେ ସାଥୀ ହୋଇ ଠିଆ ହେବା ସହ ସାମାଜିକ କାର୍ଯ୍ୟରେ ନିୟୋଜିତ ହେବା କ୍ଲବର ସମସ୍ତ ସଦସ୍ୟଙ୍କ ଲକ୍ଷ୍ୟ। ଏହି କମ୍ବଳ ବଣ୍ଟନ ସମୟରେ ସଭାପତି ଶାନ୍ତିଶେଖର ବାରିକ, ଉପସଭାପତି ପ୍ରୀତିରଞ୍ଜନ ସ୍ୱାଇଁ, ସମ୍ପାଦକ ବିଶ୍ୱଜିତ୍ ସେଠୀ, କୋଷାଧକ୍ଷ ସନ୍ତୋଷ ସ୍ୱାଇଁଙ୍କ ସମେତ ୫୬ଜଣ ସଦସ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

# କଅଁଳପଡ଼ା ଗାଁ ରାସ୍ତାରୁ ଉଦ୍ଧାର ଯୁବକଙ୍କ ମୃତ୍ୟୁ

ଡେଲାଙ୍ଗ,୯।୧୧ (ରଶ୍ମିରଞ୍ଜନ ପ୍ରଧାନ)

**ଅଭିଯୁକ୍ତଙ୍କ ଗିରଫ ଦାବିରେ ମୃତଦେହ ରଖି ବସିଲେ ପରିବାର ଓ ଗ୍ରାମବାସୀ**

ଡେଲାଙ୍ଗ ଥାନା ଅନ୍ତର୍ଗତ କଅଁଳପଡ଼ା ଗ୍ରାମ ମହାବୀର ମନ୍ଦିର ନିକଟ ରାସ୍ତା କଡ଼ରୁ ଗତ ୪ ତାରିଖରେ ଉଦ୍ଧାର ହୋଇଥିବା ଯୁବକ ପର୍ଶୁରାମ ବଳିୟାରସିଂହ (୨୮)ଙ୍କ ଶନିବାର କଟକ ମେଡିକାଲ୍‌ରେ ମୃତ୍ୟୁ ହୋଇଥିବା ସୂଚନା ମିଳିଛି। ଅଭିଯୁକ୍ତମାନଙ୍କ ଗିରଫ ଓ ନ୍ୟାୟୋଚିତ ଦଣ୍ଡବିଧାନ ଦାବିକରି ଗ୍ରାମବାସୀ ଓ ପରିବାରବର୍ଗ ମୃତଦେହ ରଖି ଦାଣ୍ଡରେ ବସି ରହିଥିଲେ। ଡେଲାଙ୍ଗ ପୋଲିସ ସଦଳବଳ ମୃତକଙ୍କ ଘରେ ପହଞ୍ଚି ମୃତଦେହ ସତ୍କାର ପାଇଁ ପରିବାରବର୍ଗଙ୍କୁ ବୁଝାଇଥିଲେ। କଟକ ମେଡିକାଲ୍‌ରେ ବ୍ୟବଚ୍ଛେଦ ହୋଇ ମୃତଦେହ କଅଁଳପଡ଼ା ଗ୍ରାମକୁ ଫେରିବାପରେ ଶୋକାକୁଳ ପରିବେଶ ସହ ଉତ୍ତେଜନା ସୃଷ୍ଟି ହୋଇଥିଲା। ଗୁରୁତର ଅବସ୍ଥାରେ ଯୁବକଙ୍କ ପରିବାର ଓ ଗ୍ରାମବାସୀ ଉଦ୍ଧାର କରି ମଙ୍ଗଳବାର ଡେଲାଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ପରେ ଭୁବନେଶ୍ୱର ଓ କଟକ ବଡ଼ ଡାକ୍ତରଖାନାକୁ ପଠାଇଥିଲେ। ମୃତ ଯୁବକ ପର୍ଶୁରାମଙ୍କ ମା' କୁନି ବଳିୟାରସିଂହ ପୁଅକୁ ସେହି ଗ୍ରାମର ପ୍ରତିପକ୍ଷର ୧୦ଜଣ ବ୍ୟକ୍ତି ମାଡ଼ ମାରି ରକ୍ତାକ୍ତ ଅବସ୍ଥାରେ ଛାଡ଼ି ପଳେଇଥିବା ଡେଲାଙ୍ଗ ଥାନାରେ ଅଭିଯୋଗ କରିଛନ୍ତି। ଶନିବାର ସକାଳେ କଟକ ବଡ଼ ଡାକ୍ତରଖାନାରେ ଉକ୍ତ ଯୁବକଙ୍କ ମୃତ୍ୟୁ ହୋଇଥିବାରୁ ପୋଲିସ ୪୨୨/୨୫ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। କଟକ ବଡ଼ ଡାକ୍ତରଖାନାରେ ମୃତଦେହ ବ୍ୟବଚ୍ଛେଦ ହୋଇଥିବାରୁ, ରିପୋର୍ଟ ଆସିବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଥାନା ନିରୀକ୍ଷକ ଶ୍ୟାମଘନ ବାରିକ ସୂଚନା ଦେଇଛନ୍ତି। ପୋଲିସ ଭ୍ୟାନ କଅଁଳପଡ଼ା ଓ ଆଖ ପାଖ ଗ୍ରାମକୁ ପଠାଯାଇ ପରିସ୍ଥିତି ଉପରେ ଦୃଷ୍ଟି ରଖାଯାଇଛି ବୋଲି ଥାନା ନିରୀକ୍ଷକ କହିଛନ୍ତି। ଗ୍ରାମ ଜଙ୍ଗଲରୁ କଟାଯାଇଥିବା କାଠର ମୂଲ୍ୟ ଭାଗ ବଣ୍ଟାକୁ ନେଇ ସେହି ଗ୍ରାମରେ ଚାପା ଉତ୍ତେଜନା ସହ ପୂର୍ବରୁ ମାରପିଟ ଘଟଣା ଘଟିଥିବାରୁ ଏହି ଆକ୍ରମଣ ସହ ପୂର୍ବ ବିବାଦର ସମ୍ପର୍କ ଅଛି କି ନାହିଁ, ତଦନ୍ତ ପରେ ସ୍ପଷ୍ଟ ହେବ ବୋଲି ପୋଲିସ ସ୍ପଷ୍ଟୀକରଣରେ କହିଛନ୍ତି।

# ୧୧ରୁ ଦୁଇଦିନିଆ ଭକ୍ତି ସଙ୍ଗୀତ କାର୍ଯ୍ୟକ୍ରମ

ପୁରୀ,୯।୧୧ (ଅଜିତ୍ କୁମାର ମହାନ୍ତି)

ପୁରୀ ସାଂସ୍କୃତିକ ସମ୍ବଳ କେନ୍ଦ୍ର ଆନୁକୂଲ୍ୟରେ ନଭେମ୍ବର ୧୧ ଏବଂ ୧୨ ତାରିଖ ଦୁଇଦିନ ଧରି ଶରଧାବାଲି ମୁକ୍ତାକାଶ ରଙ୍ଗମଞ୍ଚଠାରେ ଭକ୍ତିସଙ୍ଗୀତ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏନେଇ ପୁରୀ ସାଂସ୍କୃତିକ ସମ୍ବଳ କେନ୍ଦ୍ର ପକ୍ଷରୁ ରବିବାର ଏକ ଖବରଦାତା ସମ୍ମିଳନୀ ଭକ୍ତ ସାଲବେଗ ସ୍ମୃତି ପୀଠଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପ୍ରଥମ ଦିବସରେ କଣ୍ଠଶିଳ୍ପୀ ସୁଧାକର ମିଶ୍ର, ଅଞ୍ଜଳି ମିଶ୍ର, ସୀତାର ବାଦକ ସତ୍ୟନାରାୟଣ ଗୁରୁ, ଜ୍ୟୋତିର୍ବିଜ୍ଞାନୀ ନିରଞ୍ଜନ ଗିରି ଏବଂ ଦ୍ୱିତୀୟ ଦିବସରେ ବିଶିଷ୍ଟ ଚକ୍ଷୁ ବିଶେଷଜ୍ଞ ଡାକ୍ତର ବରେନ୍‌ଚନ୍ଦ୍ର ପଟ୍ଟନାୟକ, ବରିଷ୍ଠ ଗୀତିକାର ଡକ୍ଟର ପଞ୍ଚାନନ ନାୟକ, ପ୍ରଫେସର ହୃଷୀକେଶ ସାହୁ, ଶିକ୍ଷାବିତ୍ ସୁମିତ୍ରା ମହଲ ଓ ସାମାଜିକ କର୍ମୀ ରୀତା ସାହୁ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯିବାର କାର୍ଯ୍ୟକ୍ରମ ରହିଛି। ଏହି ଅବସରରେ ଅନୁଷ୍ଠାନର ମୁଖପତ୍ର 'ହୃଦୟରେ କଳାକାର' ଲୋକାର୍ପିତ ହେବ। ଖବରଦାତା ସମ୍ମିଳନୀରେ ଅନୁଷ୍ଠାନର ସଭାପତି କୃଷ୍ଣଚନ୍ଦ୍ର ସାହୁ, ସାଧାରଣ ସମ୍ପାଦକ କାର୍ତ୍ତିକ ଚନ୍ଦ୍ର ସାହୁ, ସାଂସ୍କୃତିକ ସମ୍ପାଦକ ଗୁରୁ ଶତପଥୀ ଏବଂ ଉପଦେଷ୍ଟା ଶ୍ୟାମ ପ୍ରକାଶ ସେନାପତି ଉପସ୍ଥିତ ରହି କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ।

# କଲେଜ ଅଫ ଫାର୍ମାସ୍ୟୁଟିକାଲ ସାଇନସେସ୍ କଲେଜ୍‌ରେ ସ୍ୱାଗତ ଉତ୍ସବ

ପୁରୀ,୯।୧୧ (ଅଜିତ୍ କୁମାର ମହାନ୍ତି)

ପୁରୀ–କୋଣାର୍କ ବେଳାଭୂମି ମାର୍ଗ ସ୍ଥିତ କଲେଜ୍ ଅଫ ଫାର୍ମାସ୍ୟୁଟିକାଲ ସାଇନସେସ୍ ମହାବିଦ୍ୟାଳୟରେ ୨୦୨୫ ଶିକ୍ଷାବର୍ଷରେ ସ୍ନାତକୋତ୍ତର ଫାର୍ମାସୀ ପାଠ୍ୟକ୍ରମରେ ନାମ ଲେଖାଇଥିବା ନୂତନ ଛାତ୍ରୀଛାତ୍ରଙ୍କ ଉଦ୍ଦେଶ୍ୟରେ ୩ଦିନିଆ ସ୍ୱାଗତ ସଭା ଆରମ୍ଭ ହୋଇଛି। ପ୍ରଥମ ଦିନର ସଭାକାର୍ଯ୍ୟକୁ ମହାବିଦ୍ୟାଳୟର ଅଧକ୍ଷ ପ୍ରଫେସର ଡ. ଅମୀୟକାନ୍ତ ମିଶ୍ର, ଚେୟାରପର୍ସନ ଅନିମା ଦାସ, ମହାବିଦ୍ୟାଳୟର ନିର୍ଦ୍ଦେଶକ ତଥା ଓ.ୟୁ.ଏଚ୍.ଏସ୍ ର ଅଧକ୍ଷ ପ୍ରଫେସର ଡ. ସନ୍ତୋଷ କୁମାର ମହାପାତ୍ର, ମହାବିଦ୍ୟାଳୟର ଅନ୍ୟତମ ନିର୍ଦ୍ଦେଶକ ଡ. ଗଣେଷ ଦାସ, ଉପାଧକ୍ଷ ସଞ୍ଜୟ କୁମାର ନାୟକ, ଫାର୍ମାକଲୋଜି ବିଭାଗର ମୁଖ୍ୟ ଡ. ନିକୁଞ୍ଜ କିଶୋର ମିଶ୍ର ଓ ଇ–୨୪ ହସ୍‌ପିଟାଲ, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଇଂ. ରାଜେଶ କୁମାର ମିଶ୍ର ଅତିଥି ଭାବେ ଯୋଗଦେଇଥିଲେ। ଫାର୍ମାସୀ ପାଠ୍ୟକ୍ରମ ଦ୍ୱାରା ଛାତ୍ରୀଛାତ୍ର ଔଷଧ ପ୍ରସ୍ତୁତ କରିବାର ପ୍ରଣାଳୀ ଶିକ୍ଷାଲାଭ କରିବା ସହିତ ଔଷଧକୁ ରୋଗୀଙ୍କ ଶରୀରରେ କିପରି ଏବଂ କେତେ ପରିମାଣରେ ପ୍ରୟୋଗ କରାଯିବ ତାହା ଶିକ୍ଷାଲାଭ କରିଥାନ୍ତି। ଫାର୍ମାସିଷ୍ଟ ଏପରି ଏକ ବୃତ୍ତି ଯେଉଁଥିରେ ଭୁଲ୍ କରିବା ଜମାରୁ ଗ୍ରହଣୀୟ ନୁହେଁ । ତେଣୁ ସମସ୍ତ ଛାତ୍ରୀଛାତ୍ର ଫାର୍ମାସୀ ପାଠକୁ ମନଦେଇ ପଢ଼ିବା ସହିତ ବର୍ତ୍ତମାନର ନୂତନ କୌଶଳ ଓ ପଦ୍ଧତିକୁ ଆପଣେଇ ନିଜକୁ ଏକ କୁଶଳୀ ଫାର୍ମାସିଷ୍ଟ ଭାବେ ଗଢ଼ିତୋଳିବାକୁ ମଞ୍ଚାସୀନ ଅତିଥିମାନେ ପରାମର୍ଶ ଦେଇଥିଲେ। ଅଧ୍ୟାପକ ଜଶସ୍ୱୀ ରାୟ ମଞ୍ଜୁ ପରିଚାଳନା କରିଥିବାବେଳେ ଅଧ୍ୟାପିକା ସୁନୀତା ମିଶ୍ର, ରାଜଶ୍ରୀ ମହାନ୍ତି, ସଂଚୟିତା ମଣ୍ଡଳ, ବିଦ୍ୟୁସ୍ମିତା ପ୍ରଧାନ, ଅଧ୍ୟାପକ ଅସିତ୍ କୁମାର ଷଡ଼ଙ୍ଗୀ, ତୃପ୍ତି ରଞ୍ଜନ ପାଢ଼ୀ ଓ ଅଫିସ୍ ପରିଚାଳକ ସରୋଜ ବିହାରୀ ମିଶ୍ର ପ୍ରମୁଖ ପରିଚାଳନାରେ ସାହାଯ୍ୟ କରିଥିଲେ।

# ଖବରଦାତାଙ୍କ ସୁରକ୍ଷା ପାଇଁ ଆଇନ ପ୍ରଣୟନ ଜରୁରୀ

ପୁରୀ,୯।୧୧ (ଅଜିତ୍ କୁମାର ମହାନ୍ତି)

**ଏସ୍‌ୟୁଜେ ପୁରୀ ଶାଖାର ଆଞ୍ଚଳିକ ସମାବେଶ**

ଷ୍ଟେଟ୍ ୟୁନିୟନ ଜର୍ନାଲିଷ୍ଟ ଆସୋସିଏଶନ (ଏସ୍‌ୟୁଜେ) ପୁରୀ ଶାଖା ପକ୍ଷରୁ ଆଞ୍ଚଳିକ ସମାବେଶ ଓ ସାଧାରଣ ବୈଠକ ବଳିଆପଣ୍ଡାସ୍ଥିତ ଏକ ହୋଟେଲରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଏସ୍‌ୟୁଜେର ରାଜ୍ୟ ସଭାପତି କୈଳାସ ଚନ୍ଦ୍ର ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଅନ୍ୟତମ ଅତିଥିଭାବେ ଜାତୀୟ ସାମ୍ବାଦିକ ୟୁନିୟନର ସାଙ୍ଗଠନିକ ସମ୍ପାଦକ ଡ. ଚିନ୍ତାମଣି ପାଢ଼ୀ, ମୁଖ୍ୟ କାର୍ଯ୍ୟନିର୍ବାହୀ ଶଶିଭୂଷଣ ଷଡ଼ଙ୍ଗୀ, ଯୁବ ସଂଗଠକ ଜଗନ୍ନାଥ ରାଓ ମଞ୍ଚାସୀନ ଥିଲେ। ଅତିଥିମାନେ କହିଥିଲେ ଯେ, ସରକାର ସାମ୍ବାଦିକ ସୁରକ୍ଷା ଆଇନ ପ୍ରଣୟନ କରିବା ଅତ୍ୟନ୍ତ ଜରୁରୀ। ଏଥିସହ ଛାପା ଓ ବୈଦ୍ୟୁତିକ ଗଣମାଧ୍ୟମରେ କାର୍ଯ୍ୟରତ ସାମ୍ବାଦିକ ଓ ଅଣସାମ୍ବାଦିକ କର୍ମଚାରୀଙ୍କୁ ସାମ୍ବାଦିକ କଲ୍ୟାଣ ଯୋଜନାରେ ଅନ୍ତର୍ଭୁକ୍ତ କରନ୍ତୁ। ସାମ୍ବାଦିକଙ୍କୁ ଭତ୍ତା, ପେନ୍‌ସନ୍ ତୁରନ୍ତ ଲାଗୁ କରିବା ସହ ମୃତ୍ୟୁକାଳୀନ ସହାୟତା ରାଶି ୨୫ ଲକ୍ଷ ଟଙ୍କା, ରାଜଧାନୀରେ ସାମ୍ବାଦିକ ଅତିଥି ଭବନ ନିର୍ମାଣ, ଗୋପବନ୍ଧୁ ସ୍ୱାସ୍ଥ୍ୟ ବୀମା ୧୦ ଲକ୍ଷ ଟଙ୍କାକୁ ବୃଦ୍ଧି, ଗୋପବନ୍ଧୁ ସ୍ୱାସ୍ଥ୍ୟ ବୀମା ଅନ୍ତର୍ଭୁକ୍ତ ସମସ୍ତ ସାମ୍ବାଦିକଙ୍କୁ ସରକାରୀ ସ୍ୱୀକୃତି ପ୍ରଦାନ ସହ ସୁବିଧାସୁଯୋଗ ଯୋଗାଇ ଦେବାକୁ ଅତିଥିମାନେ ଦାବି କରିଥିଲେ। ଦେଶର ଗଣତନ୍ତ୍ର ୩ଟି ସ୍ତମ୍ଭ ଉପରେ ଦଣ୍ଡାୟମାନ। ଏହି ୩ ସ୍ତମ୍ଭର କାର୍ଯ୍ୟଧାରାକୁ ଚତୁର୍ଥ ସ୍ତମ୍ଭ ଗଣମାଧ୍ୟମ ନିରୀକ୍ଷଣ କରିଥାଏ। ଏବେ ଗଣତାନ୍ତ୍ରିକ ବ୍ୟବସ୍ଥା ବାଟ ହୁଡୁଛି। ଗଣତନ୍ତ୍ରର ସୁରକ୍ଷା ନିମନ୍ତେ ଗଣମାଧ୍ୟମ ତା'ର ଲକ୍ଷ୍ମଣ ରେଖା ଅତିକ୍ରମ କରିବାକୁ ବାଧ୍ୟ ହେବ ବୋଲି ବୈଠକରେ ମତ ପ୍ରକାଶ ପାଇଥିଲା। ଏସ୍‌ୟୁଜେର ଜିଲା ସଭାପତି ଡ. କେଦାରନାଥ ସାହୁ ସଭା ପରିଚାଳନା ଓ ସାଧାରଣ ସମ୍ପାଦକ ପ୍ରଦୀପ କୁମାର ନାୟକ ଅତିଥି ପରିଚୟ ପ୍ରଦାନ ସହ ସ୍ୱାଗତ ଭାଷଣ ଦେଇଥିଲେ। ବିଭିନ୍ନ ଜିଲାର ସଦସ୍ୟମାନେ ଉପସ୍ଥିତ ଥିଲେ। ବରିଷ୍ଠ ଖବରଦାତା ପ୍ରଶାନ୍ତ କୁମାର ସାହୁ, ଧୀରେନ କୁମାର ପାଢ଼ୀ, ସନ୍ତୋଷ କୁମାର ଦାସ, ଶିଶିର ସ୍ୱାଇଁ, ଅଂଶୁମାନ ଶତପଥୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ରୂପକ ସ୍ୱାଇଁ ଧନ୍ୟବାଦ ଦେଇଥିଲେ।



ସମାବେଶରେ ଉପସ୍ଥିତ ଜିଲା ସ୍ତରୀୟ କର୍ମକର୍ତ୍ତାମାନେ ।

# ଶିଶୁମାନେହିଁ ସମ୍ଭାବନାର ପ୍ରତୀକ

- ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ, ପ୍ରତିଭା ଅନ୍ୱେଷଣ
- ନୂତନ ଅଡିଓ କ୍ୟାସେଟ୍ ଉନ୍ମୋଚିତ

ନିମାପଡ଼ା,୯।୧୧ (ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ଏସ୍. ପି. ଫାଉଣ୍ଡେଶନ ପକ୍ଷରୁ ଓ ସେଣ୍ଟ୍ ଜାଭିଅର ହାଇସ୍କୁଲ ସହାୟତାରେ ନିମାପଡ଼ା ରବୀନ୍ଦ୍ର କଲ୍ୟାମଣ୍ଡପ ଠାରେ ଦ୍ୱିତୀୟ ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ ଓ ପ୍ରତିଭା ଚୟନ ଓ ସାଂସ୍କୃତିକ ଧମାକା ଓ ପୁରସ୍କାର ବିତରଣ ସମାରୋହ ଅନୁଷ୍ଠିତ ହୋଇଥିଲା। ସମାରୋହରେ ଅତିଥି ଭାବେ ଓଡ଼ିଶା ଜଳସମ୍ପଦ ବିଭାଗର ନିର୍ଦ୍ଦେଶକ ତଥା ସ୍ୱତନ୍ତ୍ର ଶାସନ ସଚିବ ଅଶୋକ ବେହେରା, ଶିକ୍ଷାବିତ ଦେବେନ୍ଦ୍ର ରାଉତରାୟ, କବି, ଲେଖକ, ସାହିତ୍ୟିକ ମିନତୀ ଲେଙ୍କା, ବିଶିଷ୍ଟ ଶିକ୍ଷାବିତ କ୍ଷୀରୋଦ ଚନ୍ଦ୍ର ରାୟ ମହାପାତ୍ର, ଶିଶୁବିକାଶ ଅନୁଷ୍ଠାନ ଲିଟିଲ୍ ଷ୍ଟାର ଗ୍ରୁପର ସମ୍ପାଦକ ସୁମନ୍ତ ମହାରଣା ପ୍ରମୁଖ ଯୋଗଦେଇ ଶିଶୁ ହସିଲେ ପରିବାର, ରାଜ୍ୟ, ଦେଶ ଦୁନିଆ ହସିବ, ଆଜିର ଶିଶୁ ଆସନ୍ତାକାଲିର ଭବିଷ୍ୟତ। ସମାଜରେ ଶିଶୁମାନେ ହିଁ ସମ୍ଭାବନାର ପ୍ରତୀକ,



ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ ରେ ମଞ୍ଚାସୀନ ଅତିଥିବୃନ୍ଦ।

ଶିଶୁମାନଙ୍କର ଜିଜ୍ଞାସା ହିଁ ସେମାନଙ୍କୁ ଆଗକୁ ନେଇପାରିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଶିଶୁମାନଙ୍କ ମଧ୍ୟରେ ଚିତ୍ରାଙ୍କନ, ନୃତ୍ୟ, ସଂଗୀତ ହସ୍ତାକ୍ଷର, ଗଳ୍ପକଥନ, ଡିବେଟ୍ ଫ୍ୟାଶନ ଶୋ, ମ୍ୟୁଜିକ ଚେୟାର ସମେତ ୩୪ଟି ଇଭେଣ୍ଟର ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ପ୍ରତିଯୋଗିତାରେ ୬୦ଟି ବିଦ୍ୟାଳୟର ପ୍ରାୟ ଏକ ହଜାର ପ୍ରତିଯୋଗୀ ଅଂଶଗ୍ରହଣ କରିଥିବାବେଳେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ୧୭୦ ଜଣ କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କାର, ମାନପତ୍ର ପ୍ରଦାନ କରି ସମ୍ମାନିତ କରିଥିଲେ। ଏହି ଅବସରରେ ଏସ୍. ପି. ଫାଉଣ୍ଡେଶନ ଓ ଏସ. ଟି. ଜ୍ୟାଭିୟ ର ଅନୁଷ୍ଠାନ ପକ୍ଷରୁ ମଞ୍ଚାସିନ ଅତିଥି ମାନଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଏହି ଅବସରରେ କେକେ ମ୍ୟୁଜିକ ତରଫରୁ କଣ୍ଠଶିଳ୍ପୀ ନିମାପଡ଼ା ମାଟିର ଝିଅ ଗାୟିକା ଜୟଶ୍ରୀ ବେହେରାଙ୍କ କଣ୍ଠଦାନ ଓ ବରିଷ୍ଠ ପ୍ରଶାସନିକ ଅଧିକାରୀ ତଥା ବିଶିଷ୍ଟ ଗୀତିକାର ଅଶୋକ କୁମାର ବେହେରାଙ୍କ କଳିଖିତ ଓ ରଚିତ, ପୀତବାସ ନାୟକଙ୍କ ସଙ୍ଗୀତ, ବିଦ୍ୟାଧର ବିଶ୍ୱାଳଙ୍କ ପ୍ରଯୋଜିତ ନୂତନ ଅଡିଓ କ୍ୟାସେଟ 'ଆମବାପା' ଆଜି ମଞ୍ଚରେ ମୁକ୍ତିଲାଭ କରିଥିଲା। ସାଂସ୍କୃତିକ ସମାରୋହରେ ଓଡିଶାର ଖ୍ୟାତନାମା କଣ୍ଠଶିଳ୍ପୀ ସନ୍ଧ୍ୟାରାଣୀ ପାଟଯୋଶୀଙ୍କ ସଂଗୀତ ଅତିଥି ଓ ଦର୍ଶକମାନଙ୍କୁ ବେଶ ବିମୋହିତ କରିଥିଲା। ଅନ୍ୟତମ ଅତିଥି ଭାବେ ଏସ. ପି. ଫାଉଣ୍ଡେଶନର ଅଧକ୍ଷା ଶ୍ୱେତପର୍ଣ୍ଣା ରାୟ ମହାପାତ୍ର, ଜ୍ୟାଭିୟର ହାଇସ୍କୁଲର ଅଧକ୍ଷା ମୋନାଲିସା ନାୟକ, ବିଲୁପ୍ତା ପ୍ରିୟଦର୍ଶିନୀ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ବିଶିଷ୍ଟ ନାଟ୍ୟ ନିର୍ଦ୍ଦେଶକ ନିରଞ୍ଜନ ଏହି ଉତ୍ସବ ଓ କାର୍ଯ୍ୟକ୍ରମର ସଂଯୋଜନା ଓ ପରିଚାଳନା କରିଥିଲେ।

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..................................


ଅର୍ଣ୍ଣବ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ମନୀନ୍ଦ୍ର ମହାନ୍ତି ପାଇବେ ନଦିଆ ବିହାରୀ ମହାନ୍ତି ସ୍ମୃତି ପୁରସ୍କାର

କଟକ,୯।୧୧(କାର୍ତ୍ତିକ ସାହୁ)

ଶିଶୁ ସାହିତ୍ୟିକ ତଥା ସାରସ୍ୱତ ସାଧକ ଡ. ମନୀନ୍ଦ୍ର ମହାନ୍ତି ଚଳିତ ବର୍ଷର ମର୍ଯ୍ୟାଦାଜନକ ନଦିଆ ବିହାରୀ ମହାନ୍ତି ସ୍ମୃତି ସମ୍ମାନ ପାଇବାକୁ ମନୋନୀତ ହୋଇଛନ୍ତି। ପୁରାତନ ଶିଶୁ ସାହିତ୍ୟ ଅନୁଷ୍ଠାନ ଧ୍ରୁବତାରା ଏବଂ ଓଡ଼ିଶା ସାହିତ୍ୟ ଏକାଡେମୀର ମିଳିତ ଆନୁକୂଲ୍ୟରେ ନଭେମ୍ବର ୧୫ ତାରିଖ ସନ୍ଧ୍ୟାରେ ଶ୍ରୀରାମଚନ୍ଦ୍ର ଭବନରେ ହେବାକୁ ଥିବା ନଦିଆ ବିହାରୀ ମହାନ୍ତିଙ୍କ ୯୫ତମ ଜୟନ୍ତୀ ପାଳନ ଅବସରରେ ଏହି ସମ୍ମାନ ପ୍ରଦାନ କରାଯିବ। ଧ୍ରୁବତାରାର ଆବାହକ ଆଇନଜୀବୀ ପ୍ରସନ୍ନ କୁମାର ନନ୍ଦ ଏନେଇ ରବିବାର ସୂଚନା ପ୍ରଦାନ କରିଛନ୍ତି। ଡ. ମହାନ୍ତି ଶିଶୁ ସାହିତ୍ୟ ସମେତ ଅନ୍ୟାନ୍ୟ ବର୍ଗରେ ୬୪ରୁ ଊର୍ଦ୍ଧ୍ୱ ପୁସ୍ତକ ରଚନା କରି ପ୍ରତିଷ୍ଠା ଅର୍ଜନ କରିଛନ୍ତି।

# ଦେଶ ଗଠନରେ ଯୁବବର୍ଗଙ୍କ ଭୂମିକା ଭୁଲିହେବ ନାହିଁ


ଯୁବ ସମ୍ମିଳନୀରେ ସାରା ରାଜ୍ୟରୁ ଯୋଗଦେଇଥିବା ଯୁବବର୍ଗ।

## ଆର୍‌ଏସ୍‌ଏସ୍ ପକ୍ଷରୁ 'ଯୁବ ସମ୍ମିଳନୀ'

ଭୁବନେଶ୍ୱର,୯।୧୧(ସୌମ୍ୟରଞ୍ଜନ ରାଉତ)

ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ୍) ଭୁବନେଶ୍ୱର ମହାନଗର ବାସନ୍ତୀ ଦୁର୍ଗା ଭାଗ ଓ ଚନ୍ଦ୍ରଶେଖର ଭାଗ ପକ୍ଷରୁ ରବିବାର ଯୁବ ସମ୍ମିଳନୀ ଉତ୍କଳ ବିଶ୍ୱବିଦ୍ୟାଳୟ ଦୀକ୍ଷାନ୍ତ ପ୍ରେକ୍ଷାଳୟରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ମୋଟିଭେଶନାଲ୍ ସ୍ପିକର ଡ. ଶ୍ରୀକାନ୍ତ ମିଶ୍ର ଯୋଗଦେଇ କହିଲେ, ସଂଘ ୧୦୦ ବର୍ଷ ପୂର୍ତ୍ତି ପାଳନ କରୁଛି। ସଂଘ ତା'ର ଲକ୍ଷ୍ୟ ପଥରେ ଅଗ୍ରଗତି କରୁଛି। ମୁଖ୍ୟବକ୍ତା ଭାବେ ପ୍ରାନ୍ତ ବୌଦ୍ଧିକ ପ୍ରମୁଖ ତନ୍ମୟ ମହାପାତ୍ର ଯୋଗଦେଇ କହିଲେ, ଭାରତ ନିଜର ମହାନ୍ ସଂସ୍କୃତି, ଶିକ୍ଷା, ଐତିହ୍ୟ, ସ୍ୱାସ୍ଥ୍ୟ କ୍ଷେତ୍ରରେ ସୁନାମ ଅର୍ଜନ କରିଛି। ଦେଶ ଗଠନରେ ଯୁବକଙ୍କ ଭୂମିକା ତଥା ସ୍ୱାଧୀନତା ସମୟରେ ଯୁବକଙ୍କ ଅବଦାନ ଭୁଲିହେବ ନାହିଁ। ଭାରତୀୟ ଜ୍ଞାନ ପରମ୍ପରା ବିଜ୍ଞାନସମ୍ମତ ଥିଲା। ସାରା ବିଶ୍ୱ ଯେତେବେଳେ ଅନ୍ଧକାରରେ ପରିପୂର୍ଣ୍ଣ ଥିଲା, ଭାରତର ଜ୍ଞାନ ବିଜ୍ଞାନ ବିଶ୍ୱକୁ ନୂଆ ରାସ୍ତା ଦେଖାଇଥିଲା ବୋଲି ସେ କହିଥିଲେ। କାର୍ଯ୍ୟକ୍ରମରେ ପୁରୀ ବିଭାଗ ସଂଘ ଚାଳକ ମନୋରଞ୍ଜନ ସାହୁ, ଭୁବନେଶ୍ୱର ମହାନଗର କାର୍ଯ୍ୟବାହୀ କ୍ଷୀରୋଦ ବିହାରୀ, ଉତ୍କଳ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଯଜ୍ଞେଶ୍ୱର ଦଣ୍ଡପାଟ, ସଂଘର ଅଖିଳ ଭାରତୀୟ ସେବା ପ୍ରମୁଖ ପରଗ୍ ଅଭୟଙ୍କର ପ୍ରମୁଖ ଉପସ୍ଥିତ ଥିଲେ। ପରେ ଯୁବକଙ୍କୁ ନେଇ ନାଟକ, ଭଜନ ଓ ଦେଶାତ୍ମବୋଧକ ପ୍ରତିଯୋଗିତା କରାଯାଇଥିଲା। ପଞ୍ଚ ପରିବର୍ତ୍ତନ ଆଧାରିତ ପ୍ରଶ୍ନ ମଞ୍ଚ କରାଯାଇଥିଲା ଏବଂ ସ୍ୱଚ୍ଛତା ଓ ପର୍ଯ୍ୟାବରଣ ଆଧାରିତ ନାଟକ ଯୁବ କଳାକାରଙ୍କ ଦ୍ୱାରା ମଞ୍ଚସ୍ଥ ହୋଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଆକର୍ଷଣ ଥିଲା ମନୋଜ ସାହୁଙ୍କ ସ୍ୟାଣ୍ଡ ଆର୍ଟ। ଏଥିସହିତ ଦେଶାତ୍ମବୋଧକ ନାଚଗୀତରେ ଯୁବକମାନେ ଝୁମିଥିଲେ। ଶେଷରେ ବନ୍ଦେ ମାତରମ୍ ଗାନ କରାଯାଇଥିଲା। ଚନ୍ଦ୍ରଶେଖର ଭାଗର ଭାଗ କାର୍ଯ୍ୟବାହ ଦେବୀ ପ୍ରସାଦ ମହାପାତ୍ର ଓ ବାସନ୍ତୀ ଦୁର୍ଗା ଭାଗର କାର୍ଯ୍ୟବାହ ପ୍ରତାପ ଦ୍ୱିବେଦୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଶିଶୁର ଜୀବନ ବଞ୍ଚାଇବା ପାଇଁ ମହାପ୍ରଭୁଙ୍କ ନିକଟରେ ବାପାର ଆକୁଳ ନିବେଦନ

ପୁରୀ,୯।୧୧(ଅଜିତ୍ କୁମାର ମହାନ୍ତି)

ସୋସିଆଲ ମିଡିଆରେ ରବିବାର ଏକ ଭିଡିଓ ଭାଇରାଲ୍ ହେବାରେ ଲାଗିଛି। ଏହି ଭିଡିଓରେ ଏକ ବାପ ତାର କୁନି ଛୁଆର ଜୀବନ ରକ୍ଷା ପାଇଁ ମହାପ୍ରଭୁଙ୍କ ନିକଟରେ ହାତ ପତେଇ ନେହୁରା ହୋଇ ଆକୁଳ ନିବେଦନ କରୁଥିବା ଦେଖିବାକୁ ମିଳୁଛି। ଏପରି ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ବିଭିନ୍ନ ମହଲରେ ପିଲାଟିର ଆରୋଗ୍ୟ କାମନା କରି ମହାପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରାଯାଉଛି।

ମିଳିଥିବା ସୂଚନା ଅନୁଯାୟୀ, ରବିବାର ଛୁଟିଦିନ ଥିବାରୁ ଶ୍ରୀମନ୍ଦିର ଗହଳି ହୋଇଥିଲା। ଏହି ସମୟରେ ଜଣେ ବ୍ୟକ୍ତି ତାଙ୍କ ହାତରେ ୫ ବର୍ଷର ଶିଶୁଟିଏ ରହିଥିଲା। ଉକ୍ତ ଶିଶୁକୁ କୋଳେଇକି ଯୁବକ ଜଣକ ଧରିଥିବା ବେଳେ ଶିଶୁଟିର ନାକରେ ଖାଦ୍ୟନଳୀ ଲାଗିଥିବା ଦେଖିବାକୁ ମିଳୁଛି। ବ୍ୟକ୍ତି ଜଣଙ୍କ କାନ୍ଦି କାନ୍ଦି ପିଲାଟିର ଜୀବନ ବଞ୍ଚାଇଦେବା ନିମନ୍ତେ ମହାପ୍ରଭୁଙ୍କୁ ଗୁହାରୀ କରି ସିଂହଦ୍ୱାର ଗୁମୁଟ ଠାରେ ବସି କାକୁତି ମିନତି ହେଉଥିବା ଦେଖିବାକୁ ମିଳିଥିଲା। ପରେ କେତେଜଣ ସେବାୟତ ପିଲାଟିକୁ ନେଇ ପତିତପାବନଙ୍କ ନିକଟରେ ଶୁଆଇ ପିଲାଟିକୁ ଆରୋଗ୍ୟ କରିଦେବା ନିମନ୍ତେ ପ୍ରାର୍ଥନା କରିଥିଲେ। ଅପରପକ୍ଷରେ ପିଲାଟିର ବାପା ମହାପ୍ରଭୁଙ୍କୁ କାନ୍ଦି କାନ୍ଦି ଅଭିମାନ ସ୍ୱରରେ ପିଲାଟିର ଜୀବନ ରକ୍ଷା ପାଇଁ କରୁଥିବା ନିବେଦନକୁ ଦେଖି ମହାପ୍ରଭୁଙ୍କ ଦର୍ଶନ ପାଇଁ ଆସୁଥିବା ଅନ୍ୟ ଭକ୍ତମାନେ ନିଜର କୋହକୁ ଅଟକାଇ ପାରି ନ ଥିଲେ। ମହାପ୍ରଭୁ ପିଲାଙ୍କୁ ଶୀଘ୍ର ସୁସ୍ଥ କରିଦିଅନ୍ତୁ ବୋଲି ପ୍ରାର୍ଥନା କରିଥିଲେ। ପରେ ପିଲାଟିକୁ ନେଇ ବ୍ୟକ୍ତି ଜଣଙ୍କ ଶ୍ରୀମନ୍ଦିର ପରିସରକୁ ଚାଲି ଯାଇଥିଲେ। ବ୍ୟକ୍ତିଜଣଙ୍କ ଘର କେଉଁଠି ଓ ପିଲାଟିର କ'ଣ ହୋଇଛି ତାହା ସଠିକ୍ ଭାବେ ଜଣାପଡ଼ି ନ ଥିଲେ ମଧ୍ୟ ପିଲାଟିକୁ ବ୍ରେନଷ୍ଟ୍ରୋକ୍ ହୋଇଥିବା ଅନୁମାନ କରାଯାଉଛି।

# ସହରାଞ୍ଚଳ ପରିବହନ କ୍ଷେତ୍ରରେ 'ଆମ ବସ୍', 'ଆମ ଇ-ରାଇଡ୍' ପୁରସ୍କୃତ


ୟୁଏମ୍‌ଆଇ ସମ୍ମିଳନୀରେ ରାଜ୍ୟ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ କ୍ରୁଟ୍‌ର ବରିଷ୍ଠ ଅଧିକାରୀଙ୍କ ସହ ପୁରସ୍କାର ଗ୍ରହଣ କରୁଛନ୍ତି।

ଭୁବନେଶ୍ୱର, ୯।୧୧ (ବନ୍ଦନା ସେଠୀ)

ନିରନ୍ତର ସହରାଞ୍ଚଳ ଗତିଶୀଳତା ପାଇଁ ଅଭିନବ ଆଭିମୁଖ୍ୟ ଅବଲମ୍ବନ କରି ଓଡ଼ିଶା ଜାତୀୟସ୍ତରରେ ବାରମ୍ବାର ସମ୍ମାନିତ ଓ ପୁରସ୍କୃତ ହେଉଛି। ଏବେ ସହରାଞ୍ଚଳ ପରିବହନ କ୍ଷେତ୍ରରେ କ୍ୟାପିଟାଲ ରିଜିଅନ ଅର୍ବାନ ଟ୍ରାନ୍ସପୋର୍ଟ (କ୍ରୁଟ୍) ଭୁବନେଶ୍ୱର ଦ୍ୱାରା ପରିଚାଳିତ 'ଆମ ବସ୍' ଓ 'ଆମ ଇ-ରାଇଡ୍'କୁ ସ୍ୱତନ୍ତ୍ର ପୁରସ୍କାର ମିଳିଛି। କ୍ରୁଟ୍ ଏହାର ଫ୍ଲାଗଶିପ ପଦକ୍ଷେପ ସ୍ୱରୂପ ସର୍ବୋତ୍ତମ ସହରାଞ୍ଚଳ ପରିବହନ ପ୍ରକଳ୍ପ କାର୍ଯ୍ୟକାରୀ କରିଥିବା ରାଜ୍ୟ/କେନ୍ଦ୍ରଶାସିତ ଅଞ୍ଚଳ ପାଇଁ ରନିଂ କପି ବର୍ଗରେ ଏହି ପୁରସ୍କାର ପାଇଛି। ରବିବାର ହରିୟାଣାର ଗୁରୁଗ୍ରାମଠାରେ ଅନୁଷ୍ଠିତ ଅର୍ବାନ ମୋବିଲିଟି ଇଣ୍ଡିଆ (ୟୁଏମ୍‌ଆଇ) ସମ୍ମିଳନୀର ଉଦ୍‌ଯାପନୀ ଉତ୍ସବରେ କେନ୍ଦ୍ର ଆବାସ ଓ ସହରାଞ୍ଚଳ ବ୍ୟାପାର ମନ୍ତ୍ରୀଙ୍କଠାରୁ ରାଜ୍ୟ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ କ୍ରୁଟ୍‌ର ବରିଷ୍ଠ ଅଧିକାରୀଙ୍କ ସହିତ ପୁରସ୍କାର ଗ୍ରହଣ କରିଛନ୍ତି।

# ୩ଜଣଙ୍କଠାରୁ ସାଇବର ଠକ ନେଇଗଲେ ୩୦ଲକ୍ଷ

## ଇନ୍‌ଷ୍ଟାଗ୍ରାମ୍‌ରେ ଚାକିରି ଖୋଜା ମହଙ୍ଗା ପଡ଼ିଲା

ଭୁବନେଶ୍ୱର, ୯।୧୧(ତ୍ରିନାଥ ମହାନ୍ତି)

ସୋସିଆଲ୍ ମିଡିଆ ଇନ୍‌ଷ୍ଟାଗ୍ରାମରେ ଚାକିରି ଖୋଜିବା ମହଙ୍ଗା ପଡିଛି। ୩ଜଣଙ୍କଠାରୁ ସାଇବର ଠକ ୩୦ଲକ୍ଷରୁ ଅଧିକ ଟଙ୍କା ଠକି ନେଇଛନ୍ତି। କଟକର ନିବେଦିତା ଦାସ, ରାଜୁ ସେନାପତି ଏବଂ ମିର୍‌ଜାଦିଲ୍ ବାଗ୍ ଏହି ଠକେଇର ଶିକାର ହୋଇଛନ୍ତି। ଅଭିଯୋଗ ପରେ ସାଇବର ଥାନା ପୋଲିସ ଖୋଳତାଡ଼ ଆରମ୍ଭ କରିଛି। ପୋଲିସ ସୂଚନା ଅନୁସାରେ, ନିବେଦିତା ଗତ କିଛିଦିନ ତଳେ ଇନ୍‌ଷ୍ଟାରେ ଭିଡ଼ିଓ ଦେଖିବା ସମୟରେ ପାର୍ଟଟାଇମ୍ ଚାକିରି ପାଇଁ ବିଜ୍ଞାପନ ଦେଖିବାକୁ ପାଇଥିଲେ। ସେଥିରେ ଦିଆଯାଇଥିବା ଫୋନ୍ ନମ୍ବରରେ କଲ୍ କରି କଥା ହେବା ପରେ ଠକ ଜଣକ ତାଙ୍କୁ ଏକ ଲିଙ୍କ୍ ପଠାଇ ତଥ୍ୟ ଦେବାକୁ କହିଥିଲେ। ନିବେଦିତା ଉକ୍ତ ଲିଙ୍କ୍‌କୁ କ୍ଲିକ୍ କରି ତଥ୍ୟ ଦେବା ପରେ ଠକ ଜଣକ ତାଙ୍କୁ ଟେଲିଗ୍ରାମ୍ ଗ୍ରୁପ୍‌ରେ ଯୋଡ଼ିବା ସହ ମାସିକ ୬୦ହଜାର ଟଙ୍କା ରୋଜଗାର କରିବାର ଲୋଭ ଦେଖାଇଥିଲେ। ତାଙ୍କ କଥାକୁ ବିଶ୍ୱାସ କରି ସେ କହିବା ଅନୁସାରେ ନିବେଦିତା ସବୁ ତଥ୍ୟ ଦେବା ପରେ ତାଙ୍କ ଆକାଉଣ୍ଟରୁ ୧୦ ଲକ୍ଷ ଟଙ୍କା କଟି ଯାଇଥିଲା। ସେହିପରି ଡମଣାରେ ରହୁଥିବା ରାଜୁ ସେନାପତି ମଧ୍ୟ ସମାନ ଢଙ୍ଗରେ ଠକାମିର ଶିକାର ହୋଇଥିଲେ। ରାଜୁ ନିୟମିତ ଇନ୍‌ଷ୍ଟାରେ ଭିଡ଼ିଓ କରନ୍ତି। ରୋଜଗାର ପାଇଁ ଏକ ସଂସ୍ଥାର ବିଜ୍ଞାପନ ଦେଖି ଦିଆଯାଇଥିବା ନମ୍ବରରେ ସେ ଯୋଗାଯୋଗ କରିଥିଲେ। ରିଲ୍ସ ବନାଇ ପଠାଇଲେ ଟଙ୍କା ମିଳିବ ବୋଲି ଠକ ଜଣକ କହିବା ସହ ଏକ ଲିଙ୍କ୍ ପଠାଇ ଆବଶ୍ୟକ ତଥ୍ୟ ନେବା ପରେ ଟେଲିଗ୍ରାମ୍‌ର ଏକ ଗ୍ରୁପ୍‌ରେ ତାଙ୍କୁ ଯୋଡିଥିଲେ। ଟଙ୍କା ଜମାକଲେ ଦୁଇଗୁଣା ମିଳିବାର ଲୋଭ ଦେଖାଇଥିଲେ। ରାଜୁ ପ୍ରଥମେ ୫ ହଜାର ଟଙ୍କା ଜମା କରି ୧୦ହଜାର ଟଙ୍କା ଓ ପରେ ୨୦ ହଜାର ଜମା କରି ୪୦ ହଜାର ଟଙ୍କା ପାଇଥିଲେ। ଏହିଭଳି ସେ ଲଗାତର ଟଙ୍କା ଲଗାଇ ଦୁଇଗୁଣା ପାଇବା ପରେ ଶେଷରେ ୧୪ଲକ୍ଷ ଟଙ୍କା ଲଗାଇଥିଲେ। ହେଲେ ଏହାପରେ ଆଉ ତାଙ୍କ ଆକାଉଣ୍ଟକୁ ଟଙ୍କା ଫେରି ନ ଥିଲା। ସେହିପରି ମିର୍‌ଜାଦିଲ୍ ବାଗ ଗତ କିଛି ମାସ ହେବ ଅନ୍‌ଲାଇନ୍‌ରେ ଚାକିରି ଖୋଜୁଥିଲେ। ହେଲେ ଗତ ୪ ଦିନ ତଳେ ତାଙ୍କୁ ଇନ୍‌ଷ୍ଟାରେ ଏକ ଲିଙ୍କ୍ ଆସିଲା। ଏହାକୁ କ୍ଲିକ୍ କରି ଦେଖିବା ପରେ ଚାକିରି ପାଇଁ ଫୋନ୍ କରିଥିଲେ। ପୂର୍ବଭଳି ଠକ ଏକ ଲିଙ୍କ୍ ପଠାଇ ସମସ୍ତ ତଥ୍ୟ ଦେବା ପରେ ତାଙ୍କ ଆକାଉଣ୍ଟରୁ ୫ ଲକ୍ଷ ଟଙ୍କା ଠକି ନେଇଥିଲେ।




## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ଦେବୀଦତ୍ତ


@ ପ୍ରଶାନ୍ତ


@ ଯତୀନ୍


@ ଜ୍ୟୋତି


@ ମିହିକା


@ ସୁରେଶ୍ୱର

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।


# Classified Everyday

0674-2580101, 9692975378


REAL ESTATE SALE

Khordha Municipality ଏରିଆରେ ୨ଏକର ଜାଗା ପିଚୁ ରାସ୍ତାକୁ ଲାଗି ବିକ୍ରିହେବ। ଧ-୦୮

Apartment sale near Sum Hospital, Bhubaneswar @4500/- Sqft. - 9777433701. D-09

Bhubaneswar Gothapatna 100ft ମେନ୍‌ରୋଡକୁ ଲାଗି ଘରବାରି ପ୍ଲଟ୍ ମିଳୁଛି। 9090963952. D- 07

ଭୁବନେଶ୍ୱର ଜଟଣୀଗେଟରୁ ଅଳ୍ପ ଦୂରତାରେ 1500 Sqft. ପ୍ଲଟ୍ 6,75,000/ରେ ବିକ୍ରିହେବ- 9776974912. D- 10

ଭୁବନେଶ୍ୱର ନଖରାଛକ, ଉତ୍ତରାଛକ, ସୁନ୍ଦରପଦା, କଟକ ମହାନଦୀ ବିହାରରେ ଘରବାରି ପ୍ଲଟ୍, 2/3 BHK Flat/ Duplex ଅଛି- 8327785834. D-06

## AFFIDAVIT

By virtue of an affidavit sworn before Executive Magistrate, Bhubaneswar, dated- 30.10.2025, I, Arti Reddy, Resident of L/P-542, Prasanti Bihar, P.O.- KIIT, P.S.- Infocity, Bhubaneswar, Dist.- Khordha, PIN- 751024, Odisha declare that I have changed my name from Arati Reddy to Arti Reddy. Henceforth, I shall be known as ARTI REDDY for all purposes.
Arti Reddy
D-11

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

By virtue of an affidavit sworn before Executive Magistrate, kanika, Dated- 07.11.2025, I, Subesh Chandra Dash, At- Charapara, P.O.- Kandiahat, P.S.-Rajkanika, Dist.- Kendrapara, PIN- 755016, Odisha declare that I have changed my name from Subhesha Dash to Subesh Chandra Dash. Henceforth, I shall be knwon as Subesh Chandra Dash for all purposes.
Subesh Chandra Dash
D-2531


### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# ମନେ ପଡ଼ନ୍ତି

### ଅଶ୍ରୁଳ ଶ୍ରଦ୍ଧାଞ୍ଜଳି


ସ୍ୱର୍ଗତ ଇଂ.ଶଚ୍ଚିନନ୍ଦନ ଦାସ
ଜନ୍ମସ୍ଥାନ- ଦଇତା ପଡ଼ା ସାହି, ପୁରୀ
ବାସସ୍ଥାନ- ଗୋଲାପଲ୍ଲୀ ସାହି, ବ୍ରହ୍ମପୁର
ଆବିର୍ଭାବ- ୩୧.୦୭.୧୯୩୫
ତିରୋଧାନ- ୨୧.୧୧.୨୦୦୫
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ହେଉ। ଏହା ହିଁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
ଶୋକସନ୍ତପ୍ତ-
ସ୍ତ୍ରୀ, ପୁତ୍ର, ପୁତ୍ରବଧୂ, ଝିଅ, ଜ୍ୱାଇଁ, ନାତି ଓ ନାତୁଣୀ।
ଧ-୨୫୨୬

### ଦଶମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ


ଦିବ୍ୟନାରାୟଣ ବାବୁ
(ବରିଷ୍ଠ କଂଗ୍ରେସ ନେତା)
ବିନାଖଣ୍ଡି, ଜିଲ୍ଲା- ସମ୍ବଲପୁର
ଆବିର୍ଭାବ- ୦୫.୧୨.୧୯୩୭
ତିରୋଧାନ- ୦୯.୧୧.୨୦୧୫
ତୁମର ଆଦର୍ଶ, କର୍ତ୍ତବ୍ୟନିଷ୍ଠା, ଅନାବିଳ ସ୍ନେହ, ଶ୍ରଦ୍ଧା ଓ ଦୟାଭାବ ଆମର ଚିର ପାଥେୟ ହେଉ। ତୁମ ଆତ୍ମାର ସଦ୍‌ଗତି ନିମନ୍ତେ ମାଁ ସମଲେଇଙ୍କଠାରେ ପ୍ରାର୍ଥନା କରୁଛୁ।
-ଶୋକସନ୍ତପ୍ତ-
ସ୍ତ୍ରୀ- ସଂଯୁକ୍ତା ବାବୁ, ପୁଅ- ସୌମିକ
ଧ-୨୫୨୭

### ଦ୍ୱାଦଶାହ ଉପଲକ୍ଷେ


ସ୍ୱର୍ଗତ କରୁଣାକର କର
ଦୁମୁକାହାଟ, ଡେରାବିଶ, କେନ୍ଦ୍ରାପଡ଼ା
ଆବିର୍ଭାବ- ୦୩।୦୨।୧୯୬୦
ତିରୋଧାନ-୩୦।୧୦।୨୦୨୫
ତୁମର ପାର୍ଥିବ ଅନୁପସ୍ଥିତି ଆମ ଜୀବନରେ ଯେଉଁ ଶୂନ୍ୟତା ଭରିଦେଇଛି ତାହା ଅପୂରଣୀୟ। ତୁମ ସ୍ମୃତି ଆମ ହୃଦୟରେ ସଦା ବିଦ୍ୟମାନ। ତୁମ ଅମର ଆତ୍ମା ପ୍ରତି ଭକ୍ତିପୂତ ଶ୍ରଦ୍ଧାସୁମନ ଅର୍ପଣ କରିବା ସହ ମହାପ୍ରଭୁ ଶ୍ରୀବଳଦେବଜୀଉ ଓ ଶ୍ରୀଦଧିବାମନଜୀଉଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
-:ଶୋକସନ୍ତପ୍ତ:-
ପୁତ୍ର ବିଭୂତି ଭୂଷଣ କର, ମାନସରଞ୍ଜନ କର, ଦୁଇ ବୋହୂ, ନାତି ନାତୁଣୀ ଓ ବନ୍ଧୁ ପରିବାରବର୍ଗ।
ଧ-୨୫୨୫

### ତୁମ ସ୍ମୃତିରେ


ନିରଞ୍ଜନ ମିଶ୍ର
ଆବିର୍ଭାବ- ୨୭.୦୮.୧୯୩୩
ତିରୋଧାନ- ୧୦.୧୧.୨୦୧୯
ତୁମର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ
ଧର୍ମପତ୍ନୀ (ସୁରମା) ଓ ଆତ୍ମୀୟସ୍ୱଜନ
ଧ-୨୫୨୮

# ବିଭିନ୍ନ ପ୍ରକାର କ୍ଷୀର ଓ ଦୀର୍ଘାୟୁ ଜୀବନ



ଡା. ବସନ୍ତ କୁମାର ଷଡ଼ଙ୍ଗୀ

''ମା' କ୍ଷୀରରେ ଜଳୀୟ୍ ଅଂଶ, ଶ୍ୱେତସାର, ସ୍ନେହସାର, ପୁଷ୍ଟିସାର, ଜୀବସାର, ଧାତବଲବଣ, ହରମୋନ, ଏନଜାଇମ ଓ ଜୀବନୀୟ୍ ତନ୍ତୁ ରହିଛି। ଏଗୁଡିକର ସମ୍ମିଶ୍ରଣରେ ଅତ୍ୟାବଶ୍ୟକ ପୋଷକ ତତ୍ତ୍ୱ ସୃଷ୍ଟି ହୋଇଥାଏ। ତେଣୁ ମା' କ୍ଷୀର ପିଲା ପିଇଲେ ସେମାନଙ୍କର ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ହୋଇଥାଏ। ଏହାବ୍ୟତୀତ ସେମାନଙ୍କର ଶାରୀରିକ ଓ ମାନସିକ ବିକାଶ ମଧ ହୁଏ। ପିଲାମାନଙ୍କୁ ସୁସ୍ଥ ସବଳ ନୀରୋଗ ରଖିବାରେ ଏହା ସହାୟ୍କ ହୋଇଥାଏ।''





ଆମେ ସ୍ୱାସ୍ଥ୍ୟ ସୁରକ୍ଷା ନିମନ୍ତେ ଖାଦ୍ୟପେୟ ପ୍ରତି ଗୁରୁତ୍ୱ ଦେଇଥାଉ। ପୃଥିବୀରେ ଯେଉଁସବୁ ଖାଦ୍ୟସାମଗ୍ରୀ ରହିଛି ସେହିସବୁ ମଧ୍ୟରେ କେତେକ ପ୍ରାକୃତିକ ଉପାୟରେ ମିଳିଥାଏ। ତନ୍ମଧ୍ୟରୁ କ୍ଷୀର ଅନ୍ୟତମ। ଏହା ସ୍ୱାସ୍ଥ୍ୟପ୍ରଦ ଭାବେ ଅନ୍ୟତମ ଶ୍ରେଷ୍ଠ ଖାଦ୍ୟ ବୋଲି ଆମରି ଭାରତୀୟ ମୌଳିକ ଚିକିତ୍ସା ଶାସ୍ତ୍ରରେ ଉଲ୍ଲେଖ ରହିଛି। କ୍ଷୀର ଅମୃତ ସମାନ ଅଟେ। ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ କ୍ଷୀର ସ୍ୱାସ୍ଥ୍ୟ ପାଇଁ ହିତକର। ପିଲା ଜନ୍ମ ହେବା ମାତ୍ରେ ମା' କ୍ଷୀର ନିତାନ୍ତ ଜରୁରୀ ଅଟେ। ପ୍ରାକୃତିକ ପ୍ରଣାଳୀରେ ଆମେ ପାଉଥିବା କ୍ଷୀରରେ ପର୍ଯ୍ୟାପ୍ତ ପରିମାଣର ବିଭିନ୍ନ ପ୍ରକାରର ଭିଟାମିନ, ଖଣିଜପଦାର୍ଥ, କ୍ୟାଲସିୟମ ଆଦି ଜୀବନୀୟ ଶକ୍ତି ସହ ରୋଗପ୍ରତିରୋଧକ ଶକ୍ତିର ମାତ୍ରା ଭରପୁର ରହିଥାଏ। ଏହାକୁ ପିଇବା ଦ୍ୱାରା ପିଲାକୁ ଓ ଆମ ଶରୀରରେ ହେଉଥିବା ବିଭିନ୍ନ ରୋଗକୁ ପ୍ରତିରୋଧ କରିବାରେ ସହାୟକ ହୋଇ ଦୀର୍ଘାୟୁ ରଖିବାରେ ସହାୟକ ହୋଇଥାଏ।

ପିଲା ଜନ୍ମ ହେବା କ୍ଷଣି ମା' କ୍ଷୀର ଆବଶ୍ୟକ। ଅନ୍ୟପକ୍ଷରେ ବିଭିନ୍ନ ସ୍ତନ୍ୟପାୟୀ ପ୍ରାଣୀସମୂହ ନିଜ ଛୁଆଙ୍କ ପାଇଁ ମା' କ୍ଷୀରର ଆବଶ୍ୟକତା ରହିଥାଏ। ମନୁଷ୍ୟ ପିଲା ଜନ୍ମଠାରୁ କିଛି ବର୍ଷ ମଧ୍ୟରେ ନିଜ ମା' କ୍ଷୀର ସେବନ ସହ ଗାଈ, ମଇଁଷି, ଛେଳି, ମେଣ୍ଢା, ଗଧ ଆଦି ପ୍ରାଣୀଙ୍କ କ୍ଷୀର ପାନ କରାଇବା ପାଇଁ ଚିକିତ୍ସା ଶାସ୍ତ୍ରରେ ଉଲ୍ଲେଖ ରହିଛି। ବିଭିନ୍ନ ପ୍ରକାର କ୍ଷୀରରେ କିଛି ଭିନ୍ନ ଭିନ୍ନ ପ୍ରକାରର ତଥା ପ୍ରଚୁର ପରିମାଣରେ ଉପକାରୀ ତତ୍ତ୍ୱ ରହିଛି। ଶିଶୁଠାରୁ ବୟସ୍କ ବ୍ୟକ୍ତିମାନେ ଏହିସବୁ କ୍ଷୀର ସେବନ କରିବା ଦ୍ୱାରା ଶରୀରକୁ ଶାରୀରିକ ଓ ମାନସିକ ସ୍ତରରେ ସୁସ୍ଥ,ସବଳ ଓ ସତେଜ ରଖିବା ସହ ମନୁଷ୍ୟ ଦୀର୍ଘ ଦିନ ବଞ୍ଚି ରହିବାରେ ସହାୟକ ହୋଇଥାଏ ବୋଲି ଆମ ଭାରତୀୟ ପାରମ୍ପରିକ ଆୟୁର୍ବେଦ ଚିକିତ୍ସା ଶାସ୍ତ୍ରରେ ବର୍ଣ୍ଣିତ ରହିଛି।

ସାମ୍ପ୍ରତିକ ପରିସ୍ଥିତିରେ ଆଧୁନିକ ଚିକିତ୍ସା ବିଜ୍ଞାନ ମା' କ୍ଷୀର ସହ ଗାଈ, ମଇଁଷି, ଛେଳି, ମେଣ୍ଢା ଓ ଗଧ ଆଦି ବିଭିନ୍ନ ପ୍ରାଣୀଙ୍କ କ୍ଷୀରକୁ ନେଇ ବହୁ ପରୀକ୍ଷା ନିରୀକ୍ଷା କରାଯାଇଛି। ଏହା ମନୁଷ୍ୟ ସ୍ୱାସ୍ଥ୍ୟ ପାଇଁ ଉପକାରୀ ବୋଲି ଆୟୁର୍ବେଦ ଶାସ୍ତ୍ରରେ ବର୍ଣ୍ଣନା କରାଯାଇଛି। ମା' କ୍ଷୀରରେ ଜଳୀୟ ଅଂଶ, ଶ୍ୱେତସାର, ସ୍ନେହସାର, ପୁଷ୍ଟିସାର, ଜୀବସାର, ଧାତବଲବଣ, ହରମୋନ, ଏନଜାଇମ ଓ ଜୀବନୀୟ ତନ୍ତୁ ରହିଛି। ଏଗୁଡିକର ସମ୍ମିଶ୍ରଣରେ ଅତ୍ୟାବଶ୍ୟକ ପୋଷକ ତତ୍ତ୍ୱ ସୃଷ୍ଟି ହୋଇଥାଏ। ତେଣୁ ମା' କ୍ଷୀର ପିଲା ପିଇଲେ ସେମାନଙ୍କର ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ହୋଇଥାଏ। ଏହାବ୍ୟତୀତ ପିଲାମାନଙ୍କର ଶାରୀରିକ ଓ ମାନସିକ ବିକାଶ ମଧ ହୁଏ। ପିଲାମାନଙ୍କୁ ସୁସ୍ଥ ସବଳ ନୀରୋଗ ରଖିବାରେ ଏହା ସହାୟକ ହୋଇଥାଏ।

ଗାଈ କ୍ଷୀରକୁ ଜନ୍ମଠାରୁ ବୟସ୍କ ଓ ବିଭିନ୍ନ ରୋଗରେ ପୀଡିତ ବ୍ୟକ୍ତି ସେବନ ପାଇଁ ପରାମର୍ଶ ଦିଆଯାଇଥାଏ। ସ୍ତନ୍ୟପାନ ସମୟରେ ମା' କ୍ଷୀରର ଅଭାବ ପରିସ୍ଥିତିରେ ପିଲାକୁ ଗାଈ କ୍ଷୀର ଦିଆଯାଇଥାଏ। ଗାଈ କ୍ଷୀରରେ ଜଳୀୟ ଅଂଶ, ସ୍ନେହସାର, ପୁଷ୍ଟିସାର, ଲାକ୍ଟୋସ, ଖଣିଜପଦାର୍ଥ, କ୍ୟାଲସିୟମ, ଫସଫରସ, ଏନଜାଇମ ସମେତ ଭିଟାମିନ ଏ, ଡି ଏବଂ ବି-୧୨ ଆଦି ପୋଷକ ତତ୍ତ୍ୱ ରହିଥିବାରୁ ଏହା ସ୍ୱାସ୍ଥ୍ୟପ୍ରଦ ଅଟେ। ଛେଳି ଏକ ସାକାହାରୀ ପ୍ରାଣୀ। ବିଭିନ୍ନ ବୃକ୍ଷ,ଲତା ଆଦିର ପତ୍ର ଡାଳକୁ ଖାଦ୍ୟଭାବେ ଖାଉଥିବା ହେତୁ ଏହାର କ୍ଷୀର ସ୍ୱାସ୍ଥ୍ୟ ପାଇଁ ବହୁ ଉପଯୋଗୀ। ଛେଳି କ୍ଷୀରରେ ପୁଷ୍ଟିସାର, ସ୍ନେହସାର, ଲକ୍ଟୋସ, ଖଣିଜପଦାର୍ଥ, କ୍ୟାଲସିୟମ, ଫସଫରସ, ପୋଟାସିୟମ, ବିଭିନ୍ନ ପ୍ରକାର ଭିଟାମିନ ଏବଂ ଏନଜାଇମ ଆଦି ପୋଷକ ତତ୍ତ୍ୱ ରହିଥିବା ହେତୁ ଏହା ସ୍ୱାସ୍ଥ୍ୟ ପାଇଁ ହିତକର। ଛେଳି କ୍ଷୀର ମନୁଷ୍ୟ ଶରୀରରେ ରୋଗପ୍ରତିରୋଧକ କ୍ଷମତା ବୃଦ୍ଧି କରାଇବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ। ଛେଳି କ୍ଷୀର ଦୁର୍ବଳତା, ହାଲିଆପଣ ଆଦିକୁ ଦୂର କରିବା ସହ ଯକ୍ଷ୍ମା, କର୍କଟ ଭଳି ମାରାତ୍ମକ ତଥା ଦୀର୍ଘଦିନ ଧରି ଲାଗିରହିଥିବା ବିଭିନ୍ନ ଜଟିଳ ରୋଗକୁ ପ୍ରତିରୋଧ କରିବାରେ କେତେକାଂଶରେ ସହାୟକ ହୋଇଥାଏ ବୋଲି ଆୟୁର୍ବେଦ ଶାସ୍ତ୍ରରେ ବର୍ଣ୍ଣିତ ହୋଇଛି। କେବଳ ସେତିକି ନୁହେଁ, ଆଧୁନିକ ଚିକିତ୍ସା ବିଜ୍ଞାନ ଏଥିରେ ସହମତି ପ୍ରକାଶ କରିଛନ୍ତି।

ମେଣ୍ଢା କ୍ଷୀର ମନୁଷ୍ୟ ସ୍ୱାସ୍ଥ୍ୟ ନିମନ୍ତେ ଉପଯୋଗୀ ହୋଇଥାଏ। ଏଥିରେ ପ୍ରଚୁର ପରିମାଣରେ ଶ୍ୱେତସାର, ପୁଷ୍ଟିସାର, ଖଣିଜ ପଦାର୍ଥ, କ୍ୟାଲସିୟମ ସହ ଜୈବିକ ପଦାର୍ଥ ଭରି ରହିଛି। ଏହାକୁ ପିଇଲେ ତାହା ମନୁଷ୍ୟ ଶରୀରରେ ତନ୍ତୁ ଓ ଅସ୍ଥିକୁ ମଜଭୁତ କରିବାରେ କେତେକାଂଶରେ ସହାୟକ ହୋଇଥାଏ। ରୋଗପ୍ରତିରୋଧକ କ୍ଷମତା ବୃଦ୍ଧି ପାଇ ଶରୀରରେ ହେଉଥିବା ମଧୁମେହ, କର୍କଟ ରୋଗ ବ୍ୟତୀତ ବହୁ ଜଟିଳ ରୋଗ ହେବାକୁ କେତେକାଂଶରେ ପ୍ରତିରୋଧ ମଧ କରିଥାଏ। ମଇଁଷି କ୍ଷୀର ମନୁଷ୍ୟ ସ୍ୱାସ୍ଥ୍ୟ ପାଇଁ ସାମାନ୍ୟ ବାୟୁ ବର୍ଦ୍ଧକ ହୋଇଥିଲେ ସୁଦ୍ଧା ସ୍ୱାସ୍ଥ୍ୟ ପାଇଁ ହିତକର। ଏଥିରେ ଜଳୀୟ ଅଂଶ, ପୁଷ୍ଟିସାର, ଲାକ୍ଟୋସ, ଖଣିଜ ପଦାର୍ଥ, ଫସଫରସ ଆଦି ଥିବା ବେଳେ ପର୍ଯ୍ୟାପ୍ତ ପରିମାଣରେ ପୁଷ୍ଟିସାର, ସ୍ନେହସାର ଭିଟାମିନ ଏ, ବି-୧୨, ଥାୟାମିନ, ରିବୋଫ୍ଲେବିନ ଆଦି ରହିଛି। ଏହାକୁ ସେବନ କରିବା ଦ୍ୱାରା ଶରୀରରେ ବିଭିନ୍ନ ରୋଗକୁ ପ୍ରତିରୋଧ କରିବାରେ ସହାୟକ ହୋଇଥାଏ। ଗଧ କ୍ଷୀରରେ ପ୍ରଚୁର ପରିମାଣରେ ଜୀବନୀୟ ତତ୍ତ୍ୱ ସହ ରୋଗପ୍ରତିରୋଧକ କ୍ଷମତା ରହିଛି। ଗଧ କ୍ଷୀର ପିଲାମାନଙ୍କ ନିମନ୍ତେ ଅତ୍ୟନ୍ତ ଦରକାରୀ ବୋଲି ଆମର ଭାରତୀୟ ପାରମ୍ପରିକ ଆୟୁର୍ବେଦ ଚିକିତ୍ସା ଶାସ୍ତ୍ରରେ ଉଲ୍ଲେଖ ରହିଛି। ଏଥିରେ ଲେକଟସ, ସ୍ନେହସାର, ଗାଈ କ୍ଷୀର ଅପେକ୍ଷା ପୁଷ୍ଟିସାର କମ ରହିବା ସହ କ୍ୟାଲସିୟମ, ଭିଟାମିନ- ସି ମଧ ରହିଛି।

ବର୍ତ୍ତମାନ ବଜାରରେ କୃତ୍ରିମ ଉପାୟରେ ମିଳୁଥିବା କ୍ଷୀର, ବିଭିନ୍ନ ରାସାୟନିକ ପଦାର୍ଥ ମିଶ୍ରଣରେ ପ୍ରସ୍ତୁତି ହୋଇଥିବା ହେତୁ ଏହା ସ୍ୱାସ୍ଥ୍ୟ ପାଇଁ ଅହିତକର ହୋଇଥାଏ। ଅମୃତଭଣ୍ଡା, ଅରଖ, କନିଅର ଆଦି କେତେକ ବୃକ୍ଷର ଡେମ୍ଫ ଓ ଫଳ ଛିଣ୍ଡେଇବା ବେଳେ କ୍ଷୀର ଭଳି ଏକ ତରଳ ପଦାର୍ଥ ବାହାରିଥାଏ। ଏଗୁଡିକ ସ୍ୱାସ୍ଥ୍ୟ ପାଇଁ ଆଦୌ ହିତକର ନୁହେଁ। ଏହାକୁ ସେବନ କରିବା ମନୁଷ୍ୟ ଶରୀର ପାଇଁ କ୍ଷତି କାରକ ଓ ବିଷ ତୁଲ୍ୟ ହୋଇଥାଏ। ଏହାକୁ ସେବନ କରିବା ଦ୍ୱାରା ଜୀବନ ହାନି ହେବାର ଆଶଙ୍କା ରହିଥିବା ହେତୁ ପୁରାତନ ଚିକିତ୍ସା ଶାସ୍ତ୍ର ଓ ଆଧୁନିକ ଚିକିତ୍ସା ଶାସ୍ତ୍ରରେ ଏହାକୁ ସେବନ କରିବାପାଇଁ ସମ୍ପୂର୍ଣ୍ଣ ବାରଣ କରାଯାଇଛି।

-ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ଚନ୍ଦାହାଣ୍ଡି,
ନବରଙ୍ଗପୁର
ମୋ : ୭୮୯୪୧୧୨୪୮୭

## ସକାରାତ୍ମକ ମାନସିକତା ଅନ୍ତରାଳେ...



ନିଜର ମାନସିକତାକୁ ଅଧିକାଂଶ ସମୟ ସକାରାତ୍ମକ ରଖିବା ସହଜ ନୁହେଁ। ତଥାପି କେତେକେ ଏ କ୍ଷେତ୍ରରେ ସଫଳ ହୋଇଥାଆନ୍ତି। ଅବଶ୍ୟ ଏଥିନେଇ କେତୋଟି ଦିଗ ପ୍ରତି ଦୃଷ୍ଟି ଦେବାକୁ ପଡ଼ଥାଏ। ଏକ ସଦ୍ୟତମ ସର୍ଭେରୁ ଜଣାପଡିଛି ଯେ ଯଦି ଜଣେ ବ୍ୟକ୍ତି ନିୟମିତ କେବଳ ବ୍ୟାୟାମ ନୁହେଁ ଯୋଗ ଆଦି କରନ୍ତି, ତେବେ ସେ ନିଜର ମାନସିକତାକୁ ଅନେକାଂଶରେ ସକାରାତ୍ମକ ରଖିପାରିବେ। 'ସକାରାତ୍ମକ ମାନସିକତା ଏବଂ ଯୋଗ' ବିଷୟକୁ ନେଇ ନିକଟରେ କାଲିଫର୍ନିଆ ବିଶ୍ୱବିଦ୍ୟାଳୟର ମନୋବିଜ୍ଞାନୀମାନେ ଏକ ସର୍ଭେ କରିଥିଲେ। ଏହାର ପରିସରଭୁକ୍ତ ବ୍ୟକ୍ତିଙ୍କୁ ପ୍ରତିଦିନ କିଛି ସମୟ ଯୋଗ କରିବାକୁ ପରାମର୍ଶ ଦିଆଯାଇଥିଲା। କେବଳ ସେତିକି ନୁହେଁ, ଏହାର କି ପ୍ରକାର ପ୍ରଭାବ ସେମାନଙ୍କର ମାନସିକତା ଉପରେ ପଡୁଛି ତାହାକୁ ତନ୍ନ ତନ୍ନ କରି ସେମାନେ ତର୍ଜମା କରିଥିଲେ। ସର୍ଭେ ପରିସରଭୁକ୍ତ ବ୍ୟକ୍ତିମାନଙ୍କ ମଧ୍ୟରୁ ପ୍ରାୟ ୫୫ ପ୍ରତିଶତ ବ୍ୟକ୍ତିଙ୍କର ମାନସିକତା ଏହାଦ୍ୱାରା ସକାରାତ୍ମକ ରହୁଥିଲା ବୋଲି ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି।

## ସୁସ୍ଥ ରହିବ କିଡ୍‌ନୀ



କିଡ୍‌ନୀକୁ ସୁସ୍ଥ ରଖିବା ଲାଗି କେତୋଟି ବିଷୟ ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ପଡିଥାଏ। ଏଥିପାଇଁ ଯଥେଷ୍ଟ ପାଣି ପିଅନ୍ତୁ। ଦିନକୁ ଅତିକମ୍‌ରେ ଆଠ ଗ୍ଲାସ ପାଣି ପିଅନ୍ତୁ। ପାଣି ପିଇଲେ ଶରୀରରୁ ବିଷାକ୍ତ ଉପାଦାନ ନିଷ୍କାସିତ ହୋଇଥାଏ। ସୁଷମ ଖାଦ୍ୟ ଖାଆନ୍ତୁ। ଯଥେଷ୍ଟ ଫଳ ଏବଂ ତଟକା ପନିପରିବା ଖାଆନ୍ତୁ। ନିଶାଦ୍ରବ୍ୟ ସେବନ ବର୍ଜନ କରନ୍ତୁ। ଡାଇବେଟିସ୍ କିମ୍ବା ରକ୍ତଚାପ ଥିଲେ ଡାକ୍ତରଙ୍କ ପରାମର୍ଶ ଅନୁସାରେ ଔଷଧ ଖାଆନ୍ତୁ। ନିୟମିତ ବ୍ୟାୟାମ କରନ୍ତୁ। ସପ୍ତାହରେ ଅନ୍ତତଃ ୧୫୦ମିନିଟ୍ ଚାଲନ୍ତୁ। ବେଶି ଲୁଣ ଖାଆନ୍ତୁ ନାହିଁ। ଡାକ୍ତରଙ୍କ ପରାମର୍ଶ ବିନା ଔଷଧ ଖାଆନ୍ତୁ ନାହିଁ। କିଡ୍‌ନୀ ରୋଗର ନିର୍ଣ୍ଣୟ ପାଇଁ ନିୟମିତ ସମୟ ଅନ୍ତରାଳରେ ସ୍ୱାସ୍ଥ୍ୟ ପରୀକ୍ଷା କରାଇ ନିଅନ୍ତୁ। ମନେରଖନ୍ତୁ ଯେ, କିଡ୍‌ନୀ ରୋଗ ହେଲେ ଅନେକ କ୍ଷେତ୍ରରେ କୌଣସି ଲକ୍ଷଣ ପ୍ରକାଶ ପାଇ ନ ଥାଏ। ମାନସିକ ଚାପଠାରୁ ଦୂରେଇ ରୁହନ୍ତୁ। ରାତିରେ ୭-୮ ଘଣ୍ଟା ଶୁଅନ୍ତୁ। କିଡ୍‌ନୀକୁ ସୁସ୍ଥ ରଖିବା ପାଇଁ ନିଜେ ସଚେତନ ରହିବା ସହ ଜନସଚେତନତା ସୃଷ୍ଟି କରନ୍ତୁ। ନିଜର ଜୀବନଶୈଳୀକୁ ସ୍ୱାସ୍ଥ୍ୟ ଅନୁକୂଳ କରାନ୍ତୁ। ମନେ ରଖନ୍ତୁ, ଆଜିର ସାମାନ୍ୟ ସାବଧାନତା ଆସନ୍ତାକାଲି କିଡ୍‌ନୀକୁ ସୁସ୍ଥ ରଖିବାରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ଦେଇପାରିବ।

## ସ୍କିଜୋଫ୍ରେନିଆ: କିଛି କଥା



ଯେତେପ୍ରକାର ମାନସିକ ରୋଗ ରହିଛି ସେଥିମଧ୍ୟରୁ ସ୍କିଜୋଫ୍ରେନିଆ ହେଉଛି ଏକ ଗମ୍ଭୀର ମାନସିକ ସମସ୍ୟା। ଏହା ମଣିଷର ଭାବନା ଆବେଗ, ବ୍ୟବହାର ଏବଂ କାର୍ଯ୍ୟଦକ୍ଷତାକୁ ବିଶେଷଭାବରେ ପ୍ରଭାବିତ କରିଥାଏ। ପ୍ରାରମ୍ଭିକ ଅବସ୍ଥାରେ ରୋଗୀ ଏକୁଟିଆ ରହିବାକୁ ପସନ୍ଦ କରେ। ଅନ୍ୟମାନଙ୍କ ସହ ମିଳାମିଶା କରେନାହିଁ। ନିଜର ଦୈନନ୍ଦିନ କାର୍ଯ୍ୟକୁ ଠିକ୍‌ଭାବରେ କରିପାରେ ନାହିଁ ଏବଂ ନିଦ କମିଯାଏ। ଏହି ରୋଗରେ ଆକ୍ରାନ୍ତ ବ୍ୟକ୍ତି ଅନ୍ୟମାନଙ୍କ ଉପରେ ସନ୍ଦେହ କରିଥାଏ। ରୋଗୀ ମନରେ ସବୁବେଳେ ଡର ଓ ଭୟର ଭାବନା ଦେଖାଯାଇଥାଏ। ଏହି ରୋଗୀମାନେ କେତେକ କଥାକୁ ନିଜ ମନରେ ଗଣ୍ଠି ବାନ୍ଧି ଧରିବସନ୍ତି ଏବଂ ଯାହା ଅନ୍ୟମାନଙ୍କ ଦ୍ୱାରା ସହଜରେ ଗ୍ରହଣୀୟ ହୋଇ ନ ଥାଏ। ରୋଗର କାରଣ ମସ୍ତିଷ୍କରେ ମୁଖ୍ୟତଃ 'ଡୋପାମିନ' ନାମକ ଏକ ରାସାୟନିକ ତତ୍ତ୍ୱର ମାତ୍ରା ବୃଦ୍ଧି ଯୋଗୁ ଏହି ରୋଗ ହୋଇଥାଏ। ବିଶ୍ୱରେ ପ୍ରତିବର୍ଷ ପ୍ରାୟ ୨.୫ କୋଟି ଲୋକ ଏହି ରୋଗରେ ଆକ୍ରାନ୍ତ ହୋଇଥାନ୍ତି ବୋଲି ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ପକ୍ଷରୁ ପ୍ରକାଶିତ ଏକ ରିପୋର୍ଟରୁ ଜଣାପଡ଼ିଛି। ସ୍କିଜୋଫ୍ରେନିଆ ଏକ ଜଟିଳ ରୋଗ। ଏହାର ଚିକିତ୍ସା ବିଷୟରେ ମାନସିକ ରୋଗ ବିଶେଷଜ୍ଞଙ୍କ ସହିତ ପରାମର୍ଶ କରିବା ଜରୁରୀ।

## ନିଶାଦ୍ରବ୍ୟ ବର୍ଜନର ସହଜ ଉପାୟ



ଧୂମପାନ ହେଉ ଅବା କୌଣସି ନିଶାଦ୍ରବ୍ୟ ସେବନ-ଜଣେ ଏହା ଦ୍ୱାରା କବଳିତ ହେବା ପରେ ସେଥିରୁ ମୁକୁଳିବା ସହଜ ହୋଇ ନ ଥାଏ। ବିଶେଷଭାବରେ ପରିବାର, ବନ୍ଧୁମାନଙ୍କର ଦିଗ୍‌ଦର୍ଶନ, ଅନୁରୋଧ, ସହଯୋଗ ଏବଂ ବାରମ୍ବାର ନିରୀକ୍ଷଣ ଧୂମପାନ ତ୍ୟାଗ କରିବା ଲାଗି ଉତ୍ସାହ ବଢ଼ାଇଥାଏ। ଗୋଟିଏ ଥରରେ ଧୂମପାନକୁ 'ନା' କରିବା ଉଚିତ। ଏଥିପାଇଁ ସୁଗାର ନ ଥିବା ଚୁଇଙ୍ଗମ ବ୍ୟବହାର କରିପାରନ୍ତି। ସ୍ଥଳବିଶେଷରେ ଚୁଇଙ୍ଗମ ସ୍ଥାନରେ ଲବଙ୍ଗ ଓ ଗୁଜୁରାତି ମଧ ବ୍ୟବହାର କରାଯାଇପାରେ। ଯେଉଁମାନେ ଚେନ୍ ସ୍ମୋକର ଏବଂ ଦୀଘଦିନ ଧରି ଧୂମପାୟୀ ସେମାନେ ଏଥିରେ ବୈଷୟିକ ଜ୍ଞାନ ଥିବା ବ୍ୟକ୍ତିମାନଙ୍କଠାରୁ ପରାମର୍ଶ ନେବା ଉଚିତ। ଏଥିପାଇଁ ମଧ 'କୁଇଟ୍ ସ୍ମୋକ୍ ଥେରାପି' (ଧୂମପାନ ତ୍ୟାଗ ଚିକିତ୍ସା) ଉପଲବ୍ଧ। ଧୂମପାନ ତ୍ୟାଗର ମାତ୍ର କେଇଦିନ ମଧ୍ୟରେ ଶୁଙ୍ଘିବା ଶକ୍ତି ଏବଂ ଜିଭର ସ୍ୱାଦ ଅନୁଭବ କରିବା ଶକ୍ତିରେ ଉନ୍ନତି ପରିଲକ୍ଷିତ ହୋଇଥାଏ। ସେହିପରି ମାତ୍ର କେଇ ସପ୍ତାହରେ କଫର ପରିମାଣ କମି ଯାଇଥାଏ ଏବଂ ଫୁସଫୁସର କାର୍ଯ୍ୟରେ ଉନ୍ନତି ଘଟିଥାଏ। ଧୂମପାନ ତ୍ୟାଗର ବର୍ଷେ ଭିତରେ ହୃଦ୍‌ଜନିତ ରୋଗ ହେବାର ଆଶଙ୍କା ପ୍ରାୟ ୫୦ ପ୍ରତିଶତ କମିଯାଏ। ଧୂମପାନ ତ୍ୟାଗ କରିବା ଦ୍ୱାରା ଜୀବନକାଳ ବଢ଼ିଥାଏ। ଏହାଦ୍ୱାରା ନିଜର ଉପକାର ହେବା ସହ ଅନ୍ୟମାନେ ମଧ ଲାଭବାନ ହୋଇଥାଆନ୍ତି। ନିଜକୁ ଅତ୍ୟଧିକ ପଜିଟିଭ ଏବଂ ସ୍ମାର୍ଟ ଲାଗେ। ନିଶାଦ୍ରବ୍ୟ ସେବନ ସହ ଜଡିତ ଥିଲେ ଏଥିରୁ ନିବୃତ୍ତ ରହିବା ଲାଗି ଅଭିଜ୍ଞ ନିଶା ନିବାରଣ ବିଶେଷଜ୍ଞଙ୍କ ସହ ପରାମର୍ଶ କରିବାକୁ ଭୁଲନ୍ତୁ ନାହିଁ।

## ଜାଣିରଖନ୍ତୁ



ମହୁରେ ଅନେକ ପ୍ରକାର ଉପକାରୀ ଗୁଣ ରହିଛି। ସକାଳେ ଖାଲି ପେଟରେ ଗୋଟିଏ ଗ୍ଲାସ ଉଷୁମ ପାଣି ସହ ଅଳ୍ପ ଲେମ୍ବୁ ରସ ଓ ଗୋଟିଏ ଚାମଚ ମହୁ ମିଶାଇ ପିଇଲେ ଓଜନ ହ୍ରାସ ପାଏ। ଏଥିରେ ଥିବା ଆଣ୍ଟି ଅକ୍ସିଡ଼ାଣ୍ଟ ଗୁଣ ଶରୀରରେ ରକ୍ତ ସଞ୍ଚାଳନକୁ ଠିକ୍ ଭାବରେ କରିବାକୁ କେତେକାଂଶରେ ସହାୟକ ହୋଇଥାଏ। ଉଚ୍ଚ ରକ୍ତଚାପ ଆଶଙ୍କାକୁ କେତେକାଂଶରେ ଦୂରେଇ ରଖିଥାଏ। ଶରୀରରେ ଶର୍କରାର ପରିମାଣକୁ ମଧ ସନ୍ତୁଳିତ ରଖେ। ସାଧାରଣତଃ ଡାଇବେଟିସ ଥିବା ଲୋକଙ୍କୁ ମିଠାଜାତୀୟ ଖାଦ୍ୟ ଖାଇବାକୁ ବାରଣ କରାଯାଇଥାଏ। କିନ୍ତୁ ମହୁ ସେମାନଙ୍କ ପାଇଁ ବେଶ୍ ଉପଯୋଗୀ। ରକ୍ତହୀନତା ସହ ଜଡିତ ରୋଗୀମାନଙ୍କ ପାଇଁ ମହୁ ବେଶ୍ ହିତକର।

## ସ୍ୱାସ୍ଥ୍ୟ ସୂଚନା

➢ଅଣ୍ଟାଜନିତ କିଛି ସମସ୍ୟା ଥିଲେ ବସିବା ଉଠିବା ସମୟରେ ସାବଧାନତା ଅବଲମ୍ବନ କରନ୍ତୁ। କୌଣସି ସ୍ଥାନରେ ବସିଥିଲେ ହଠାତ୍ ଉଠନ୍ତୁ ନାହିଁ। କୌଣସି ଜିନିଷ ନେବା ଆଣିବା କରିବା ସମୟରେ ସତର୍କତା ଅବଲମ୍ବନ କରନ୍ତୁ।

➢ ସବୁବେଳେ ସୁପାଚ୍ୟ ଖାଦ୍ୟ ଖାଆନ୍ତୁ। ରାତିରେ ହାଲୁକା ଖାଦ୍ୟ ଖାଇଲେ ତାହା ସହଜରେ ହଜମ ହୋଇଥାଏ। ତେଲ,ମସଲାଯୁକ୍ତ ଖାଦ୍ୟ ଯେତେ କମ୍ ଖାଇବେ ତାହା ସେତେ ଭଲ।

➢ଆପଣଙ୍କର କିଛି ସ୍ୱାସ୍ଥ୍ୟଜନିତ ସମସ୍ୟା ରହିଛି କି ? ଯଦି ହଁ, ତେବେ ଖାଦ୍ୟପେୟ ଓ ଜୀବନଶୈଳୀ ପ୍ରତି ଦୃଷ୍ଟି ଦିଅନ୍ତୁ। ଅଭିଜ୍ଞ ଡାକ୍ତରଙ୍କ ସହ ମଧ ପରାମର୍ଶ କରିବାକୁ ଭୁଲନ୍ତୁ ନାହିଁ।

➢ପ୍ରତିଦିନ ଦାନ୍ତକୁ ଭଲ ଭାବେ ଘଷନ୍ତୁ। ଦିନକୁ ଅତି କମ୍‌ରେ ଦୁଇ ଥର ଯଥା ସକାଳେ ରାତିରେ ଘଷନ୍ତୁ। ମନେରଖନ୍ତୁ ଘଷିବାର ଅବଧି ୨ମିନିଟ୍‌ରୁ କେବେ ବି କମ୍ କରନ୍ତୁ ନାହିଁ।

➢ନିଜ ଓଜନକୁ ସବୁବେଳେ ନିୟନ୍ତ୍ରଣରେ ରଖିବାକୁ ଚେଷ୍ଟା କରନ୍ତୁ। ଆଉ ଯଦି ଏଥିପ୍ରତି ଧ୍ୟାନ ନ ଦେବେ ତେବେ ପରୋକ୍ଷରେ ଆପଣ ଅନେକ ରୋଗକୁ ଆମନ୍ତ୍ରଣ କରିବାର ଆଶଙ୍କା ରହିଛି।

➢ଯେ ଯଦି ଆପଣ ଦୀର୍ଘକାଳୀନ ରୋଗରେ ପୀଡ଼ିତ ତେବେ ନିୟମିତ ସମୟ ବ୍ୟବଧାନରେ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ। ପୁରୁଣା ପ୍ରେସକ୍ରିପସନଗୁଡ଼ିକୁ ଏକ ଫାଇଲରେ ରଖନ୍ତୁ, ହୁଏତ ଆଗକୁ ଏହା ଦରକାରରେ ଆସିପାରେ।



## ସୌରଜଗତରେ ଅଜଣା ପରିବ୍ରାଜକ

(ଶେଷ ଭାଗ)

ଜେମ୍ସ ୱେବ ଦୂରବୀକ୍ଷଣ ଯନ୍ତ୍ର ଦ୍ୱାରା ଉତ୍ତୋଳିତ ପ୍ରତ୍ୟେକ ନୂତନ ଚିତ୍ର ସହିତ ରହସ୍ୟ ଆହୁରି ଗଭୀର ହେଉଛି। ୩ଇ/ ଆଟଲାସ ଆମକୁ ଭେଟିବାକୁ ଆସିଥିବା ପ୍ରଥମ ଅନ୍ତଃନକ୍ଷତ୍ରୀୟ ଭ୍ରମଣକାରୀ ନୁହେଁ। ୨୦୧୭ରେ ଜ୍ୟୋତିର୍ବିଜ୍ଞାନୀମାନେ ପ୍ରଥମ ଥର ପାଇଁ ଏହିପରି ଏକ ଅଜଣା ଅତିଥିକୁ ଦେଖିଥିଲେ। ତାହା ଥିଲା '୧ଇ/ ଓମୁଆମୁଆ'। ଏହା ଏକ ସିଗାର ଆକୃତିର ବସ୍ତୁ ଯାହା ଅଜବ ଭାବରେ ଗତି କରୁଥିଲା ଏବଂ ଏହାର କୌଣସି ଦୃଶ୍ୟମାନ ଲାଞ୍ଜ ନଥିଲା। ସେତେବେଳେ କେତେକ ବୈଜ୍ଞାନିକ ଅନୁମାନ ମଧ କରିଥିଲେ ଯେ ଏହା ଏକ ଏଲିଏନ ମହାକାଶ ଯାନ ହୋଇପାରେ! ତା'ପରେ ୨୦୧୯ରେ '୨ଇ/ ବୋରିଶୋଭ' ଆସିଥିଲା। ଏହା ଏକ ପ୍ରକୃତ ଅନ୍ତଃନକ୍ଷତ୍ରୀୟ ଧୂମକେତୁ, ଯାହାର ଏକ ଉଜ୍ଜ୍ୱଳ ଲାଞ୍ଜ ଏବଂ ଆମ ସୌରମଣ୍ଡଳରେ ଜନ୍ମିତ ଯେକୌଣସି ଧୂମକେତୁ ଠାରୁ ଭିନ୍ନ ଏକ ରାସାୟନିକ ଗଠନ ଥିଲା। ପ୍ରତ୍ୟେକ ପରିଦର୍ଶକ ଅନନ୍ୟ। ପ୍ରତ୍ୟେକ ଆମ ସୌରଜଗତ ବାହାର ବିଶ୍ୱର ବିବିଧତାର ଏକ କ୍ଷଣସ୍ଥାୟୀ ଝଲକ। ଆହୁରି ଅଧିକ ବ୍ରହ୍ମାଣ୍ଡର ରହସ୍ୟ ପ୍ରକାଶ କରିବାର ପ୍ରତିଶ୍ରୁତି ଦେଇ, ବର୍ତ୍ତମାନ ୩ଇ/ ଆଟଲାସ ଏହି ସମ୍ଭ୍ରାନ୍ତ ମହାଜଗତିକ ଶ୍ରେଣୀରେ ଯୋଗ ଦେଇଛି।

ଚଳିତ ବର୍ଷ ଗତ ମାସ ୩୦ ତାରିଖରେ ୩ଇ/ ଆଟଲାସ ମଙ୍ଗଳ ଗ୍ରହର କକ୍ଷ ପଥ ଭିତରେ ପ୍ରବେଶ କରି ସୂର୍ଯ୍ୟର ନିକଟତର ହୋଇସାରିଛି। ଏହି ସମୟ ଏହି ଅନ୍ତଃନକ୍ଷତ୍ରୀୟ ବସ୍ତୁକୁ ସବୁଠୁ ପାଖରୁ ଦେଖିବାର ଓ ଅଧ୍ୟୟନ କରିବାର ପ୍ରକୃଷ୍ଟ ସମୟ। ଏହା ଶୁଣି ଲୋପା ଟିକେ ଚିନ୍ତିତ ହୋଇ ପଚାରିଲେ, ଆମ ପୃଥିବୀ ପାଇଁ ଏହା କୌଣସି ବିପଦ ସୃଷ୍ଟି କରିବ ନାହିଁ ତ? ମୁଁ ଉତ୍ତର ଦେଲି ନା, ଚିନ୍ତା କର ନାହିଁ। ଏହା ପୃଥିବୀ ପାଇଁ କୌଣସି ବିପଦ ସୃଷ୍ଟି କରିବ ନାହିଁ କାରଣ ଏହା ପ୍ରାୟ ୨୭୦ ନିୟୁତ କିଲୋମିଟର ଦୂର ଦେଇ ପୃଥିବୀକୁ ଅତିକ୍ରମ କରିବ। ସାରା ବିଶ୍ୱରେ ଥିବା ବିଦ୍ୟାଳୟ ଦୂରବୀକ୍ଷଣ ଯନ୍ତ୍ରଠାରୁ ଆରମ୍ଭ କରି ମହାକାଶଭିତ୍ତିକ ଅତ୍ୟାଧୁନିକ ଉପକରଣ ପର୍ଯ୍ୟନ୍ତ ସମସ୍ତ ଦୂରବୀକ୍ଷଣ ଯନ୍ତ୍ର ଏହି ମହାଜାଗତିକ ଉଡ଼ାଣର ପ୍ରତ୍ୟେକ ମୁହୂର୍ତ୍ତକୁ ଅଭିଲିଖିତ କରିବାକୁ ପ୍ରସ୍ତୁତ ହେଉଛନ୍ତି। ଏହା ଶୁଣି ଲୋପା ପୁଣି ପଚାରିଲେ ମହାକାଶ ଦେଇ ଗତି କରୁଥିବା ଏକ ଛୋଟ ବରଫ ଏବଂ ପଥର ଖଣ୍ଡ ବିଷୟରେ ଆମେ ଏତେ କାହିଁକି ଚିନ୍ତା କରୁଛେ ? ମୁଁ କହିଲି କାରଣ ୩ଇ/ ଆଟଲାସ ହେଉଛି ବ୍ରହ୍ମାଣ୍ଡର ଅନ୍ୟ କୋଣରେ ଥିବା ତାରାମାନଙ୍କର ଏକ ବାର୍ତ୍ତାବାହକ। ଏହାର ଧୂଳି ଏବଂ ଗ୍ୟାସ ବହୁ ପୂର୍ବରୁ ଅନ୍ୟ ଏକ ତାରା ମଣ୍ଡଳରେ ଗଠିତ ଅନ୍ୟ ଏକ ବିଶ୍ୱର ରାସାୟନିକ ପଦ ଚିହ୍ନ ବହନ କରେ। ଏହାକୁ ଅଧ୍ୟୟନ କରିବା ଦ୍ୱାରା ବୈଜ୍ଞାନିକମାନେ ବୁଝିପାରିବେ ଯେ ଅନ୍ୟାନ୍ୟ ନକ୍ଷତ୍ରପୁଞ୍ଜରେ ଗ୍ରହମାନେ କିପରି ସୃଷ୍ଟି ହୋଇଛନ୍ତି ଏବଂ ଜୀବନ ଅନ୍ୟାନ୍ୟ ଛାୟାପଥରେ ସୃଷ୍ଟି ହୋଇଛି କି ନାହିଁ। ଏହା ମଧ ଆମକୁ ସ୍ମରଣ କରାଇଦିଏ ଯେ ସୌରମଣ୍ଡଳ ଏକ ବିଚ୍ଛିନ୍ନ ଦ୍ୱୀପ ନୁହେଁ ବରଂ ଏହା ଏକ ବିଶାଳ, ଜୀବନ୍ତ ବ୍ରହ୍ମାଣ୍ଡର ଅଂଶ ଯେଉଁଠାରେ ଯାତ୍ରୀମାନେ ବେଳେ ବେଳେ ଆମକୁ ସଂକ୍ଷେପରେ ଭେଟିବା ପାଇଁ ଅକଳ୍ପନୀୟ ଦୂରତା ଅତିକ୍ରମ କରି ଆସନ୍ତି। ଲୋପା ଟିକେ ସ୍ମିତ ହାସ୍ୟ ଦେଇ କହିଲେ, ହୁଏତ ଏହା ଏଲିଏନ ଦ୍ୱାରା ନିର୍ମିତ ନହୋଇ ପାରେ କିନ୍ତୁ ଏହା ବ୍ରହ୍ମାଣ୍ଡ ଦାରା ନିର୍ମିତ ଏକ ପ୍ରକାରର ମହାକାଶ ଯାନ ଯେ ଆମକୁ ଜଣାଇବାକୁ ଆସିଛି ଯେ ଆମେ ବ୍ରହ୍ମାଣ୍ଡର ବହୁତ କମ ରହସ୍ୟ ଏଯାଏ ଜାଣିଛୁ ବୋଲି। ମୁଁ ହସି କହିଲି, ''ଠିକ୍, ଏବଂ ପ୍ରତ୍ୟେକ ଥର ଏହି ମହାକାଶୀୟ ପରିଦର୍ଶକମାନଙ୍କ ମଧ୍ୟରୁ ଜଣେ ଦେଖାଗଲେ, ଏହା ଏପରି ମନେ ହୁଏ ଯେପରି ବ୍ରହ୍ମାଣ୍ଡ ଚୁପ ଚୁପ କରି ଏହାର ରହସ୍ୟ ଆମକୁ ଜଣାଇବାକୁ ଚେଷ୍ଟା କରେ ଓ ଆମକୁ କୁହେ ଆବିଷ୍କୃତ ହେବା ପାଇଁ ସେଠାରେ ଆହୁରି ଅନେକ କିଛି ଅପେକ୍ଷା କରିଛି।''



**- ଦେବାଶିଷ ମହାନ୍ତି,** ବରିଷ୍ଠ ପ୍ରାଧ୍ୟାପକ
ସ୍ନାତକୋତ୍ତର ରସାୟନ ବିଜ୍ଞାନ ବିଭାଗ,
ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟ,
ଭୁବନେଶ୍ୱର
ମୋ: ୯୮୬୧୩୯୧୧୯୦

ଧରିତ୍ରୀ 51 Years
ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୨ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ସୋମବାର, ନଭେମ୍ବର ୧୦/୨୦୨୫ Bhubaneswar, Monday, November 10/ 2025




# ଓଡ଼ିଶାରେ ହେବ ବିଚ୍ ଭଲିବଲ ଚ୍ୟାଲେଞ୍ଜର ଟ୍ରଫି

**ଭୁବନେଶ୍ୱର, ୯।୧୧ (ତପନ ସ୍ୱାଇଁ)**



କଟକରେ ରବିବାର ଅନୁଷ୍ଠିତ ବୈଠକରେ ଉପସ୍ଥିତ ଅତିଥି ଓ କର୍ମକର୍ତ୍ତା ।

ଓଡ଼ିଶା ଭଲିବଲ ଆସୋସିଏଶନ (ଓଭିଏ)ର କାର୍ଯ୍ୟକାରିଣୀ ତଥା ବାର୍ଷିକ ସାଧାରଣ ବୈଠକ ରବିବାର କଟକସ୍ଥିତ ଓସିଏ କନ୍‌ଫରେନ୍ସ ହଲ୍‌ରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଭଲିବଲର ବିକାଶ ପାଇଁ ଅନେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି । ତନ୍ମଧ୍ୟରୁ ଓଡ଼ିଶାରେ ଏଫ୍‌ଆଇଭିବି (ଅନ୍ତର୍ଜାତୀୟ ଭଲିବଲ ଫେଡେରେଶନ) ବିଚ୍ ଭଲିବଲ ଚ୍ୟାଲେଞ୍ଜର ଟ୍ରଫି ଆୟୋଜନ ଅନ୍ୟତମ । ୨୦୨୬ ଫେବୃଆରୀ ଶେଷ ଭାଗରେ ଏହି ପ୍ରତିଯୋଗିତା ଆୟୋଜନ ହେବ ଏବଂ ଏହି ଗ୍ଲୋବାଲ ଇଭେଣ୍ଟରେ ୪୦ ଦେଶର ପ୍ରତିଯୋଗୀ ଅଂଶଗ୍ରହଣ କରିବେ । ଏହା ବ୍ୟତୀତ ଏକ ୪ ଦିନିଆ ମହିଳା କୋଚେସ ଟ୍ରେନିଂ ପ୍ରୋଗ୍ରାମ ଆୟୋଜନ ପାଇଁ ମଧ୍ୟ ନିଷ୍ପତ୍ତି ନିଆଯାଇଛି । 'କନ୍ୟା କିରଣ' ନାମରେ ଏହି ପ୍ରୋଗ୍ରାମ ଡିସେମ୍ବର ୧୧ରୁ ୧୪ ପର୍ଯ୍ୟନ୍ତ ଭୁବନେଶ୍ୱରରେ ଆୟୋଜିତ ହେବ । ଏଫ୍‌ଆଇଭିବି ଇନ୍‌ଷ୍ଟ୍ରକ୍ଟର ଜନ କେସେଲ ଓ ଜାନା କୁଲାନଙ୍କ ତତ୍ତ୍ୱାବଧାନରେ ହେବାକୁଥିବା ଏହି ପ୍ରୋଗ୍ରାମର ଲକ୍ଷ୍ୟ ହେଉଛି ବିଶ୍ୱସ୍ତରୀୟ ଟ୍ରେନିଂ ମାଧ୍ୟମରେ ମହିଳା କୋଚ୍‌ଙ୍କୁ ସଶକ୍ତ କରିବା ।

୭୨ତମ ଜାତୀୟ ସିନିୟର ଭଲିବଲ ଚାମ୍ପିୟନଶିପ୍ ଉତ୍ତର ପ୍ରଦେଶର ବାରାଣସୀରେ ୨୦୨୬ ଜାନୁଆରୀ ୪ରୁ ୧୧ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ । ଏହି ଟୁର୍ନାମେଣ୍ଟ ଲାଗି ପ୍ରସ୍ତୁତ ହେବାକୁ ରାଜ୍ୟ ଚାମ୍ପିୟନଶିପ୍ ପାରାଦୀପ ପୋର୍ଟରେ ଆୟୋଜନ ପାଇଁ ମଧ୍ୟ ନିଷ୍ପତ୍ତି ହୋଇଛି । ଓଭିଏ ସଭାପତି ତଥା କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ଅନୁପସ୍ଥିତିରେ କାର୍ଯ୍ୟକାରୀ ସଭାପତି କମଳାକାନ୍ତ ପାଣ୍ଡେ ବୈଠକରେ ସଭାପତିତ୍ୱ କରିଥିଲେ । ଓଭିଏ ସମ୍ପାଦକ ଗଗନେନ୍ଦୁ ଦାଶ କାର୍ଯ୍ୟକ୍ରମ ପରିଚାଳନା କରିବା ସହ ବାର୍ଷିକ ବିବରଣୀ ପାଠ କରିଥିଲେ । ବୈଠକ ପୂର୍ବରୁ ଓଭିଏର ପୂର୍ବତନ ଉପସଭାପତି ଜନାର୍ଦ୍ଦନ ଦାଶଙ୍କ ସ୍ମୃତିରେ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା । ଉକ୍ତ ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଶା ଅଲିମ୍ପିକ୍ସ ଆସୋସିଏଶନ ସମ୍ପାଦକ ଅଭିଜିତ ପାଲ, ଓଭିଏ ଉପସଭାପତି ସୟଦ ଆକମଲ ଅଲୀ, ବିଜୟ କୁମାର ଧଳ, ଶିବ ପ୍ରସାଦ ତ୍ରିପାଠୀ, ରବୀନ୍ଦ୍ର କୁମାର ଦାସ, ଭବାନୀ ପ୍ରସାଦ ପଣ୍ଡା, ମନୋରଞ୍ଜନ ଜିଉ, ବ୍ରହ୍ମାନନ୍ଦ ସାମନ୍ତରାୟ, ଯୁଗ୍ମ ସମ୍ପାଦକ ଆଦିତ୍ୟ କୁମାର ଆଚାର୍ଯ୍ୟ, ଜଗଦୀଶ ଚନ୍ଦ୍ର ବେହେରା ଓ କୋଷାଧ୍ୟକ୍ଷ ସୁଧାଂଶୁ ଭୂଷଣ ମିଶ୍ର ପ୍ରମୁଖ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ । ରାଜ୍ୟ ଭଲିବଲ ଚାମ୍ପିୟନଶିପ୍‌କୁ ଜୋନାଲ ଫର୍ମାଟରେ ଆୟୋଜନ ପାଇଁ ପ୍ରସ୍ତାବ ଆସିଥିବାରୁ ଏହାକୁ ତର୍ଜମା କରିବା ପାଇଁ ଏକ କମିଟି ଗଠନ କରାଯାଇଥିଲା ।

# ପ୍ରମୋଦଙ୍କୁ ୩ ସ୍ୱର୍ଣ୍ଣ ପଦକ

**ଭୁବନେଶ୍ୱର, ୯।୧୧ (ତପନ ସ୍ୱାଇଁ)**

**ଜାପାନ ପାରା ବ୍ୟାଡ୍‌ମିଣ୍ଟନ**



ପଦକ ସହ ପ୍ରମୋଦ ଭଗତ ।

ଜାପାନର ଟୋକିଓରେ ଅନୁଷ୍ଠିତ ହୁଲିକ୍ ଦାଇହାତସୁ ଜାପାନ ପାରା ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟରେ ଓଡ଼ିଶାର ପ୍ରମୋଦ ଭଗତ ୩ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି । ଗତ ୫ରୁ ୯ ପର୍ଯ୍ୟନ୍ତ ଅନୁଷ୍ଠିତ ପ୍ରତିଯୋଗିତାରେ ପ୍ରମୋଦ ସିଙ୍ଗଲ୍ସ, ଡବଲ୍ସ ଓ ମିକ୍ସଡ ଡବଲ୍ସରେ ଏହି ସଫଳତା ପାଇଛନ୍ତି । ଏସ୍‌ଏଲ୍‌୩ ସିଙ୍ଗଲ୍ସ ଫାଇନାଲରେ ସେ ଜାପାନର ଦାଇସୁକେ ଫୁଜିହାରାଙ୍କୁ ୧୭–୨୧, ୨୧–୧୯, ୨୧–୧୦ରେ ହରାଇଥିଲେ । ଏସ୍‌ଏଲ୍‌୩–ଏସ୍‌ଏଲ୍‌୪ ପୁରୁଷ ଡବଲ୍ସ ଫାଇନାଲରେ ପ୍ରମୋଦ ଓ ସୁକାନ୍ତ କଦମଙ୍କ ଯୋଡ଼ି ଅନ୍ୟତମ ଭାରତୀୟ ଯୋଡ଼ି ଜଗଦୀଶ ଦେଲ୍ଲି ଓ ନବୀନ ଶିବକୁମାରଙ୍କୁ ୨୧–୧୭, ୧୮–୨୧, ୨୧–୧୬ରେ ପରାସ୍ତ କରିଥିଲେ । ସେହିପରି ମିକ୍ସଡ ଡବଲ୍ସ ଫାଇନାଲରେ ଏସ୍‌ଏଲ୍‌୩–ଏସ୍‌ୟୁ୫ ମିକ୍ସଡ ଡବଲ୍ସ ଫାଇନାଲରେ ପ୍ରମୋଦ ଓ ମନୀଷା ରାମଦାସଙ୍କ ଯୋଡ଼ି ଭାରତୀୟ ଯୋଡ଼ି ନୀତେଶ କୁମାର ଓ ଥୁଲସିମଥି ମୁରୁଗେଶନଙ୍କୁ ୨୧–୧୯, ୨୧–୧୯ରେ ହରାଇ ଦେଇଥିଲେ ।

# ପ୍ରଥମଶ୍ରେଣୀ କ୍ରିକେଟରେ ଦ୍ରୁତତମ ଅର୍ଦ୍ଧଶତକ



ଆକାଶ କୁମାର ଚୌଧାରୀ

**ସୁରଟ, ୯।୧୧ (ପି.ଟି.)**

**୮ କ୍ରମାଗତ ଛକା, ୧୧ ବଲ୍‌ରେ ଅର୍ଦ୍ଧଶତକ**

ମେଘାଳୟର ଆକାଶ କୁମାର ଚୌଧାରୀ କ୍ରମାଗତ ୮ ଛକା ମାରି ପ୍ରଥମ ଶ୍ରେଣୀ କ୍ରିକେଟରେ ଏକ ନୂଆ ରେକର୍ଡ କରିଥିବା ବେଳେ ମାତ୍ର ୧୧ ବଲ୍‌ରେ ଦ୍ରୁତ ଅର୍ଦ୍ଧଶତକ ହାସଲ କରି ଏହି ଫର୍ମାଟରେ ଅନ୍ୟ ଏକ ନୂଆ ରେକର୍ଡର ଅଧିକାରୀ ହୋଇପାରିଛନ୍ତି । ଏଠାରେ ଅରୁଣାଚଳ ପ୍ରଦେଶ ବିପକ୍ଷରେ ଏକ ରଣଜୀ ଟ୍ରଫି ପ୍ଲେଟ୍ ଗ୍ରୁପ୍ ମ୍ୟାଚରେ ସେ ଏହି କୀର୍ତ୍ତିମାନ ଅର୍ଜନ କରିଛନ୍ତି । ସ୍ଥାନୀୟ ସି.କେ. ପିଠାୱାଲା ଗ୍ରାଉଣ୍ଡଠାରେ ମ୍ୟାଚର ଦ୍ୱିତୀୟ ଦିବସରେ ୮ନମ୍ବର ସ୍ଥାନରେ ବ୍ୟାଟିଂ କରିବାକୁ ଆସିଥିବା ୨୫ବର୍ଷୀୟ ଚୌଧାରୀ ଏହି ଚମକପ୍ରଦ ସଫଳତା ହାସଲ କରିଛନ୍ତି । ସେ ୧୪ବଲ୍‌ରେ ୫୦ ରନ କରି ଅପରାଜିତ ରହିଥିଲେ । ତାଙ୍କର ଏହି ଅର୍ଦ୍ଧଶତକ ସହାୟତାରେ ମେଘାଳୟ ଏହାର ପ୍ରଥମ ଇନିଂସ ୬୨୮/୬ରେ ଘୋଷଣା କରିଥିଲା । ଚୌଧାରୀ ପ୍ରଥମ ଶ୍ରେଣୀରେ ଦ୍ରୁତତମ ଅର୍ଦ୍ଧଶତକ ହାସଲରେ ରହିଥିବା ପୁରୁଣା ରେକର୍ଡକୁ ଭଙ୍ଗ କରିଦେଇଛନ୍ତି । ପୂର୍ବରୁ ଏହି ରେକର୍ଡ ଲିସେଷ୍ଟରଶାୟାର ୱେନ୍ ହ୍ୱାଇଟ୍‌ଙ୍କ ନାମରେ ରହିଥିଲା । ସେ ୨୦୧୨ରେ ଏସେକ୍ସ ବିପକ୍ଷ ମ୍ୟାଚରେ ମାତ୍ର ୧୨ଟି ବଲ୍‌ରେ ଅର୍ଦ୍ଧଶତକ ହାସଲ କରିଥିଲେ । ସେ ଆହୁରି ମଧ୍ୟ ପ୍ରଥମ ଶ୍ରେଣୀ କ୍ରିକେଟର କ୍ରମାଗତ ୬ ଛକା ଲଗାଇବାରେ ତୃତୀୟ ଖେଳାଳି । ଅନ୍ୟ ଦୁଇ ଜଣ ହେଲେ କିମ୍ବଦନ୍ତୀ ସାର୍ ଗାର୍‌ଫିଲ୍ଡ ସୋବର୍ସ ଏବଂ ଭାରତର ରବି ଶାସ୍ତ୍ରୀ ।

# ପ୍ରେସିଡେଣ୍ଟ୍ସ ଟ୍ରଫି ଗଲ୍ଫ; ଅସିତ, ଲକ୍ଷ୍ମୀ ଚାମ୍ପିୟନ



ମହିଳା ବର୍ଗ ଚାମ୍ପିୟନ ଲକ୍ଷ୍ମୀ ସ୍ୱାଇଁ ପୁରସ୍କାର ଗ୍ରହଣ କରୁଛନ୍ତି ।

**ଭୁବନେଶ୍ୱର, ୯।୧୧ (ତପନ ସ୍ୱାଇଁ)**

ଭୁବନେଶ୍ୱର ଗଲ୍ଫ କ୍ଲବ ଆନୁକୂଲ୍ୟରେ ଏଠାରେ ପ୍ରେସିଡେଣ୍ଟ୍ସ ଟ୍ରଫି ଗଲ୍ଫ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି । ୩ ଦିନ ବିଶିଷ୍ଟ ଏହି ପ୍ରତିଯୋଗିତାର ୦–୧୬ ହାଣ୍ଡିକାପ ବର୍ଗରେ ଅସିତ ତ୍ରିପାଠୀ ଚାମ୍ପିୟନ ଓ ଦିଗ୍‌ବିଜୟ ସିଂ ରନରଅପ୍ ହୋଇଛନ୍ତି । ବେଷ୍ଟ ଗ୍ରସ୍ ବିବେଚିତ ହୋଇଛନ୍ତି କ୍ୟାପ୍‌ଟେନ ସୁଭାଷ ଦାସ । ସେହିପରି ୧୭–୨୪ ହାଣ୍ଡିକାପ ବିଭାଗରେ ଧନଞ୍ଜୟ ବୋଷ ଓ ପି.ଭି. ମୋହନ ଯଥାକ୍ରମେ ଚାମ୍ପିୟନ ଓ ରନରଅପ୍ ହୋଇଛନ୍ତି । ମହିଳା ବର୍ଗରେ ଲକ୍ଷ୍ମୀ ସ୍ୱାଇଁ ଓ ସୁପର୍ଣ୍ଣା ପଣ୍ଡା ଯଥାକ୍ରମେ ଚାମ୍ପିୟନ ଓ ରନରଅପ୍ ଟ୍ରଫି ହାସଲ କରିଛନ୍ତି । ସିନିୟର ବିଭାଗରେ ବ୍ରିଗେଡିୟର କେ.ସି. ବେହେରା ଚାମ୍ପିୟନ ଓ ସୂର୍ଯ୍ୟକାନ୍ତ ମିଶ୍ର ରନରଅପ୍ ହୋଇଛନ୍ତି ।

# ଓଡ଼ିଶାର ପୁଣି ବ୍ୟାଟିଂ ବିପର୍ଯ୍ୟୟ

**ଭୁବନେଶ୍ୱର, ୯।୧୧ (ତପନ ସ୍ୱାଇଁ)**

**ରଣ୍‌ଜୀ ଟ୍ରଫି**

**ଦ୍ୱିତୀୟ ଦିବସରେ ୧୧ ଉଇକେଟର ପତନ**

ଚଳିତ ରଣ୍‌ଜୀ ଟ୍ରଫି କ୍ରିକେଟ ସିଜନରେ ଓଡ଼ିଶା ଦଳର ଖରାପ ବ୍ୟାଟିଂ ଜାରି ରହିଛି । ନାଗପୁରରେ ଚାଲିଥିବା ବିଦର୍ଭ ବିପକ୍ଷ ଏଲିଟ ଗ୍ରୁପ୍ 'ଏ' ମ୍ୟାଚରେ ଓଡ଼ିଶା ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଛି । ରବିବାର ଦ୍ୱିତୀୟ ଦିବସ ଶେଷ ବେଳକୁ ଓଡ଼ିଶା ପ୍ରଥମ ଇନିଂସରେ ୧୨୨ ରନ ମଧ୍ୟରେ ୬ ଉଇକେଟ ହରାଇ ସାରିଛି । ଫଳରେ ବିଦର୍ଭର ପ୍ରଥମ ଇନିଂସ ସ୍କୋର (୨୮୬ ରନ)ଠାରୁ ଓଡ଼ିଶା ଆହୁରି ୧୬୪ ରନ ପଛରେ ରହିଛି । ସମସ୍ତ ସ୍ପେଶାଲିଷ୍ଟ ବ୍ୟାଟର ଆଉଟ ହୋଇ ସାରିଥିବାରୁ ଏହି ମ୍ୟାଚରେ ଓଡ଼ିଶା ପ୍ରଥମ ଇନିଂସ ପଛୁଆ ରହିବା ଏକପ୍ରକାର ନିଶ୍ଚିତ ହୋଇଯାଇଛି । ଦ୍ୱିତୀୟ ଦିବସରେ ମୋଟ ୧୧ଟି ଉଇକେଟର ପତନ ଘଟିଛି । ପ୍ରକାଶଯୋଗ୍ୟ ଯେ, ଖରାପ ପ୍ରଦର୍ଶନ କାରଣରୁ ଓଡ଼ିଶା ଏହାର ପ୍ରଥମ ୩ ମ୍ୟାଚରୁ ୨ଟିରେ ପରାଜୟ ବରଣ କରିଥିବାବେଳେ ଅନ୍ୟ ମ୍ୟାଚଟି ଡ୍ର ରଖିଥିଲେ ହେଁ ପ୍ରଥମ ଇନିଂସ ପଛୁଆ ରହିବା କାରଣରୁ ମାତ୍ର ୧ ପଏଣ୍ଟ ପାଇଛି ।

ପ୍ରଥମ ଦିବସର ଅସମାପ୍ତ ସ୍କୋର ୨୩୪/୫ରୁ ଖେଳ ଆରମ୍ଭ କରିଥିବା ବିଦର୍ଭ ଆଉ ୫୨ ରନ ଯୋଡ଼ି ଅବଶିଷ୍ଟ ୫ ଉଇକେଟ ହରାଇଥିଲା । ପୂର୍ବ ଦିନ ୧୨୮ ରନରେ ଅପରାଜିତ ରହିଥିବା ଧ୍ରୁବ ଶୋରେ ମୋଟ ୧୪୪ ରନକରି ଆଉଟ ହୋଇଥିଲେ । ଶେଷଭାଗ ବ୍ୟାଟରଙ୍କୁ ଅଧିକ ସମୟ ତିଷ୍ଠିବାକୁ ଦେଇ ନ ଥିଲେ ଓଡ଼ିଶା ବୋଲର । ଭ୍ରମଣକାରୀ ଦଳ ପକ୍ଷରୁ ସମ୍ବିତ ବରାଳ ସର୍ବାଧିକ ୩ଟି, ବାଦଲ ବିଶ୍ୱାଳ, ରାଜେଶ ମହାନ୍ତି ଓ ତାପସ ଦାସ ୨ଟି ଲେଖାଏ ଏବଂ ଜାମଳା ମହାପାତ୍ର ଗୋଟିଏ ଉଇକେଟ ନେଇଥିଲେ ।

ଘରୋଇ ପିଚ୍‌ରୁ ଫାଇଦା ଉଠାଇ ବିଦର୍ଭ ବୋଲରମାନେ ଓଡ଼ିଶାକୁ ଭଲ ଆରମ୍ଭ ହେବାକୁ ଦେଇ ନ ଥିଲେ । ୩୩ ରନ ମଧ୍ୟରେ ୨ଟି ଉଇକେଟ ହରାଇ ଓଡ଼ିଶା ବ୍ୟାକ୍‌ଫୁଟକୁ ଚାଲି ଯାଇଥିଲା । ଦୁଇ ଓପନର ଗୌରବ ଚୌଧୁରୀ ୨୪ ଓ ସ୍ୱସ୍ତିକ ସାମଲ ୯ ରନ କରିବାକୁ ସକ୍ଷମ ହୋଇଥିଲେ । ସନ୍ଦୀପ ପଟ୍ଟନାୟକ ମଧ୍ୟ ମାତ୍ର ୧୬ ରନ କରିବାକୁ ସକ୍ଷମ ହୋଇଥିଲେ । ରାଜେଶ ଧୂପର(୮)ଙ୍କୁ ପ୍ୟାଭିଲିୟନ ପଠାଇ ୟଶ କଦମ ଏବଂ ଅଧିନାୟକ ଶୁଭ୍ରାଂଶୁ ସେନାପତିଙ୍କୁ ଆଉଟ କରି ଗୌରବ ଫର୍ଦେ ପ୍ରଥମଶ୍ରେଣୀ କ୍ରିକେଟ କ୍ୟାରିୟରରେ ନିଜ ନିଜର ପ୍ରଥମ ଉଇକେଟ ହାସଲ କରିଥିଲେ । ଆତ୍ମବିଶ୍ୱାସରେ ଥିବାପରି ଲାଗୁଥିବା ଶୁଭ୍ରାଂଶୁ ୧୧୨ ବଲ୍‌ରୁ ୪୧ ରନ କରିଥିବାବେଳେ ଫର୍ଦେଙ୍କ ବଲ୍‌ରେ ବୋଲ୍ଡ ହୋଇ ଯାଇଥିଲେ । ୫ ଉଇକେଟ ପତନ ହୋଇଯିବାରୁ ଅଭିଜ୍ଞ ଗୋବିନ୍ଦ ପୋଦ୍ଦାରଙ୍କ ନିକଟରୁ ଦଳ ଅନେକ କିଛି ଆଶା କରୁଥିଲା । ମାତ୍ର ସେ ୧୭ ରନ କରିଥିବାବେଳେ ଫର୍ଦେଙ୍କ ବଲ୍‌ରେ ଉଇକେଟ କିପର ଅକ୍ଷୟ ୱାଡକରଙ୍କୁ କ୍ୟାଚ ଦେଇ କ୍ରିଜ୍ ଛାଡ଼ିଥିଲେ । ଫଳରେ ଓଡ଼ିଶା ସ୍କୋର ୧୨୨/୬ ହୋଇଯିବା ସହ ଅମ୍ପାୟର ଷ୍ଟମ୍ପ୍ସ ନିଷ୍ପତ୍ତି ନେଇଥିଲେ । ସେତେବେଳେ ସମ୍ବିତ ବରାଳ ୨ ରନରେ ଅପରାଜିତ ରହିଥିଲେ । ବିଦର୍ଭ ବୋଲରଙ୍କ ମଧ୍ୟରୁ ଗୌରବ ଫର୍ଦେ ୨ଟି ଏବଂ ପାର୍ଥ ରେଖାଦେ, ନଚିକେତ ଭୁତେ, ପ୍ରଫୁଲ୍ଲ ହିଙ୍ଗେ ଓ ୟଶ କଦମ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ ।

**ସଂକ୍ଷିପ୍ତ ସ୍କୋର**

ଓଡ଼ିଶା ପ୍ରଥମ ଇନିଂସ: ୨୮୬/ଅଲଆଉଟ (ଧ୍ରୁବ ଶୋରେ–୧୪୪, ରବିକୁମାର ସମର୍ଥ–୪୯, ସମ୍ବିତ ବରାଳ–୩/୬୯, ରାଜେଶ ମହାନ୍ତି–୨/୫୭, ତାପସ ଦାସ–୨/୩୩, ବାଦଲ ବିଶ୍ୱାଳ–୨/୨୭, ଜାମଳା ମହାପାତ୍ର–୧/୪୪) । ଓଡ଼ିଶା ପ୍ରଥମ ଇନିଂସ: ୧୨୨/୬ (ଶୁଭ୍ରାଂଶୁ ସେନାପତି–୪୧, ଗୌରବ ଫର୍ଦେ–୨/୨୦, ପାର୍ଥ ରେଖାଦେ–୧/୨୯, ନଚିକେତ ଭୁତେ–୧/୨୮, ପ୍ରଫୁଲ୍ଲ ହିଙ୍ଗେ–୧/୨୫, ୟଶ କଦମ–୧/୧୫) ।

# ରାପିଡରେ ସମ୍ବିତ, ବ୍ଲିଜ୍‌ରେ ଅନ୍ୱେଷ ଚାମ୍ପିୟନ

**ଭୁବନେଶ୍ୱର, ୯।୧୧ (ତପନ ସ୍ୱାଇଁ)**

**ଚେସଟର୍ଫ ଟ୍ରଫି ଉଦ୍‌ଯାପିତ**

ସର୍ବପ୍ରଥମ ଅଲ୍ ଓଡ଼ିଶା ଚେସଟର୍ଫ (ରାପିଡ–ବ୍ଲିଜ୍) ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଛି । ୯ ରାଉଣ୍ଡ ବିଶିଷ୍ଟ ରାପିଡ ବର୍ଗରେ ଅନ୍ତର୍ଜାତୀୟ ମାଷ୍ଟର (ଆଇଏମ୍) ସମ୍ବିତ ପଣ୍ଡା ୮.୫ ପଏଣ୍ଟ ପାଇ ଚାମ୍ପିୟନ ଓ ଶ୍ରୀୟାଂଶ ଦାସ (୮) ରନରଅପ୍ ହୋଇଛନ୍ତି । ଆଇଏମ୍ ଅନ୍ୱେଷ ଉପାଧ୍ୟାୟ, ଫିଡେ ମାଷ୍ଟର ମହିତୋଷ ଦେ ଓ ଫକିର ମାଝି ୭.୫ ପଏଣ୍ଟ ଲେଖାଏ ପରିବର୍ତ୍ତୀ ୩ ସ୍ଥାନରେ ରହିଛନ୍ତି । ସେହିପରି ବ୍ଲିଜ୍ ବିଭାଗରେ ୯ ରାଉଣ୍ଡରୁ ୮.୫ ପଏଣ୍ଟ ପାଇ ଅନ୍ୱେଷ ଉପାଧ୍ୟାୟ ଚାମ୍ପିୟନ ଏବଂ ସମ୍ବିତ ପଣ୍ଡା ୮ ପଏଣ୍ଟ ସହ ରନରଅପ୍ ହୋଇଛନ୍ତି । ଜ୍ୟୋତ୍ସ୍ନଭ ତାଲୁକଦାର (୭.୫), ସ୍ୱସ୍ତିକ ସ୍ୱାଇଁ (୭.୫) ଓ ହର୍ଷିତ ରଞ୍ଜନ ସାହୁ (୭) ଟପ୍–୫ ଫିନିଶ୍ କରିଛନ୍ତି । ଗ୍ରାଣ୍ଡମାଷ୍ଟର ସ୍ୱୟଂମ୍ଭ ମିଶ୍ର, ଏସଏସଇପିଡି ବିଭାଗର ଅତିରିକ୍ତ ସଚିବ ଦୀପକ ରାଉତରାୟ, ଅନ୍ତର୍ଜାତୀୟ ମାଷ୍ଟର ତଥା ଏବଂ ପ୍ରୋଚେଷ୍ଟା ପ୍ରଶାସକ ସ୍ୱୟଂଶୁ ସତ୍ୟପ୍ରଜ୍ଞ, ଅଲ୍ ଓଡ଼ିଶା ଚେସ୍ ଆସୋସିଏଶନ ସଭାପତି ସତ୍ୟରଞ୍ଜନ ପଟ୍ଟନାୟକ, ଖୋର୍ଦ୍ଧା ଜିଲା ଚେସ୍ ଆସୋସିଏଶନ ସମ୍ପାଦକ ଶୁଭାଶିଷ ପଟ୍ଟନାୟକ, ସ୍ୱୟଂଶୁ ସତ୍ୟକାମ ପ୍ରମୁଖ ଅତିଥିଭାବେ ଯୋଗ ଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ । ମୋଟ ୨୪୫ ଜଣ ଖେଳାଳି ଏଥିରେ ଭାଗ ନେଇଥିଲେ । ତେଣୁ ଏହା ଓଡ଼ିଶା ଅନ୍ୟତମ ବଡ଼ ରାପିଡ୍ ଏବଂ ବ୍ଲିଜ୍ ଟୁର୍ନାମେଣ୍ଟ ଭାବେ ବିବେଚିତ ହୋଇଥିଲା । ପ୍ରତିଯୋଗିତାରେ ଯେଉଁଥିରେ ୨୫ ଦୃଷ୍ଟିହୀନ ଖେଳାଳି ସାମିଲ ଥିଲେ ।



ପ୍ରତିଯୋଗିତା ଅବସରରେ ଖେଳାଳିଙ୍କ ସହ ଅତିଥିମାନେ ।

# ପ୍ରତିଚିଙ୍କୁ ରୌପ୍ୟ ପଦକ



ପଦକ ସହ ପ୍ରତିଚି ରଶ୍ମି ରାଉତରାୟ (ବାମ) ।

**ଭୁବନେଶ୍ୱର, ୯।୧୧ (ବିଜୟ ରଣା)**

**ଏସିଆ ମାଷ୍ଟର୍ସ ଆଥଲେଟିକ୍ସ ମିଟ୍**

ଓଡ଼ିଶାର ପ୍ରତିଚି ରଶ୍ମି ରାଉତରାୟ ୨୩ତମ ଏସିଆ ମାଷ୍ଟର୍ସ ଆଥଲେଟିକ୍ସ ଚାମ୍ପିୟନଶିପ୍ ୩୫+କାଟେଗୋରୀ ମହିଳା ହାମର ଥ୍ରୋ ଇଭେଣ୍ଟରେ ରୌପ୍ୟ ପଦକ ହାସଲ କରିଛନ୍ତି । ଚେନ୍ନାଇରେ ମାଷ୍ଟର୍ସ ଆଥଲେଟିକ୍ସ ଫେଡେରେଶନ ଅଫ୍ ଇଣ୍ଡିଆ (ଏମ୍‌ଏଏଫ୍‌ଆଇ) ଆନୁକୂଲ୍ୟରେ ଅୟୋଜିତ ଏହି ୫ ଦିନିଆ ଇଭେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି । ପ୍ରତିଚି ୩୩.୯୪ ମିଟର ଥ୍ରୋ କରି ରୌପ୍ୟ ଜିତିଥିବା ବେଳେ ଶ୍ରୀଲଙ୍କାର ଆଥଲେଟ ୪୨.୧୨ ମିଟର ଥ୍ରୋ କରି ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ । ଅନ୍ୟଜଣେ ଭାରତୀୟ ବ୍ରୋଞ୍ଜ ପଦକ ପାଇଥିଲେ । ସୂଚନାଯୋଗ୍ୟ, ମାଷ୍ଟର୍ସ ଆଥଲେଟିକ୍ସରେ ୩୫ ବର୍ଷ ଏବଂ ତଦୁର୍ଦ୍ଧ୍ୱ ବୟସର ଆଥଲେଟମାନେ ଭାଗ ନେଇଥାନ୍ତି । ୫ବର୍ଷ ବୟସ ବ୍ରାକେଟରେ ଗ୍ରୁପ୍ କରାଯାଇଥାଏ । ୨୦୨୫ ଚାମ୍ପିୟନଶିପ୍‌ରେ ୩୦ଟି ଏସୀୟ ଦେଶର ପ୍ରାୟ ୪,୦୦୦ ଆଥଲେଟ ଅଂଶଗ୍ରହଣ କରିଥିଲେ ।

# ସ୍କୁଲ୍ସ ଓପନ ଚେସ୍: ଦିବ୍ୟାଂଶ ଚାମ୍ପିୟନ

**ଭୁବନେଶ୍ୱର, ୯।୧୧ (ତପନ ସ୍ୱାଇଁ)**



କୃତୀ ପ୍ରତିଯୋଗୀମାନେ ଅତିଥିଙ୍କ ଗହଣରେ ।

ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ ଆନୁକୂଲ୍ୟରେ ୪ର୍ଥ ସନ୍ତୋଷ କୁମାର ସିଂ ସ୍ମାରକୀ ସ୍କୁଲ୍ସ ଓପନ ଚେସ୍ ରବିବାର ଅନୁଷ୍ଠିତ ହୋଇଯାଇଛି । ୫ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାରେ ଦିବ୍ୟାଂଶ ନାୟକ ଓ ସାଇ କ୍ରିଷ୍ଣା ସାମଲ ୪.୫ ପଏଣ୍ଟ ଲେଖାଏ ପାଇ ଯଥାକ୍ରମେ ଚାମ୍ପିୟନ ଓ ରନରଅପ୍ ହୋଇଛନ୍ତି । ଓମ୍ ଶତପଥୀ, ମନୀଷ କୁମାର ଦାସ ଓ ସ୍ଥିତପ୍ରଜ୍ଞ ପଟ୍ଟନାୟକ ପରବର୍ତ୍ତୀ ୩ ସ୍ଥାନରେ ରହିଛନ୍ତି । ଅନ୍ୟ କୃତୀ ପ୍ରତିଯୋଗୀଙ୍କୁ ସ୍ୱତନ୍ତ୍ର ପୁରସ୍କାରରେ ସମ୍ମାନିତ କରାଯାଇଥିଲା । ରୟାଲ ପବ୍ଲିକ୍ ସ୍କୁଲ ପ୍ରିନ୍ସିପାଲ ସର୍ବେଶ୍ୱର ସାମଲ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ । ଭାଇସ୍ ପ୍ରିନ୍ସିପାଲ ପାରମିତା ସାହୁ ଓ ଆୟୋଜକ ଆସୋସିଏଶନ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ ପୁରସ୍କାର ପ୍ରଦାନ କରିଥିଲେ ।




4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ